ଧରିତ୍ରୀ
DHARITRI
Digital Edition

Digital Edition | Monday, January 29 / 2024 | www.orissakhabar.com / www.dharitri.com



# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୯/୨୦୨୪ (୧୬ ପୃଷ୍ଠା) | Bhubaneswar, Monday, January 29/2024 | Page 16 | ₹ 7.00

୫୦ଶ ଭାଗ ୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 66 | ମୂଲ୍ୟ ₹୭/-



DADLS-99

# ଜୟ ମାଁ ସମଲେଇ

ସମଲେଇ ପ୍ରକଳ୍ପ



ମାଁ ଙ୍କ ଆଶୀର୍ବାଦ ଓ ଅଗଣିତ ଭକ୍ତଙ୍କ ସହଯୋଗରୁ ସମ୍ପୂର୍ଣ୍ଣ ହୋଇଛି 'ସମଲେଇ ପ୍ରକଳ୍ପ'।
ସମସ୍ତ ଶ୍ରଦ୍ଧାଳୁଙ୍କୁ ଆନ୍ତରିକ ଧନ୍ୟବାଦ ।
ଆସନ୍ତୁ, ମାଁ ସମଲେଶ୍ୱରୀ ମନ୍ଦିର ରୂପାନ୍ତରୀକରଣର ଅପୂର୍ବ ଅନୁଭୂତି ପ୍ରାପ୍ତ କରିବା ସହ
ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଏହି ଦିନକୁ ଚିରସ୍ମରଣୀୟ କରିବା ।

OIPR-15001/13/0303/2324

**ଡ୍ରୋନ୍ ମାଡ଼ରେ ୩ ଆମେରିକୀୟ ସୈନ୍ୟ ନିହତ**

ସିରିଆ ସୀମାବର୍ତ୍ତୀ ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଡ୍ରୋନ୍ ଆକ୍ରମଣ ହେବାରୁ ୩ ସୈନ୍ୟ ନିହତ ହେବା ସହ ୨୫ ଆହତ ହୋଇଛନ୍ତି। ସିରିଆ ଏବଂ ଇରାକ୍‌ରେ ସକ୍ରିୟ ଥିବା ଇରାନ ସମର୍ଥିତ ଆତଙ୍କବାଦୀମାନେ ଏହି ଆକ୍ରମଣ କରିଥିବା ରବିବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି। ଗାଜାରେ ହମାସ ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍ ଯୁଦ୍ଧ ଚଳାଇଥିବାବେଳେ ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ପାଇଁ ଆମେରିକା ସୈନ୍ୟ ନିହତ ହୋଇଛନ୍ତି।

# ସେଇ ନୀତୀଶ, ପୂର୍ବ ମେଣ୍ଟ



ପାଟ୍‌ନା/ନୂଆଦିଲ୍ଲୀ,୨୮।୧
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନକଥା ଜାଣିବା ସହଜ ନୁହେଁ। ଏହା ଏକ ଗବେଷଣାର ବିଷୟବସ୍ତୁ। ମହାମେଣ୍ଟରୁ ଓହରି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ପୁନଃ ମିଶ୍ରଣ ବେଳେ ନୀତୀଶ କହିଛନ୍ତି, ବିରୋଧୀ ବ୍ଲକ୍ ତାଙ୍କୁ ହତାଶ କରିଛି। ୨୦୨୨ ଅଗଷ୍ଟରେ ଗଢ଼ାଯାଇଥିବା ମହାମେଣ୍ଟର ଅବସ୍ଥା ଭଲ ନାହିଁ। ସ୍ଥିତି ଭଲ ଦେଖାଯାଉନାହିଁ। ସେହିପରି ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଗଠନ କରି ଏହାକୁ ସଫଳ ରୂପ ଦେବା ପାଇଁ ସେ କଠିନ ପରିଶ୍ରମ କରିଥିଲେ। କିନ୍ତୁ ବିରୋଧୀ ମେଣ୍ଟରେ ଅନ୍ୟ କେହି କିଛି କରୁନାହାନ୍ତି। ଲୋକ ସଭା ନିର୍ବାଚନ ପ୍ରସ୍ତୁତି ନେଇ 'ଇଣ୍ଡିଆ'ରେ କୌଣସି ସ୍ପଷ୍ଟତା ନାହିଁ। ଆସନ ବୁଝାମଣାରେ ବିଳମ୍ବ ଘଟୁଛି। ତାଙ୍କୁ ଅପମାନିତ କରାଯାଉଛି। ଏଥିରେ ମର୍ମାହତ ହୋଇ ନୀତୀଶ ଏହି ବଡ଼ ନିଷ୍ପତ୍ତି ନେଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କିନ୍ତୁ ୯ମ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିବା ୭୨ ବର୍ଷୀୟ ଅଭିଜ୍ଞ ରାଜନେତା ନୀତୀଶ ସମ୍ଭବତଃ ଜାଣିପାରି ନାହାନ୍ତି ଯେ, କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ଦଳ (ଭାଜପା) ଗୋଟିଏ ଗୁଳିରେ ତିନୋଟି ଶିକାର କରିଛି।

## ଭାଜପା: ଗୋଟିଏ ଗୁଳିରେ ୩ ଶିକାର

ଏକକାଳୀନ 'ଇଣ୍ଡିଆ' ବ୍ଲକ୍ ଏବଂ ବିହାର ମହାମେଣ୍ଟ ଏବଂ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏହି ଗୁଳିର ଶିକାର ହୋଇଛନ୍ତି।

ଲୋକ ସଭା ନିର୍ବାଚନକୁ ୧୦୦ରୁ କମ୍ ଦିନ ବାକି। ନୂଆକରି ମେଳି ବାନ୍ଧିଥିବା ୨୮ ବିରୋଧୀ ଦଳଙ୍କ 'ଇଣ୍ଡିଆ' ବ୍ଲକ୍‌କୁ ଖଣ୍ଡବିଖଣ୍ଡିତ କରି ସାଧାରଣ ନିର୍ବାଚନରେ ୪୦୦ ଲୋକ ସଭା ଆସନ ଦଖଲ କରିବା ହେଉଛି ଭାଜପାର ଲକ୍ଷ୍ୟ। ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପଞ୍ଜାବରେ ଇଣ୍ଡିଆ ବ୍ଲକ୍‌ରୁ ମୁହଁ ମୋଡ଼ିନେବା ପରେ ଭାଜପାର ଲକ୍ଷ୍ୟ ହାସଲ ସହଜ ହୋଇଯାଇଥିଲା। ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ ନୀତୀଶଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମଧ୍ୟରେ ସବୁ କିଛି ଠିକ୍ ଚାଲୁ ନ ଥିଲା। ୨୦୨୨ ଅଗଷ୍ଟରେ ନୀତୀଶ ମୁଖ୍ୟମନ୍ତ୍ରୀ ହୋଇ ଲାଲୁଙ୍କ ସାନପୁଅ ତେଜସ୍ୱୀ ଯାଦବଙ୍କୁ ଉପମୁଖ୍ୟମନ୍ତ୍ରୀ କରିଥିଲେ। ସେତେବେଳେ ନୀତୀଶ ପ୍ରତିଶ୍ରୁତି ଦେଇଥିଲେ, ସେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ଆସନ ଛାଡ଼ିଦେଇ ନିଜେ ଜାତୀୟ ରାଜନୀତିରେ ସକ୍ରିୟ (ପ୍ରଧାନମନ୍ତ୍ରୀ ପ୍ରାର୍ଥୀ) ହେବେ। କିନ୍ତୁ କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକର ନେତାମାନେ ତାଙ୍କୁ ଅଣଦେଖା କଲେ। ତେଣୁ ଭାଜପା ଖୋଜୁଥିବା ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁଲା ନାହିଁ। ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୨୨। ଆର୍‌ଜେଡିର ୭୯, ଭାଜପା ୭୮, ଜେଡିୟୁ ୪୫, କଂଗ୍ରେସ ୧୯, ସିପିଆଇଏମ୍‌ଏଲ୍ ୧୨, ସିପିଆଇ ୨, ସିପିଏମ୍ ୨, ଏଚ୍‌ଏଏମ୍ ୪, ଏଆଇଏମ୍‌ଆଇଏମ୍ ୧ ଓ ଜଣେ ସ୍ୱାଧୀନ ବିଧାୟକ ରହିଛନ୍ତି। ତେଣୁ ଆର୍‌ଜେଡିକୁ ଛାଡ଼ି ଭାଜପା ସମର୍ଥନରେ ସରକାର ଗଢ଼ିବା ପାଇଁ ନୀତୀଶ ଆଗେଇ ଆସିଲେ। ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ଗଡ଼ ଜିତି ଚାଲିଥିବା ଭାଜପା ପାଇଁ ନୀତୀଶଙ୍କୁ ହରାଇବା କଷ୍ଟକର ଥିଲା। ଏବେ ନୀତୀଶଙ୍କୁ ଏନ୍‌ଡିଏ ମେଣ୍ଟ ଭିତରକୁ ଆଣି ୪୦ ଲୋକ ସଭା ଆସନ ଦଖଲ କରିବା ପାଇଁ ଗୈରିକ ଦଳ ଅଣ୍ଟା ଭିଡ଼ିଛି। ଭାଜପାର ଯୋଜନା ସଫଳ ହେଲେ ଭବିଷ୍ୟତରେ ବିହାରରୁ ନୀତୀଶଙ୍କ ଜେଡିୟୁ ସଫା ହୋଇଯାଇପାରେ।

## ମେଣ୍ଟ ବଦଳାଇ ନବମ ପାଳି

୧ ଦଶନ୍ଧି ମଧ୍ୟରେ ଏହା ହେଉଛି ନୀତୀଶଙ୍କ ପଞ୍ଚମ ଶିବିର ପରିବର୍ତ୍ତନ। ବାରମ୍ବାର ମେଣ୍ଟ ବଦଳାଉଥିବାରୁ ତାଙ୍କୁ ରାଜନୈତିକ ମହଲରେ 'ପଲଟୁ ରାମ' ଓ 'ପଲଟୁ କୁମାର' ଭଳି ଆଖ୍ୟା ଦିଆଯାଇଛି। ନୀତୀଶ ୨୦୦୦ ମାର୍ଚ୍ଚରେ ଭାଜପା ସମର୍ଥନରେ ପ୍ରଥମ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ୨୦୦୫ ନଭେମ୍ବରରେ ଦ୍ୱିତୀୟ ଓ ୨୦୧୦ ନଭେମ୍ବରରେ ତୃତୀୟ ଥର ପାଇଁ ଭାଜପା ସହ ମିଶି ସରକାର ଗଢ଼ିଥିଲେ। ୨୦୧୫ ଫେବୃୟାରୀରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସ ସମର୍ଥନରେ ଚତୁର୍ଥ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହି ମହାମେଣ୍ଟ ସମର୍ଥନରେ ନୀତୀଶ ୨୦୧୫ ନଭେମ୍ବରରେ ପଞ୍ଚମ ଥର କ୍ଷମତାସୀନ ହୋଇଥିଲେ। କିନ୍ତୁ ୨୦୧୭ ଜୁଲାଇରେ ମହାମେଣ୍ଟରୁ ଓହରି ଭାଜପା ସମର୍ଥନରେ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଥିଲେ। ସେହିପରି ୨୦୨୦ ନଭେମ୍ବରରେ ଭାଜପା ସମର୍ଥନରେ ସପ୍ତମ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। କିନ୍ତୁ ଭାଜପା ମହାରାଷ୍ଟ୍ରରେ ଶିବସେନାର ବିଭାଜନ ଭଳି ବିହାରରେ ଜେଡିୟୁକୁ ଭାଙ୍ଗିଦେବ ବୋଲି ଆଶଙ୍କା କରି ୨୦୨୨ ଅଗଷ୍ଟରେ ସେ ଏନ୍‌ଡିଏ ଛାଡ଼ି ପୁଣି ମହାମେଣ୍ଟକୁ ଫେରିଥିଲେ। ସେହି ସମୟରେ ସେ ଆର୍‌ଜେଡି-କଂଗ୍ରେସର ସମର୍ଥନରେ ଅଷ୍ଟମ ଥର ଶପଥ ଗ୍ରହଣ କରିଥିଲେ। ନୀତୀଶ ରବିବାର ଭାଜପା ସମର୍ଥନରେ ନବମ ଥର ବିହାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀ ହେଲେ, ପଗଡ଼ି ଖୋଲିଲେ ନାହିଁ



ସମ୍ରାଟ ଚୌଧରୀ

୨୦୨୨ ଅଗଷ୍ଟରେ ନୀତୀଶ ଆର୍‌ଜେଡି ସହ ମିଶି ସରକାର ଗଠନ କରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଥିଲେ, ପଲଟୁ ରାମଙ୍କ ପାଇଁ ଭାଜପା ଦ୍ୱାର ସବୁଦିନ ଲାଗି ବନ୍ଦ ହୋଇଗଲା। ସେତେବେଳେ ବିହାର ଭାଜପା ସଭାପତି ସମ୍ରାଟ ଚୌଧରୀ ମୁଣ୍ଡରେ ପଗଡ଼ି ଭିଡ଼ିଥିଲେ। ନୀତୀଶଙ୍କୁ କ୍ଷମତାଚ୍ୟୁତ ନ କରିବା ଯାଏ ପାଗ ଖୋଲିବେ ନାହିଁ ବୋଲି ସେ ପ୍ରତିଜ୍ଞା କରିଥିଲେ। କିନ୍ତୁ ଭାଜପା ନୀତୀଶଙ୍କ ପାଇଁ ବନ୍ଦ ଦ୍ୱାର ଖୋଲିଦେବା ପରେ ରବିବାର ସମ୍ରାଟ ତାଙ୍କ ସହ ମିଶି ରାଜ୍ୟପାଳଙ୍କ ନିକଟକୁ ସରକାର ଗଠନ ନିମନ୍ତେ ଦାବି ଜଣାଇବା ପାଇଁ ଗଲେ। ଅପରାହ୍ନରେ ସମ୍ରାଟ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଶପଥ ଗ୍ରହଣ ବେଳେ ବି ତାଙ୍କ ମୁଣ୍ଡରେ ସେହି ଗେରୁଆ ପଗଡ଼ି ରହିଥିଲା।

## ନାନା ମୁନି ନାନା ମତ

" ନୀତୀଶ ଇଣ୍ଡିଆ ବ୍ଲକ୍ ଛାଡ଼ିବେ ବୋଲି ଆଗରୁ ଜାଣିଥିଲି। କିନ୍ତୁ ମେଣ୍ଟକୁ ଅତୁଟ ରଖିବା ପାଇଁ ଏନେଇ କାହାକୁ କିଛି ଜଣାଇ ନ ଥିଲି। ଦେଶରେ 'ଆୟା ରାମ ଗୟା ରାମ' ଭଳି ଅନେକ ଲୋକ ଅଛନ୍ତି।

**-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

" ବିହାରରେ କଂଗ୍ରେସ ଯୋଗୁ 'ଇଣ୍ଡିଆ' ଭାଙ୍ଗିଯାଇଛି। କଂଗ୍ରେସ ନେତାମାନେ ବିରୋଧୀ ମେଣ୍ଟକୁ ସୁଦୃଢ଼ କରିବା ପରିବର୍ତ୍ତେ ନିଜ ଦଳ ସ୍ୱାର୍ଥ ନେଇ ଅଧିକ ଚିନ୍ତିତ ଥିଲେ। ସେମାନେ ନୀତୀଶଙ୍କୁ ଅଣଦେଖା କରି ଖାର୍ଗେଙ୍କୁ ଅଧ୍ୟକ୍ଷ କଲେ।

**-କେ.ସି. ତ୍ୟାଗୀ, ଜେଡିୟୁ ମୁଖପାତ୍ର**

" ନୀତୀଶ ଜଣେ ପଲଟୁମାର। ମେଣ୍ଟ ବଦଳ ତାଙ୍କ ରାଜନୀତିର ଏକ ଅଂଶ। କିନ୍ତୁ ଆଜିର ଘଟଣାକ୍ରମ ଦେଖାଇଦେଇଛି ଯେ ବିହାରରେ ସବୁ ଦଳ ଓ ନେତା ହେଉଛନ୍ତି ପଲଟୁରାମ। ମୋଦି ଓ ଶାହା ମଧ୍ୟ ପଲଟୁମାର।

**-ପ୍ରଶାନ୍ତ କିଶୋର, ଜନ ସୁରାଜ ଅଧ୍ୟକ୍ଷ**

" ଅଳିଆ ଡଷ୍ଟବିନ୍‌କୁ ହିଁ ଯାଇଥାଏ। ଅଳିଆ ବ୍ୟକ୍ତି ଅଳିଆ ଗୋଷ୍ଠୀକୁ ଫେରି ଖୁସି ହୁଅନ୍ତୁ।

**-ରୋହିଣୀ ଆଚାର୍ଯ୍ୟ, ଲାଲୁଙ୍କ ଝିଅ**

" ଭାଜପା ଅଯୋଧ୍ୟାରେ ରାମରାଜ୍ୟ କଥା କହୁଛି। କିନ୍ତୁ ବିହାରରେ 'ଆୟା ରାମ ଗୟା ରାମ' କୁ ପ୍ରଦର୍ଶିତ କରୁଛି।

**-କପିଲ ସିବଲ, ରାଜ୍ୟ ସଭା ସଦସ୍ୟ**

## ସଂକ୍ଷେପରେ

### ୩ ସାଟେଲାଇଟ୍ ଲଞ୍ଚ୍ କଲା ଇରାନ

**ତେହେରାନ,୨୮।୧:** ଅନେକ ବିଫଳତାର ସମ୍ମୁଖୀନ ହେବା ପରେ ଇରାନ ସିମୋର୍ଗ ରକେଟ ସହାୟତାରେ ୩ଟି ସାଟେଲାଇଟ୍‌କୁ ମହାକାଶକୁ ପଠାଇବାରେ ସଫଳ ହୋଇଛି। ସେମ୍‌ନାନ ପ୍ରଦେଶର ଇମାମ ଖୋମେନି ସ୍ପେସ୍‌ପୋର୍ଟରୁ ସିମୋର୍ଗ ପ୍ରୋଗ୍ରାମର ଏହା ଷଷ୍ଠ ଉଦ୍ୟମ ଥିଲା। ସାଟେଲାଇଟ୍‌ଗୁଡ଼ିକ ଗବେଷଣା, ଗ୍ଲୋବାଲ ପୋଜିଶନିଂ, ଯୋଗାଯୋଗ ଆଦି ବିଭିନ୍ନ ଉଦ୍ଦେଶ୍ୟରେ କାର୍ଯ୍ୟ କରିବ। ପୃଥିବୀର ନିମ୍ନ କକ୍ଷପଥ ପାଇଁ ସିମୋର୍ଗ ସାଟେଲାଇଟ୍ କ୍ୟାରିୟର ପ୍ରସ୍ତୁତ ହୋଇଥିବା ଇରାନ କହୁଥିଲେ ମଧ୍ୟ ଆମେରିକା ଗୋଇନ୍ଦା ସଂସ୍ଥା ଏହାକୁ ନେଇ ଚିନ୍ତା ପ୍ରକଟ କରିଛି। ଇରାନର ଏହି ରକେଟକୁ ଆନ୍ତଃମହାଦେଶୀୟ ବାଲିଷ୍ଟିକ୍ ମିଶାଇଲ ବିକାଶ ପାଇଁ ଉପଯୋଗ କରାଯାଇପାରେ ବୋଲି ଗତବର୍ଷ ବିଶ୍ୱବ୍ୟାପୀ ଆଶଙ୍କା ବ୍ୟକ୍ତ କରାଯାଇଥିଲା।

### ଶିଷ୍ୟଙ୍କୁ ଚପଲରେ ମାରି କ୍ଷମା ମାଗିଲେ ରାହତ୍ ଫତେ ଅଲି ଖାନ୍



**ନୂଆଦିଲ୍ଲୀ, ୨୮।୧ (ପିଟି):** ପାକିସ୍ତାନୀ ଗାୟକ ରାହତ୍ ଫତେ ଅଲି ଖାନ୍ ଜଣେ ଶିଷ୍ୟଙ୍କୁ ଚପଲରେ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହେବା ପରେ ସାମାଜିକ ଗଣମାଧ୍ୟମରେ ସମାଲୋଚନାର ଶିକାର ହୋଇଛନ୍ତି। ଶିଷ୍ୟ ନଭୀଦ ହସନୈନଙ୍କୁ ବୋତଲ କେଉଁଠାରେ ଅଛି ବୋଲି ପଚାରି ରାହତ୍ ମାଡ଼ ମାରୁଥିବାର ଭିଡିଓ ସାମ୍ନାକୁ ଆସିଥିଲା। ତେବେ ଏହା ଜଣେ ଉସ୍ତାଦ ଓ ତାଙ୍କ ଶିଷ୍ୟ ମଧ୍ୟରେ ଏକ ଆଭ୍ୟନ୍ତରୀଣ ବିଷୟ ହୋଇଥିବା କହି, ତାଙ୍କୁ ଅଯଥାରେ ବଦନାମ କରାଯାଉଛି। ଶିଷ୍ୟ ଭୁଲ୍ କଲେ ଉସ୍ତାଦ ଭାବେ ଦଣ୍ଡ ଦେବାର ଅଧିକାର ତାଙ୍କର ରହିଥିବା ଏକ ଭିଡିଓ ବାର୍ତ୍ତା ଜାରି କରି ସେ ସଫେଇ ଦେଇଛନ୍ତି। ମାଡ଼ ମାରିବା ପରେ ହିଁ ନିଜ ଶିଷ୍ୟ ନଭୀଦଙ୍କୁ ତାଙ୍କ ପିତାଙ୍କ ଉପସ୍ଥିତିରେ କ୍ଷମା ପ୍ରାର୍ଥନା କରିଥିବା କହିଛନ୍ତି। ସେପଟେ ରାହତ୍‌ଙ୍କୁ ବଦନାମ କରିବା ପାଇଁ ଭିଡିଓ କରାଯାଇଥିବା ନଭୀଦ କହିଛନ୍ତି।

### ଇରାନରେ ୯ ପାକିସ୍ତାନୀ ଶ୍ରମିକଙ୍କୁ ହତ୍ୟା

**ଇସ୍‌ଲାମାବାଦ,୨୮।୧(ପି.ଟି.):** ପାକିସ୍ତାନ ଓ ଇରାନ ମଧ୍ୟରେ ସୀମାପାର ଆକ୍ରମଣକୁ ନେଇ ଉତ୍ତେଜନା ଦେଖାଦେବାର ଦିନ କେଇଟା ପରେ ପୁନର୍ବାର ଉତ୍ତେଜନା ଦେଖାଦେଇଛି। ଇରାନରେ ଥିବା ପାକିସ୍ତାନୀ ଶ୍ରମିକଙ୍କ ଉପରେ ଆକ୍ରମଣ ହୋଇଛି। ଏଥିରେ ୯ ଶ୍ରମିକ ନିହତ ହୋଇଥିବାବେଳେ ତଦନ୍ତ ପାଇଁ ଇସ୍‌ଲାମାବାଦ ଦାବି କରିଛି। ପାକ୍ ସୀମାକୁ ଲାଗିଥିବା ଇରାନର ସିସ୍ତାନ-ବେଲୁଚିସ୍ତାନ ପ୍ରଦେଶରେ ଆକ୍ରମଣକାରୀମାନେ ଆଖିବୁଜା ଗୁଳି ଚଳାଇବାରୁ ୯ ପାକିସ୍ତାନୀ ଶ୍ରମିକ ନିହତ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ପାକ୍ କର୍ତ୍ତୃପକ୍ଷ ଏନେଇ ଇରାନ୍‌ର ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ତଦନ୍ତ ଲାଗି ଦାବି କରିଛନ୍ତି।

### ସମ୍ବିଧାନ ପ୍ରଣେତାଙ୍କ ପ୍ରେରଣାର ଉତ୍ସ ଥିଲା ରାମରାଜ୍ୟ: ମୋଦି

ନୂଆଦିଲ୍ଲୀ,୨୮।୧

ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ କୋଟି କୋଟି ଲୋକଙ୍କୁ ଏକାଠି କରିଥିଲା ଏବଂ ସେହି ସମୟରେ ଦେଶର ସାମୂହିକ ଶକ୍ତି ଦୃଶ୍ୟମାନ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଚଳିତବର୍ଷର ପ୍ରଥମ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରକାଶ କରିଛନ୍ତି। ମୋଦି କହିଛନ୍ତି, ରାମରାଜ୍ୟ ସମ୍ବିଧାନ ପ୍ରଣେତାମାନଙ୍କ ପ୍ରେରଣାର ଉତ୍ସ ଥିଲା।

ଏଥର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ଏବଂ ଦୃଷ୍ଟି ଆଢୁଆଳରେ ରହି ବଡ଼ ପରିବର୍ତ୍ତନ ଆଣିଥିବା ଅନେକ ବ୍ୟକ୍ତିଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ପଦ୍ମ ପୁରସ୍କାର ଏବେ ଲୋକଙ୍କ ପଦ୍ମରେ ପରିଣତ ହୋଇଥିବା ମୋଦି କହିଛନ୍ତି। ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ନାରୀଶକ୍ତିକୁ ପ୍ରାଧାନ୍ୟ ଦିଆଯିବା ନାରୀ ସଶକ୍ତିକରଣର ପ୍ରତୀକ। ଅଙ୍ଗଦାନ କରୁଥିବା ଲୋକଙ୍କୁ ପ୍ରଶଂସା କରି ସେ କହିଛନ୍ତି, କେତେ ଲୋକ ସମାଜ ସେବା କରୁଥିବାବେଳେ କେହି ସେନାରେ ସାମିଲ ହୋଇ ଦେଶ ମାତୃକାର ସେବା କରୁଛନ୍ତି। କେତେଜଣ ଆଗାମୀ ପିଢ଼ିଙ୍କୁ ଶିକ୍ଷା ଦେଉଛନ୍ତି।

## ମୁନାୱ୍ୱର ଫାରୁକି ବିଗ୍ ବସ୍ ବିଜେତା



ମୁମ୍ବାଇ,୨୮।୧

ରିଅଲିଟି ଶୋ' ବିଗ୍ ବସ୍ ୧୭ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ରବିବାର ରାତିରେ ଶେଷ ହୋଇଛି। ପ୍ରତିଦ୍ୱନ୍ଦ୍ୱୀ ତଥା ରନର୍ସ ଅପ୍ ଅଭିଷେକ କୁମାରଙ୍କୁ ପଛରେ ପକାଇ ମୁନାୱ୍ୱର ଫାରୁକି ବିଗ୍ ବସ୍-୧୭ ବିଜୟୀ ଘୋଷିତ ହୋଇଛନ୍ତି। ୩୨ ବର୍ଷୀୟ ମୁନାୱ୍ୱରଙ୍କୁ ଟ୍ରଫି ସମେତ ପୁରସ୍କାର ସ୍ୱରୂପ ନଗଦ ୫୦ ଲକ୍ଷ ଟଙ୍କା ଏବଂ ଏକ ହ୍ୟୁଣ୍ଡାଇ କ୍ରେଟା କାର୍ ମିଳିଛି। ବିବାଦୀୟ ରିଅଲିଟି ଶୋ'ର ଗ୍ରାଣ୍ଡ ଫିନାଲେର ବିଜୟ ଘୋଷଣା ସମୟକୁ ସମସ୍ତେ ଅପେକ୍ଷା କରି ରହିଥିବାବେଳେ ଶେଷରେ ସେହି ମୁହୂର୍ତ୍ତ ଉପନୀତ ହୋଇଥିଲା। ଶୋ'ର ହୋଷ୍ଟ ତଥା ସୁପରଷ୍ଟାର ସଲମାନ ଖାନ୍ ଷ୍ଟାଣ୍ଡଅପ୍ କମେଡିଆନ୍ ମୁନାୱ୍ୱର ଫାରୁକିଙ୍କୁ ବିଜୟୀ ଘୋଷଣା କରିଥିଲେ। ଅନ୍ୟ ଫିନାଲେ ପ୍ରତିଯୋଗୀମାନେ ହେଲେ ଅଙ୍କିତା ଲୋଖାଣ୍ଡେ, ମନ୍ନାରା ଚୋପ୍ରା ଓ ଅରୁଣ ମଶେଟ୍ଟି।

୧୯୯୨ ଜାନୁଆରୀ ୨୮ରେ ଗୁଜରାଟର ଜୁନାଗଡ଼ରେ ଏକ ମୁସଲିମ୍ ପରିବାରରେ ଜନ୍ମିତ ମୁନାୱ୍ୱରଙ୍କର ଅଭିନୟ ପ୍ରତି ପିଲାବେଳୁ ଦୁର୍ବଳତା ରହିଥିଲା। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ପଞ୍ଚମରୁ ପଢ଼ା ଛାଡ଼ିଦେଇଥିଲେ। ୧୪ ବର୍ଷ ବୟସରେ ମା'ଙ୍କୁ ହରାଇବା ପରେ ମୁମ୍ବାଇ ଯାଇ କ୍ୟାରିୟର ପାଇଁ ସଂଘର୍ଷ କରିଥିଲେ। ହାସ୍ୟାଭିନେତା ଭାବେ କେତେକ ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସେ ସୁନାମ ଅର୍ଜନ କରିଥିଲେ। ୩୨ତମ ଜନ୍ମଦିନରେ ବିଗ୍ ବସ୍ ମୁକୁଟ ତାଙ୍କ ପାଇଁ ସର୍ବୋତ୍ତମ ବାର୍ଥ ଡେ' ଗିଫ୍ଟ ସଦୃଶ ହୋଇଛି।

## ହନୁମାନ ପତାକା ଖୋଲାଯିବାକୁ ନେଇ କର୍ନାଟକରେ ଉତ୍ତେଜନା

ବେଙ୍ଗାଲୁରୁ,୨୮।୧

କର୍ନାଟକର କେରାଗୋଡୁ ଗ୍ରାମରେ ୧୦୮ ଫୁଟ୍ ଉଚ୍ଚର ଏକ ପତାକା ସ୍ତମ୍ଭରୁ ହନୁମାନ ଫଟୋ ଥିବା ପତାକା ଖୋଲିନେବାକୁ କେନ୍ଦ୍ରକରି ରବିବାର ଉତ୍ତେଜନା ଦେଖାଦେଇଥିଲା। ଏହାକୁ ନେଇ ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ସ୍ଥିତି ନିୟନ୍ତ୍ରଣ କରିବାକୁ ଉକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହେବା ସହ ଲାଠିଚାଳନା କରାଯାଇଛି। ପରେ ଉକ୍ତ ପତାକା ସ୍ତମ୍ଭରେ ଜାତୀୟ ପତାକା ଲଗାଯାଇଛି। ସୂଚନାଯୋଗ୍ୟ, କେରାଗୋଡୁ ଓ ଅନ୍ୟ ୧୨ଟି ଗାଁର ଲୋକେ ରାମମନ୍ଦିର ନିକଟରେ ଏକ ପତାକା ସ୍ତମ୍ଭ ନିର୍ମାଣ କରିଥିଲେ। ଭାଜପା ଏବଂ ଜେଡିଏସ୍ କର୍ମୀଙ୍କ ସମେତ କେତେକ ସଂଗଠନର ମଧ୍ୟ ଏଥିରେ ଅବଦାନ ରହିଛି। ପତାକା କେହି ଖୋଲିନେବାକୁ କେନ୍ଦ୍ରକରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ନିଷ୍ପତ୍ତିକୁ ଦୃଢ଼ ବିରୋଧ କରି ମହିଳାଙ୍କ ସମେତ ଗାଁ ଲୋକମାନେ ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ରାତି ଉଜାଗର ରହି ପତାକାକୁ ଜଗିଥିଲେ। ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଉକ୍ତ ଘଟଣାରେ ଅସନ୍ତୋଷ ପ୍ରକାଶ କରିବା ସହ ସେଠାରେ ପୁଣି ଗୈରିକ ପତାକା ଲଗାଯିବ ବୋଲି କହିଛନ୍ତି।

## ୭୫ ବର୍ଷରେ ସୁପ୍ରିମକୋର୍ଟ: କମ୍ପ୍ଲେକ୍ସ ସମ୍ପ୍ରସାରଣ ଲାଗି ୮୦୦ କୋଟି ମଞ୍ଜୁର

ନୂଆଦିଲ୍ଲୀ,୨୮।୧

ସୁପ୍ରିମକୋର୍ଟ ୭୫ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ କୋର୍ଟ କମ୍ପ୍ଲେକ୍ସ ସମ୍ପ୍ରସାରଣ ଲାଗି ୮୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀକୁ ଦୃଷ୍ଟିରେ ରଖି ସରକାର ଆଇନର ଆଧୁନିକୀକରଣ କରିଛନ୍ତି। ନୂଆ ଆଇନ ଭବିଷ୍ୟତର ଭାରତକୁ ଅଧିକ ସୁଦୃଢ଼ କରିବ। ୩ଟି ନୂଆ ଆପରାଧିକ ନ୍ୟାୟ ଆଇନ କାର୍ଯ୍ୟକାରୀ ହେବା ଦ୍ୱାରା ଭାରତର ଆଇନଗତ, ନୀତି ନିର୍ଦ୍ଧାରଣ ଏବଂ ତଦନ୍ତ ବ୍ୟବସ୍ଥା ଏକ ନୂଆ ଯୁଗରେ ପ୍ରବେଶ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୭୫ତମ ବାର୍ଷିକୀ ଅବସରରେ ଉଦ୍‌ବୋଧନ ଦେଇ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି, ବିଚାରପତିମାନେ ସାମାଜିକ ଓ ରାଜନୈତିକ ଚାପରୁ ମୁକ୍ତ ରହିବା ଆବଶ୍ୟକ। ସ୍ୱାଧୀନ ନ୍ୟାୟପାଳିକା ଅର୍ଥ କାର୍ଯ୍ୟପାଳିକାଠାରୁ ଅଦାଲତଗୁଡ଼ିକର ସ୍ୱାଧୀନତା ନୁହେଁ, ବରଂ କାର୍ଯ୍ୟ ସମ୍ପାଦନରେ ବିଚାରପତିମାନଙ୍କ ସ୍ୱାଧୀନତା।

## ମୋନାଲିସା ପେଣ୍ଟିଂକୁ ସୁପ୍ ଫିଙ୍ଗିଲେ

**ପ୍ୟାରିସ୍‌ରେ କୃଷକ ଆନ୍ଦୋଳନ**



ପ୍ୟାରସ୍,୨୮।୧(ପି.ଟି.)

ଫରାସୀ କୃଷକମାନେ ନିମ୍ନ ମଜୁରି ସମେତ ଅନ୍ୟ ସମସ୍ୟାଗୁଡ଼ିକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚଳାଇଥିବାବେଳେ ରବିବାର ପରିବେଶ କର୍ମୀମାନେ ବିଶ୍ୱପ୍ରସିଦ୍ଧ ମୋନାଲିସା ପେଣ୍ଟିଂ ଉପରକୁ ସୁପ୍ ଫିଙ୍ଗି ପ୍ରତିବାଦ ଜଣାଇଛନ୍ତି। ଦୁଇଜଣ ମହିଳା ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ସପକ୍ଷରେ ସ୍ଲୋଗାନ ଦେଇ ଲୋଉଭ୍ରେ ମ୍ୟୁଜିୟମ୍‌ରେ ରଖାଯାଇଥିବା ଲିଓନାର୍ଡୋ ଡାଭିନ୍ସିଙ୍କ ମାଷ୍ଟରପିସ୍‌କୁ ସୁପ୍ ଫିଙ୍ଗିଥିଲେ। କେଉଁଟା ଅଧିକ ଗୁରୁତ୍ୱପୂର୍ଣ୍ଣ, କଳା ନା ସୁସ୍ଥ ତଥା ସ୍ଥାୟୀ ଖାଦ୍ୟ ବ୍ୟବସ୍ଥା ବୋଲି ମହିଳା ଦ୍ୱୟ ଉଚ୍ଚସ୍ୱରରେ ପ୍ରଶ୍ନ କରିଥିଲେ।

## ମାଳଦ୍ୱୀପ ପାର୍ଲାମେଣ୍ଟ ରଣକ୍ଷେତ୍ର



ମାଲେ,୨୮।୧

ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ କ୍ୟାବିନେଟ ମନ୍ତ୍ରୀମାନଙ୍କୁ ସଂସଦୀୟ ଅନୁମୋଦନ ପାଇଁ ଡକାଯାଇଥିବା ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ରବିବାର ରଣକ୍ଷେତ୍ରରେ ପରିଣତ ହୋଇଥିଲା। ଏମ୍‌ପିମାନେ ପରସ୍ପରକୁ ମୁଥ, ଗୋଇଠା ମାରିବା ସହ ଗଡ଼ାପଡ଼ା ହେଉଥିବା ଦେଖାଯାଇଛି। ପିପୁଲ୍ସ ନ୍ୟାଶନାଲ କଂଗ୍ରେସ (ପିଏନ୍‌ସି) ଏବଂ ପ୍ରୋଗ୍ରେସିଭ୍ ପାର୍ଟି ଅଫ୍ ମାଳଦ୍ୱୀପ (ପିପିଏମ୍)କୁ ନେଇ ଗଠିତ ଶାସକ ମେଣ୍ଟ ଏବଂ ବିରୋଧୀ ମାଳଦ୍ୱୀପ ଡେମୋକ୍ରାଟିକ୍ ପାର୍ଟି (ଏମ୍‌ଡିପି)ର ଏମ୍‌ପିମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ସଂଘର୍ଷ ସମୟର ଭିଡିଓ ଭାଇରାଲ ହୋଇଛି। ମୁଇଜ୍ଜୁ କ୍ୟାବିନେଟରେ ଯୋଗ ଦେଇଥିବା ଶାସକ ଦଳର ୪ ସଦସ୍ୟଙ୍କୁ ଅନୁମୋଦନ ଦେବାକୁ ବିରୋଧୀ ଦଳ ଏମ୍‌ଡିପି ମନା କରିଦେବା ପରେ ଗୃହରେ ହଟ୍ଟଗୋଳ ହୋଇଥିଲା।

## ହସ୍ତଲିଖନ ଅଧିକ ସୃଜନଶୀଳ

ନୂଆଦିଲ୍ଲୀ,୨୮।୧(ପି.ଟି.)

କି-ବୋର୍ଡ ଟାଇପିଂ ତୁଳନାରେ ହାତରେ ନୋଟ୍ ଲେଖୁଥିବା ଛାତ୍ରୀଛାତ୍ର ଅଧିକ ଶିଖିଥାନ୍ତି ଓ ମନେରଖିଥାନ୍ତି। କାରଣ ଟାଇପିଂ ଅପେକ୍ଷା ହାତରେ ଲେଖିବା ଦ୍ୱାରା ମସ୍ତିଷ୍କ ସହ ସମ୍ପର୍କ ଅଧିକ ପ୍ରଶସ୍ତ ହୋଇଥାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ଏଥିରେ କୁହାଯାଇଛି, ଆମେ କଲମରେ ଲେଖିବା ସମୟରେ ହାତର ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଗତିଶୀଳତା ଆମକୁ ଉଭୟ ଦୃଶ୍ୟ ଏବଂ ଗତିଶୀଳ ତଥ୍ୟ ସଂଗ୍ରହରେ ସହାୟକ ହୋଇଥାଏ, ଯାହାର ମସ୍ତିଷ୍କ ସଂଯୋଗ କ୍ରିୟା ପ୍ରତି ଅଧିକ ଅବଦାନ ରହିଥାଏ। ସ୍ମରଣ କରିବା ଏବଂ ଶିଖିବା ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଗବେଷକମାନେ କହିଛନ୍ତି। ଦେଖାଯାଇଛି ଯେ, ଶ୍ରେଣୀରେ ଶିକ୍ଷକ ପଢ଼ାଉଥିବାବେଳେ ଯେଉଁ ପିଲାମାନେ ଏହାକୁ ହାତରେ ନୋଟ୍ କରିଥାନ୍ତି, ସେମାନେ ତାହାକୁ ଅଧିକ ଭଲ ମନେ ରଖିଥାନ୍ତି। ତେବେ ଏକ ଦୀର୍ଘ ବିଷୟ ବା ନିବନ୍ଧ ଲେଖିବା ପାଇଁ କମ୍ପ୍ୟୁଟର କି-ବୋର୍ଡର ବ୍ୟବହାର ଅଧିକ ପ୍ରାସଙ୍ଗିକ ହୋଇପାରେ ବୋଲି ନରୱେଜିଆନ ୟୁନିଭର୍ସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ମୁଖ୍ୟ ଗବେଷକ ଔଡ୍ରେୟ ଭାନ୍ ଡେର୍ ମୀର କହିଛନ୍ତି। ସେ ମଧ୍ୟ 'ଫ୍ରଣ୍ଟିୟର୍ସ ଇନ୍ ସାଇକୋଲୋଜି'ରେ ପ୍ରକାଶିତ ଉକ୍ତ ଅଧ୍ୟୟନର ସହନିବନ୍ଧକ ଅଛନ୍ତି।



**ଟାଇପିଂ ଅପେକ୍ଷା ହାତରେ ଲେଖିଲେ ମସ୍ତିଷ୍କ ସମ୍ପର୍କ ସମୃଦ୍ଧ ହୁଏ**

ଏହି ଅଧ୍ୟୟନ ପାଇଁ ଗବେଷକମାନେ ୩୬ଟି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମସ୍ତିଷ୍କର ବୈଦ୍ୟୁତିକ କ୍ରିୟାର ରେକର୍ଡ କରିଥିଲେ। ସ୍କ୍ରିନ୍‌ରେ ଦୃଶ୍ୟ ହେଉଥିବା ଶବ୍ଦକୁ ସେମାନଙ୍କୁ ଲେଖିବା କିମ୍ବା ଟାଇପ୍ କରିବା ପାଇଁ ବାରମ୍ବାର ଉତ୍ସାହିତ କରାଯାଇଥିଲା। ସେମାନେ ଟଚ୍‌ସ୍କ୍ରିନ୍‌ରେ ସିଧାସଳଖ ଲେଖିବା ପାଇଁ ଡିଜିଟାଲ ପେନ୍ ବ୍ୟବହାର କରିଥିଲେ। ଟାଇପିଂ କଲାବେଳେ ସେମାନେ କି-ବୋର୍ଡକୁ ଚାପିବା ପାଇଁ ଗୋଟିଏ ଆଙ୍ଗୁଠି ବ୍ୟବହାର କରୁଥିଲେ। ଗବେଷକମାନେ ଜାଣିବାକୁ ପାଇଥିଲେ ଯେ, ଯେତେବେଳେ ଛାତ୍ରୀଛାତ୍ର ହାତରେ ଲେଖୁଥିଲେ ସେତେବେଳେ ମସ୍ତିଷ୍କର ବିଭିନ୍ନ ଅଂଶ ସହ ସଂଯୋଗ ବଢୁଥିଲା। କିନ୍ତୁ ଟାଇପ୍ କଲାବେଳେ ସେପରି ହୋଇ ନ ଥିଲା। ଅନ୍ୟପକ୍ଷରେ ବାରମ୍ବାର ଗୋଟିଏ କି'କୁ ଆଘାତ କରିବା ଦ୍ୱାରା ଉକ୍ତ ଆଙ୍ଗୁଠି ମସ୍ତିଷ୍କକୁ କମ୍ ଉଦ୍ଦୀପିତ କରୁଥିବା ଜଣାପଡ଼ିଥିଲା। ସେଥିପାଇଁ ଟାବ୍‌ଲେଟରେ ଲେଖିବା ଓ ପଢ଼ିବା ଶିଖୁଥିବା ପିଲାମାନଙ୍କ କ୍ଷେତ୍ରରେ ଅକ୍ଷର ମଧ୍ୟରେ ଥିବା ପାର୍ଥକ୍ୟ ବାରିବାରେ ସମସ୍ୟା ହୋଇଥାଏ। କାରଣ କହିବାକୁ ଗଲେ, ସେମାନେ ଏହାକୁ ଦେହରେ ଅନୁଭବ କରି ନ ଥାନ୍ତି ବୋଲି ଭାନ୍ ଡେର୍ ମୀର୍ କହିଛନ୍ତି। ତେଣୁ ପିଲାମାନଙ୍କୁ ଶ୍ରେଣୀରେ ଟାଇପ୍ କରିବାକୁ ନ ଦେଇ କଲମ ବ୍ୟବହାରର ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଅଧ୍ୟୟନରେ ଦର୍ଶାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଜାନୁଆରୀ ୨୯/୨୦୨୪ | Bhubaneswar, Monday, January 29/2024


# ଲୁଟେରା ଗ୍ୟାଙ୍ଗ୍‌ରେ କନ୍‌ଷ୍ଟେବଲ

## ୩୦ଲକ୍ଷ ଲୁଟ୍ ଉଦ୍ୟମ, ୨ ଗିରଫ


ତନୁଜ କୁମାର ସାବତ

ପାରଳାଖେମୁଣ୍ଡି, ୨୮।୧
(ଗିରିଧାରୀ ପରିଛା)

ଦିନକୁ ଦିନ ନୂଆ ପନ୍ଥା ଆପଣାଉଛି ଲୁଟେରା ଗ୍ୟାଙ୍ଗ୍। ତେବେ ଏଥିରେ ପୋଲିସ ସାମିଲ ହେବା ଚିନ୍ତା ବଢ଼ାଇଛି। ପୂର୍ବରୁ ଅନେକ ଅପରାଧରେ ପୋଲିସର ସମ୍ପୃକ୍ତି ଧରାପଡ଼ିବାର ନଜିର ରହିଥିବାବେଳେ ଖାକି ପୋଷାକ ପିନ୍ଧାଙ୍କ ଆଉ ଏକ କାରନାମା ଏବେ ପର୍ଦ୍ଦାଫାଶ ହୋଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ୨ହଜାର ଟଙ୍କିଆ ନୋଟ ବଦଳାଇଦେବାକୁ ପ୍ରଲୋଭନ ଦେଖାଇ ୩୦ଲକ୍ଷ ଟଙ୍କା ଲୁଟ୍ ଉଦ୍ୟମ କରିବାକୁ ଚେଷ୍ଟା କରି ଏକ ଗ୍ୟାଙ୍ଗର ୨ଜଣ ଧରାପଡ଼ିଛନ୍ତି। ଗିରଫ ୨ଜଣଙ୍କ ମଧ୍ୟରେ ରହିଛନ୍ତି ଜଣେ ପୋଲିସ କନଷ୍ଟେବଲ୍ ଏବଂ ଅନ୍ୟ ଜଣେ ଆନ୍ଧ୍ରର ଯୁବକ। ସୂଚନା ମୁତାବକ, ଗତ ୨୫ତାରିଖରେ ପାରଳାଖେମୁଣ୍ଡି ରିଜର୍ଭ ପୋଲିସରେ କାର୍ଯ୍ୟରତ କନଷ୍ଟେବଲ ତନୁଜ କୁମାର ସାବତ ଓ ଆନ୍ଧ୍ରପ୍ରଦେଶର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଭୋଟ କହିବ**

# ସଂରକ୍ଷିତ ପଦ ଅସଂରକ୍ଷିତ ହେବନି

**ଶିକ୍ଷା ବିଭାଗରେ ସଂରକ୍ଷିତ ଆସନ ପଦବୀକୁ ଅସଂରକ୍ଷିତ ଘୋଷଣା କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ଗତ ଡିସେମ୍ବର ୨୭ରେ ଚିଠା ଗାଇଡ୍‌ଲାଇନ୍‌ରେ ପ୍ରସ୍ତାବ ଦିଆଯାଇଥିଲା। ହେଲେ ବିଭିନ୍ନ ମହଲରୁ ବିରୋଧ କରାଯିବା ପରେ ଶିକ୍ଷାମନ୍ତ୍ରଣାଳୟ ଏଥିରୁ ଓହରି ଯାଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ କେନ୍ଦ୍ର ସରକାର କୌଣସି ପ୍ରକାର ବିପଦର ସମ୍ମୁଖୀନ ହେବା ପାଇଁ ଚାହୁଁ ନ ଥିବାରୁ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।**

## ୟୁଜିସି ଗାଇଡ୍‌ଲାଇନ ଉପରେ ଶିକ୍ଷା ମନ୍ତ୍ରଣାଳୟର ସ୍ପଷ୍ଟୀକରଣ

ନୂଆଦିଲ୍ଲୀ,୨୮।୧(ପି.ଟି.)

ଅନୁସୂଚିତ ଜାତି, ଜନଜାତି ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ପ୍ରାର୍ଥୀମାନଙ୍କ ପାଇଁ ସଂରକ୍ଷିତ ଥିବା ପଦବୀ ନିମନ୍ତେ ଯଦି ସେହି ବର୍ଗରୁ ପ୍ରାର୍ଥୀ ଉପଲବ୍ଧ ନ ହେଲେ ସେଗୁଡ଼ିକୁ ଅସଂରକ୍ଷିତ ଘୋଷଣା କରାଯିବ ବୋଲି ୟୁଜିସିର ଚିଠା ଗାଇଡ୍‌ଲାଇନରେ ପ୍ରସ୍ତାବ ଦିଆଯାଇଥିଲା। ଏଥିସହ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ କେନ୍ଦ୍ର ସରକାରଙ୍କ ସଂରକ୍ଷଣ ନୀତି କାର୍ଯ୍ୟକାରିତା ଗାଇଡ୍‌ଲାଇନ ଉପରେ ଜନସାଧାରଣଙ୍କ ମତାମତ ଲୋଡ଼ାଯାଇଥିଲା। ତେବେ ବିଭିନ୍ନ ମହଲରୁ ଉକ୍ତ ଚିଠା ଗାଇଡ୍‌ଲାଇନ୍‌କୁ ବିରୋଧ କରାଯାଇଛି। ଏସ୍‌ସି, ଏସ୍‌ଟି ଏବଂ ଓବିସି ବର୍ଗଙ୍କୁ ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ପଦବୀରେ ଦିଆଯାଉଥିବା ସଂରକ୍ଷଣକୁ ଉଚ୍ଛେଦ କରିବା ଲାଗି ଷଡ଼ଯନ୍ତ୍ର ଚାଲିଥିବା କଂଗ୍ରେସ ଅଭିଯୋଗ କରିଛି। ଦଳିତ, ପଛୁଆ ବର୍ଗ ଏବଂ ଆଦିବାସୀ ପ୍ରସଙ୍ଗରେ ନରେନ୍ଦ୍ର ମୋଦି ସରକାର କେବଳ ପ୍ରତୀକାତ୍ମକ ରାଜନୀତି କରୁଥିବା ବିରୋଧୀ ଦଳ କହିଛି। ଏହି ପ୍ରସଙ୍ଗରେ ୟୁଜିସି ଅଧ୍ୟକ୍ଷ ଏମ୍. ଜଗଦେଶ କୁମାରଙ୍କ ବିରୋଧରେ ସୋମବାର ବିକ୍ଷୋଭ ପାଇଁ ଜେଏନ୍‌ୟୁ ଛାତ୍ର ସଂସଦ ଘୋଷଣା କରିଥିଲା। ଏହା ପରେ କୁମାର ମଧ୍ୟ ସ୍ପଷ୍ଟୀକରଣ ଦେଇ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂର୍ବରୁ ଥିବା ସଂରକ୍ଷିତ ପଦବୀଗୁଡ଼ିକୁ ଅସଂରକ୍ଷିତ କରାଯିବ ନାହିଁ ବୋଲି କହିଛନ୍ତି। କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ(ଶିକ୍ଷକ କ୍ୟାଡରରେ ସଂରକ୍ଷଣ) ☞ପୃଷ୍ଠା-୨

# ନୀତୀଶ ପୁଣି 'ପଲ୍‌ଟୁରାମ'

**ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ଏବଂ ବାମପନ୍ଥୀଙ୍କ ସହ ୧୮ମାସର ମାସର ସମ୍ପର୍କ ତୁଟାଇ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ପୁନର୍ବାର ଭାଜପା କୋଳରେ ପଡ଼ିଛନ୍ତି। ଗତ ଏକ ଦଶନ୍ଧୀ ମଧ୍ୟରେ ନୀତୀଶଙ୍କ ଏହା ୫ମ ଶିବିର ପରିବର୍ତ୍ତନ। ବାରମ୍ୱାର ମେଣ୍ଟ ପରିବର୍ତ୍ତନ କରୁଥିବାରୁ ନୀତିଶଙ୍କୁ ରାଜନୈତିକ ମହଲରେ 'ପଲ୍‌ଟୁ ରାମ' ଓ ପଲ୍‌ଟୁ କୁମାର ଭଳି ଆଖ୍ୟା ଦିଆଯାଇଛି। ଇଣ୍ଡିଆ ବ୍ଲକ୍ ଛାଡ଼ିବା ପଛରେ କାରଣଭାବେ ଦର୍ଶାଯାଉଛି ଯେ, ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ତାଙ୍କ ନାମକୁ କୌଣସି ଦଳ ସମର୍ଥନ କରି ନ ଥିଲେ।**


ନୀତୀଶ କୁମାର

## ୯ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ

## ସମ୍ରାଟ ଚୌଧରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ

ପାଟନା/ନୂଆଦିଲ୍ଲୀ,୨୮।୧

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ମହାମେଣ୍ଟ ସହ ସବୁ କିଛି ଠିକ୍ ଚାଲି ନ ଥିବା ଦର୍ଶାଇ ନିଜ ପଦରୁ ଇସ୍ତଫା ଦେବାର କିଛି ଘଣ୍ଟା ପରେ ସର୍ବାଧିକ ନବମ ଥର ପାଇଁ ଶପଥ ନେଇଛନ୍ତି। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅପରାହ୍ନ ୫ଟାରେ ରାଜଭବନରେ 'ଜୟ ଶ୍ରୀରାମ' ଧ୍ୱନି ମଧ୍ୟରେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖ୍ୟ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ତାଙ୍କ ସହ ଅନ୍ୟ ୮ ବିଧାୟକ ମଧ୍ୟ ମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ଶପଥ ନେଇଥିବା ଅନ୍ୟ ବିଧାୟକମାନେ ହେଲେ ଜେଡିୟୁର ବିଜୟ କୁମାର ଚୌଧରୀ, ଶ୍ରବଣ କୁମାର, ବିଜେନ୍ଦ୍ର ପ୍ରସାଦ ଯାଦବ ଏବଂ ଭାଜପାର ସମ୍ରାଟ ଚୌଧରୀ, ବିଜୟ କୁମାର ସିହ୍ନା, ପ୍ରେମ କୁମାର। ସେହିପରି ଜିତନରାମ ମାଞ୍ଝିଙ୍କ ହିନ୍ଦୁସ୍ଥାନୀ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

କେନ୍ଦ୍ର ସରକାର ସାମ୍ପ୍ରତିକ ପ୍ରାସଙ୍ଗିକତା ଆଧାରରେ ଆଇନଗୁଡ଼ିକର ଆଧୁନିକୀକରଣ କରୁଛନ୍ତି। ଆଜି ପ୍ରଣୀତ ଆଇନ ଆସନ୍ତାକାଲିର ଭାରତକୁ ଆହୁରି ସୁଦୃଢ଼ କରିବ। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫିରି ଫିରି ବରଷା
ପର ଘରେ ମାଗଣା ରୁଷା
ଏ ସବୁ ତ ଲୋକହସା।**

ସାଧାରଣତଃ ରାଗରୁଷା ବା ମାନ ଅଭିମାନ ନିଜ ଲୋକଙ୍କ ଉପରେ କରାଯାଉଥିବା ବେଳେ ପର ଉପରେ ରୁଷିବା ଆଦୌ ଶୋଭା ପାଇ ନ ଥାଏ। କାରଣ ପର ଘରେ ରୁଷିଲେ ନିଜ ଗୁମର ପ୍ରକାଶ ପାଇବା ଦ୍ୱାରା ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଫୁଲ ନାଇବ ବଉଳ,
ମାଛ ଖାଇବ ଶେଉଳ।**

ବଉଳ ଫୁଲଟି ସାଧାରଣତଃ ବାସଯୁକ୍ତ ସୁନ୍ଦର ଫୁଲ ହୋଇଥାଏ। ଠିକ୍ ସେହିପରି ଶେଉଳ ମାଛ ଖାଇବାକୁ ବେଶ୍ ରୁଚିକର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୁଣି ବର୍ଷା ହେଲେ ଶୀତ ପ୍ରକୋପ ବଢ଼ିବ

ଭୁବନେଶ୍ୱର,୨୮।୧ (ଅନୁରାଧା ମହାରଣା)

ଏବେ ଦିନରେ ଖରା ଓ ରାତିରେ ଥଣ୍ଡା ଅନୁଭୂତ ହେଉଛି। ଶୀତ ଲହରି ଜାରି ରହିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ତେବେ ଆଗକୁ ବର୍ଷା ସମ୍ଭାବନା ରହିଥିବାରୁ ଶୀତ ପ୍ରକୋପ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ଆକଳନ କରୁଛି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁରରେ ସର୍ବାଧିକ ୩୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରହିଥିବାବେଳେ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସୋମବାର ପାଗ ଶୁଖିଲା ରହିବ। ଆଭ୍ୟନ୍ତରୀଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟାନ୍ୟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ହେବ। ତେବେ ଘନ କୁହୁଡ଼ି ନେଇ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଆଦି ଜିଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୩୦ ଓ ୩୧ ତାରିଖ ବେଳକୁ ଉତ୍ତର ଓଡ଼ିଶାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିବ। କିନ୍ତୁ ଫେବୃଆରୀ ପହିଲାବେଳକୁ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଆଦି ଜିଲାରେ ହାଲୁକା ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ହାଲୁକା ବର୍ଷା ହେବାକୁ ଥିବାବେଳେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ପାଗ ଶୁଖିଲା ରହିବ। ୩ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବାକୁ ଥିବାବେଳେ ୪ ତାରିଖରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଆଦି ଜିଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି।

## ଜି.ଉଦୟଗିରି: ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ

ଜି.ଉଦୟଗିରି,୨୮।୧ (ଶିଶିର ପଟ୍ଟନାୟକ)

କନ୍ଧମାଳ ଜିଲା ଜି.ଉଦୟଗିରିରେ ଶୀତର ପ୍ରକୋପ ବଢ଼ିଛି। କିଛିଦିନ ହେବ ମେଘୁଆ ପାଗ ଲାଗି ରହିଥିବାରୁ ତାପମାତ୍ରାରେ ସାମାନ୍ୟ ପରିବର୍ତ୍ତନ ହୋଇଥିଲା। ଏବେ ଆକାଶ ପରିଷ୍କାର ଥିବାରୁ ଅଧିକ ଶୀତ ଅନୁଭୂତ ହେଉଛି। ରବିବାର ସର୍ବନିମ୍ନ ତାପମାତ୍ରା ୬.୪ ଡିଗ୍ରୀ ରହିଥିବା ବ୍ଲକ କୃଷି ଗବେଷଣା କେନ୍ଦ୍ର ରେକର୍ଡ କରିଛି। ଦିନର ତାପମାତ୍ରା ବଢୁଥିବା ବେଳେ ରାତି ତାପମାତ୍ରା କମିବାରେ ଲାଗିଛି। ଫଳରେ ଅସହ୍ୟ ଶୀତରେ ସମଗ୍ର ଅଞ୍ଚଳ ଥରୁଛି । ଶୀତର ପ୍ରକୋପ ଗ୍ରାମାଞ୍ଚଳରେ ଅଧିକ ରହିଛି। ସକାଳୁ ୯ଟା ପର୍ଯ୍ୟନ୍ତ ଏବଂ ରାତି ୮ଟା ପରେ ଘରୁ ବାହାରିବା କଷ୍ଟକର ହେଉଛି। ଲୋକେ ଦିନତମାମ ଖରାରେ ବସୁଥିବା ବେଳେ ସନ୍ଧ୍ୟାରେ ନିଆଁ ଜାଳି ବସୁଛନ୍ତି। ଅସହାୟ ଲୋକ ଓ ରାସ୍ତାକଡ଼ରେ ବସି ପରିବା ବିକୁଥିବା ଛୋଟ ଚାଷୀମାନେ ବିଶେଷ ପ୍ରଭାବିତ ହେଉଛନ୍ତି।

# ଫେବୃଆରୀରେ ଦୁଇଥର ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୮।୧(ଅସମାପିକା ସାହୁ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃଆରୀରେ ଦୁଇଥର ଓଡ଼ିଶା ଆସିବେ। ଆସନ୍ତା ୩ ତାରିଖରେ ସମ୍ବଲପୁର ଆସି ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ୍‌ର ଉଦ୍‌ଘାଟନ କରିବା ସହ ସମ୍ବଲପୁରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ ୧୦ ତାରିଖରେ ପ୍ରଧାନମନ୍ତ୍ରୀ ପୁଣିଥରେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ହେବାକୁ ଥିବା ଜାତୀୟ ମହିଳା ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ବିଶାଳ ସମାବେଶରେ ୧୪ ରାଜ୍ୟର ୨୫ ହଜାରରୁ ଅଧିକ ମହିଳା ଏକାଠି ହେବେ। ଏନେଇ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାରା ଦେଶରେ ଦୁଇଟି ବଡ଼ ମହିଳା ସମାବେଶ ଆୟୋଜନ ହେଉଛି। ଗୋଟିଏ ମଧ୍ୟପ୍ରଦେଶ ଏବଂ ଆଉ ଗୋଟିଏ ଓଡ଼ିଶାରେ ଆୟୋଜିତ ହେବ। ଓଡ଼ିଶାରେ ହେବାକୁ ଥିବା ସମାବେଶରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ସହମତି ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ୧୦ତାରିଖରେ ଆସିପାରନ୍ତି ବୋଲି ସେ କହିଛନ୍ତି। ସେପଟେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ମନ୍ତବ୍ୟରୁ ମଧ୍ୟ ପ୍ରଧାନମନ୍ତ୍ରୀ ଆଉଥରେ ଓଡ଼ିଶା ଆସିବେ ବୋଲି ଜଣାପଡ଼ିଛି। ଧର୍ମେନ୍ଦ୍ର ରବିବାର ଭାଜପାର ବୁଥ୍ ଜନ ସମ୍ପର୍କ ଅଭିଯାନରେ ସାମିଲ ହୋଇ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆସନ୍ତା ୩ ତାରିଖରେ ପ୍ରଧାନମନ୍ତ୍ରୀ ସମ୍ବଲପୁର ଗସ୍ତରେ ଆସୁଛନ୍ତି। ପରବର୍ତ୍ତୀ ସମୟରେ ପୁଣି ଉପକୂଳ ଅଞ୍ଚଳକୁ ଆସିବେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କାର୍ଯ୍ୟକ୍ରମ ରହିଛି। ଭାରତକୁ ଏକ ସୁଦୃଢ଼ ଦେଶ ଭାବେ ଗଢ଼ିବା ପାଇଁ ଓଡ଼ିଶାର ଭୂମିକା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରାଇବେ। ଦଳର କାର୍ଯ୍ୟକର୍ତ୍ତା, ବିଶେଷ କରି ମହିଳା ଓ ଯୁବକମାନେ ଏଥିପାଇଁ ବହୁତ ଉତ୍ସାହିତ ଅଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେପଟେ ବିଜେଡି ମହିଳା ଭୋଟ ବ୍ୟାଙ୍କ୍ ଭାଙ୍ଗିବାକୁ ଭାଜପାର ଏହା ଏକ ବଡ଼ ଷ୍ଟ୍ରାଟେଜି ବୋଲି ଚର୍ଚ୍ଚା ହେଉଛି।

### ୧୦ରେ ଭୁବନେଶ୍ୱରରେ ବଡ଼ ଜାତୀୟ ମହିଳା ସମାବେଶ


ନରେନ୍ଦ୍ର ମୋଦି

# କ୍ରିଏଟିଭିଟିରେ ଓଡ଼ିଶା ବହୁତ ଷ୍ଟ୍ରଙ୍ଗ୍

## ଅଭିନେତା ସୁକୁମାର ଟୁଡୁ

**ଧରିତ୍ରୀ ଆଳାପ**

ଓଡ଼ିଶା ମାଟିର ପୁଅ, ମାତ୍ର ଜାତୀୟ ସ୍ତରରେ ବେଶ୍ ଲୋକପ୍ରିୟ। ଅଭିନୟରେ ବାନ୍ଧି ରଖିପାରୁଥିବା ଜଣେ ଅନନ୍ୟ କଳାକାର। ହିନ୍ଦୀ, ଇଂଲିଶ ଏବଂ ଓଡ଼ିଆ ଫିଲ୍ମ ସହ ବହୁ ୱେବ୍ ସିରିଜ୍‌ରେ ନିଖୁଣ ଅଭିନୟ ତାଙ୍କୁ ଦେଇଛି ସ୍ୱତନ୍ତ୍ର ପରିଚୟ। ସେ ହେଉଛନ୍ତି ଅଭିନେତା ସୁକୁମାର ଟୁଡୁ। କେନ୍ଦୁଝର ଜିଲାର ଏକ ଆଦିବାସୀ ପରିବାରରେ ଜନ୍ମିତ ସୁକୁମାର ସ୍କୁଲ ସମୟରୁ ହିଁ ଅଭିନୟ ପ୍ରତି ଟାଣି ହୋଇଯାଇଥିଲେ। ବିଜ୍ଞାନ ଛାତ୍ରଟିଏ ଯେ ଜାତୀୟ ସ୍ତରରେ ଅଭିନୟ କରି ପରିଚୟ ପାଇବ ତାହା ବୋଧେ କେହି କେବେ ଭାବି ନ ଥିଲେ। ପୁଅ ଡାକ୍ତର ହେବ ବୋଲି ମା'ବାପା ଓ ପରିବାର ଲୋକେ ସ୍ୱପ୍ନ ଦେଖୁଥିବାବେଳେ ସୁକୁମାରଙ୍କ ଭିତରେ କିନ୍ତୁ ଏକ କଳାକାର ଜନ୍ମ ନେଇସାରିଥିଲା। ଆଉ ସେହି କଳାକାରଙ୍କୁ ଆମେ ଆଜି ଅନେକ ହିଟ୍ ଫିଲ୍ମ, ୱେବ୍ ସିରିଜରେ ଦେଖିବାକୁ ପାଉଛୁ। ଟୁଏଲ୍‌ଭଥ୍ ଫେଲ୍, ସାଧୋ, ଓୟେ ଲକି ଲକି ଓୟେ, ହିସାବ ବରାବର୍ ଆଦି ହିନ୍ଦୀ ଚଳଚ୍ଚିତ୍ର ସହ ଦ୍ୱିଭାଷୀ ଚଳଚ୍ଚିତ୍ର ୱାନ୍ ୱେ (ହିନ୍ଦୀ ଓ ଇଂଲିଶ), ମହାରାଣୀ ୱେବ୍ ସିରିଜ୍ ଏବଂ ଓଡ଼ିଆ ଚଳଚ୍ଚିତ୍ର ମାଲ୍ୟଗିରି, ଜେଙ୍ଗାବୁରୁ କର୍ସ ଓ ବାରଙ୍ଗ ୧୯୯୯ ସିରିଜ୍ ଆଦି ତାଙ୍କର ଗୋଟିଏ ଗୋଟିଏ ହିଟ୍ ପ୍ରୋଜେକ୍ଟ। ସୁକୁମାରଙ୍କ ସହ ଏଥରର ଧରିତ୍ରୀ ଆଳାପ।



**ଅଭିନୟକୁ କିଭଳି ଆସିଲେ?**

ଚତୁର୍ଥ ଶ୍ରେଣୀରେ ପଢ଼ିବା ସମୟରେ ସ୍କୁଲ ଫଙ୍କଶନରେ ଏକ ନାଟକରୁ ଅଭିନୟ ଆରମ୍ଭ କରିଥିଲି। ପରେ ଭୁବନେଶ୍ୱର ପଢ଼ିବାକୁ ଆସିଥିଲି। ସେତେବେଳେ ପେପରରେ ଏକ ଆଡ୍ ପଢ଼ିଲି, ଉତ୍କଳ ରଙ୍ଗମଞ୍ଚ ଟ୍ରଷ୍ଟରେ ଆର୍ଟିଷ୍ଟ ଦରକାର, ଯେଉଁମାନଙ୍କୁ ପେଡ୍ ମଧ୍ୟ କରାଯିବ। ସେଠାରେ ଚୟନ ହେବା ପରେ ରେଗୁଲାର ନାଟକ ଅଭ୍ୟାସ ଆରମ୍ଭ ହେଲା। ୨୦୦୦ ମସିହାରେ ନ୍ୟାଶନାଲ ସ୍କୁଲ୍ ଅଫ୍ ଡ୍ରାମା (ଏନ୍‌ଏସ୍‌ଡି) ପକ୍ଷରୁ ଭାରତ ରଙ୍ଗ ମହୋତ୍ସବରେ ଅଂଶଗ୍ରହଣ କରିବାକୁ ଟ୍ରଷ୍ଟକୁ ଏକ ଚିଠି ଆସିଲା। ଓଡ଼ିଶାରୁ ଏହା ପ୍ରଥମଥର ଥିଲା। ସେଠାକୁ ଗଲା ପରେ ମୋତେ ଲାଗିଲା, ଯଦି ମୁଁ ଅଭିନୟରେ କ୍ୟାରିୟର କରିବାକୁ ଚାହୁଁଛି ତା'ହେଲେ ମୋତେ ଏନ୍‌ଏସ୍‌ଡିରେ ପଢ଼ିବାକୁ ପଡ଼ିବ। ସେଠି ପାଠପଢ଼ା ପରେ ଏନ୍‌ଏସ୍‌ଡି ରେପେର୍‌ଟୋରିରେ ୬ବର୍ଷ କାମ କଲି। ପରବର୍ତ୍ତୀ ସମୟରେ ଏନ୍‌ଏସ୍‌ଡି ଏକାଡେମିକ ଓ ଆଡମିନିଷ୍ଟ୍ରେଟିଭ୍‌ରେ ଯୋଗଦେଲି। ପୁଣି ରେପେର୍‌ଟୋରି ଫେରି ୪ବର୍ଷ ଲିଡ୍ କଲି। ପରେ ଭାରତର ସବୁ ଅଡିଟୋରିୟମ ଓ ଅନେକ ଦେଶରେ ମଧ୍ୟ ନାଟକ ପ୍ରଦର୍ଶନ କଲି। ଏହାପରଠାରୁ ହିନ୍ଦୀ ଫିଲ୍ମ, ୱେବ୍ ସିରିଜ, ଓଡିଆ ଫିଲ୍ମରେ କାମ ଚାଲିଛି।

**ସାମ୍ପ୍ରତିକ ଓଡ଼ିଶାର ନାଟକ ସମ୍ପର୍କରେ କ'ଣ କହିବେ?**

ସେତେବେଳେ ବି ନାଟକ ଓଡ଼ିଶାରେ ଭଲ ଚାଲିଥିଲା। ଆଜି ବି ଚାଲୁଛି। ଆମେମାନେ ଆମ ସଂସ୍କୃତି, ପରମ୍ପରାକୁ ଦେଖାଉଥିଲୁ। ଏବେ ସେମାନେ ତାଙ୍କ ସମୟରେ ଥିବା କାହାଣୀ, ସଂସ୍କୃତିକୁ ଦେଖାଉଛନ୍ତି।

**ଓଡ଼ିଆ ଫିଲ୍ମ ଦେଖନ୍ତି?**

ଫାଙ୍କା ହେଲେ ଦେଖେ। ମାତ୍ର ଏବେ ଟିକେ ୨୦୧୦ ମସିହା ପରଠୁ ଫିଲ୍ମ ଦେଖିବା ବନ୍ଦ କରିଦେଇଛି। କାରଣ ସବୁ ଫିଲ୍ମରେ ପ୍ରାୟ ସେହିସବୁ ଜିନିଷ ଦେଖିବାକୁ ପାଇଲି। କହିବା ଶୈଳୀ ଏକା, ବସିବା, ଉଠିବା ସବୁଥିରେ ସମାନ ଲଗେ। ଯାହା ମୋତେ ଆଉ ଓଡ଼ିଆ ଫିଲ୍ମ ଦେଖିବାକୁ ଆକୃଷ୍ଟ କଲାନି।

**ବର୍ତ୍ତମାନର ପିଢ଼ି କିଛି ନୂଆ କଲେ, ପୂର୍ବ ପିଢ଼ି ନାପସନ୍ଦ କରିବା କିମ୍ବା ସହଯୋଗ ନ କରିବାର କଥା ଶୁଣିବାକୁ ମିଳୁଛି। ଏ ନେଇ ଆପଣଙ୍କ ମତ?**

ନୂଆପିଢ଼ିର ପିଲାମାନେ ଏକ୍ସପେରିମେଣ୍ଟ କରୁଛନ୍ତି। ଟ୍ରାଏଲ ଆଣ୍ଡ୍ ଏରର୍ ବେସିସ୍‌ରେ କାମ କରୁଛନ୍ତି। ପୁରୁଣା ପିଢ଼ି ଚାହୁଁଛନ୍ତି, ଆମେ ଯେମିତି କରୁଥିଲୁ ସେମିତି ହେଉ। ନୂଆ ପିଢ଼ି କିଛି ନୂଆ କରିବାକୁ ଚେଷ୍ଟା ଚଳେଇଛନ୍ତି। ତେଣୁ ଏଭଳି ହେବ। ମାତ୍ର ନୂଆ ପିଢ଼ିଙ୍କ କାମକୁ ସମ୍ପୂର୍ଣ୍ଣ ମନା କରିବା କଥା ନୁହେଁ। ସେମାନଙ୍କୁ ଗ୍ରହଣ କଲେ ହିଁ ବହୁତ କିଛି ହୋଇପାରିବ।

**୨ ଇଣ୍ଡଷ୍ଟ୍ରି ମଧ୍ୟରେ ପାର୍ଥକ୍ୟ?**

ବଲିଉଡ୍‌ରେ ଅର୍ଥର ଅଭାବ ନାହିଁ। ମାତ୍ର ଏପଟେ ଅଳ୍ପ ଧନ ବିକଳ ମନ। ବ୍ୟବସାୟ କୌଶଳ ଅଭାବରେ ଆମେ ବହୁତ କିଛି କରିପାରୁନାହୁଁ। ହେଲେ ବର୍ତ୍ତମାନ ବହୁତ ଭଲ ପିଲା ଇଣ୍ଡଷ୍ଟ୍ରିକୁ ଆସୁଛନ୍ତି। 'ବାରଙ୍ଗ ୧୯୯୯' ଦେଖନ୍ତୁ କମ୍ ପଇସାରେ ମଧ୍ୟ ମହାରାଣୀ ଭଳି ୱେବ୍ ସିରିଜଠୁ କିଛି କମ୍ ନୁହେଁ। ମଡର୍ନ ଟେକ୍ନୋଲୋଜି ନ ଥିଲେ ମଧ୍ୟ ପୁରୁଣା ଟେକ୍ନୋଲୋଜିରେ ଆମେ ବହୁତ କିଛି କରିପାରୁଛୁ। କ୍ରିଏଟିଭିଟି ଅନୁସାରେ ଓଡ଼ିଶା ବହୁତ ଷ୍ଟ୍ରଙ୍ଗ୍। ବାସ୍ ଆର୍ଥିକ ସମସ୍ୟା ରହୁଛି।

**ଅବସର ସମୟରେ କ'ଣ କରନ୍ତି?**

ପଢ଼ିବାକୁ ଭଲପାଏ।

**କ'ଣ ଖାଇବାକୁ ଭଲ ଲାଗେ?**

ଭାତ, ଡାଲି, ଶାଗ, ମାଛଭଜା।

**ଅଭିନୟକୁ ଆସିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ କ'ଣ ବାର୍ତ୍ତା ଦେବେ?**

ପ୍ରସ୍ତୁତ ହୋଇ ଆସନ୍ତୁ। ପ୍ରଶିକ୍ଷଣ ନିହାତି ଆବଶ୍ୟକ। ତେଣିକି ଯେଉଁ କ୍ଷେତ୍ରରେ କ୍ୟାରିୟର କରନ୍ତୁ।

–ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

**ପ୍ରଥମ ପୃଷ୍ଠାରୁ...**

## ନୀତୀଶ ପୁଣି ...

ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍)ର ସନ୍ତୋଷ କୁମାର ଏବଂ ସ୍ୱାଧୀନ ବିଧାୟକ ସୁମିତ କୁମାର ସିଂ ମଧ୍ୟ ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ସମ୍ରାଟ ଚୌଧରୀ ଓ ବିଜୟ ସିହ୍ନାଙ୍କୁ ନୂଆ କ୍ୟାବିନେଟରେ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଶପଥ ଗ୍ରହଣ ଉତ୍ସବରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାଇକ୍ରୋ ବ୍ଲଗିଂ ସାଇଟ୍ ଏକ୍ସ'ରେ ନୀତୀଶ ଓ ବିହାରର ନୂଆ ସରକାରକୁ ଅଭିନନ୍ଦନ ଜଣାଇଛନ୍ତି। ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବିହାରର ବିକାଶ ଓ ରାଜ୍ୟବାସୀଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ଭାଜପା ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ରୂପେ ସମର୍ଥନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିହାର ଭାଜପା ପ୍ରଭାରୀ ବିନୋଦ ତାୱଡେ ଓ ଦଳୀୟ ନେତାମାନେ ନୀତୀଶଙ୍କ ବାସଭବନରେ ପହଞ୍ଚି ତାଙ୍କ ପ୍ରତି ସମର୍ଥନ ଘୋଷଣା କରିଥିଲେ। ନୀତୀଶ ରାଜ୍ୟପାଳଙ୍କୁ ଭେଟି ସହଯୋଗୀ ଭାଜପା ସମର୍ଥନରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇଥିଲେ। ଏଥିସହ ୧୨୮ ବିଧାୟକଙ୍କ ସମର୍ଥନପତ୍ର ଦାଖଲ କରିଥିଲେ। ନୀତୀଶଙ୍କୁ ସମର୍ଥନ କରୁଥିବା ବିଧାୟକଙ୍କ ମଧ୍ୟରୁ ଜେଡିୟୁର ୪୫, ଭାଜପା ୭୮, ଏଚ୍‌ଏଏମ୍‌ର ୪ ଏବଂ ଜଣେ ସ୍ୱାଧୀନ। ଏହି ରାଜନୈତିକ ଘଟଣାକ୍ରମକୁ ନେଇ ଏନ୍‌ଡିଏ ସମର୍ଥକମାନେ ରାଜଭବନ ବାହାରେ ଉତ୍ସବ ମନାଇଛନ୍ତି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ପଞ୍ଜାବରେ ଭଗୱନ୍ତ ମାନ୍‌ଙ୍କ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପରେ ବିହାରରେ ନୀତୀଶଙ୍କ ଜେଡିୟୁଠାରୁ ଝଟକା ଖାଇବା ପରେ ବିରୋଧୀ 'ଇଣ୍ଡିଆ' ବ୍ଲକ୍‌ର ସ୍ଥାୟିତ୍ୱକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଲୁଟେରା ଗ୍ୟାଙ୍ଗ୍‌ରେ ...

ପାର୍ବତୀପୁର ଜିଲା ସାଲୁରୁ ଗ୍ରାମର ବିନୋଦ ରାୟପାଲି ବିଶାଖାପାଟଣା ଅଞ୍ଚଳର ବ୍ୟବସାୟୀ ଟି. ନାଗା ରବୀନ୍ଦ୍ରନାଥଙ୍କୁ ୬୦ଲକ୍ଷ ଟଙ୍କାର ୨ହଜାର ଟଙ୍କିଆ ନୋଟ ବଦଳାଇଦେବାକୁ କହିଥିଲେ। ଆଉ ଏଥିପାଇଁ ସେମାନେ ବ୍ୟବସାୟୀଙ୍କୁ ୩୦ଲକ୍ଷ ଟଙ୍କା ଦେବେ ବୋଲି ପ୍ରଲୋଭନ ମଧ୍ୟ ଦେଖାଇଥିଲେ। ବ୍ୟବସାୟୀ ଜଣକ ଏଥିରେ ରାଜିହୋଇ ଯିବାରୁ ତାଙ୍କୁ ୩୦ଲକ୍ଷ ଟଙ୍କାର ୫୦୦ ଟଙ୍କିଆ ନୋଟ୍ ଆଣି ପାରଳାଖେମୁଣ୍ଡି ନିକଟସ୍ଥ କେରାଣ୍ଡି ଗ୍ରାମ ନିକଟକୁ ଆସିବାକୁ ତନୁଜ ଏବଂ ବିନୋଦ କହିଥିଲେ। ୩୦ ଲକ୍ଷ ଟଙ୍କା ଧରି ରବୀନ୍ଦ୍ର ଘଟଣାସ୍ଥଳରେ ପହଞ୍ଚିବା ପରେ ତନୁଜ ଓ ବିନୋଦ ତାଙ୍କ ହାତରୁ ଟଙ୍କା ବ୍ୟାଗକୁ ଜୋରଜବରଦସ୍ତ ଛଡ଼ାଇ ନେବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଗ୍ରାମର କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନେ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ବ୍ୟବସାୟୀଙ୍କୁ ଅଟକ ରଖିବା ସହିତ ଟଙ୍କା ବ୍ୟାଗକୁ ଜବତ କରି ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀଙ୍କୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସେମାନେ ଟଙ୍କା ବ୍ୟାଗକୁ ଜିମା ଦେଇଥିଲେ। ତେବେ ରବୀନ୍ଦ୍ରଙ୍କୁ ପଚରାଉଚରା କରିବା ପରେ ସେ ପୂରା ଘଟଣା ପୋଲିସ ଆଗରେ କହିଥିଲେ। ପୋଲିସ ଏକ ମାମଲା(ନଂ. ୨୫/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରିଥିଲା। ଶନିବାର ଅଭିଯୁକ୍ତ ବିନୋଦଙ୍କୁ କେରାଣ୍ଡି ଗ୍ରାମ ନିକଟରୁ ଗିରଫ କରିଥିବାବେଳେ ରବିବାର କନ୍‌ଷ୍ଟେବଲ୍ ତନୁଜଙ୍କୁ ବ୍ରହ୍ମପୁରରୁ ଗିରଫ କରିଥିଲା। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ଏସ୍‌ଡିପିଓ ମାଧବ ଚନ୍ଦ୍ର ନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ଘଟଣାରେ ଆଉ ୩ଜଣ ମାଷ୍ଟରମାଇଣ୍ଡ ରହିଛନ୍ତି, ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି। ଏଥିସହ ବ୍ୟବସାୟୀ ରବୀନ୍ଦ୍ରନାଥଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ପ୍ରକାଶ ଯେ, କନଷ୍ଟେବଲ ତନୁଜ ସାବତଙ୍କ ବିରୋଧରେ ପୂର୍ବରୁ ଭିଜିଲାନ୍ସ ଓ ଫୌଜଦାରି ମାମଲା ରହିଥିବା ଏସ୍‌ଡିପିଓ ନାୟକ ସୂଚନା ଦେଇଛନ୍ତି।

## ସଂରକ୍ଷିତ ପଦ ...

ଆଇନ, ୨୦୧୯ କାର୍ଯ୍ୟକାରୀ ହେବା ପରେ କୌଣସି ସଂରକ୍ଷିତ ପଦବୀ ଅସଂରକ୍ଷିତ ହେବାର ନାହିଁ। ଉକ୍ତ ପଦବୀଗୁଡ଼ିକୁ ପୂରଣ କରିବାରେ ଉକ୍ତ ଆଇନକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ଶିକ୍ଷା ମନ୍ତ୍ରଣାଳୟ ସମସ୍ତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନକୁ ନିର୍ଦ୍ଦେଶ ଦେଇଥିବା ଏକ୍ସ'ରେ ଲେଖିଛି। ୟୁଜିସିର ଚିଠା ଗାଇଡ୍‌ଲାଇନ ଅନୁଯାୟୀ ଏସ୍‌ସି, ଏସ୍‌ଟି କିମ୍ବା ଓବିସି ପାଇଁ ସଂରକ୍ଷିତ ପଦବୀ ଖାଲି ଥିଲେ, ସେଠାରେ ଅନ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇପାରିବ ନାହିଁ। ତେବେ ଅସଂରକ୍ଷଣ ପ୍ରକ୍ରିୟା ଶେଷ ହେବା ପରେ ଏକ ସଂରକ୍ଷିତ ଖାଲିସ୍ଥାନକୁ ଅସଂରକ୍ଷିତ ଘୋଷଣା କରାଯାଇପାରିବ ଏବଂ ଏହାକୁ ଅସଂରକ୍ଷିତ ଖାଲି ପଦବୀ ଭାବେ ପୂରଣ କରାଯାଇପାରିବ। ଅର୍ଥାତ୍ ସିଧାସଳଖ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷିତ ପଦବୀକୁ ଅସଂରକ୍ଷିତ କରିବା ବେଆଇନ। ତେବେ ବିରଳ ଏବଂ ଅସାଧାରଣ କ୍ଷେତ୍ରରେ ଜନସ୍ୱାର୍ଥ ଦୃଷ୍ଟିରୁ ଗ୍ରୁପ୍ ଏ ସେବାର ଏକ ପଦବୀକୁ ଖାଲି ରଖିବାକୁ ଅନୁମତି ମିଳି ନ ପାରିଲେ, ଏହା ଅସଂରକ୍ଷିତ କରିବା ପାଇଁ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଏକ ପ୍ରସ୍ତାବ ପ୍ରସ୍ତୁତ କରିପାରନ୍ତି। ପଦବୀ ପୂରଣ ପାଇଁ କ'ଣ ସବୁ ଉଦ୍ୟମ ହୋଇଛି, କାହିଁକି ସମ୍ପୃକ୍ତ ପଦବୀକୁ ଖାଲି ରଖାଯାଇପାରିବ ନାହିଁ ଏବଂ ଅଣସଂରକ୍ଷିତ କରିବାର ଯଥାର୍ଥତା ସମ୍ପର୍କରେ ପ୍ରସ୍ତାବରେ ଉଲ୍ଲେଖ କରିବାକୁ ହେବ। ଖାଲି ସ୍ଥାନ ଗ୍ରୁପ୍ ସି କିମ୍ବା ଡି ପାଇଁ ଥିଲେ ଉକ୍ତ ପ୍ରସ୍ତାବକୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟନିର୍ବାହୀ ପରିଷଦକୁ ପଠାଯିବ। ଯଦି ପଦବୀ ଗ୍ରୁପ୍ ଏ କିମ୍ବା ବି ବର୍ଗର ହୋଇଥିବ, ତେବେ ପ୍ରସ୍ତାବ ଶିକ୍ଷା ମନ୍ତ୍ରଣାଳୟକୁ ଅନୁମୋଦନ ପାଇଁ ପଠାଯିବ। ତାହା ଅନୁମୋଦନ ହେଲେ ସଂରକ୍ଷିତ ସ୍ଥାନକୁ ପୂରଣ କରାଯାଇ ପାରିବ ବୋଲି ଚିଠା ଗାଇଡ୍‌ଲାଇନରେ ଉଲ୍ଲେଖ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶନି ଦୃଷ୍ଟିରେ ଚନ୍ଦ୍ର ହେତୁ ବୃଥା ସନ୍ଦେହଜନିତ ଅନ୍ୟମନସ୍କ ଯୋଗୁ ମନ ବିଚଳିତ ରହିପାରେ। ଅସମ୍ପୂର୍ଣ୍ଣ କାର୍ଯ୍ୟ କିଛି ଅଂଶରେ ବଢ଼ିଚାଲିବ ଏବଂ ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ବୃଷ**
କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ସକାଶେ ନିଜକୁ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ପଡ଼ୋଶୀଙ୍କ ସହାୟତାରେ ଆଶା କରିଥିବା ଦିଗରୁ ମୂଲ୍ୟବାନ ଜିନିଷ ପ୍ରାପ୍ତି ହେବ। ଅଧ୍ୟାପନା, ସାହିତ୍ୟ, ସଂସ୍କୃତି, କଳା ଓ ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସା ମିଳିବ। ଆନୁଷ୍ଠାନିକ କାମରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବାର ସୂଚନା ରହିଛି।

**ମିଥୁନ**
ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ଥିବାରୁ ସାମାଜିକ ସ୍ତରରେ କାମ ହାସଲ ସକାଶେ ପଡ଼ୋଶୀ ସହଯୋଗର ହାତ ବଢ଼ାଇବେ। ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅଫିସ୍‌ରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ସଫଳତା ମିଳିବ ଏବଂ ଲକ୍ଷ୍ୟ ହାସଲ କାରଣରୁ ମନ ପ୍ରଫୁଲ୍ଲ ରହିବ।

**କର୍କଟ**
ପାପଗ୍ରହଜନିତ ଚନ୍ଦ୍ରଙ୍କ କୁଫଳ ପ୍ରଭାବରେ ଥଣ୍ଡା କାଶ ଲାଗିରହିବ। ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହୋଇପାରନ୍ତି। ଅଟକି ରହିଥିବା କାମଟି ଦିନ ଗୋଟାଏ ପରେ ଜଣେ ବନ୍ଧୁଙ୍କ ଦ୍ୱାରା ସମ୍ପନ୍ନ ହେବ। ଯାତ୍ରା ସମୟରେ ଅନ୍ୟମନସ୍କ ରହିଲେ ଆକସ୍ମିକ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ**
ଶନିକ୍ଷେତ୍ରସ୍ଥ ରବିଙ୍କ ଯୋଗୁ ଅଧିକାଂଶ ସମୟରେ ନକାରାତ୍ମକ ଚିନ୍ତାଧାରା ଯୋଗୁ ସାମୟିକ ଚିନ୍ତିତ ରହିପାରନ୍ତି। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟସ୍ୱଜନ ଦୂରେଇ ଯିବାର ସୂଚନା ରହିଛି। ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ବନ୍ଧୁଙ୍କ ସହ ମିଶି କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି।

**କନ୍ୟା**
ଆଜି କୌଣସି ବ୍ୟକ୍ତି ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। ଚନ୍ଦ୍ରଙ୍କ ପ୍ରତି ଗୁରୁଦୃଷ୍ଟି ଅର୍ଥ,ସମ୍ମାନ ଓ ଆଦର ଗୌରବ ପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆଲୋଚନା କିମ୍ବା ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**ତୁଳା**
ସପ୍ତମସ୍ଥ ଗୁରୁଙ୍କ ଯୋଗୁ ଆର୍ଥିକ ଉନ୍ନତି, ପାରିବାରିକ ସୁସମ୍ପର୍କ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। ଅଫିସ୍ କାମର ଜଞ୍ଜାଳ ବଳିଯିବାର ସାମାନ୍ୟ ଫୁରୁସତ୍ ମଧ୍ୟ ପାଇବେ ନାହିଁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା**
ଶୁଭସ୍ଥାନସ୍ଥ ଚନ୍ଦ୍ର ପ୍ରଭାବରୁ କର୍ମାରମ୍ଭ, ସଭାସମିତି ଓ ପାରିବାରିକ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ। ଜ୍ୟେଷ୍ଠା ନକ୍ଷତ୍ର ବ୍ୟକ୍ତି ଚେଷ୍ଟା କରୁଥିବା କାମ ସୁବିଧାରେ ନ ହେବାରୁ ମାନସିକ ବ୍ୟଥା ଅନୁଭବ କରିବେ। ଆଲୋଚନା ପରିସରରେ ତର୍କବିତର୍କ ଯୋଗୁଁ ହଇରାଣ ହୋଇପାରନ୍ତି। ପାଉ ନ ଥିବା ଜିନିଷଟି ମିଳିଯିବାରୁ ଆନନ୍ଦ ଅନୁଭବ କରିବେ।

**ଧନୁ**
ଶୁଭଗ୍ରହମାନଙ୍କ କୃପାରୁ ପାରସ୍ପରିକ ସହାନୁଭୂତିଶୀଳ କାରଣରୁ ଜୀବନଯାତ୍ରା ସରଳ ରହିବ। ଆହୁରି ଅଧିକ ପାଇବା ସକାଶେ ଆଶାୟୀ ଥିବା ନିଜ ଲୋକଙ୍କଠାରୁ ଆସ୍ଥା ହରାଇ ବସିବେ। ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତିତ ରହିପାରନ୍ତି। ଛୋଟକଥାକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି।

**ମକର**
ଦୀର୍ଘଦିନର କଳ୍ପନା ପ୍ରସୂତ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅଷ୍ଟମସ୍ଥ ଚନ୍ଦ୍ର ହେତୁକ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା କମିବ କିନ୍ତୁ ବିଭିନ୍ନ ବାଟରେ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ। ବୁଝିବିଚାରି କାମ ନ କଲେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**କୁମ୍ଭ**
ଶନିଙ୍କ ଦୃଷ୍ଟିଜନିତ ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମନ ଦୁଃଖ ରହିବ। ଈର୍ଷାପରାୟଣ ବନ୍ଧୁ କିମ୍ବା ସହକର୍ମୀଙ୍କ ଦ୍ୱାରା କର୍ମକ୍ଷେତ୍ରରେ ଅଶାନ୍ତି ବଢ଼ିବ। ବ୍ୟବସାୟ କିମ୍ବା ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମ୍ପର୍କୀୟଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସଂପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ।

**ମୀନ**
କର୍ମଭାବରେ ଏକାଧିକ ଗ୍ରହ ଥିବାରୁ ପ୍ରଭାବରୁ ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିବେ। ସାଧାରଣ କଥାକୁ ନେଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଜୟଗାନରୁ ପ୍ରଶଂସିତ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

ଆଜି ଜାନୁଆରୀ ୨୯ ତାରିଖ, ମାଘ କୃଷ୍ଣ ଚତୁର୍ଥୀ ସୋମବାର, ରାଶିନକ୍ଷତ୍ର-ପୂର୍ବା ଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୨୬ମି. ଗତେ, ଘ.୦୭।୪୯ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ. ୦୭।୪୯ମି. ଗତେ, ଘ. ୦୯।୧୩ମି. ମଧ୍ୟେ ରାହୁ କାଳ।

# ‘ନୂଆ-ଓ’ ପ୍ରତିଭା ପରିପ୍ରକାଶର ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ

## ୫-ଟି ଅଧ୍ୟକ୍ଷଙ୍କ ଦିନିକିଆ କେନ୍ଦୁଝର ଗସ୍ତ

କେନ୍ଦୁଝର, ୨୮।୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)



୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଙ୍କ ସହ ସେଲ୍‌ଫି ନେଉଛନ୍ତି।

କେନ୍ଦୁଝର ଜିଲା ଦିନିକିଆ ଗସ୍ତରେ ଆସି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ୨ ପୃଥକ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ନୂଆ-ଓ କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ କଲେଜର ପାଖାପାଖି ୧୦ ହଜାର ଯୁକ୍ତ ୨, ଯୁକ୍ତ ୩ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ଅଧ୍ୟକ୍ଷ ସିଲିସୁଆଁ ନିକଟରେ ଅନୁଷ୍ଠିତ ସଭାରେ ଉଦ୍‌ବୋଧନ ଦେବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଯୁବ ଓଡିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ରେ ସାଂସ୍କୃତିକ, କ୍ରୀଡ଼ା ଓ ସାମାଜିକ ଆଦି ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ପିଲାମାନଙ୍କୁ ମୁଖ୍ୟମନ୍ତ୍ରୀ ଭଲ ପାଆନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପିଲାମାନଙ୍କର ପାଠପଢ଼ା ସହିତ ଲୁକ୍କାୟିତ ପ୍ରତିଭାର ବିକାଶ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ବର୍ଷ କରିବାକୁ ଇଚ୍ଛା ବ୍ୟକ୍ତ କରିଥିବା କହିଥିଲେ। ନୂଆ-ଓ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ନିଜ ନିଜ ପ୍ରତିଭା ପରିପ୍ରକାଶର ଏକ ଉତ୍କୃଷ୍ଟ ପ୍ଲାଟ୍‌ଫର୍ମ। କଲେଜ, ବ୍ଲକ୍, ଉପଖଣ୍ଡ, ଜିଲାସ୍ତରୀୟ ପ୍ରତିଯୋଗିତାରେ ସେମାନେ ଭାଗ ନେଇ ନିଜର ପ୍ରତିଭା ପରିପ୍ରକାଶ କରିପାରିବେ। ଏହା ଆପଣଙ୍କ ପ୍ରତିଭାକୁ ଆହୁରି ଶାଣିତ କରିବ। ଆଗକୁ ବଢ଼ିବାକୁ ହେଲେ ପାଠ ସହିତ ଏଭଳି ପ୍ରତିଯୋଗିତାରେ ଭାଗନେବା ଆବଶ୍ୟକ। କଠିନ ପରିଶ୍ରମ ଦ୍ୱାରା କିଭଳି ସଫଳ ଲାଭ କରି ହୁଏ ଜିଲାର ତିନିଜଣ ବ୍ୟକ୍ତିତ୍ୱ ଆଇଏଏସ ଅଫିସର ସୁରେଶ ମହାପାତ୍ର, ବିଜ୍ଞାନ କ୍ଷେତ୍ରରେ ଅଟଳ କୃଷ୍ଣ ଖଟୁଆ, କ୍ରିକେଟ୍ ଖେଳାଳି ଶୁଭ୍ରାଂଶୁ ସେନାପତିଙ୍କ ଦୃଷ୍ଟାନ୍ତ ଦେଇଥିଲେ। ସେହିପରି ସ୍ଥାନୀୟ ବିଶ୍ୱବିଦ୍ୟାଳୟରେ ଚାଲିଥିବା ଉନ୍ନୟନ କାମ ଦେଢ଼ ମାସ ମଧ୍ୟରେ ସରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

# ପୁଣି ବଢ଼ିଲା ବିଏସ୍‌କେୱାଇ ନବୀନ କାର୍ଡ ଆବେଦନ ଅବଧି

ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ନବୀନ କାର୍ଡ ପାଇଁ ଆବେଦନ ଅବଧିକୁ ପୁଣି ବୃଦ୍ଧି କରାଯାଇଛି। ଗ୍ରାମାଞ୍ଚଳର ପ୍ରତ୍ୟେକ ଯୋଗ୍ୟବ୍ୟକ୍ତି ଯେପରି ଏଥିରୁ ବଞ୍ଚିତ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସରକାର ଦ୍ୱିତୀୟଥର ଅନ୍‌ଲାଇନ ଦରଖାସ୍ତ ପଞ୍ଜୀକରଣ ସମୟସୀମାକୁ ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ବଢ଼ାଇଥିବା ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଏଥିପାଇଁ ଗ୍ରାମାଞ୍ଚଳ ଏବଂ ପଞ୍ଚାୟତସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଶାଳିନୀ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ବିଏସ୍‌କେୱାଇ ନବୀନ କାର୍ଡ ଲାଗି ଗତ ୬ତାରିଖରୁ ଅନ୍‌ଲାଇନ ପଞ୍ଜୀକରଣ ଆରମ୍ଭ ହୋଇଥିଲା। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଜନସାଧାରଣଙ୍କଠାରୁ ମିଳିଥିବା ମତାମତକୁ ବିଚାର କରି ରାଜ୍ୟ ସରକାର ଅନ୍‌ଲାଇନ ଦରଖାସ୍ତ ପଞ୍ଜୀକରଣ ସମୟସୀମାକୁ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ। ଏବେ ପୁଣିଥରେ ସମୟସୀମା ବୃଦ୍ଧି କରାଯାଇଥିବାରୁ ବଞ୍ଚିତ ହିତାଧିକାରୀ ଆବେଦନ କରିବାକୁ ସୁଯୋଗ ପାଇବେ। ଏଠାରେ ଉଲ୍ଲେଖଯୋଗ୍ୟ, ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀମାନେ ଚଳିତବର୍ଷ ମେ’ ଠାରୁ ତାଲିକାଭୁକ୍ତ ଘରୋଇ ହସ୍ପିଟାଲଗୁଡିକରେ ନିର୍ଦ୍ଧାରିତ ରୋଗଗୁଡିକର ଚିକିତ୍ସା ସୁବିଧା ପାଇବେ। ପୁରୁଷଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ରହିଛି।

# ୨୦୨୪ ନିର୍ବାଚନରେ ମୋଦି ଗ୍ୟାରେଣ୍ଟି ଯାଦୁ କରିବ: ଧର୍ମେନ୍ଦ୍ର



ପିପିଲି ବୁଥ୍ ଜନ ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନ୍ୟ ନେତୃବୃନ୍ଦ ଓ କର୍ମକର୍ତ୍ତା।

ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି(ଭାଜପା) ବୁଥ୍ ଜନ ସମ୍ପର୍କ ଅଭିଯାନ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱର ଓ ପୁରୀରେ ହୋଇଥିବା ଏହି ଅଭିଯାନରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶା ବଡ଼ ରାଜନୈତିକ ପରିବର୍ତ୍ତନ ଆଡ଼କୁ ଯାଉଛି। ୨୦୨୪ ସାଧାରଣ ନିର୍ବାଚନରେ ମୋଦି ଗ୍ୟାରେଣ୍ଟି ଯାଦୁ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଧର୍ମେନ୍ଦ୍ର ଭୁବନେଶ୍ୱରର ୫୯ ନମ୍ବର ବୁଥ୍‌ରେ ଭାଜପାର ‘କାନ୍ଥ ଲିଖନ’ କାର୍ଯ୍ୟକ୍ରମରେ ସାମିଲ ହୋଇ କାନ୍ଥରେ ପଦ୍ମଫୁଲ ଚିହ୍ନ ଆଙ୍କିଥିଲେ। କାର୍ଯ୍ୟକର୍ତ୍ତାଙ୍କ ସହ ଦଳୀୟ ସଂଗଠନ ଓ ରାଜନୈତିକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଘର ଘର ବୁଲି ସାଧାରଣ ଲୋକଙ୍କୁ ଭେଟିବା ସହ ମୋଦିଙ୍କ ବାର୍ତ୍ତାର ଷ୍ଟିକର ଓ ମୋଦି ସରକାରରେ ହୋଇଥିବା କଲ୍ୟାଣକାରୀ ଯୋଜନାର ଲିଫଲେଟ୍ ବିତରଣ କରିଥିଲେ। ପରେ ବୁଥ୍ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ଉପରେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହାପରେ ସେ ପିପିଲି ନିର୍ବାଚନମଣ୍ଡଳୀ କଣ୍ଟି ପଞ୍ଚାୟତ ପାତ୍ରସାହି ବୁଥ ନମ୍ବର ୧୪୪ରେ ଆୟୋଜିତ ବୈଠକରେ ବୁଥ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଗୋବିନ୍ଦପୁର ସିଉଳାଠାରେ ପଦଯାତ୍ରାରେ ସାମିଲ ହୋଇଥିଲେ।

# କେବଳ ଶଙ୍ଖଚିହ୍ନ, ନବୀନ ପଟ୍ଟନାୟକଙ୍କୁ ଚିହ୍ନନ୍ତୁ: ପାଣ୍ଡିଆନ

ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)

- ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ଦିନରାତି ଖଟୁଛନ୍ତି
- ଏବେ ମା’ ତାରିଣୀ ପୀଠର ହେବ ରୂପାନ୍ତରଣ

କେବଳ ଶଙ୍ଖଚିହ୍ନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିହ୍ନନ୍ତୁ। ନବୀନ ପଟ୍ଟନାୟକ ଆପଣଙ୍କ ପରିବାର ଓ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବାକୁ ଦିନରାତି ଖଟୁଛନ୍ତି। ସେ ଜଣେ ମହାନ ଜନନାୟକ। ଶଙ୍ଖଚିହ୍ନ ଓଡ଼ିଶାବାସୀଙ୍କ ଆତ୍ମା, ବିଜୁ ପରିବାରର ଆତ୍ମା। ନିର୍ବାଚନରେ ନବୀନ ପଟ୍ଟନାୟକ ଓ ଶଙ୍ଖଚିହ୍ନକୁ ଆଶୀର୍ବାଦ କରନ୍ତୁ। ରବିବାର କେନ୍ଦୁଝର ଜିଲା ସିଲସୁଆଁରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କେନ୍ଦୁଝରବାସୀଙ୍କୁ ଏଭଳି ଆହ୍ୱାନ ଦେଇଛନ୍ତି।

ପାଣ୍ଡିଆନ କହିଛନ୍ତି, ମା’ ତାରିଣୀ ମନ୍ଦିରର ରୂପାନ୍ତରଣ ପାଇଁ ମୁଖ୍ୟମନ୍ତ୍ରୀ ୫୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ସପ୍ତାହେ ତଳେ ଲୋକାର୍ପଣ କରିଛନ୍ତି। ଶନିବାର ସମଲେଇ ପ୍ରକଳ୍ପ ଲୋକାର୍ପିତ ହୋଇଛି। ମା’ତାରିଣୀଙ୍କ ପୀଠ ବି ସେମିତି ନୂଆ ରୂପରେ ସଜେଇ ହେବ। ଆଗାମୀ ୧୦୦ବର୍ଷ ପାଇଁ ଭକ୍ତଙ୍କୁ ଦର୍ଶନରେ କୌଣସି ସମସ୍ୟା ହେବନି। ଶ୍ରୀକ୍ଷେତ୍ର ଓ ସମଲେଇଙ୍କ ପରେ ଏବେ ମା’ ତାରିଣୀଙ୍କ ପୀଠର ପାଳି। ନବୀନ ପଟ୍ଟନାୟକ କଥା କମ୍, କାମରେ ବିଶ୍ୱାସ କରନ୍ତି। ସେ ମଧ୍ୟ ତାଙ୍କ ଦ୍ୱାରା ଅନୁପ୍ରାଣିତ। ତେଣୁ ଅନ୍ୟମାନଙ୍କ ଭଳି ବେଶି ଲମ୍ବା ଲମ୍ବା ଭାଷଣ ଦେଇ ଶିଖିନାହାନ୍ତି ବୋଲି ପାଣ୍ଡିଆନ କହିଛନ୍ତି। ଅନ୍ୟ ଲୋକ ବଡ଼ ବଡ଼ ଭାଷଣ ଦେଇ ପଳେଇବେ। କିନ୍ତୁ ଗୋଟିଏ ହେଲେ ଆବେଦନର ସମାଧାନ ହେବନି। ପୁଣି ଛଅ ମାସ ପରେ ଆସିବେ, ମିଠାମିଠା କଥା କହି ପଳେଇବେ। ସେ ଭାଷଣର କିଛି ମୂଲ୍ୟ ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କ ସବୁ ଆବଦେନକୁ ସମ୍ମାନର ସହ ସମାଧାନ କରାଯିବ। ତେଣୁ ଆଜି ଯେଉଁ ସବୁ ଆବେଦନ ମିଳିଛି ସେଥିମଧ୍ୟରୁ ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ସମ୍ପର୍କିତ ଆବେଦନର ସମାଧାନ ୭ଦିନ ମଧ୍ୟରେ ହେବ। କାରଣ ଏହା ଲୋକଙ୍କ ସରକାର। ଲୋକ ଯାହା ଚାହିଁବେ, ତାହା ହେବ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ।

ଏବେ କେନ୍ଦୁଝର ଜିଲାରେ ୧୩ ହଜାର ୩୧୦କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ ଜାରି ରହିଛି। କେବଳ ଗତ ୭ ମାସରେ ଲୋକଙ୍କ ଆବେଦନ ଆଧାରରେ ମୁଖ୍ୟମନ୍ତ୍ରୀ ୪୬୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ପାଣ୍ଡିଆନ କହିଛନ୍ତି, ଗତ ଜୁନରେ କେନ୍ଦୁଝର ଗସ୍ତ ସମୟରେ ତାଙ୍କୁ ୭୧୦ଟି ଆବେଦନ ମିଳିଥିଲା। ସେମଧ୍ୟରୁ ୬୫୦ଟି ଆବେଦନର ସମାଧାନ ହୋଇସାରିଛି। ବଳଦେବଜୀଉ ମନ୍ଦିର ରୂପାନ୍ତରଣ ପାଇଁ ୪ କୋଟି ୮୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଗୁପ୍ତଗଙ୍ଗାରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ନିମନ୍ତେ ୩ କୋଟି ୫୦ ଲକ୍ଷ ଟଙ୍କା, ସୀତାବିଞ୍ଝି ମନ୍ଦିର ରୂପାନ୍ତରଣ ଲାଗି ୨ କୋଟି ୪୦ ଲକ୍ଷ ଟଙ୍କା, ସୀତାମଠର ସୌନ୍ଦର୍ଯ୍ୟକରଣ ପାଇଁ ୩ କୋଟି ୧୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେହିଭଳି ଭୀମକୁଣ୍ଡଠାରେ ଏକ ବ୍ରିଜ ନିର୍ମାଣ ପାଇଁ ଲୋକଙ୍କ ଦାବିଥିଲା। ଏଥିପାଇଁ ମୁଖ୍ୟମନ୍ତ୍ରୀ ୧୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଗୁଣ୍ଡିଚା ଘାଇ ଜଳପ୍ରପାତର ସୌନ୍ଦର୍ଯ୍ୟକରଣ ପାଇଁ ୨କୋଟି ଟଙ୍କା, ତେଲକୋଇଠାରେ ଏକ ଇନ୍‌ଷ୍ଟ୍ରିମ୍ ଜଳସେଚନ ପ୍ରକଳ୍ପ ଲାଗି ୪୧ କୋଟି ଓ ସଣ୍ଡେଇବଞ୍ଚାରେ ଆଉ ଏକ ଇନ୍‌ଷ୍ଟ୍ରିମ୍ ଜଳସେଚନ ପ୍ରକଳ୍ପ ନିମନ୍ତେ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି।

କେନ୍ଦୁଝରରେ ମେଡିକାଲ କଲେଜ, ସରକାରୀ ଇଞ୍ଜିନିୟରିଂ କଲେଜ ଓ ବିଶ୍ୱବିଦ୍ୟାଳୟ ସବୁ କିଛି ହୋଇଛି। ଲୋକଙ୍କ ଦାବି ଅନୁଯାୟୀ ଗୋନାସିକା ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଉନ୍ନିତ କରିବାକୁ ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ଏବର୍ଷରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ। ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ ମୁଖ୍ୟମନ୍ତ୍ରୀ ନିଜ ପରିବାର ବୋଲି ଭାବନ୍ତି। ତେଣୁ ପରିବାରର ପ୍ରତ୍ୟେକ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ନବୀନ ପଟ୍ଟନାୟକ ବିଏସ୍‌କେୱାଇ ଯୋଜନା ଆରମ୍ଭ କରିଛନ୍ତି। ପ୍ରତିମାସରେ ୨ ଲକ୍ଷ ଲୋକ ଏହି ଯୋଜନାରୁ ଉପକୃତ ହେଉଛନ୍ତି। ଏ ବାବଦରେ ସରକାର ୨୫୦ କୋଟି ଟଙ୍କା ପ୍ରତି ମାସରେ ଖର୍ଚ୍ଚ କରୁଛନ୍ତି। ଯେଉଁମାନଙ୍କ ପାଖରେ ବିଏସ୍‌କେୱାଇ କାର୍ଡ ନାହିଁ, ସେମାନେ ନବୀନ କାର୍ଡ ପାଇଁ ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି ୫-ଟି ଅଧ୍ୟକ୍ଷ। ଯୋଗାଯୋଗ ବ୍ୟବସ୍ଥାରେ ଲକ୍ଷ୍ମୀ ବସ୍‌ସେବା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଗାଁ ସହ ଯୋଡ଼ି ହୋଇଛି ବ୍ଲକ। ଆସନ୍ତା ମାସରୁ କେନ୍ଦୁଝରରେ ଏହି ସେବା ଆରମ୍ଭ ହେବ। ମାତ୍ର ୫ ଟଙ୍କାରେ ମହିଳା ଓ ଛାତ୍ରଛାତ୍ରୀ ଯାତାୟାତ କରିପାରିବେ। ସେହିଭଳି ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କ ନ ଥିବା ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ପାଣ୍ଡିଆନ କହିଛନ୍ତି।

# ଆଜିଠୁ ଜଗନ୍ନାଥ ଦର୍ଶନ, ପରିକ୍ରମା ମାର୍ଗ ପରିକ୍ରମଣ

ପୁରୀ, ୨୮।୧ (ଅଜିତ୍ ମହାନ୍ତି)

## ଶ୍ରୀଜଗନ୍ନାଥ ବସ୍‌ରେ ପୁରୀ ଆସିବେ ଶ୍ରଦ୍ଧାଳୁ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାନୁଆରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ କରିଥିଲେ। ଏହାପରେ ଏହି ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଦେଖି ଖୁସି ବ୍ୟକ୍ତ କରୁଛନ୍ତି। ସେହିପରି ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଯେପରି ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ପ୍ରଦକ୍ଷିଣ କରିପାରିବେ ସେ ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍‌ରେ ପୁରୀ ଆସିବେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବସ୍ ସୁବିଧା କରାଯାଇଛି। ସେହିପରି ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଶ୍ରୀଜଗନ୍ନାଥ ଚେତନା ଓ ଭାବଧାରା ଆଧାରରେ ସମଗ୍ର ରାଜ୍ୟରେ ପରିଭ୍ରମଣ କରିଥିଲା ଅର୍ପଣ ରଥ। ଲୋକେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିଲେ ଅକ୍ଷତ, ଗୁଆ। ସେତେବେଳେ ସରକାର ପର୍ଯ୍ୟାୟ କ୍ରମେ ବିଭିନ୍ନ ଜିଲାର ଶ୍ରଦ୍ଧାଳୁମାନଙ୍କୁ ମହାପ୍ରଭୁଙ୍କ ଦର୍ଶନ ଓ ଏହି ପ୍ରକଳ୍ପ ପରିକ୍ରମଣ କରାଯିବ ବୋଲି ସୂଚନା ଦେଇଥିଲେ। ସେହି ଆଧାରରେ ସୋମବାର ଅର୍ଥାତ ଜାନୁଆରୀ ୨୯ ତାରିଖଠାରୁ ପର୍ଯ୍ୟାୟ କ୍ରମେ ଶ୍ରଦ୍ଧାଳୁଙ୍କ ଆଗମନ ପାଇଁ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନ ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, କଟକ ଓ କେନ୍ଦ୍ରାପଡ଼ା ଜିଲାର କିଛି ଅଞ୍ଚଳରୁ ଜନସାଧାରଣ ଆସିବାର କାର୍ଯ୍ୟକ୍ରମ ରହିଛି। ସମସ୍ତ ଶ୍ରଦ୍ଧାଳୁଙ୍କୁ ନେଇ ଆସୁଥିବା ବସ୍‌ଗୁଡିକ ବୀରହରେକୃଷ୍ଣପୁର ଡାହାଣ ପାର୍ଶ୍ୱରେ ଯାଇ ସମଙ୍ଗ ପାର୍କିଂ ସ୍ଥଳରେ ପହଞ୍ଚିବେ। ସେଠାରୁ ଜିଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଫିଡ଼ର ବସ୍ ମାଧ୍ୟମରେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲଗ୍ରୀମ୍ ସେଣ୍ଟରକୁ ନିଆଯିବ। ସେଠାରୁ ଶ୍ରୀମାର୍ଗ ଦେଇ ମହାପ୍ରଭୁଙ୍କ ଦର୍ଶନ ଓ ପରିକ୍ରମା ପ୍ରକଳ୍ପ ପରିକ୍ରମଣ କରାଯିବ। ଏହି କାର୍ଯ୍ୟରେ ବିଭିନ୍ନ ଅଧିକାରୀ, କର୍ମଚାରୀ, ସୁରକ୍ଷା କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଶ୍ରଦ୍ଧାଳୁମାନଙ୍କ ପାଇଁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରଥମ ଦିନର କାର୍ଯ୍ୟସୂଚୀ ଅନୁସାରେ ସକାଳ ୯ଟାରେ କଟକ ମହାନଗର ନିଗମ ଓ ୧୦ଟାରେ କଟକ ଜିଲାର ଅନ୍ୟ ବ୍ଲକ ଅଞ୍ଚଳର ଶ୍ରଦ୍ଧାଳୁ ପହଞ୍ଚିବେ। ସେହିପରି ମୟୂରଭଞ୍ଜ, ବାଲେଶ୍ୱର ସକାଳ ୧୦ଟା, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲାର କିଛି ଅଞ୍ଚଳର ଶ୍ରଦ୍ଧାଳୁମାନେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।



❝ ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ- ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର। ... ଜଣେ ତା'ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ। କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ- ତାହା ଆଉ ଭାଙ୍ଗେ ନାହିଁ। **-ଶ୍ରୀମା**

-ସଙ୍କଟ ଚତୁର୍ଥୀ ବ୍ରତ



# ଭୋଟ କହିବ

ଭାରତୀୟ ରାଜନୀତିରେ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାର ସମ୍ଭବତଃ ଏଭଳି ଜଣେ ବ୍ୟକ୍ତି, ଯିଏ ସୁବିଧାବାଦ ଚିନ୍ତାଧାରାକୁ ପାଣିକରି ପିଇଯାଇଛନ୍ତି। ମୁଖ୍ୟମନ୍ତ୍ରୀ ପଦରେ ବସିବା ଲାଗି ସେ କ୍ରମାଗତ ବିଭିନ୍ନ ଦଳ ସହ ମିଶି ସରକାର ଗଢୁଛନ୍ତି ଓ ଭାଙ୍ଗୁଛନ୍ତି। ସଦ୍ୟ ଘଟଣାକୁ ଦେଖିଲେ ସେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), କଂଗ୍ରେସ ଓ ବାମପନ୍ଥୀଙ୍କ ସହ କରିଥିବା ମହାଗଠବନ୍ଧନକୁ ପ୍ରତ୍ୟାଖ୍ୟାନ କରି ପୁଣି ଭାରତୀୟ ଜନତା ପାର୍ଟି(ଭାଜପା)କୁ ଆପଣାଇ ନେଇଛନ୍ତି। ମନେପକାଇ ଦିଆଯାଇପାରେ ଯେ, ୧୮ ମାସ ତଳେ ଭାଜପାକୁ ଛାଡ଼ି ନୀତୀଶ ଉପରଲିଖିତ ଦଳଗୁଡ଼ିକ ସହିତ ମିଶି ସରକାର ଗଢ଼ିଥିଲେ। ସେତେବେଳେ ହୁଏତ ତାଙ୍କ ଉଦ୍ଦେଶ୍ୟ ଥିଲା କଂଗ୍ରେସ ଓ ଅନ୍ୟ ଦଳଗୁଡ଼ିକ ତାଙ୍କୁ (ନୀତୀଶଙ୍କୁ) ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଆଗରେ ରଖିବେ। କିନ୍ତୁ ନୀତୀଶଙ୍କ ଇତିହାସ ସମ୍ଭବତଃ ତାଙ୍କ ପାଇଁ କାଳ ହେଲା। ଏବେ ପୁନର୍ବାର ଭାଜପା କୋଳରେ ବସିବାର ଇଚ୍ଛା ନୀତୀଶଙ୍କ ରାଜନୈତିକ ଭାବମୂର୍ତ୍ତିକୁ କଳଙ୍କିତ କରିଛି। ପ୍ରଶ୍ନ ଉଠୁଛି, ୭ ମାସ ପୂର୍ବେ ବିହାର ରାଜଧାନୀ ପାଟନାରେ ଜେଡିୟୁ ସମେତ ଅନ୍ୟ ଅଣଭାଜପା ଦଳ ସହ ଇଣ୍ଡିଆନ୍ ନ୍ୟାଶନାଲ ଡେଭଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ଗୋଷ୍ଠୀ ଗଠନ କରିଥିଲେ ମଧ୍ୟ ଅଚାନକ ନୀତୀଶ କାହିଁକି ଏଭଳି ନିଷ୍ପତ୍ତି ନେଲେ। ଏହାର ଉତ୍ତରରେ ନୀତୀଶ କହିଛନ୍ତି, ଇଣ୍ଡିଆ ବ୍ଲକରେ ଯେଭଳି ଚାଲିଛି ସେଥିରେ ସେ ଖୁସି ନ ଥିଲେ। ସତେଯେମିତି ତାଙ୍କରି କଥାରେ ସବୁଦଳ ଚାଲିଥାଆନ୍ତେ। ଇତିମଧ୍ୟରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ଚିନ୍ତାଧାରାର ଆଗୁଆ ନେତା କର୍ପୂରି ଠାକୁରଙ୍କୁ ମରଣୋତ୍ତର ଭାବେ 'ଭାରତ ରତ୍ନ' ଦେଇ ଭାଜପାର କେନ୍ଦ୍ର ସରକାର ନୀତୀଶଙ୍କୁ ନିମନ୍ତ୍ରଣପତ୍ର ପଠାଇଲା ଭଳି କାର୍ଯ୍ୟଟି କଲେ। ନୀତୀଶ ମଧ୍ୟ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଥିଲେ। କର୍ପୂରିଙ୍କୁ ଭାରତ ରତ୍ନ ଦିଆଯିବାରୁ ରାଜନୈତିକ ଫାଇଦା ହାସଲ ଲକ୍ଷ୍ୟରେ ମହାଗଠବନ୍ଧନ ଛାଡ଼ି ଭାଜପା ପ୍ରତି ଢଳିବାରେ ନୀତୀଶ ଏକ ସୁବିଧାଜନକ ବାଟ ପାଇଗଲେ।

> **ସୋସିଆଲ ମିଡିଆରେ ମଧ୍ୟ ନୀତୀଶଙ୍କୁ ଯେଭଳି ଗାଳିଗୁଲଜ କରାଯାଉଛି ସେଥିରୁ ବୁଝାଯାଉଛି ଯେ, ଏଭଳି ବ୍ୟକ୍ତିତ୍ୱଙ୍କ ପାଇଁ ଭବିଷ୍ୟତରେ ରାଜନୀତିରେ ତିଷ୍ଠିବା କଷ୍ଟକର ହୋଇପାରେ। ନୀତୀଶଙ୍କ ଏପରି ପରିବର୍ତ୍ତନ ବିହାର ଭୋଟରଙ୍କୁ କିଭଳି ଭାବେ ପ୍ରଭାବିତ କରୁଛି ତାହା ଆଉ କିଛି ମାସ ପରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସମୟରେ ସ୍ପଷ୍ଟ ବୁଝାପଡ଼ିବ।**

୨୮ ଜାନୁଆରୀରେ ନୀତୀଶ ୯ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇ ବିଧାନସଭାର ଗୋଟିଏ ୫ ବର୍ଷିଆ ଅବଧି ମଧ୍ୟରେ ତିନି ଥର ମୁଖ୍ୟମନ୍ତ୍ରୀ ହେଲେ। ଭାଜପା ନେତା ସମ୍ରାଟ ଚୌଧୁରୀ ଓ ବିଜୟ କୁମାର ସିହ୍ନା ଉପମୁଖ୍ୟମନ୍ତ୍ରୀ ହୋଇଥିବା ବେଳେ ଆଉ କେତେ ଜଣଙ୍କୁ ମନ୍ତ୍ରୀ ପଦ ମିଳିଛି। ଦେଖିବାକୁ ଗଲେ ୨୪୩ ଆସନ ବିଶିଷ୍ଟ ବିଧାନସଭାରେ ନୀତୀଶଙ୍କ ଜେଡିୟୁର ମାତ୍ର ୪୩ ସଦସ୍ୟ ଅଛନ୍ତି। ଅପରପକ୍ଷରେ ଭାଜପାର ୭୪ ସଦସ୍ୟ ଥିବା ବେଳେ ଆର୍‌ଜେଡିର ୭୫, କଂଗ୍ରେସର ୧୯ ଓ ବାମ ଦଳରୁ ୧୬ ଜଣ ଅଛନ୍ତି। ଯଦି ଜେଡିୟୁର ସିଟ୍ ସଂଖ୍ୟାକୁ ବିଗତ ୩ଟି ନିର୍ବାଚନକୁ ନେଇ ଦେଖାଯାଏ, ତେବେ ୨୦୧୦ରେ ଏହା ୧୧୫ ସିଟ୍ ପାଇଥିବା ବେଳେ ୨୦୧୫ରେ ୭୧ ଓ ୨୦୨୦ରେ ୪୩ରେ ରହିଛି। ସବୁଠାରୁ କୌତୂହଳର ବିଷୟ, ନୀତୀଶଙ୍କ ପାଖରେ ନିଜ ଦଳର କମ୍ ବଳ ଥିଲେ ମଧ୍ୟ ରାଜନୀତି ଗୋଟି ଚାଳନାରେ ଆଗରେ ରହିଆସିଛନ୍ତି। ଶୁଣାଯାଉଥିଲା ଇଣ୍ଡିଆ ଗୋଷ୍ଠୀରେ ନେତା ହେବା ନେଇ ନୀତୀଶ ହୁଙ୍କୁ ହୁଙ୍କୁ ହେଉଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନାମ ସର୍ବସମ୍ମତି କ୍ରମେ ଘୋଷଣା ହେବା ପରେ ନୀତୀଶ ବିମୁଖ ହୋଇଯାଇଥିଲେ। ତେଣୁ ଏହି ମେଣ୍ଟରୁ ବାହାରିବା ସକାଶେ ବାଟ ଖୋଜୁଥିବା ବେଳେ କର୍ପୂରିଙ୍କୁ ଭାରତ ରତ୍ନ ମିଳିବା ତାଙ୍କ କାମକୁ ସହଜ କରିଦେଇଥାଇପାରେ।

ଆସନ୍ତା ସାଧାରଣ ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ନିଜ ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିବେ ନାହିଁ ବୋଲି ଘୋଷଣା କରିବା ପରେ ନୀତୀଶ ମହାଗଠବନ୍ଧନକୁ ଭାଙ୍ଗିଦେବା ଦ୍ୱାରା 'ଇଣ୍ଡିଆ ବ୍ଲକ' ଦୁର୍ବଳ ହୋଇଯାଇପାରେ। ଅନ୍ୟପଟେ ପଲ୍‌ଟୁ ରାମଙ୍କ ଆଖ୍ୟା ପାଇଥିବା ନୀତୀଶ ନିଜର ମର୍ଯ୍ୟାଦା ଓ ରାଜନୈତିକ ଓଜନକୁ କୌଣସି ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ୨୮ ଜାନୁଆରୀ ଘୋଷଣାରୁ ସ୍ପଷ୍ଟ ବୁଝାପଡୁଛି। ଯୁବ ଭୋଟରଙ୍କ ମନରେ ଏହିଭଳି ପଟ ବଦଳାଉଥିବା ରାଜନେତାଙ୍କ ପାଇଁ ସମ୍ମାନ ଓ ଶ୍ରଦ୍ଧା ନ ଥିବାର ଲକ୍ଷ୍ୟ କରାଯାଉଛି। ସୋସିଆଲ ମିଡିଆରେ ମଧ୍ୟ ନୀତୀଶଙ୍କୁ ଯେଭଳି ଗାଳିଗୁଲଜ କରାଯାଉଛି ସେଥିରୁ ବୁଝାଯାଉଛି ଯେ, ଏଭଳି ବ୍ୟକ୍ତିତ୍ୱଙ୍କ ପାଇଁ ଭବିଷ୍ୟତରେ ରାଜନୀତିରେ ତିଷ୍ଠିବା କଷ୍ଟକର ହୋଇପାରେ। ନୀତୀଶଙ୍କ ଏପରି ପରିବର୍ତ୍ତନ ବିହାର ଭୋଟରଙ୍କୁ କିଭଳି ଭାବେ ପ୍ରଭାବିତ କରୁଛି ତାହା ଆଉ କିଛି ମାସ ପରେ ହେବାକୁ ଥିବା ଲୋକ ସଭା ନିର୍ବାଚନ ସମୟରେ ସ୍ପଷ୍ଟ ବୁଝାପଡ଼ିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 6 | | | 2 | 5 | |
| | | | 2 | 5 | | | | 8 |
| | | | | | | | 1 | 3 |
| 2 | | | 3 | | 9 | | | |
| | 7 | | | | 1 | | | |
| | | 3 | 8 | 6 | | | | |
| | | 7 | 9 | 8 | 4 | | | |
| 8 | 2 | 9 | | | | 7 | | |
| 3 | | 6 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହାରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 2 | 7 | 3 | 8 | 5 | 6 | 1 |
| 8 | 3 | 6 | 5 | 1 | 9 | 2 | 4 | 7 |
| 5 | 7 | 1 | 2 | 4 | 6 | 8 | 9 | 3 |
| 3 | 8 | 5 | 9 | 2 | 4 | 1 | 7 | 6 |
| 6 | 2 | 7 | 1 | 8 | 3 | 9 | 5 | 4 |
| 9 | 1 | 4 | 6 | 5 | 7 | 3 | 8 | 2 |
| 7 | 5 | 3 | 4 | 9 | 1 | 6 | 2 | 8 |
| 1 | 6 | 9 | 8 | 7 | 2 | 4 | 3 | 5 |
| 2 | 4 | 8 | 3 | 6 | 5 | 7 | 1 | 9 |

ଗତକାଲିର ଉତ୍ତର

# ଦାରିଦ୍ର୍ୟ ହ୍ରାସ ନେଇ ତ୍ରୁଟିପୂର୍ଣ୍ଣ ଦାବି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ ନେଇ ଦେଶରେ ସରକାରୀ ପ୍ରାୟୋଜିତ ଉନ୍ମାଦନା ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ଇତିମଧ୍ୟରେ ଦେଶରେ ଦାରିଦ୍ର୍ୟ ଦୂରୀକରଣକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଜାରି କରିଛି। ଗତ ଦଶବର୍ଷର ଶାସନକାଳରେ ଦେଶରେ ଦାରିଦ୍ର୍ୟ ଦୃଶିଆ ହ୍ରାସ ପାଇଛି ବୋଲି ଏଥିରେ ଦାବି କରାଯାଇଛି। ଏହି ଅବଧିରେ ଦେଶର ପ୍ରାୟ ୨୫ କୋଟି ଲୋକ ଗରିବ ରେଖାରୁ ଉପରକୁ ଉଠିପାରିଛନ୍ତି ବୋଲି କୁହାଯାଇଛି। ତେବେ ଦାରିଦ୍ର୍ୟ ହ୍ରାସ ନେଇ ନୀତି ଆୟୋଗର ଏହି ରିପୋର୍ଟର ସଠିକତାକୁ ନେଇ ଅର୍ଥନୀତିଜ୍ଞମାନେ ସନ୍ଦେହ ପ୍ରକାଶ କରିଛନ୍ତି। ନିର୍ବାଚନର ଠିକ୍ ପୂର୍ବରୁ ସରକାରଙ୍କୁ ସୁହାଇଲା ପରି ଆୟୋଗ ତା'ର ରିପୋର୍ଟ ପ୍ରସ୍ତୁତ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ମୋଦି କ୍ଷମତାକୁ ଆସିବାର ଠିକ୍ ପୂର୍ବରୁ ଅର୍ଥାତ୍ ୨୦୧୩-୧୪ ବେଳକୁ ଦେଶର ମୋଟ ଜନସଂଖ୍ୟାର ୨୯.୧୭% ଦାରିଦ୍ର୍ୟ ସୀମାରେଖା ତଳେ ରହିଥିଲେ। କିନ୍ତୁ ଗତ ନଅବର୍ଷର ଶାସନକାଳ ମଧ୍ୟରେ ଦେଶର ଜନସଂଖ୍ୟାରେ ଗରିବଙ୍କ ସଂଖ୍ୟାରେ ୧୭.୮୯% ହ୍ରାସ ପାଇ ବର୍ତ୍ତମାନ ତାହା କୁଆଡ଼େ ୧୧.୨୮%ରେ ପହଞ୍ଚିଛି। ଏହାର ଅର୍ଥ ହେଲା, ଦେଶର ଜନସଂଖ୍ୟାର ୨୪.୮୨ କୋଟି ଲୋକ ଗରିବୀରୁ ବାହାରକୁ ଆସିଛନ୍ତି ଏବଂ ବର୍ତ୍ତମାନ କେବଳ ୧୫ କୋଟି ଲୋକ ହିଁ ଗରିବ ରହିଛନ୍ତି ବୋଲି ନୀତି ଆୟୋଗ ଦାବି କରିଛି। ଯଦି ନୀତି ଆୟୋଗ କଥାକୁ ବିଶ୍ୱାସ କରାଯାଏ, ତା'ହେଲେ ଗତ ଦଶବର୍ଷ ମଧ୍ୟରେ ଦେଶରେ ବାର୍ଷିକ ୧୦.୬୬% ହାରରେ ଦାରିଦ୍ର୍ୟ କମିବାରେ ଲାଗିଛି। ଅର୍ଥାତ୍ ମୋଦିଙ୍କ ଶାସନକାଳରେ ଦେଶରେ ବାର୍ଷିକ ୨.୭୫ କୋଟି ମଣିଷ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। ଯଦି ଏହି ହାର ଅବ୍ୟାହତ ରହିବ, ତା'ହେଲେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଶରେ ଆଉ ଜଣେହେଲେ କେହି ଦରିଦ୍ର ରହିବେ ନାହିଁ ବୋଲି ନୀତି ଆୟୋଗ ରିପୋର୍ଟରୁ ସ୍ପଷ୍ଟ ହେଉଛି।

ଦେଶରେ ଦାରିଦ୍ର୍ୟ ଦୂରୀକରଣ ସଫଳତାକୁ ନେଇ ନୀତି ଆୟୋଗ ରିପୋର୍ଟରେ ଯଦିଓ ବଡ଼ ଦାବି କରାଯାଇଛି, କିନ୍ତୁ ତା'ର ସଠିକତା ନେଇ ସନ୍ଦେହ ପ୍ରକାଶ ପାଇଛି। କାରଣ ଦେଶରେ ଦାରିଦ୍ର୍ୟ ଆକଳନ ପାଇଁ ଏଯାଏଁ ଆପଣା ଯାଉଥିବା ବିଜ୍ଞାନସମ୍ମତ ପ୍ରକ୍ରିୟା ବଦଳରେ ନୀତି ଆୟୋଗ ବହୁଆୟାମୀ ଦାରିଦ୍ର୍ୟ ସୂଚକାଙ୍କକୁ ଆଧାରକରି ନିଜର ରିପୋର୍ଟ ପ୍ରସ୍ତୁତ କରିଛି। ଏହି ବହୁଆୟାମୀ ସୂଚକାଙ୍କଗୁଡ଼ିକ ମଧ୍ୟରେ ଦେଶରେ ପୁଷ୍ଟି ବୃଦ୍ଧି, ଶିଶୁ ଓ କିଶୋରଙ୍କ ମୃତ୍ୟୁ ହାରରେ ହ୍ରାସ, ମାତୃ ସ୍ୱାସ୍ଥ୍ୟରେ ଉନ୍ନତି, ସ୍କୁଲ ଶିକ୍ଷାରେ ବିକାଶ, ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ବୃଦ୍ଧି, ରନ୍ଧାଖାଦ୍ୟର ସରବରାହରେ ବୃଦ୍ଧି, ପାଇଖାନା ନିର୍ମାଣରେ ବୃଦ୍ଧି, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣରେ ବୃଦ୍ଧି, ରନ୍ଧନ ଗ୍ୟାସ୍ ବ୍ୟବହାରରେ ବୃଦ୍ଧି, ଆବାସ ଯୋଜନାରେ ଗୃହ ଯୋଗାଣରେ ବୃଦ୍ଧି ଏବଂ ବ୍ୟାଙ୍କରେ ଆଧାର ଖାତାରେ ବୃଦ୍ଧି ଆଦିକୁ ନିଆଯାଇଛି। ଉପରୋକ୍ତ ସୂଚକାଙ୍କ ଆଧାରରେ ନୀତି ଆୟୋଗ ଯେଉଁ ରିପୋର୍ଟ ପ୍ରସ୍ତୁତ କରିଛି, ସେସବୁ ସରକାରଙ୍କ ଯୋଜନାର ସଫଳତାର



ଚିତ୍ର ହୁଏତ ହୋଇପାରେ; ଦାରିଦ୍ର୍ୟ ଦୂରୀକରଣର ସୂଚକ ବୋଲି କୁହାଯାଇ ନ ପାରେ। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯେଉଁମାନେ ଲାଭାର୍ଥୀ, ସେମାନଙ୍କ ଦାରିଦ୍ର୍ୟ ଦୂର ହୋଇଗଲା ବୋଲି ଯାନ୍ତ୍ରିକ ଭାବେ କହିବା ତ୍ରୁଟିପୂର୍ଣ୍ଣ। ଦାରିଦ୍ର୍ୟ ମାପିବାର ଏଭଳି ପଦ୍ଧତିଟି ଗ୍ରହଣଯୋଗ୍ୟ ନୁହେଁ। କାରଣ ଏଥିରେ କେବଳ ଅନୁମାନ କରି ହିସାବ କରାଯାଉଥିବାରୁ ଏଥିରେ ଦାରିଦ୍ର୍ୟର ପ୍ରକୃତ ଚିତ୍ରଟି ମିଳି ନ ଥାଏ। ସେହି କାରଣରୁ ଦେଶ ବିଦେଶର ଅଧିକାଂଶ ଅର୍ଥନୀତିଜ୍ଞ ଏହି ପଦ୍ଧତିଟିକୁ ନିର୍ଭରଯୋଗ୍ୟ ବୋଲି ଗ୍ରହଣ କରନ୍ତି ନାହିଁ।

ଆମ ଦେଶରେ ଦାରିଦ୍ର୍ୟ ମାପିବା ପାଇଁ କେତେକ ସ୍ଥାପିତ ସୂଚକାଙ୍କ ରହିଛି। ଅତୀତରେ ବିଭିନ୍ନ ସରକାର ତା' ଆଧାରରେ ହିଁ ଗରିବୀ ଆକଳନ କରିଆସିଛନ୍ତି। ପରିତାପର ବିଷୟ, ନୀତି ଆୟୋଗ ସେସବୁ ସ୍ଥାପିତ ଓ ବାରମ୍ବାର ପରୀକ୍ଷିତ ସୂଚକାଙ୍କଗୁଡ଼ିକର ଆଧାରରେ ଦାରିଦ୍ର୍ୟ ଆକଳନ ନ କରି କେବଳ ସରକାରଙ୍କୁ ସୁହାଇଲା ଭଳି ସୂଚକାଙ୍କଗୁଡ଼ିକୁ ବାଛିଛି। ସରକାରଙ୍କ ବିଭିନ୍ନ ଯୋଜନା ବା ପ୍ରକଳ୍ପର ହିତାଧିକାରୀଙ୍କ ଆଧାରରେ ହିଁ ଦାରିଦ୍ର୍ୟର ଆକଳନ କରାଯାଇଛି। ଏହି ହିସାବରେ ହିଁ ସରକାର ଦେଶର ଯେତେ ଲୋକଙ୍କୁ ମାଗଣାରେ ରାଶନ ଯୋଗାଉଛନ୍ତି, ସେମାନେ କେହି ଆଉ ଭୋକିଲା କି ଦାରିଦ୍ର୍ୟରେ ନାହାନ୍ତି ବୋଲି ଭାବୁଛନ୍ତି। ସେହିପରି ଯେତେଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ମାଗଣାରେ ପାଇଖାନା ଯୋଗାଯାଇଛି, ସେମାନେ ଆଉ ଗରିବ ନାହାନ୍ତି ବୋଲି ନୀତି ଆୟୋଗ ନିଷ୍କର୍ଷରେ ପହଞ୍ଚିଛି। ମୋଟାମୋଟି ଭାବେ କହିଲେ, ସରକାରଙ୍କ ଯୋଜନାଗୁଡ଼ିକ ଯେତିକି ଲୋକଙ୍କ ପାଖରେ ପହଞ୍ଚିଛି, ସେତିକି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି ବୋଲି ଏକ ସରଳୀକୃତ ନିଷ୍କର୍ଷରେ ନୀତି ଆୟୋଗ ପହଞ୍ଚିଛି। ଦାରିଦ୍ର୍ୟ ଆକଳନର ଏହି ନୂତନ ପଦ୍ଧତି ସହିତ ମଣିଷର ରୋଜଗାର, ଆୟବ୍ୟୟର ସାମର୍ଥ୍ୟ ଆଦିର କୌଣସି ସମ୍ପର୍କ ନାହିଁ। ଗୋଟିଏ ପରିବାରର ସବୁ ସଦସ୍ୟ/ସଦସ୍ୟାଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଖର୍ଚ୍ଚ କରିବାକୁ ସେମାନେ ସମର୍ଥ ହୋଇପାରିଛନ୍ତି ନା ନାହିଁ, ତାହା ହିଁ ଦାରିଦ୍ର୍ୟ ମାପିବାର ଅସଲ ମାପକାଠି। ଗୋଟିଏ ପରିବାରର ବ୍ୟୟ ଆଧାରରେ ଯଦି ତଥ୍ୟ ସଂଗ୍ରହ ହେବ, ତା'ହେଲେ ଦାରିଦ୍ର୍ୟର ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ। କିନ୍ତୁ ନୀତି ଆୟୋଗ ଅତ୍ୟନ୍ତ ସୁନିୟୋଜିତ ଭାବେ ଦାରିଦ୍ର୍ୟ ନିର୍ଦ୍ଧାରଣର ଉକ୍ତ ପଦ୍ଧତି ଓ ତଥ୍ୟ ପରିସଂଖ୍ୟାନକୁ ଆପଣେଇ ନାହାନ୍ତି।

ନୀତି ଆୟୋଗ ଜରିଆରେ କେନ୍ଦ୍ର ସରକାର ଦେଶରେ ଦାରିଦ୍ର୍ୟ ବ୍ୟାପକ ଭାବେ ହ୍ରାସ ପାଇଛି ବୋଲି ଦାବି କଲେ ମଧ୍ୟ ଏ ସଂକ୍ରାନ୍ତରେ ଲଗାତର ପ୍ରକାଶିତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାର ରିପୋର୍ଟରେ ତା'ର ବିପରୀତ କଥା ଦେଖିବାକୁ ମିଳୁଛି। ଅନ୍ତର୍ଜାତୀୟ ସଂସ୍ଥା ଅକ୍ସଫାମ୍ ଦ୍ୱାରା ପ୍ରତିବର୍ଷ ପ୍ରକାଶିତ ଅସମାନତା ରିପୋର୍ଟ ହେଉ କି ବିଶ୍ୱ ଖାଦ୍ୟ ସୂଚକାଙ୍କ ହେଉ, ସବୁଥିରେ ଭାରତର ଅଧିକାଂଶ ଜନତାଙ୍କ ଆର୍ଥିକ ସ୍ଥିତି ନୈରାଶ୍ୟଜନକ ରହିଆସିଛି। ଏଯାଏ ପ୍ରକାଶିତ କୌଣସି ବେସରକାରୀ ରିପୋର୍ଟରେ ଦାରିଦ୍ର୍ୟ ହ୍ରାସ ପାଇବାର ସାମାନ୍ୟତମ ସୂଚନା ଦେଖିବାକୁ ମିଳିନି। ଦେଶର ୨୧ ଜଣ ଅତିଧନୀ ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ୭୦%ର ମାଲିକାନା ରହିଥିବା ବେଳେ ତଳର ୫୦% ଲୋକଙ୍କ ପାଖରେ ଦେଶର ମୋଟ ସମ୍ପତ୍ତିର ମାତ୍ର ୩% ହିଁ ରହିଛି।

କେବଳ ବେସରକାରୀ ରିପୋର୍ଟ ନୁହେଁ, କେନ୍ଦ୍ର ସରକାରଙ୍କ ବିଭିନ୍ନ ରିପୋର୍ଟ ଏହି ତ୍ରୁଟିପୂର୍ଣ୍ଣ ଆକଳନକୁ ଉଜାଗର କରୁଛି। ନିକଟରେ କେନ୍ଦ୍ର ସରକାର ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଜନସାଧାରଣଙ୍କ କଲ୍ୟାଣକାରୀ ଯୋଜନା ସଂକ୍ରାନ୍ତରେ ସୁପ୍ରିମକୋର୍ଟକୁ ଦେଇଥିବା ସତ୍ୟପାଠରେ ୨୦୧୮ରୁ ୨୦୨୩ ମଧ୍ୟରେ ଦେଶରେ ଖାଦ୍ୟ ଅସୁରକ୍ଷାର ଶିକାର ଲୋକଙ୍କ ସଂଖ୍ୟା ୧୯ କୋଟିରୁ ୩୫ କୋଟିରେ ପହଞ୍ଚିଥିବା କହିଛନ୍ତି। ପ୍ରଶ୍ନ ଉଠେ, ଯଦି ସରକାର ଦେଶର ମାତ୍ର ୧୫ କୋଟି ଲୋକ ଗରିବ ରହିଛନ୍ତି ବୋଲି କହୁଛନ୍ତି, ତା'ହେଲେ କେଉଁ ଆଧାରରେ ଦେଶର ୮୦ କୋଟି ଲୋକଙ୍କୁ ମାସିକ ମାତ୍ର ୫ କିଲୋ ମାଗଣା ରାଶନ ଯୋଗାଉଛନ୍ତି? ମୋଦି ସରକାର କ୍ଷମତାକୁ ଆସିବା ପୂର୍ବରୁ ୨୦୧୨ରେ ଦେଶରେ ବେକାରି ହାର ସରକାରୀ ଭାବେ ୨.୧% ରହିଥିବା ବେଳେ ମୋଦିଙ୍କ ଶାସନକାଳରେ ଏହା ତିନିରୁ ଚାରିଗୁଣ (୬.୧%-୮.୪%) ବୃଦ୍ଧି ପାଇ ଗତ ୪୫ ବର୍ଷ ମଧ୍ୟରେ ସର୍ବାଧିକ ହେବା କ'ଣ ଦର୍ଶାଉଛି? ଏହାବ୍ୟତୀତ ବିଶ୍ୱସ୍ତରରେ ଦାରିଦ୍ର୍ୟ ସୀମାରେଖା ଭାବେ ବିଶ୍ୱବ୍ୟାଙ୍କ୍ ଦୈନିକ ୨.୧୫ ଡଲାର ଧାର୍ଯ୍ୟ କରିଛି। ଯଦି ଭାରତରେ ଏହାର ଆନୁପାତିକ ହିସାବ ଦେଖିବା, ମାସିକ ସର୍ବନିମ୍ନ ୯ ହଜାର ଟଙ୍କାରୁ କମ୍ ରୋଜଗାରକୁ ଦରିଦ୍ର ବୋଲି ଧରାଯିବ। କିନ୍ତୁ ନିକଟରେ କେନ୍ଦ୍ର ସରକାରଙ୍କ ଇ-ଶ୍ରମ ପୋର୍ଟାଲରେ ଯେଉଁ ୨୮ କୋଟି ଶ୍ରମିକ ନିଜର ନାଁ ପଞ୍ଜୀକରଣ କରିଛନ୍ତି, ସେମାନଙ୍କ ମଧ୍ୟରୁ ୯୪% ନିଜର ମାସିକ ଆୟକୁ ଦଶ ହଜାର ଟଙ୍କାରୁ କମ୍ ବୋଲି ଦର୍ଶାଇଛନ୍ତି।

ଦେଶରେ ଦାରିଦ୍ର୍ୟର ଆଉ ଏକ କାରଣ ହେଲା, ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ସରକାରଙ୍କ ଖର୍ଚ୍ଚ ହ୍ରାସ ଏବଂ ଲୋକଙ୍କ ପକେଟ ଖର୍ଚ୍ଚରେ ବୃଦ୍ଧି। କେନ୍ଦ୍ର ସରକାର ନିଜ ଶାସନକାଳରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ଅନୁଦାନ ହ୍ରାସ କରିଚାଲିଛନ୍ତି। ୨୦୧୪-୧୫ରେ ଜିଡିପିର ୪% ଶିକ୍ଷା ବାବଦରେ ବିନିଯୋଗ ହେଉଥିବା ବେଳେ ବର୍ତ୍ତମାନ ୨.୯%କୁ ହ୍ରାସ ପାଇଛି। ସେହିପରି ସ୍ୱାସ୍ଥ୍ୟସେବାରେ ବିନିଯୋଗ ଜିଡିପିର ୧.୩%କୁ ହ୍ରାସ ପାଇଛି। ଏଭଳି ପରିସ୍ଥିତିରେ ଦେଶର ଦାରିଦ୍ର୍ୟ ବାର୍ଷିକ ୧୦.୬୬% ହ୍ରାସ ପାଇଛି ବୋଲି ନୀତି ଆୟୋଗର ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ କୁହାଯାଇପାରେ।

ମୋ-୯୪୩୭୧୬୬୩୯୧

# ସଡ଼କ ଦୁର୍ଘଟଣାର ପ୍ରଭାବ



ରାଜୀବ କର୍ମୀ

ଆମ ଦେଶରେ ସଡକ ଦୁର୍ଘଟଣାଜନିତ କ୍ଷୟକ୍ଷତି ଦିନକୁ ଦିନ ବଢ଼ିବାରେ ଲାଗିଛି। ୨୦୨୦ ତୁଳନାରେ ୨୦୨୨ରେ ଦୁର୍ଘଟଣା ହାରରେ ୨୪ ଭାଗ ବୃଦ୍ଧି ଘଟିଛି। ପରିବହନ ମନ୍ତ୍ରଣାଳୟ ତଥ୍ୟ ଅନୁସାରେ ୨୦୨୨ରେ ଭାରତରେ ୪,୬୧,୩୧୨ ସଡକ ଦୁର୍ଘଟଣା ଘଟିଥିବା ବେଳେ ସେଥିରେ ୧,୬୮,୪୯୧ ଜଣଙ୍କ ପ୍ରାଣହାନି ଘଟିଛି, ଯେଉଁଥିରୁ ୯୫୨୮ ଜଣ ଶିଶୁ ଥିବାବେଳେ ୨୩,୩୧୪ ଜଣ ମହିଳା। ଏହି ସମୟରେ ୪,୪୩,୩୬୬ ଜଣ ସାମାନ୍ୟ ଏବଂ ଗୁରୁତର ଆହତ ହୋଇଥିବା ତଥ୍ୟରେ ପ୍ରକାଶ ପାଇଛି। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରେ କେବଳ ଦୁଇଚକିଆ ଯାନ ଏବଂ ଚାଲି ଚାଲି ଯାଉଥିବା ଲୋକ ହାର ସମୁଦାୟ ମୃତ୍ୟୁର ୬୪ ଭାଗ ବୋଲି ତଥ୍ୟ କହୁଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ, ପୃଥିବୀରେ ବାର୍ଷିକ ହାରାହାରି ୧୩ ଲକ୍ଷ ଲୋକ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥାଆନ୍ତି। ପରିସଂଖ୍ୟାନରୁ ଜଣାଯାଇଛି, ଅନେକ ରାଷ୍ଟ୍ର ନିଜ ଜାତୀୟ ଆୟର ଶତକଡା ୩ ଭାଗ କ୍ଷତି, ସଡକଜନିତ ଦୁର୍ଘଟଣା ପାଇଁ ବହନ କରିଥାନ୍ତି। ରାସ୍ତାରେ ଚାଲିଚାଲି ଯାଉଥିବା ବ୍ୟକ୍ତି, ସାଇକେଲ ଏବଂ ମୋଟରସାଇକେଲ ଆରୋହୀମାନେ ଦୁର୍ଘଟଣାଜନିତ ଆହତ ଏବଂ ମୃତ୍ୟୁର ସମ୍ମୁଖୀନ ଅଧିକ ମାତ୍ରାରେ ହୋଇଥାନ୍ତି। କମ୍ ସଂଖ୍ୟକ ମୋଟରଯାନ ଥିବା ସତ୍ତ୍ୱେ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ୯୩ ଭାଗ ଦୁର୍ଘଟଣା ଘଟିଥାଏ। ସମୁଦାୟ ୫ରୁ ୨୯ ବର୍ଷ ବୟସ୍କଙ୍କ କ୍ଷେତ୍ରରେ ହେଉଥିବା ମୃତ୍ୟୁର ଏକ ପ୍ରମୁଖ କାରଣ ହେଉଛି ସଡ଼କ ଦୁର୍ଘଟଣା। ଯୁବାବସ୍ଥାରେ ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ସଡକ ଦୁର୍ଘଟଣାର ଶିକାର ହୋଇଥାନ୍ତି, ଯାହାକି ୭୩ ଭାଗ।

ସଡ଼କ ଦୁର୍ଘଟଣାଜନିତ କ୍ଷୟକ୍ଷତି, ବ୍ୟକ୍ତି ଏବଂ ପରିବାର ପାଇଁ ଆର୍ଥିକ ବୋଝ ହେବା ସଙ୍ଗେସଙ୍ଗେ ଦେଶ ପାଇଁ ମଧ୍ୟ ବୋଝ ହୋଇଥାଏ। ଯେଉଁ ବୋଝ କି ଦୁର୍ଘଟଣାଜନିତ ଆଘାତର ଚିକିତ୍ସା, ଭିନ୍ନକ୍ଷମତା ଏବଂ ମୃତ୍ୟୁବରଣ କରୁଥିବା ବ୍ୟକ୍ତିର ଉତ୍ପାଦକଜନିତ କ୍ଷତି ଏବଂ ସେମାନଙ୍କ ଯତ୍ନ ପାଇଁ ପରିବାର ଦେଉଥିବା ସମୟଜନିତ କ୍ଷତି, ସମ୍ପତ୍ତି ନଷ୍ଟ, ଦୁର୍ଘଟଣାଜନିତ ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସଡକ ଦୁର୍ଘଟଣା ଶାରୀରିକ ଆଘାତ ସହିତ ମନରେ ଗଭୀର ଆଘାତ ଦେଇଥାଏ। ବଞ୍ଚି ଯାଇଥିବା ବ୍ୟକ୍ତିମାନେ ଶକ୍, ଚିନ୍ତା, ଉଦାସୀନତା, ଅତ୍ୟଧିକ ଭୟ ଏବଂ ଆଘାତଜନିତ ଚାପ ଦୀର୍ଘଦିନ ଧରି ଅନୁଭବ କରିଥାଆନ୍ତି, ଯାହାକି ସେମାନଙ୍କ ସାଧାରଣ କାର୍ଯ୍ୟକ୍ଷମତା ଏବଂ ଜୀବନକୁ ପ୍ରଭାବିତ କରିଥାଏ। ଏହାଦ୍ୱାରା ବ୍ୟକ୍ତି ସମ୍ପର୍କ ଏବଂ ସମ୍ବନ୍ଧ ଉପରେ ପ୍ରଭାବ ପଡ଼ିଥାଏ। ଏପରିକି ପରିବାର ଏବଂ ସମାଜ ଉପରେ ମଧ୍ୟ ପ୍ରଭାବ ପକାଇଥାଏ।

ଗବେଷଣାରୁ ଜଣାଯାଇଛି ଯେ ଗାଡିର ଗତିକୁ ଯଦି ଘଣ୍ଟା ପ୍ରତି ୧ କିଲୋମିଟର ବୃଦ୍ଧି କରାଯାଏ ତେବେ ୪ ଶତକଡା ଆଘାତ ଏବଂ ୩ ଶତକଡା ଗମ୍ଭୀର କ୍ଷତିର ଆଶଙ୍କାକୁ ବଢ଼ି ଯାଇଥାଏ। ଯଦି ଏହାକୁ ୫୦ରୁ ୬୫ ଘଣ୍ଟା ପ୍ରତି ବଢ଼ାଇ ଦିଆଯାଏ ତେବେ ୪.୫ ଗୁଣ ଚାଲିଚାଲି ଯାଉଥିବା ଲୋକଙ୍କ ଉପରେ ଏବଂ ୮୫ ଶତକଡା କାରକୁ କାର ସହିତ ଦୁର୍ଘଟଣା ହେବାର ସମ୍ଭାବନା ସୃଷ୍ଟି କରିଥାଏ। ନିଶା ସେବନ କରି ଗାଡ଼ି ଚଳାଇବା ଫଳରେ ଗମ୍ଭୀର ଦୁର୍ଘଟଣାର ସମ୍ଭାବନା ବଢ଼ିଥାଏ। ଆଟୋମାଇନ୍ ଏମିତି ଏକ ନିଶା, ଯାହାକି ଅନ୍ୟାନ୍ୟ ନିଶା ତୁଳନାରେ ୫ ଗୁଣ ଅଧିକ ଦୁର୍ଘଟଣାର ସମ୍ଭାବନା ସୃଷ୍ଟି କରେ।

ହେଲ୍‌ମେଟ, ସିଟ୍‌ବେଲ୍ଟ ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ବେଲ୍ଟ ବ୍ୟବହାର ନ କରିବା ଦୁର୍ଘଟଣାର ଏକ ପ୍ରମୁଖ କାରଣ। ହେଲ୍‌ମେଟର ଠିକ୍ ବ୍ୟବହାର ଫଳରେ ୪୨ ଭାଗ ଆଘାତ ଏବଂ ୬୯ ଭାଗ ମୁଣ୍ଡ ଆଘାତକୁ ରକ୍ଷା କରାଯାଇ ପାରିବ। ସିଟ୍‌ବେଲ୍ଟ ବାନ୍ଧିବା ଫଳରେ ଉଭୟ ଚାଳକ ଏବଂ ଆଗ ସିଟ୍‌ରେ ବସିଥିବା ଯାତ୍ରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁକୁ ୪୫ରୁ ୫୦ ଭାଗ ଏବଂ ପଛ ସିଟ୍‌ରେ ବସିଥିବା ଯାତ୍ରୀର ୨୫ ଭାଗ ଆଘାତକୁ କମ୍ କରାଯାଇପାରିବ। ଶିଶୁଙ୍କ ସୁରକ୍ଷା ବେଲ୍ଟ ବାନ୍ଧିବା ଦ୍ୱାରା ୬୦ ଭାଗ ଶିଶୁଙ୍କୁ ମୃତ୍ୟୁରୁ ରୋକାଯାଇ ପାରିବ।

ଅନ୍ୟମନସ୍କ ଭାବରେ ଗାଡ଼ିଚାଳନା ଯେପରି କି ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍‌ର ବ୍ୟବହାର ବର୍ତ୍ତମାନର ସବୁଠାରୁ ବଡ଼ ସମସ୍ୟା। ଗାଡ଼ି ଚଳାଇବା ସମୟରେ ଚାଳକ ଦ୍ୱାରା ମୋବାଇଲ ଫୋନ୍‌ର ବ୍ୟବହାର ଦୁର୍ଘଟଣାର ସମ୍ଭାବନାକୁ ୪ ଗୁଣ ବଢ଼ାଇଥାଏ। ଫୋନ୍‌ର ବ୍ୟବହାର ଦ୍ୱାରା ଟ୍ରାଫିକ୍ ସିଗ୍‌ନାଲକୁ ଧ୍ୟାନ ନ ଦେବା, ଭୁଲ ପାର୍ଶ୍ୱରେ ଗାଡ଼ି ଚଳାଇବା, ଗାଡ଼ିରୁ ଗାଡ଼ି ଦୂରତା ବଜାୟ ନ ରଖିବା ଇତ୍ୟାଦି ଘଟିଥାଏ। ଏହା ଉଭୟ ଇୟରଫୋନ ବ୍ୟବହାର ଏବଂ ବ୍ୟବହାର କରୁ ନ ଥିବା ଚାଳକଙ୍କ କ୍ଷେତ୍ରରେ ଘଟେ।

ଅନ୍ୟ କାରଣଟି ହେଉଛି ଅସୁରକ୍ଷିତ ରାସ୍ତା ଏବଂ ଅସୁରକ୍ଷିତ ଯାନର ବ୍ୟବହାର। ସମସ୍ତ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଠିକ୍ ଭାବରେ ରାସ୍ତା ନିର୍ମାଣ ହେବା ଜରୁରୀ। ଯେପରି କି ରାସ୍ତାରେ ଚାଲୁଥିବା ବ୍ୟକ୍ତି, ସାଇକେଲ ଏବଂ ମୋଟରସାଇକେଲ ଚାଳକଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା, ଉପଯୁକ୍ତ ଟ୍ରାଫିକ୍ ସିଗ୍‌ନାଲ ଇତ୍ୟାଦିର ବ୍ୟବସ୍ଥା। ସୁରକ୍ଷିତ ଯାନର ବ୍ୟବହାର ଫଳରେ ଅନେକ ଦୁର୍ଘଟଣାକୁ କମ୍ କରାଯାଇ ପାରିବ। ଯେପରି କି ସୁରକ୍ଷିତ ଯାନର ଉତ୍ପାଦନ, ଉପଯୁକ୍ତ ଷ୍ଟିଅରିଙ୍ଗ୍ କଣ୍ଟ୍ରୋଲ, ଏଆର୍ ବ୍ୟାଗ ଇତ୍ୟାଦି ସମସ୍ତ ଯାନରେ ବାଧ୍ୟତାମୂଳକ ଏବଂ ସିଟ୍‌ବେଲ୍ଟ ବ୍ୟବହାରକୁ ନିଶ୍ଚିତ କରିବା ଜରୁରୀ। ଆଉ ଏକ କାରଣ ହେଉଛି ସଡ଼କ ଦୁର୍ଘଟଣା ସମ୍ପର୍କିତ ନୀତି ନିୟମ। ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲ୍‌ମେଟ ବ୍ୟବହାର ନ କରିବା, ସିଟ୍‌ବେଲ୍ଟ ବ୍ୟବହାର ନ କରିବା, ଦ୍ରୁତ ଗତିରେ ଗାଡ଼ି ଚାଳନା, ଟ୍ରାଫିକ୍ ନିୟମ ନ ମାନିବା, ଶିଶୁଙ୍କ ପାଇଁ ସୁରକ୍ଷିତ ବେଲ୍ଟ ବାନ୍ଧିବା ଏବଂ ଓଭର ଲୋଡିଙ୍ଗ୍ ପାଇଁ ଥିବା ନିୟମକୁ କଡ଼ାକଡ଼ି କରିବା ଜରୁରୀ। ଅନ୍ୟ ମୁଖ୍ୟ ଦିଗଟି ହେଉଛି ଦୁର୍ଘଟଣା ପରବର୍ତ୍ତୀ ଦାୟିତ୍ୱ। ଆଘାତ ପାଇଥିବା ବ୍ୟକ୍ତିର ଚିହ୍ନଟ ଏବଂ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇବା, ଡାକ୍ତରଖାନାରେ ପହଞ୍ଚିବା ପୂର୍ବବର୍ତ୍ତୀ ଯତ୍ନ ଇତ୍ୟାଦି ଦୁର୍ଘଟଣାଜନିତ କ୍ଷୟକ୍ଷତି କମ୍ ବେଶି କରିଥାଏ।

ଉପରୋକ୍ତ ତଥ୍ୟ ହେଉଛି ସରକାରୀ ତଥ୍ୟ। କିନ୍ତୁ ପ୍ରକୃତରେ କେତେ ଯେ ଧନଜୀବନ ନିମିଷକେ ନଷ୍ଟ ହେଉଥିବ ଏଥିରୁ ଅନୁମେୟ। ଅନେକ ସମୟରେ ସରକାର ଅଳ୍ପ କିଛି ଅନୁକମ୍ପା ରାଶି ଦେଇ ବାଃ ବାଃ ନିଅନ୍ତି। ପ୍ରକୃତ ଦୁଃଖ ପରିବାର ଏବଂ ସମ୍ବନ୍ଧୀୟ ଭୋଗ କରିଥାନ୍ତି। ପରିବହନ ମନ୍ତ୍ରଣାଳୟ ଅନୁସାରେ ଖରାପ ରାସ୍ତା ଏବଂ ଟ୍ରାଫିକ୍ ବ୍ୟବସ୍ଥାଜନିତ ଦୁର୍ଘଟଣା ଏକ ପ୍ରମୁଖ କାରଣ ନୁହେଁ। ସକରାରଙ୍କ ଅନୁସାରେ ଅତ୍ୟଧିକ ବେଗରେ ଗାଡି ଚାଳନା ଏକ ପ୍ରମୁଖ କାରଣ, ଯାହାକି ସମସ୍ତ ଦୁର୍ଘଟଣାର ୭୨.୩ ଭାଗ। ତେଣୁ ସରକାର ସୁରକ୍ଷିତ ରାସ୍ତା ଏବଂ ଉପଯୁକ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା ଦରକାର। କେବଳ ସଡକ ସୁରକ୍ଷା କାର୍ଯ୍ୟକ୍ରମକୁ ପଦଯାତ୍ରାରେ ସୀମିତ ନ ରଖି ଏଥିପ୍ରତି ବିଚାର କରିବା ନିହାତି ଜରୁରୀ।

**ସଗଡ଼ା, ବୌଦ୍ଧ**
**ମୋ: ୮୩୨୮୮୪୮୧୪୫**

## ଏଇ ଭାରତରେ

ଅସହାୟ, ଗୃହହୀନ ଓ ଅନାଥଙ୍କ ସାହାରା ପାଲଟିଛନ୍ତି ବେଙ୍ଗାଲୁରୁର ଟ୍ରାନ୍ସଜେଣ୍ଡର ନକ୍ଷତ୍ର। ସେ ଏବେ ୧୫୦ ଜଣଙ୍କୁ ଆଶ୍ରୟ ଦେଇଛନ୍ତି। ନକ୍ଷତ୍ର ଯେତେବେଳେ ଜଣେ ଟ୍ରାନ୍ସଜେଣ୍ଡର ବୋଲି ଚିହ୍ନଟ ହେଲେ ସେତେବେଳେ ତାଙ୍କ ପରିବାର ତାଙ୍କୁ ଘରୁ ବାହାରିଯିବାକୁ ବାଧ୍ୟ କରିଥିଲେ। ଏଭଳି ଅବସ୍ଥାରେ ସେ ଘରୁ ବାହାରି ଆସି ରାସ୍ତାରେ ମାସ ମାସ ଧରି ଜୀବନ ବିତାଇଛନ୍ତି। ସେହି ଅନୁଭବ ତାଙ୍କୁ ଅସହାୟଙ୍କୁ ଆଶ୍ରୟ ଦେବା ଲାଗି ପ୍ରେରିତ କରିଛି। ସେଥିପାଇଁ ନକ୍ଷତ୍ର ଏବେ ରାସ୍ତାରେ ଥିବା ଅସହାୟ, ଦିବ୍ୟାଙ୍ଗ, ଗୃହହୀନ ତଥା ଅନାଥ ପିଲାଙ୍କ ଆଶାବାଡ଼ି ପାଲଟିଛନ୍ତି। ସେ 'ନମନେ ସୁମନେ' ଏନ୍‌ଜିଓ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ପରିଚାଳନା କରୁଛନ୍ତି। ଏବେ ପ୍ରାୟ ୧୦୦ ସ୍ୱେଚ୍ଛାସେବୀ ନକ୍ଷତ୍ରଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି। ଏମାନଙ୍କ ସହାୟତାରେ ଆଶ୍ରୟସ୍ଥଳୀରେ ଥିବା ଅନ୍ତେବାସୀଙ୍କୁ ଖାଦ୍ୟ, ବସ୍ତ୍ର ତଥା ଆବଶ୍ୟକ ଚିକିତ୍ସା ଯୋଗାଉଛନ୍ତି। ଘରୁ ବାହାରି ଆସିବା ପରେ ନକ୍ଷତ୍ର ନିଜସ୍ୱ ଉଦ୍ୟମରେ ପଢ଼ି ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ଶିକ୍ଷାଗତ ଯୋଗ୍ୟତା ଯୋଗୁ ସେ ଏହି ସେବାକୁ ସୁଚାରୁରୂପେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ସମ୍ପୂର୍ଣ୍ଣ କାର୍ଯ୍ୟ ଲୋକମାନଙ୍କ ଅନୁଦାନରେ ହିଁ ଚାଲୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ଜାନୁଆରୀ ୧୯୭୫

- ଉଚ୍ଚଶକ୍ତିସମ୍ପନ୍ନ ବିସ୍ଫୋରଣ ବ୍ୟବହାର ଦ୍ୱାରା ସାଧାରଣ ଗ୍ରାଫାଇଟକୁ ହୀରାରେ ପରିଣତ କରାଯାଇପାରିବାର ଏକ କୌଶଳ ସମ୍ପ୍ରତି କାନପୁରର ପ୍ରତିରକ୍ଷା ବିଜ୍ଞାନୀମାନଙ୍କ ଦ୍ୱାରା ଉଦ୍ଭାବିତ।
- ଇଷ୍ଟର୍ଣ୍ଣ କମାଣ୍ଡର ମୁଖ୍ୟ ଲୋକସମ୍ପର୍କ ଅଫିସର କର୍ଣ୍ଣେଲ ବି.ପି. ରିକ୍ଷେଙ୍କ ୫୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପାକଲା ଧାନ ସୁଗନ୍ଧେ ଆଜି
ପୂରିଛି ବ୍ୟୋମ ପୂରିଛି ଧରା
ମୂକ ଧିଆନେ ତବଧ ସବୁ
ଭୁବନ ଆଜି ନିଜ ପାସୋରା।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଶାମରା ଅଭିଯାନ ଆରମ୍ଭ ହେଉ

ମହାଶୟ,

କୁହାଯାଏ ମଶା ମହାବଳ ବାଘଠାରୁ ଅଧିକ ବିପଜ୍ଜନକ। ଗାଁରୁ ସହର ସବୁଠି ଲୋକେ ମଶା କାମୁଡ଼ାରେ ଆକ୍ରାନ୍ତ। ଲୋକେ ମଶା କାମୁଡ଼ାଜନିତ ଅନେକ ରୋଗର ଶିକାର ହେଉଛନ୍ତି। ମହାନଗର ନିଗମ କିମ୍ବା ପୌରପାଳିକା ଅନେକ ପ୍ରକାର ବିଶୋଧନ ଟିଫା ଜରିଆରେ ଧୂଆଁ ପ୍ରୟୋଗ କରୁଛନ୍ତି। ମାତ୍ର ମଫସଲବାସୀଙ୍କ ନିମନ୍ତେ ମଶା ତଡ଼ିବା, ନିପାତ କରିବାର ସାଧନ ନାହିଁ। କହିବାର କଥା ହେଲା ଯେ ଗାଁମାନଙ୍କରେ ଜଳାଶୟ ଆଦିରେ ମଶାବଂଶ ବୃଦ୍ଧି ପାଉଛି। ଏକ 'ମଶାମରା ଅଭିଯାନ ସପ୍ତାହ' ଘୋଷଣା କରି ଓଡ଼ିଶାର ସମସ୍ତ ଅଞ୍ଚଳରେ ମଶାମରା ଅଭିଯାନ ଆରମ୍ଭ କରିବା ଦରକାର। ତା' ନ ହେଲେ ମଶାଙ୍କ ଯୋଗୁ ବ୍ୟକ୍ତିମାନେ ବିପଦରେ ପଡ଼ିବା ନିଶ୍ଚିତ।

**-ଶ୍ରୀରାମ ଚନ୍ଦ୍ର ଦାସ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଚଣ୍ଡୀପାଠ, ହୋମଯଜ୍ଞରେ ପ୍ରକମ୍ପିତ ସମଲେଇ ପୀଠ



ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ହୋମ, ଯଜ୍ଞ ଓ ଚଣ୍ଡୀପାଠ।



ସମଲେଶ୍ୱରୀଙ୍କ ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼।

- ୨ୟ ଦିନରେ ଭକ୍ତଙ୍କ ଭିଡ଼
- ସନ୍ଧ୍ୟାରେ ମହାନଦୀ ଆଳତି
- କଳାକାର ପ୍ରସ୍ତୁତ କଲେ ଓଡ଼ିଶୀ ନୃତ୍ୟାଭିନୟ

**ସମ୍ବଲପୁର, ୨୮।୧ (ପ୍ରମୋଦ ବହିଦାର)**

ସମ୍ବଲପୁରର ଆରାଧ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ରୂପାନ୍ତରିତ ପ୍ରକଳ୍ପ ଶନିବାର ଲୋକାର୍ପିତ ହେବା ପରେ ରବିବାର ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଣ୍ଡୀପାଠ ଓ ବେଦ ଧ୍ୱନୀରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଉଠୁଛି। ମନ୍ଦିର ପରିସରରେ ରହିଥିବା ୫ଟି ଯଜ୍ଞ ମଣ୍ଡପରେ ଜାରି ରହିଛି ଚଣ୍ଡୀପାଠ ଓ ହୋମଯଜ୍ଞ। ଏହାକୁ ସମ୍ପାଦନ କରୁଛନ୍ତି ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଆସିଥିବା ୩୦ପଣ୍ଡିତ। ତେବେ ମା'ଙ୍କ ପୀଠର ପ୍ରଥମ ତୋରଣ ସଂଲଗ୍ନ ଯଜ୍ଞ ମଣ୍ଡପରେ ସମ୍ବଲପୁର ଶ୍ରୀଶ୍ରୀ ବ୍ରହ୍ମ ମଣ୍ଡପ ପଣ୍ଡିତ ମହାସଭାର ପଣ୍ଡିତଙ୍କ ଦ୍ୱାରା ଚଣ୍ଡୀପାଠ ଓ ହୋମ ସମ୍ପାଦିତ ହୋଇଥିଲା। ଶଙ୍ଖ, ଘଣ୍ଟ, ହୁଳହୁଳି ମଧ୍ୟରେ ପଣ୍ଡିତଙ୍କ ଚଣ୍ଡୀପାଠର ଆଧ୍ୟାତ୍ମିକ ଗୁଞ୍ଜରଣରେ ଗୁଞ୍ଜରିତ ହୋଇଉଠିଥିଲା ସମଗ୍ର ମନ୍ଦିର ପରିସର। ଫଳରେ ଏଠାରେ ସୃଷ୍ଟି ହୋଇଥିବା ଧାର୍ମିକ ବାତାବରଣ ଆକର୍ଷିତ କରିଥିଲା ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ।

ମା'ଙ୍କ ରୂପାନ୍ତରିତ ପୀଠର ଲୋକାର୍ପଣ ପାଇଁ ଶନିବାର ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ୫ ଘଣ୍ଟାଧରି ଭକ୍ତଙ୍କୁ ମା'ଙ୍କ ଦର୍ଶନ ବାରଣ କରାଯାଇଥିଲା। ମାତ୍ର ରବିବାର କୌଣସି କଟକଣା ନ ଥିବାରୁ ପୀଠର ରୂପାନ୍ତରିତ ରୂପ ପରିଦର୍ଶନ ପାଇଁ ଏଠାରେ ସମ୍ବଲପୁର ସହିତ ବାହାର ଜିଲା ଓ ପଡ଼ୋଶୀ ରାଜ୍ୟରୁ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ମା'ଙ୍କ ମନ୍ଦିର ରୂପାନ୍ତରଣକୁ ଦେଖି ଭକ୍ତମାନେ ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେହିପରି ରୂପାନ୍ତରିତ ପ୍ରକଳ୍ପ ବୁଲି ଦେଖିବା ସହ ଭକ୍ତମାନେ ମା' ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଛନ୍ତି।

ସନ୍ଧ୍ୟାରେ ମହାନଦୀ ଘାଟରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାନଦୀ ଆଳତି। ମହାନଦୀ ଆଳତି ସ୍ୱରୂପ ପ୍ରକୃତି ପୂଜାରେ ସହସ୍ରାଧିକ ଭକ୍ତ ସାମିଲ ହୋଇ ଏହାର ଦିବ୍ୟତା ଓ ଆଧ୍ୟାତ୍ମିକତାକୁ ଅନୁଭବ କରିଥିବା ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଭୁବନେଶ୍ୱର ଉତ୍ର ନୃତ୍ୟ ଗ୍ରୁପ୍‌ର ନିର୍ଦ୍ଦେଶିକା ଶ୍ୱେତା ପାଢ଼ୀଙ୍କ ନେତୃତ୍ୱରେ ୯ ଜଣିଆ ମହିଳା କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଶେଫାଳୀ ପଟ୍ଟନାୟକ, ରାଜଶ୍ରୀ ପଣ୍ଡା, ଶ୍ରୀତିକା ପତି, ଲକ୍ଷ୍ମୀପ୍ରିୟା ପ୍ରଧାନ, ସ୍ନେହଲତା ନାହାକ, ମଧୁସ୍ମିତା ପାଢ଼ୀ, ଚିନ୍ମୟୀ ଭୋଇ, ଲୋନୀ ଘଡ଼େଇ ଓ ଶୁଭଲକ୍ଷ୍ମୀ ରାଉତଙ୍କ ନାରୀ ଓ ତ୍ରାହିଦୁର୍ଗା ଶୀର୍ଷକ ଦୁଇଟି ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟାଭିନୟ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା।

## ଜିଆର୍‌ଏସ୍‌ଙ୍କ ସନ୍ଦେହଜନକ ମୃତ୍ୟୁ



**କୋରାପୁଟ/ନାରାୟଣପାଟଣା, ୨୮।୧ (ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ କଲୋନିର ଏକ କ୍ୱାର୍ଟରରୁ ଜଣେ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ମୃତଦେହ ମିଳିଛି। ସେ ହେଲେ କିରଣ ଚୌଧୁରୀ(୩୨)। ସେ ନାରାୟଣପାଟଣା ବ୍ଲକର କୁମ୍ଭାରୀ ପଞ୍ଚାୟତର ଜିଆର୍‌ଏସ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ନାରାୟଣପାଟଣା ବ୍ଲକର ବୋରିଗି ଗ୍ରାମରେ। ତେବେ କିରଣ ନାରାୟଣପାଟଣା ବ୍ଲକ କଲୋନିରେ ଏକା ରହୁଥିଲେ। ସବୁଦିନ ପରି ଶନିବାର ରାତିରେ ସେ ଖାଇସାରି ଶୋଇଥିଲେ। ମାତ୍ର ରବିବାର ସକାଳୁ ତାଙ୍କର ଜଣେ ସମ୍ପର୍କୀୟ ତାଙ୍କୁ ଡାକିବାକୁ ଆସି ଘର କବାଟ ଖୋଲାଥିବା ଦେଖିବାକୁ ପାଇଥିଲେ। ପରେ ଘର ଭିତରକୁ ଯାଇ ସେଠାରେ କିରଣଙ୍କୁ ଶୋଇଥିବା ଦେଖିଥିଲେ। ବାରମ୍ବାର ତାଙ୍କୁ ଡାକିବା ସତ୍ତ୍ୱେ ସେ ନ ଉଠିବାରୁ ଏନେଇ ସ୍ଥାନୀୟ ଥାନାକୁ ଖବର ଦେଇଥିଲେ। ନାରାୟଣପାଟଣା ପୋଲିସ ପହଞ୍ଚି ଯାଞ୍ଚ କରିବା ସହ କିରଣଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲା। କିରଣଙ୍କ ପରିବାର ଲୋକେ ରାୟଗଡ଼ାରେ ରହୁଛନ୍ତି।

## କଟକ ଷ୍ଟେଶନ ନବୀକରଣ କାର୍ଯ୍ୟ ସମୀକ୍ଷା କଲେ ରେଳମନ୍ତ୍ରୀ



କଟକ ରେଳଷ୍ଟେଶନରେ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନବୀକରଣ କାର୍ଯ୍ୟ ତଦାରଖ କରୁଛନ୍ତି।

**କଟକ, ୨୮।୧ (ଶିଳ୍ପା ପ୍ରିୟଦର୍ଶିନୀ)**

ବିଶ୍ୱସ୍ତରୀୟ ରେଳଷ୍ଟେଶନର ମାନ୍ୟତା ପାଇବାକୁ ଯାଉଛି କଟକ ରେଳଷ୍ଟେଶନ। ଏଥିପାଇଁ ରେଳଷ୍ଟେଶନର ନବୀକରଣ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ସକାଳେ ଓଏମ୍‌ପି ପାର୍ଶ୍ୱରେ ଥିବା ରେଳଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏଥିସହ ବିଭାଗୀୟ ଅଧିକାରୀଙ୍କ ସହିତ ଉକ୍ତ କାର୍ଯ୍ୟ ବିଷୟରେ ଆଲୋଚନା କରିଛନ୍ତି।

ବିମାନବନ୍ଦର ଢାଞ୍ଚାରେ ଏହି ରେଳଷ୍ଟେଶନର ନିର୍ମାଣ କାର୍ଯ୍ୟ ଚାଲିଛି। ଏଠାରେ ଯାତ୍ରୀମାନଙ୍କୁ ଅତ୍ୟାଧୁନିକ ସେବା ଯୋଗାଇ ଦିଆଯିବ। ଜାତୀୟ ରାଜପଥ ସହ ଷ୍ଟେଶନକୁ ଯୋଡ଼ିବା, ଯାତ୍ରୀଙ୍କ ପାଇଁ ସହଜ ଗମନାଗମନ ସହ ପାର୍କିଂ ବ୍ୟବସ୍ଥା, ମାଲଗୋଦାମ ଅଞ୍ଚଳରୁ ଟ୍ରକ୍‌ଗୁଡ଼ିକ ସହଜରେ ଜାତୀୟ ରାଜପଥକୁ ଯିବା ପାଇଁ ବ୍ୟବସ୍ଥା କରାଯାଉଛି। ଏହାସହ କଟକର ମୁଖ୍ୟ ପ୍ରବେଶ ପଥର କାର୍ଯ୍ୟ ମଧ୍ୟ ଜାରି ରହିଛି। ଏହି ଅବସରରେ ରେଳମନ୍ତ୍ରୀ କହିଛନ୍ତି, ଯାତ୍ରୀଙ୍କୁ ସୁବିଧା ଯୋଗାଇଦେବା ଆମର ଲକ୍ଷ୍ୟ। ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରେଳ ବିଭାଗର ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ଏଚ୍.ଏସ୍ ବାଜୱା, ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରା, ଭାଜପା ନେତା ନୟନ ମହାନ୍ତି, ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ପରେ କଟକ ସଦର ଅଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେବାକୁ ଯାଇଥିଲେ। ଏହା ପୂର୍ବରୁ ଓଏମ୍‌ପି ଛକଠାରେ ଥିବା ଏକ ଦୋକାନରେ ମନ୍ତ୍ରୀ ପହଞ୍ଚି ବ୍ୟବସାୟୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କର

## ଆଜିଠୁ ଭାଜପା କୃଷକମୋର୍ଚ୍ଚାର ରାଜ୍ୟବ୍ୟାପୀ ଆନ୍ଦୋଳନ

**ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)**

ଓଡ଼ିଶାରେ ଧାନ କିଣା କାରବାରରେ ବ୍ୟାପକ ଦୁର୍ନୀତି ଓ ହେରଫେର ଏବଂ ଧାନମଣ୍ଡିର ବିକାଶ ପାଇଁ କେନ୍ଦ୍ର ସରକାର ଦେଉଥିବା ଅର୍ଥର ବାଟମାରଣା ପ୍ରତିବାଦରେ ଭାଜପା କୃଷକମୋର୍ଚ୍ଚା ସୋମବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ୫୮ଟି ସବ୍‌ଡିଭିଜନ ମୁଖ୍ୟାଳୟରେ ଆନ୍ଦୋଳନ କରିବ। ଏହି ଦୁର୍ନୀତିର ସିବିଆଇ ତଦନ୍ତ ଦାବିକରି ଉପଜିଲାପାଳଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭାଜପା କୃଷକମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଚଳିତ ଖରିଫ ଧାନକିଣା କାରବାରରେ ମିଲର, ପ୍ରଶାସନିକ ଅଧିକାରୀ ଓ ସରକାରୀ ଦଳର ସ୍ଥାନୀୟଠାରୁ ଆରମ୍ଭ କରି ଶୀର୍ଷ ନେତୃବୃନ୍ଦଙ୍କ ମଧୁଚନ୍ଦ୍ରିକାରେ ବ୍ୟାପକ ଦୁର୍ନୀତି କରାଯାଇଛି। ପ୍ରତ୍ୟେକ ଧାନମଣ୍ଡିରେ କୁଇଣ୍ଟାଲ ପ୍ରତି ଧାନ ୫ରୁ ୧୦କିଲୋ କଟନି ଛଟନି କରାଯାଉଛି। ଚାଷୀମାନେ ଯେତେ ପ୍ରତିବାଦ କଲେ ମଧ୍ୟ ରାଜ୍ୟ ସରକାରଙ୍କୁ କିଛି ଫରକ ପଡୁ ନାହିଁ। ସାରା ରାଜ୍ୟରେ ଚାଷୀକୁ ବସ୍ତା ଦିଆଯାଉନାହିଁ। ଧାନମଣ୍ଡିଗୁଡିକରେ ଚାଷୀମାନଙ୍କଠାରୁ ଧାନ ଅନ୍‌ଲୋଡିଂ ଏବଂ ଓଜନ ବାବଦରେ କୁଇଣ୍ଟାଲ ପ୍ରତି ୫ ରୁ ୧୦ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଏହିସବୁ ବ୍ୟାପକ ଦୁର୍ନୀତି ଓ ହେରଫେରର ତୁରନ୍ତ ସିବିଆଇ ତଦନ୍ତ କରାଯିବା ପାଇଁ ସାହୁ ଦାବି କରିଛନ୍ତି।

## ପାସେଞ୍ଜର ଟ୍ରେନରୁ ଦ୍ରୁତଗାମୀ ଭଡ଼ା ଅସୁଲ

- ରାଷ୍ଟ୍ରପତିଙ୍କୁ କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ପତ୍ର
- ୪ରେ ରେଳରୋକୋ ଡାକରା

**ଯାଜପୁର, ୨୮।୧ (ହର୍ଷବର୍ଦ୍ଧନ ବେହେରା)**

କରୋନା ଲକ୍‌ଡାଉନ୍ ସମୟରେ ଅର୍ଥାତ୍ ୨୦୨୧ ଏପ୍ରିଲରୁ ଓଡ଼ିଶାର ସମସ୍ତ ଯାତ୍ରୀବାହୀ ଓ ମେମୁ ପାସେଞ୍ଜର ଟ୍ରେନକୁ ସ୍ପେଶାଲ/ଦ୍ରୁତଗାମୀ କରାଯାଇଛି। ଆଜିପର୍ଯ୍ୟନ୍ତ ଯାତ୍ରୀଙ୍କଠାରୁ ଦ୍ରୁତଗାମୀ ଭଡ଼ା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। କଳିଙ୍ଗନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୬।୧।୨୦୨୪ରେ ପଠାଯାଇଥିବା ସ୍ମାରକପତ୍ର ଅନୁସାରେ ରେଲୱେ ଓଡ଼ିଶାର ଯାତ୍ରୀଙ୍କୁ ଶୋଷଣ କରୁଛି। ୨୩।୩।୨୦୨୧ରେ ଓଡ଼ିଶାର ସମସ୍ତ ଯାତ୍ରୀବାହୀ/ମେମୁ ପାସେଞ୍ଜର ଟ୍ରେନକୁ ଦ୍ରୁତଗାମୀ ଘୋଷଣା କରାଯାଇଥିଲା। ଅଦ୍ୟାବଧି ଉପରୋକ୍ତ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଇନାହିଁ। ଗୋଟିଏ ଷ୍ଟପେଜ୍‌ରୁ ନିକଟବର୍ତ୍ତୀ ଷ୍ଟପେଜ୍‌କୁ ଯିବା ପାଇଁ ସର୍ବନିମ୍ନ ଭଡ଼ା ଦ୍ରୁତଗାମୀ ଭାବେ ୩୦ଟଙ୍କା ଅସୁଲ କରାଯାଉଛି। ଏହାକୁ ଔରଙ୍ଗଜେବଙ୍କ ଜିଜିଆ କର ବୋଲି ସଂଘ ଅଭିହିତ କରିଛି। ତେଣୁ ତୁରନ୍ତ ଏଭଳି ଶୋଷଣରୁ ମୁକ୍ତ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

ଅନ୍ୟପକ୍ଷରେ ଯାଜପୁର ରୋଡ୍ ରେଳଷ୍ଟେଶନର ଦକ୍ଷିଣ ରେଲୱେ ଫାଟକ ନିକଟରେ ଏକ ରେଳ ଓଭର ବ୍ରିଜ(ଆର୍‌ଓବି) କିମ୍ବା ଏହାର ବିକଳ୍ପ ଭାବେ ରେଳ ଅଣ୍ଡର ବ୍ରିଜ(ଆରୟୁବି) ନିର୍ମାଣ କରିବାକୁ ରେଲୱେ ବୋର୍ଡ ପକ୍ଷରୁ ୮୧.୭୮ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ଜମି ଅଧିଗ୍ରହଣ ହୋଇ ପାରି ନ ଥିବାରୁ ଓଭରବ୍ରିଜ ପ୍ରକଳ୍ପ ଅଟକି ରହିଛି। ଅନ୍ୟପକ୍ଷେ ଆରୟୁବି ନିର୍ମାଣ ହେବ ବୋଲି ବିଭାଗ ପକ୍ଷରୁ ଶୁଣିବାକୁ ମିଳୁଥିଲେ ହେଁ ତାହାର ଆରମ୍ଭ ହେବା ନେଇ ସମୟ ଗଡ଼ିଚାଲିଛି। ସେହିପରି ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳ ପ୍ରକଳ୍ପ ପାଇଁ ୧୧।୯।୨୦୨୩ରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ରେଳପଥର ଫାଇନାଲ ଲୋକେଶନ ସର୍ଭେ (ଏଫଏଲ୍‌ଏସ୍) ପାଇଁ ମଞ୍ଜୁରୀ ମିଳିଛି। ଏଥିପାଇଁ ୨୬।୧୦।୨୦୨୩ରେ ଏସ୍.ଏମ୍. କନ୍‌ସଲଟାଣ୍ଟ ପ୍ରାଇଭେଟ ଲିଃ ଠିକାସଂସ୍ଥାକୁ କାର୍ଯ୍ୟାଦେଶ ମିଳିଛି। ହେଲେ ଏଯାଏ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ଯାଜପୁରରୋଡ୍-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ରବିବାର ଯାଜପୁର ରୋଡ୍‌ରେ ସଂଗ୍ରାମ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ଫେବୃଆରୀ ୪ରେ ଯାଜପୁର ରୋଡ୍, ଧାମରା ଓ ଭଦ୍ରକରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ପାରିବାରିକ କଳହରୁ ଜୀବନ ହାରିଲେ ମହିଳା

### ଝିଅଙ୍କୁ ପିଆଇଲେ କୀଟନାଶକ

**ଚାନ୍ଦବାଲି, ୨୮।୧ (କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଉତୁକୁଡ଼ା ପଞ୍ଚାୟତର ମୃଗନୟିନୀ ଗାଁରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଝଗଡ଼ାକୁ ନେଇ ଜଣେ ମହିଳା ବିଷ ପିଇବା ସହ ୮ ବର୍ଷର ଝିଅଙ୍କୁ ମଧ୍ୟ ପିଆଇ ଦେଇଛନ୍ତି। ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ମୃତ ମହିଳା ହେଲେ ଉକ୍ତ ଗାଁର କବିତା ନାୟକ। ସୂଚନା ଅନୁଯାୟୀ, କବିତା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ କବିତା ଘରେ ଥିବା କୀଟନାଶକ ପିଇବା ସହ ଝିଅଙ୍କୁ ମଧ୍ୟ ପିଆଇ ଦେଇଥିଲେ। ଏ କଥା ଜାଣିବା ପରେ ପରିବାର ଲୋକେ ସେମାନଙ୍କୁ ତୁରନ୍ତ ଚାନ୍ଦବାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବିବାର ସକାଳେ ଡାକ୍ତର କବିତାଙ୍କୁ ମୃତ ଘୋଷଣା କରିଥିଲେ। ଚାନ୍ଦବାଲି ପୋଲିସ ଘଟଣାର ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ଆଜି ଓଡ଼ିଶା ଆସୁଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ

**ଭୁବନେଶ୍ୱର, ୨୮।୧ (ଅସମାପିକା ସାହୁ)**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଦିନିକିଆ ଓଡ଼ିଶା ଆସୁଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ ତା'ର ରଣନୀତି ସ୍ୱରୂପ ଭୁବନେଶ୍ୱରରେ 'ଓଡ଼ିଶା ବଞ୍ଚାଅ' ସମାବେଶ କରୁଛି। ଏଆଇସିସି ଅଧ୍ୟକ୍ଷ ଏଥିରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସମ୍ବୋଧିତ କରିବେ। ମିଳିଥିବା ସୂଚନାନୁସାରେ, ଖାର୍ଗେ ଅପରାହ୍ନ ୧୨ଟା ୪୫ରେ ଭୁବନେଶ୍ୱରରେ ପହଞ୍ଚିବେ। ଅପରାହ୍ନ ସାଢ଼େ ୧ଟା ଭିତରେ ସେ ସମାବେଶରେ ଯୋଗଦେବେ। ଅପରାହ୍ନ ୩ଟାରେ କଂଗ୍ରେସ କାର୍ଯ୍ୟାଳୟରେ ଦଳର ବରିଷ୍ଠ ନେତାଙ୍କ ସହ ଆଲୋଚନା କରି ୫ଟା ବେଳକୁ ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଭୁବନେଶ୍ୱରର ଲୋୟର ପିଏମଜିଠାରେ ଓଡ଼ିଶା ବଞ୍ଚାଅ ସମାବେଶ ଆୟୋଜନ କରାଯାଇଛି। ଏଥିରେ କଂଗ୍ରେସ କର୍ମୀ ଓ ନେତାଙ୍କ ସହ ବହୁ ସଂଖ୍ୟାରେ କଂଗ୍ରେସ ସମର୍ଥକ ଯୋଗଦେବେ। ଏଆଇସିସି ଅଧ୍ୟକ୍ଷ ହେବା ପରେ ଖାର୍ଗେଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ନୀଳମଣି ସାମଲଙ୍କ ଶେଷକୃତ୍ୟ

**ବାଲିଚନ୍ଦ୍ରପୁର, ୨୮।୧ (ଗିରିଜା ପ୍ରସାଦ ସାହୁ)**

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରବିବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡିଆସ୍ଥିତ ତାଙ୍କ ନିଜ ଗ୍ରାମ ଶ୍ମଶାନରେ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଶ୍ମଶାନ ପଡ଼ିଆରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଯାଜପୁର ଏସ୍‌ପି ବିନୀତ ଅଗ୍ରୱାଲ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଓ ବରୀ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳେ ମରଶରୀର କଟକସ୍ଥିତ ସ୍ୱରାଜ ଆଶ୍ରମରୁ ବାଲିପଡ଼ିଆକୁ ଅଣାଯାଇଥିଲା। ଯାଜପୁର ଜିଲାର ଶେଷ ସଂଗ୍ରାମୀ ଭାବେ ପରିଚିତ ନୀଳମଣିଙ୍କ ମରଶରୀର ଛତିଆ ଓ ଚଣ୍ଡିଖୋଲଠାରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଚାରିନେଙ୍ଗଳ ଛକଠାରେ କଂଗ୍ରେସ ନେତା ଅଜୟ ସାମଲ ଓ କର୍ମୀମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ମରଶରୀରକୁ ସଂଗ୍ରାମୀ ପୀଠ ଠକର ବାପା ଆଶ୍ରମ ପରିସରକୁ ନିଆଯାଇ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ମରଶରୀର ବାଲିପଡ଼ିଆ ଶ୍ମଶାନରେ ପହଞ୍ଚିବା ପରେ ସେଠାରେ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ମାନସ କୁମାର ତ୍ରିପାଠୀ, ଖବରଦାତା ମହେଶ୍ୱର ବଳ ପ୍ରମୁଖ ଉପସ୍ଥିତ ଥିଲେ। ନୀଳମଣିଙ୍କ ଦୁଇ ପୁତ୍ର ଅଲେଖ ଚନ୍ଦ୍ର ସାମଲ ଓ ଚନ୍ଦ୍ରକାନ୍ତ ସାମଲ ମୁଖାଗ୍ନି ଦେଇଥିଲେ।

ଶନିବାର ଅପରାହ୍ନ ୪ଟାରେ ନୀଳମଣିଙ୍କ ୧୦୧ ବର୍ଷ ବୟସରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥିଲା।

## ଟ୍ରକ୍ ତଳେ ଚାପିହୋଇ ଡ୍ରାଇଭର ମୃତ



ଦ୍ୱାରଶୁଣୀ ଘାଟି ରାସ୍ତାରେ ପିଆଜ ବୋଝେଇ ଟ୍ରକ୍ ଓଲଟି ପଡ଼ିଛି।

- ପୁଣି ଦ୍ୱାରଶୁଣୀ ଘାଟିରେ ଦୁର୍ଘଟଣା
- ପିଆଜ ବସ୍ତା ବୋହିନେଲେ ଲୋକେ

**ବାଙ୍ଗିରିପୋଷି, ୨୮।୧ (ସଞ୍ଜୟ କୁମାର ଅଗ୍ରୱାଲ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ୪ ଦିନ ତଳେ ଏକ ଯାତ୍ରାପାର୍ଟି ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ୬ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣା ମନରୁ ନ ଲିଭୁଣୁ ରବିବାର ପୂର୍ବାହ୍ନରେ ସେହି ସ୍ଥାନରେ ପୁଣି ଏକ ଦୁର୍ଘଟଣା ଘଟିଛି। ଏକ ପିଆଜ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିବା ବେଳେ ଗାଡ଼ି ତଳେ ଚାପିହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ନାସିକ୍‌ରୁ କୋଲକାତା ଅଭିମୁଖେ ଯାଉଥିବା ଏକ ପିଆଜ ବୋଝେଇ ଟ୍ରକ୍(ଡବ୍ଲୁବି୨୫ଜେ-୪୭୨୦) ଘାଟି ତଳକୁ ଓହ୍ଲାଉଥିବା ସମୟରେ ପାହାଡ଼ରେ ଧକ୍କାହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବ୍ରେକ୍‌ଫେଲ୍ ହେବାରୁ ଟ୍ରକ୍ ନିୟନ୍ତ୍ରଣ ହରାଇଥିଲା। ଏହି ସମୟରେ ଟ୍ରକ୍‌ରେ ଥିବା ଦ୍ୱିତୀୟ ଡ୍ରାଇଭର ତଳକୁ ଡେଇଁ ପଡ଼ିଥିଲେ। ହେଲେ ତାଙ୍କ ଉପରେ ଟ୍ରକ୍‌ଟି ଓଲଟି ପଡ଼ିବାରୁ ସେ ଚକ ତଳେ ଚାପି ହୋଇଯାଇଥିଲେ। ବାଙ୍ଗିରିପୋଷି ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଗୁରୁତର ଅବସ୍ଥାରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ହେଉଛନ୍ତି ପଶ୍ଚିମବଙ୍ଗ ହଳଦିଆ ଅଞ୍ଚଳ ସୂତାହାଟ ଗ୍ରାମର ସାଲିମୁଦ୍ଦିନ(୪୨)। ଟ୍ରକ୍‌ରେ ଥିବା ଅନ୍ୟ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଥିବା ବେଳେ ସେମାନଙ୍କୁ ବାଙ୍ଗିରିପୋଷି ପୋଲିସ ଭ୍ୟାନ୍‌ରେ ନେଇ ପ୍ରାଥମିକ ଚିକିତ୍ସା କରାଯାଇଛି। ତେବେ ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ କେତେଜଣ ବ୍ୟକ୍ତି ଟ୍ରକ୍‌ରୁ ପିଆଜ ବସ୍ତା ବୋହି ନେଉଥିବାର ଦେଖିବାକୁ ମିଳିଥିଲା।

## ଅରୁଣ୍ ଯୋଗୀରାଜଙ୍କୁ ବାଲୁକା ଶିଳ୍ପୀ ସୁଦର୍ଶନଙ୍କ ପ୍ରଶଂସା

**ନୂଆଦିଲ୍ଲୀ, ୨୮।୧ (ପି.ଟି.)**



ଯୋଗୀରାଜ

ଅଯୋଧ୍ୟା ମନ୍ଦିର ପାଇଁ ରାମଲାଲାଙ୍କ ବିଗ୍ରହ ନିର୍ମାଣ କରିଥିବା ମହୀଶୂରର ଶିଳ୍ପୀ ଅରୁଣ୍ ଯୋଗୀରାଜଙ୍କୁ ଖ୍ୟାତନାମା ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଭୂୟସୀ ପ୍ରଶଂସା କରିଛନ୍ତି। ଯୋଗୀରାଜଙ୍କ ନିର୍ମିତ ମୂର୍ତ୍ତି ହୃଦୟସ୍ପର୍ଶୀ ଏବଂ କୋଟି କୋଟି ଲୋକଙ୍କୁ ଅନୁପ୍ରାଣିତ କରିଛି। ତାଙ୍କ ମୂର୍ତ୍ତିରେ ଦିବ୍ୟତ୍ୱ ରହିଛି। ତାଙ୍କ କଳା ସାରା ବିଶ୍ୱର ସମସ୍ତ କଳାକାରଙ୍କୁ ପ୍ରୋତ୍ସାହିତ କରିବ ବୋଲି ସୁଦର୍ଶନ କହିଛନ୍ତି। ଆପଣ ବାସ୍ତବରେ ଭଗବାନ ବିଶ୍ୱକର୍ମାଙ୍କଠାରୁ ଆଶୀର୍ବାଦ ପାଇଛନ୍ତି। ପ୍ରଭୁ ରାମ ସବୁବେଳେ ଆପଣଙ୍କୁ ଆଶୀର୍ବାଦ କରିଥାନ୍ତୁ ବୋଲି ସୁଦର୍ଶନ ଏକ୍ସ'ରେ ଲେଖିଛନ୍ତି। ସୁଦର୍ଶନଙ୍କ ପୋଷ୍ଟ ଉପରେ ଉତ୍ତର ରଖି ଯୋଗୀରାଜ ଲେଖିଛନ୍ତି, ବିଶ୍ୱର ଜଣେ ପ୍ରସିଦ୍ଧ ବାଲୁକା ଶିଳ୍ପୀଙ୍କଠାରୁ ପ୍ରଶଂସା ପାଇବା ଅର୍ଥ ମୋ ପାଇଁ ବହୁତ କିଛି। ମୋ କଳା କ୍ଷେତ୍ରକୁ ଆଗକୁ ବଢ଼ାଇବାରେ ଏହା ନିଶ୍ଚିତ ଭାବେ ପ୍ରେରଣା ଦେବ ବୋଲି ଯୋଗୀରାଜ କହିଛନ୍ତି।

## ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟର ଐତିହ୍ୟ ଭବନ ନବୀକରଣ

### କେନ୍ଦ୍ର ରେଳମନ୍ତ୍ରୀ ପାଳନ କଲେ ପ୍ରତିଶ୍ରୁତି

**ସମ୍ବଲପୁର, ୨୮।୧ (ପ୍ରମୋଦ ବହିଦାର)**



ନୂଆରୂପରେ ଝାରସୁଗୁଡ଼ା ଡାକଘର।

ଭାରତୀୟ ଡାକ ସହଯୋଗରେ ରେଳବାଇ ଝାରସୁଗୁଡ଼ା ଡାକ କାର୍ଯ୍ୟାଳୟରେ ଐତିହ୍ୟ ଭବନକୁ ନବୀକରଣ କରିଛି। ଝାରସୁଗୁଡ଼ାର ୧୩୨ ବର୍ଷ ପୁରାତନ ଡାକଘର ବର୍ତ୍ତମାନ ଏକ ଚମତ୍କାର ରୂପ ଧାରଣ କରି ସ୍ଥାପତ୍ୟ ଐତିହ୍ୟରେ ପରିଣତ ହୋଇପାରିଛି। ରଙ୍ଗବେରଙ୍ଗ ଆଲୋକରେ ଝଟକୁଛି ଏହି ଐତିହ୍ୟ। କେନ୍ଦ୍ର ରେଳ, ଯୋଗାଯୋଗ, ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ୨୦୨୧ ନଭେମ୍ବରରେ ଝାରସୁଗୁଡ଼ା ଗସ୍ତ ସମୟରେ ଐତିହ୍ୟ ଡାକଘର ଭବନକୁ ନବୀକରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଯାହା ଆଜି ପୂରଣ ହୋଇଛି। ଏହି ଐତିହ୍ୟ ଭବନ ନବୀକରଣ ପାଇଁ ସ୍ଥାନୀୟ ଲୋକେ ମନ୍ତ୍ରୀ ବୈଷ୍ଣବଙ୍କ ନିକଟରେ ଦାବି କରିଥିଲେ। ପ୍ରକାଶ ଯେ, ଏଠାରେ ୧୮୯୨ ମସିହାରେ ବ୍ରିଟିଶ ଶାସନ ସମୟରେ ଡାକଘର ସ୍ଥାପିତ ହୋଇଥିଲା।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ତରାବୋଇ ନିକଟ ସିରାଜୁଦ୍ଦିନ ଫାର୍ମ ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ବିଜୟ କୁମାର ବେହେରା। ତେବେ ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉଭୟ ଯୁବକ ପୃଥକ ଭାବେ ଦୁଇଟି ବାଇକ୍‌ରେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବିଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

### କିଶୋରୀ ମେଳା

ଝାଁଲା,୨୮।୧ (ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଝାଁଲା ପଞ୍ଚାୟତ ପରିସରରେ ଥିବା କଲ୍ୟାଣ ମଣ୍ଡପରେ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଁଲା, ମଦନପୁର, ଗଙ୍ଗପଡା ଆଦି ପଞ୍ଚାୟତର ପ୍ରାୟ ଶହେରୁ ଊର୍ଦ୍ଧ୍ୱ କିଶୋରୀ ଯୋଗଦେଇଥିଲେ। କିଶୋରୀମାନଙ୍କ ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଏଥିସହ କିଶୋରୀମାନଙ୍କ ଭିତରେ ଗୀତ, ନାଚ, ଝୋଟି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏହି ମେଳାରେ ଜଟଣୀ ବ୍ଲକ ସିଡିପିଓ ସଞ୍ଜୁକ୍ତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁପରଭାଇଜର ମନୋରମା ମିଶ୍ର, ପ୍ରତିମା ଦେଇ, ମିନାକ୍ଷୀ ବାଳା ପଟ୍ଟନାୟକ, ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀପ୍ରିୟା ପରିଡା, ଧରିତ୍ରୀ ମିଶ୍ର, ଝାଁଲା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ। ୩ ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ତରାବୋଇରେ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭୂମି ପୂଜନ

ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ ତରାବୋଇ ଗ୍ରାମଠାରେ ନୂତନ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ସତୀଶ ଶର୍ମା ଯୋଗଦେଇ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ ରେଳମଣ୍ଡଳର ମଣ୍ଡଳ ବାଣିଜ୍ୟକ ପ୍ରବନ୍ଧକ ଗିରିଶ ଚନ୍ଦ୍ର ନାୟକ ଏବଂ ମଣ୍ଡଳ ଏଡିଇଏନ ଡି.ପ୍ରକାଶ ରାଓଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହେଲେ ୪ ଟି ପଞ୍ଚାୟତର ଲୋକେ ଉପକୃତ ହେବେ। ଭୂମି ପୂଜନ ପୂର୍ବରୁ କୋରଙ୍ଗା ଖେଳପଡିଆରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ୯ବର୍ଷର ଦାବି କେନ୍ଦ୍ର ସରକାର ଏବଂ ରେଳ ପ୍ରଶାସନ ପୂରଣ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ବେଣାପାଞ୍ଜରି, ତିରିମଲ ଏବଂ ହରିପୁର ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ଥିଲେ।

# 'ଜ୍ଞାନର ବିକାଶ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରେ'



ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବ**
- ଗୋବିନ୍ଦଙ୍କୁ ପ୍ରାଣନାଥ, ଅମରେଶଙ୍କୁ ମଞ୍ଜରୀ ସାହିତ୍ୟ ସମ୍ମାନ
- ବିଭିନ୍ନ ବିଭାଗ ଟପ୍ପର, ପ୍ରତିଭା ସମ୍ବର୍ଦ୍ଧିତ, ମୁଖପତ୍ର ଉନ୍ମୋଚିତ

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଲେଜ ମଧ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନ୍ୟତମ। ଅତୀତରେ ଅନେକ କୀର୍ତ୍ତି ସ୍ଥାପନ କରିଛି। ପାଠପଢ଼ାରେ ପାସ୍ ହାର ଏବଂ ଭବିଷ୍ୟତ ଜୀବନ ସମ୍ପୂର୍ଣ୍ଣ ଭିନ୍ନ। ଉଚ୍ଚଶିକ୍ଷା ସତ୍ତ୍ୱେ ଆଗକୁ ଚାକିରି ପାଇବା ସହଜ ନୁହଁ। ଏହାର ସ୍ଥାନ କମ୍ପ୍ୟୁଟର ନେଇ ସାରିଛି। ଚାକିରି ପଛରେ ଦୌଡ଼ିବା ଅପେକ୍ଷା ନିଜର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କର। ପାଠପଢ଼ା ସହ ବିଭିନ୍ନ ପ୍ରସଙ୍ଗରେ ଜ୍ଞାନ ଆହରଣ କର। ଜ୍ଞାନର ପରିସୀମା ବିକଶିତ ହେଲେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବ ବୋଲି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହା କହିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ଜେନା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସର୍ବଦା ସକାରାତ୍ମକ ଭାବ, ଦୃଢ଼ ଆତ୍ମବିଶ୍ୱାସ, ରଚନାତ୍ମକ ସକ୍ଷମତା, ନିରନ୍ତର ଅଭ୍ୟାସ, ପରିଶ୍ରମ ହିଁ ସଫଳତା ଆଣିଦିଏ ବୋଲି କହିଛନ୍ତି। ଏହି ଅବସରରେ ଚଳିତ ବର୍ଷ ପ୍ରାଣନାଥ ସମ୍ମାନରେ ସାମାଜିକକର୍ମୀ ଗୋବିନ୍ଦ ପଟ୍ଟନାୟକ ଏବଂ ମଞ୍ଜରୀ ସାହିତ୍ୟ ସମ୍ମାନରେ ଔପନ୍ୟାସିକ, ସାରସ୍ୱତ ସାଧକ ଅମରେଶ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ବକ୍ତା ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାଣନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ସେବାରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। କଲେଜର ମୁଖପତ୍ର ପ୍ରତୀକ, ଗବେଷଣା ଅନୁସନ୍ଧାନ ମଞ୍ଜରୀ, କଲେଜ ବୁଲେଟିନ ଫ୍ରଣ୍ଟଫୁଟ ଏବଂ ପ୍ରାଧ୍ୟାପିକା ନନ୍ଦିତା ଛୋଟରାୟଙ୍କ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ଟପ୍ପର, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ପ୍ରତିଭା ଏବଂ କଲେଜରେ ୨୫ବର୍ଷ ପୂରଣ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ କଲେଜର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। କଲେଜ ଉପାଧ୍ୟକ୍ଷା ଡ.ବିନୋଦିନୀ ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ।

# ଜାତୀୟ ଶିଶୁ କନ୍ୟା ଦିବସ



ଭୁବନେଶ୍ୱର,୨୮।୧ (ବନ୍ଦନା ସେଠୀ)

ହେଲ୍ପମେଟ୍ ଅନୁଷ୍ଠାନ ତରଫରୁ ଜାତୀୟ ଶିଶୁ କନ୍ୟା ଦିବସ ଖଣ୍ଡଗିରିସ୍ଥିତ ଜୀବନଜ୍ୟୋତି ଆଶ୍ରମରେ ପାଳିତ ହୋଇଯାଇଛି। ଏହି ଅବସରରେ ଆତ୍ମରକ୍ଷା କୌଶଳ ଓ ଯୋଗ ଶିବିର କରାଯାଇ ବସ୍ତି ଅଞ୍ଚଳର ଝିଅମାନଙ୍କୁ ମାନସିକ ତଥା ଆଧ୍ୟାତ୍ମିକ ବିକାଶ ଉପରେ ଶିକ୍ଷା ଦିଆଯାଇ ସ୍ୱଚ୍ଛତା ଉପରେ ଅବଗତ କରାଯାଇଥିଲା। ବାଳିକାଶ୍ରମର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ନୃତ୍ୟ, ସାଧାରଣଜ୍ଞାନ ଓ ସଙ୍ଗୀତ ପ୍ରତିଯୋଗୀତା କରାଯାଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଡ. ଅଞ୍ଜଳି ତ୍ରିପାଠୀ, ସମ୍ପାଦିକା ନିବେଦିତା ଭଞ୍ଜ, ଉପସଭାପତି ନିହାରିକା ପଟ୍ଟନାୟକ, ସହ ସମ୍ପାଦିତା ଲିନା ମିଶ୍ର ପ୍ରମୁଖ ଯୋଗଦେଇ, ଭବିଷ୍ୟତରେ ସେମାନେ କିଭଳି ସମାଜରେ ନିଜକୁ ପ୍ରତିଷ୍ଠିତ କରି ପାରିବେ ସେ ନେଇ ବାଳିକାଶ୍ରମର ଛାତ୍ରୀମାନଙ୍କୁ ବୁଝାଇଥିଲେ।

# ସାଇ ୱାରିୟରକୁ ହରାଇ ବିବି ୱାରିୟର ଚାମ୍ପିୟନ



ବାଲକାଟୀ,୨୮।୧(ମନୋଜ ମଣ୍ଡଳ)

ବାଲକାଟୀସ୍ଥିତ ପ୍ରତାପଶାସନ କଲେଜ ଖେଳପଡ଼ିଆରେ ଜାଗେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ ଦିନ ଧରି ଚାଲିଥିବା ୭ମ ବାଲକାଟୀ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସାଇ ୱାରିୟରକୁ ହରାଇ ବିବି ୱାରିୟର ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ସାଇ ୱାରିୟର ଟସ୍ ଜିତି ବିବି ୱାରିୟରକୁ ବ୍ୟାଟିଂ ସୁଯୋଗ ଦେଇଥିଲା। ବିବି ୱାରିୟର ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ୍ ହରାଇ ୭୭ ରନ୍ କରିଥିଲା। ଜବାବରେ ସାଇ ୱାରିୟର ୭୦ ରନ୍ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ତଥା ସିନେ ପ୍ରଯୋଜକ ସତ୍ୟପ୍ରିୟ ବେହେରା, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ତଥା ସମବାୟବିତ୍ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁବ୍ରତ ମହାନ୍ତି, ଶିକ୍ଷାବିତ୍ ସିଦ୍ଧେଶ୍ୱର ମହାନ୍ତି, ବିଜେଡି ଯୁବ ନେତା ଏମ୍‌ପି କୁମାର ନାୟକ, ବିପିନ ସ୍ୱାଇଁ, ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଦଳ ବିବି ୱାରିୟର ଓ ରନର୍ସ ଅପ ଦଳ ସାଇ ୱାରିୟରକୁ ଅତିଥିମାନେ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ସେହିପରି ବିବି ୱାରିୟରର ବାଟୁ ପରିଡ଼ା ଓ ସୌର ପ୍ରସାଦ କାଷ୍ଟଙ୍କୁ ଯଥାକ୍ରମେ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ନାବାଳକ ସାଇଙ୍କ ଅକାଳ ମୃତ୍ୟୁରେ ସାଇ ମେମୋରିଆଲ ଟୁର୍ନାମେଣ୍ଟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳାଯାଇଥିଲା। ଏଥିରେ ୮ଟି ଦଳ ଭାଗ ନେଇଥିଲେ। ଲଭ୍‌ଲି ଏକାଦଶକୁ ହରାଇ ମା' ଚ୍ୟାଲେଞ୍ଜର ଚାମ୍ପିୟନ ହୋଇଥିଲା। ୪ ଦିନ ଧରି ଖେଳାଯାଇଥିବା ଏହି ଟୁର୍ନାମେଣ୍ଟକୁ ଇ. ରୁଦ୍ରପ୍ରସାଦ ଭଞ୍ଜ, ଭରତ ସେଠୀ, ନୀହାର ରଞ୍ଜନ ଦାସ, ଆର୍ଯ୍ୟପ୍ରକାଶ ଭୋଳ, ଜଗମୋହନ ସେଠୀ, ସୌମ୍ୟ ରଞ୍ଜନ ମହାନ୍ତି, ମଣ୍ଟୁ ସାହୁ ପ୍ରମୁଖ ଜାଗେଶ୍ୱରୀ କ୍ରିକେଟ୍ କ୍ଲବ କର୍ମକର୍ତ୍ତା ପରିଚାଳନା କରିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

ବାଲକାଟୀ,୨୮।୧(ମନୋଜ ମଣ୍ଡଳ)

ବାଲକାଟୀ ଜାମୁତୋଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷୋଡ଼ଶ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ସ୍କୁଲ ସଭାପତି ଶଙ୍କର ସାହୁ ଅଧ୍ୟକ୍ଷତା କରିଥିଲେ। ସ୍କୁଲ ସମ୍ପାଦକ ଚୈତନ୍ୟ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଫୁଲ୍ଲ ସାହୁ, ଅବସରପ୍ରାପ୍ତ ପ୍ରଶାସକ ବିଜୟ ବେହେରା, ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ପ୍ରତାପ ଶାସନ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. କାଳନ୍ଦୀଚରଣ ସାହୁ, ସ୍କୁଲ ପ୍ରଧାନ ଆଚାର୍ଯ୍ୟ ସର୍ବେଶ୍ୱର ରଣସିଂ, ସହ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଏବଂ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ରେଡ଼ିଓ ମାଧ୍ୟମରେ ୪ ନାଟକ ଉପସ୍ଥାପିତ



ଭୁବନେଶ୍ୱର,୨୮।୧(ଶର୍ମିଷ୍ଠା ପାଣିଗ୍ରାହୀ)

**ରାଜ୍ୟସ୍ତରୀୟ ଶ୍ରୁତି ନାଟକ ଉତ୍ସବ**

ନାଟ୍ୟକାର ସ୍ୱର୍ଗତ ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଓଡ଼ିଶା ନାଟ୍ୟସଂଘ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୁତି ନାଟକ ଉତ୍ସବ ରବିବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସଚିବ ସୁବୋଧ କୁମାର ଆଚାର୍ଯ୍ୟ, ସଭାପତି ପଦ୍ମଶ୍ରୀ ଅରୁଣା ମହାନ୍ତି, କଟକ ବେତାର କେନ୍ଦ୍ର ନିର୍ଦ୍ଦେଶକ ତରୁଣକାନ୍ତି ରାଉତ, ବିଶିଷ୍ଟ ନାଟ୍ୟ ସମାଲୋଚକ ଓ ଗବେଷକ ଡ. ସଂଘମିତ୍ରା ମିଶ୍ର, ମନୋରଞ୍ଜନ ଦାସଙ୍କ ସୁପୁତ୍ରୀ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ, ବିଶିଷ୍ଟ ନାଟ୍ୟବିତ୍ ତଥା ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର, ଓଡ଼ିଶା ନାଟ୍ୟ ସଂଘର ସଭାପତି ମନୋଜ ପଟ୍ଟନାୟକ, ସମ୍ପାଦକ ଶୁଭକାନ୍ତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନାଟକ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ନାଟ୍ୟ ସଂଘର ସୁପରିଚାଳନା ଲାଗି ସ୍ୱୀକୃତ ୪ ଜୋନ୍‌ରୁ ଚାରୋଟି ନାଟ୍ୟ ଦଳ ମନୋରଞ୍ଜନ ଦାସଙ୍କ ଲିଖିତ ଚାରୋଟି ନାଟକ ରେଡିଓ ନାଟକ ଢଙ୍ଗରେ ପଠନ କରିଥିଲେ। ଉତ୍ତର ଜୋନ୍ ଦ୍ୱାରା ନାଟକ 'ସନ୍ଧାନ', ପଶ୍ଚିମ ଜୋନ୍ ଦ୍ୱାରା ନାଟକ 'କାଠ ଘୋଡ଼ା', ଦକ୍ଷିଣ ଜୋନ୍ ଦ୍ୱାରା 'କ୍ଳାନ୍ତ ପ୍ରଜାପତି' ଓ ପୂର୍ବ ଜୋନ୍ ଦ୍ୱାରା ନାଟକ 'ବନ୍ଦି ଜଗବନ୍ଧୁ' ଉପସ୍ଥାପନ କରାଯାଇଥିଲା।

# ୪ ନଂ. ୱାର୍ଡରେ ବିଜେଡିର ବନ୍ଧୁମିଳନ



ବାଲିଅନ୍ତା,୨୮।୧(ନୀଳମାଧବ ସାହୁ)

ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ଦଳର ନେତା ଭୋଟରଙ୍କ ନିକଟତର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଉତ୍ତର ବିଜେଡି ପକ୍ଷରୁ ରବିବାର ୪ ନଂ. ୱାର୍ଡ ଅଧୀନ ନହରକଣ୍ଟାସ୍ଥିତ ସାଇ ମନ୍ଦିର ନିକଟରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ କର୍ମୀ, ସମର୍ଥକ, ଲୋକପ୍ରତିନିଧିଙ୍କ ସମେତ ପାଖାପାଖି ୧୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରି ଭାରତ ବର୍ଷରେ ରେକର୍ଡ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ମେୟର ସୁଲୋଚନା ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୋଠାବାଡ଼ି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର ଓ ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜେଡି କର୍ପୋରେଟର ପ୍ରାର୍ଥୀ ତଥା ଯୁବନେତା ଅକ୍ଷୟ ଲେଙ୍କା ପରିଚାଳନା କରିଥିଲେ। ଝରଣା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ନାୟକ ରାଇଟଟାଇଗରକୁ ମଧୁପୁର ଭିଲେଜ କପ୍

ବାରଙ୍ଗ,୨୮।୧(ଲିଙ୍ଗରାଜ ରାଉତ)



୨ଦିନ ଧରି ଚାଲିଥିବା ସିଲୁ ମେମୋରିଆଲ ମଧୁପୁର ଭିଲେଜ କପ୍- ୨୦୨୪ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜୟଶ୍ରୀରାମ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୯ମ ବାର୍ଷିକ ଏହି ପ୍ରତିଯୋଗିତାରେ ମଧୁପୁର ଗ୍ରାମର ଆଣ୍ଟୁଆଗୋପାଳ ୱାରିଅର, ରାଉତଲାୟନ, ପ୍ରଧାନ ଫାଇଟର, ନାୟକ ରାଇଟଟାଇଗର, ସାହୁ ବ୍ରଦର ଓ ବାବା ଜଳେଶ୍ୱରକୁ ନେଇ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ବାବା ଜଳେଶ୍ୱରକୁ ହରାଇ ନାୟକ ରାଇଟଟାଇଗର ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ବାବା ଜଳେଶ୍ୱର ବ୍ୟାଟିଂ କରି ୫ ଓଭରରେ ୩୭ ରନ୍ ସଂଗ୍ରହ କରିଥିଲା। ନାୟକ ରାଇଟଟାଇଗର ୪ ଓଭରରରେ ୩୮ ରନ୍ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜୟୀ ନାୟକ ରାଇଟଟାଇଗରକୁ ନଗଦ ୧୫ ହଜାର ଟଙ୍କା ସହ ମଧୁପୁର ଭିଲେଜ କପ୍ ଟ୍ରଫି ଓ ରନର୍ସ ଅପ ଦଳ ବାବା ଜଳେଶ୍ୱରକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ଅତିଥିମାନେ ପ୍ରଦାନ କରିଥିଲେ।

### ପିଏମ୍ ମିତ୍ର ଯୋଜନାରେ ଓଟିଏମ୍‌କୁ ଅନ୍ତର୍ଭୁକ୍ତ କରାଯାଉ

କଟକ, ୨୮।୧(ଶିକ୍ଷା ପ୍ରିୟଦର୍ଶିନୀ)

କଟକସ୍ଥିତ ରେଲୱେ ଗେଷ୍ଟ ହାଉସ୍‌ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରବିବାର ଚୌଦ୍ୱାର-କଟକ ଭାଜପା ନେତା ସନ୍ତୋଷ କୁମାର ମହାନ୍ତି ଭେଟିଛନ୍ତି। ସେ ପ୍ରାୟ ୧ ଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଅନୁଯାୟୀ, ପିଏମ୍ ମିତ୍ର ଯୋଜନାରେ ଓଟିଏମ୍‌କୁ ଅନ୍ତର୍ଭୁକ୍ତ କରାଯାଉ। ଦୀର୍ଘଦିନ ଧରି ବେସରକାରୀ ନିବେଶକୁ ମହାନ୍ତି ବିରୋଧ କରିଆସୁଛନ୍ତି। କେନ୍ଦ୍ର ବୟନଶିଳ୍ପ ବିଭାଗ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର କେନ୍ଦ୍ରରେ ଉକ୍ତ ବିଷୟ ଉପସ୍ଥାପନ କରିବା ସହ ଓଟିଏମ୍ ପରିଦର୍ଶନ କରି ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସନ୍ତୋଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ଭିଏସ୍‌ଏସ୍ ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ୍‌ରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ସେନା ଅଧିକାରୀ କ୍ଷୀରୋଦ ଜେନା, ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସ୍ୱାମୀ ଶଙ୍କରାନନ୍ଦଗିରି ମହାରାଜ, ଅଧ୍ୟକ୍ଷ ଅଭୟ କୁମାର ରଥଙ୍କ ସହ ଅନ୍ୟମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ଏକାମ୍ରରେ ୩୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୨୮।୧(ସୁବାସ ଚନ୍ଦ୍ର ପ୍ରଧାନ)



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ପ୍ରାୟ ୩୦ କୋଟି ଟଙ୍କାର ବିଭିନ୍ନ ରାସ୍ତାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ. ୬୩ରେ ନାରାୟଣ ଜେନା ପ୍ରତିମୂର୍ତ୍ତିଠାରୁ ମହିମା ଅଲେଖ ଆଶ୍ରମ ପର୍ଯ୍ୟନ୍ତ ୭୫ ଲକ୍ଷ ଟଙ୍କାରେ ରାସ୍ତାର ଶିଳାନ୍ୟାସ, ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବାସୁଆଘାଇ ପଞ୍ଚାୟତରେ ବନ୍ଧ ବଢେଇଠାରୁ ଭାୟା ମହୁଲଗଡା ରାସ୍ତା ଓ ଡ୍ରେନ ପାଇଁ ୫.୩୩ କୋଟି, ଆଶୁତୋଷ ନଗର ଭାୟା ବ୍ୟାଙ୍କ କଲୋନୀ ରାସ୍ତା ନିର୍ମାଣ ପାଇଁ ୫.୦୮କୋଟି ଟଙ୍କା, କୋରଡ କଣ୍ଟା ରାସ୍ତା ମରାମତି ପାଇଁ ୧୬ ଲକ୍ଷ, ଲିଙ୍ଗିପୁର ପଞ୍ଚାୟତର ସନ୍ଥ ବିହାର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ୫.୩୦ କୋଟି ଟଙ୍କା, ଶିଶୁପାଳଗଡ ପଞ୍ଚାୟତର ଶକ୍ତି ନଗର ଓ ନନ୍ଦିଘୋଷ ନଗରର ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ୯.୫୪ କୋଟି ଟଙ୍କାର ପ୍ରକଳ୍ପକୁ ମନ୍ତ୍ରୀ ପଣ୍ଡା ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେୟର ସୁଲୋଚନା ଦାସ, ଜିଲାପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ସରପଞ୍ଚ ବିକ୍ରମ ସେଠୀ, ରଶ୍ମି ରଞ୍ଜନ ଶ୍ରୀଚନ୍ଦନ, କ୍ଷୀରୋଦ ପ୍ରଧାନ, ସମିତିସଭ୍ୟ ବିନୋଦ ରାଉତରାୟ, ପ୍ରକାଶ ସାହୁ, ରିଲା ଭଞ୍ଜ, କର୍ପୋରେଟର ସୁଜାତା ଛୋଟରାୟ, ପୂର୍ବତନ କର୍ପୋରେଟର ରୁନୁ ଜେନା,ରଞ୍ଜିତ ପଟ୍ଟନାୟକ, ଶୁଭେନ୍ଦୁ ପଟ୍ଟନାୟକ, ରାଜେନ୍ଦ୍ର ପଟ୍ଟନାୟକ, ମହେନ୍ଦ୍ର ଗୁରୁ, ପ୍ରମୋଦ ରଣସିଂହ, ରାଜେଶ ପାତ୍ର, କୃତାର୍ଥ ପ୍ରଧାନ, ସୂର୍ଯ୍ୟ ନାରାୟଣ ଜେନା, ବିଜୟ ପ୍ରଧାନ, ସୁନିଲ ପଣ୍ଡା, ମନୋରଞ୍ଜନ ମହାନ୍ତି, ସୂର୍ଯ୍ୟକାନ୍ତ ସାହୁ, ଟିଟୁ ସାହୁ, ପ୍ରକାଶ ବିଶ୍ୱାଳ, ବିଏମ୍‌ସି ର ଅଧିକ୍ଷଣ ଯନ୍ତ୍ରୀ ସରୋଜ ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟର ବାର୍ଷିକୋତ୍ସବ

ଯାଁଳା,୨୮।୧(ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଯାଁଳା ପଞ୍ଚାୟତରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ ଯୋଗଦେଇ ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଶୁଭେନ୍ଦୁ ପଟ୍ଟନାୟକ(ନିର୍ଦ୍ଦେଶକ ପଠାଣିସାମନ୍ତ ପ୍ଲାନେଟୋରିୟମ), ସ୍ଥାନୀୟ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ବରିଷ୍ଠ ଆଇନଜୀବୀ ରବିନାରାୟଣ ସାମନ୍ତରାୟ ଯୋଗଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ଓ ସମ୍ପାଦକ ବେଣୁଧର ସେଠିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରୀଛାତ୍ର, ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେର୍ଷଣ ହୋଇଥିଲା।

### ଭାଷା, ସାହିତ୍ୟ ଓ ସଂସ୍କୃତ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଟାଙ୍ଗୀ,୨୮।୧(ରଘୁନାଥ ସାହୁ)

ବିଶ୍ୱ ଓ ଭାଷା ସମ୍ମିଳନୀ ଏବଂ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଆଧାରରେ ନୂଆ-ଓ, ଭାଷା, ସାହିତ୍ୟ ଓ ସଂସ୍କୃତ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜିଲା କମାଗୁରୁସ୍ଥିତ ପ୍ରକୃତି ବିହାରରେ ଥିବା ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୧୬ଟି ବିଭାଗରେ ପ୍ରତିଯୋଗିତା, ଆଲୋଚନାଚକ୍ର, କର୍ମଶାଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପକ୍ଷୀଘର ସମ୍ପାଦକ ବନଜ ତ୍ରିପାଠୀ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସେହିପରି ୬୬୨ବର୍ଗ କଲେଜ ଯୁକ୍ତ ଦୁଇ ସଂଘ ସାଧାରଣ ସମ୍ପାଦକ ସତାଉଦ୍ଦିନ ଅହମ୍ମଦ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜଗନ୍ନାଥ ସାହିତ୍ୟ, କଳା ଓ ଉତ୍କଳୀୟ ପରମ୍ପରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସୁଧାଂଶୁ ଶେଖର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥିଭାବେ ମେଜର ଭିକାରୀ ଚରଣ ମିଶ୍ର, ଅଧ୍ୟାପକ ବିକାଶ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଅଧ୍ୟାପିକା ରେଣୁବାଳା ସାମନ୍ତରାୟ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର, ଜନ୍ମେଶ୍ୱର ଝୁଞ୍ଜାରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ସସ୍ମିତା ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅଭିରାମ ପଣ୍ଡା, ଦିଲ୍ଲୀପ ବେହେରା, ବିଶ୍ୱଜିତ ପଟ୍ଟନାୟକ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜାତୀୟ ଟେବୁଲ୍ ଟେନିସ ଖେଳାଳି ଜିଜ୍ଞାସୁଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୮।୧(ଅଜିତ ମହାନ୍ତି)

ଜାତୀୟ ଟେବୁଲ୍ ଟେନିସ ପ୍ରତିଯୋଗିତାର ସବଜୁନିଅର ବିଭାଗରେ କାଂସ୍ୟ ପଦକ ପାଇ ଓଡ଼ିଶାକୁ ଗୌରବମୟ କରିଥିବା ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କୁ ପୁରୀରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ସଭାଗୃହରେ କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବଡି ବିଲ୍ଡର ଅଶୋକ ମହାପାତ୍ର, ଶିକ୍ଷାବିତ୍ ରଞ୍ଜୁବାଳା ରାଉତ, ବିବେକାନନ୍ଦ ପ୍ରଧାନ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆରତୀ ତ୍ରିପାଠୀ, ଶ୍ୟାମଳ କୁଣ୍ଡୁ, ଟେନିସ ତାରକା ଅଭିଜିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି ଅତିଥି ଭାବେ ଯୋଗଦେଇ ଟେନିସ ଖେଳର ବିକାଶ ପାଇଁ ଉନ୍ନୟନ ପରିଷଦ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଘୋଷଣା କରିଥିଲେ।

### ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ

ପୁରୀ, ୨୮।୧(ଅଜିତ୍ ମହାନ୍ତି)

'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ର, ଗଣମାଧ୍ୟମ ଭୂମିକା ଓ ନିର୍ବାଚନ-୨୦୨୪' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବକ୍ତା ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା, ଓଡ଼ିଶା କଂଗ୍ରେସ ସେବାଦଳ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ ଖବରଦାତା ସମ୍ପଦ ମହାପାତ୍ର, ଓଡ଼ିଶା ବାର୍ କାଉନସିଲ ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ, ଉପସ୍ଥାପକ ମୃଣାଳକାନ୍ତି ନନ୍ଦ ଓ ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

# ୧୫ ଗୋରୁ, ଷଣ୍ଢ: ବିପୁଳ ଗୋମାଂସ ଜବତ

### ୭ ଅଟକ: କଣ୍ଟେନର, ଆଇଚର ଓ କାର୍ ଜବତ

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲାରେ ଗୋମାଂସ ସହ ଗୋଚାଲାଣ ବଢ଼ିଚାଲିଛି। ଜାତୀୟ ରାଜପଥ ଗଳାବାଟ ସାଜିଥିବା ବେଳେ ଚାଲାଣ ପଛରେ ଏକ ରାକେଟ କାମ କରୁଛି। ରବିବାର ଭୋରୁ ୧୬ ନମ୍ବର ଜାତୀୟ ରାଜପଥର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ କଣ୍ଟେନର ବୋଝେଇ ୧୫ଟି ଗୋରୁ, ଷଣ୍ଢ ଏବଂ ଶିଳ୍ପାଞ୍ଚଳ ଥାନା ପେଟ୍ରୋଲ ପମ୍ପ ନିକଟରୁ ଆଇଚର ଭର୍ତ୍ତି ଗୋମାଂସ ପୋଲିସ ଜବତ କରିଛି। ଗୋରୁ କୋଲକାତା ଏବଂ ଗୋମାଂସ ହାଇଦ୍ରାବାଦ ଚାଲାଣ ହେଉଥିଲା। ଟାଉନ ଥାନା ପୋଲିସ ଗୋରୁଷଣ୍ଢଙ୍କୁ ଉଦ୍ଧାର କରି ଭୁବନେଶ୍ୱରସ୍ଥିତ ଗୋଶାଳାକୁ ପଠାଇଛି। ଏଥିସହ କଣ୍ଟେନର ଡ୍ରାଇଭର ସମେତ ଦୁଇଜଣଙ୍କୁ ଅଟକ ରଖିଥିବା ବେଳେ ଏମାନଙ୍କୁ କାରରେ ଏସ୍କର୍ଟ ଦେଉଥିବା ୩ଜଣଙ୍କୁ ଅଟକ ରଖିଥିବା ବେଳେ ଉକ୍ତ କାର ଜବତ କରିଛି। ସେହିଭଳି ଶିଳ୍ପାଞ୍ଚଳ ପୋଲିସ ଗୋମାଂସ ବୋଝେଇ ଆଇଚରକୁ ଜବତ କରିଥିବା ବେଳେ ଡ୍ରାଇଭରଙ୍କ ସମେତ ୨ଜଣଙ୍କୁ ଅଟକ ରଖିଛି। ସୂଚନା ମୁତାବକ, କୋଲକାତା ଏବଂ ହାଇଦ୍ରାବାଦ ଅଭିମୁଖେ ଗୋଚାଲାଣ ହେଉଥିବା ଖବରପାଇ କେତେଜଣ ଗୋପ୍ରେମୀ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଛକି ରହିଥିଲେ। ଗଙ୍ଗପଡା ଛକରେ କୋଲକାତାରୁ ହାଇଦ୍ରାବାଦ ଅଭିମୁଖେ ଗୋମାଂସ ଧରି ଯାଉଥିବା ଆଇଚର ଗାଡି ଉପରେ ସନ୍ଦେହ ହେବାରୁ ପିଛା କରି ପେଟ୍ରୋଲ ପମ୍ପ ନିକଟରେ ଧରିଥିଲେ। ସେହିପରି ହାଇଦ୍ରାବାଦରୁ କୋଲକାତା ଅଭିମୁଖେ ଶୀତତାପ ନିୟନ୍ତ୍ରିତ କଣ୍ଟେନର ମଧ୍ୟରେ ଷଣ୍ଢ, ଗୋରୁ ଚାଲାଣ ଗାଡିକୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅଟକାଇ ଥିଲେ। ଉଭୟ ଗାଡିର ଡ୍ରାଇଭର ଗୋଚାଲାଣ ଏବଂ ଗୋମାଂସ ଚାଲାଣଙ୍କୁ ସ୍ୱୀକାର କରିଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଟାଉନ ଥାନାଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଥିବା ବେଳେ ଜବତ ଗୋମାଂସ ଯାଞ୍ଚ ଚାଲିଥିବା ଶିଳ୍ପାଞ୍ଚଳ ପୋଲିସଠାରୁ ସୂଚନା ମିଳିଛି। ପ୍ରକାଶ ଯେ, ନିକଟରେ ବେଗୁନିଆ ଥାନା ଜାମୁସାହିରୁ ପୋଲିସ ୭୯ଟି ଗୋରୁ ଜବତ କରିଥିବା ବେଳେ ଚାଲାଣକାରୀ, ଡ୍ରାଇଭର ଫେରାର ହୋଇଯାଇଥିଲେ।




ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବରେ କୁନି ପିଲାମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## 'ଶ୍ରୀଜଗନ୍ନାଥ ଏକ ଚେତନା, ସଂସ୍କାରର ମୂଳମନ୍ତ୍ର'

ପୁରୀ, ୨୮।୧(ଅଜିତ ମହାନ୍ତି)

ଶ୍ରୀଜଗନ୍ନାଥ ଏକ ଧର୍ମ, ପରମ୍ପରା, କାହାଣୀ କି ଇତିହାସ ନୁହେଁ ବରଂ ଏକ ଚେତନା, ସଭ୍ୟତା ଓ ସଂସ୍କାରର ମୂଳମନ୍ତ୍ର। ଏହି ଚେତନାରେ ବିଶ୍ୱ ଚେତନାମୟ ହେଉ ବୋଲି କୃଷ୍ଣପ୍ରସାଦ ବ୍ଲକ୍‌ର ପଣସପଦା ହରିଶ୍ୱରଦେବ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ 'ଓଡ଼ିଆ ଭାଷା ସାହିତ୍ୟରେ ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ବଦ୍ରି ମିଶ୍ର ଯୋଗ ଦେଇ ଏକ ସମୃଦ୍ଧ ଭାରତବର୍ଷ ପାଇଁ ଯୁବଗୋଷ୍ଠୀ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଗବତ ଗବେଷକ ପ୍ରଶାନ୍ତ ତ୍ରିପାଠୀ, ଶିକ୍ଷାବିତ୍ ରଣଜିତ ସାମଲ ଏବଂ ଲକ୍ଷ୍ମୀକାନ୍ତ ଦାଶ ଯୋଗଦେଇଥିଲେ। ନୋଡାଲ ଅଫିସର ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କାଶୀନାଥ ନାୟକ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ମିଶ୍ରଣ ପର୍ବ ଜରିଆରେ ଶକ୍ତି ପ୍ରଦର୍ଶନ କଲେ ସଞ୍ଜୟ

### ବିଜେଡିରେ ମିଶିଲେ ୧ ହଜାର ଲୋକ

ପୁରୀ, ୨୮।୧(ଅଜିତ୍ ମହାନ୍ତି)



ମିଶ୍ରଣ ପର୍ବ ଅବସରରେ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ବାକି ଥିବାବେଳେ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ରବିବାର ନିଜ ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସଞ୍ଜୟ ତାଙ୍କର ବିରୋଧୀମାନଙ୍କୁ ନିର୍ବାଚନ ପାଇଁ ରଣ ହୁଙ୍କାର ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ସଞ୍ଜୟଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଶତାଧିକ ବ୍ୟକ୍ତି ବିଜେଡିରେ ସାମିଲ ହୋଇଛନ୍ତି। ପୁରୀ ସଦର ବ୍ଲକ କନ୍ହେଇ ବିଦ୍ୟାଧରପୁର ପଞ୍ଚାୟତର ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିବା ସରପଞ୍ଚ କଳାଶ୍ରୀ ବିଶ୍ୱାଳ ଓ ସମିତିସଭ୍ୟା ସଙ୍ଗୀତା ମିଶ୍ର ସଞ୍ଜୟଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଯୁବନେତା କୈଳାସ ମିଶ୍ର, ପ୍ରଦୀପ ବିଶ୍ୱାଳ, ରାମ ସେଠୀ, ସିଧିଆ ସେଠୀ, ଯୁଧିଷ୍ଠିର ରାଉତ, ମିନ ବିଶ୍ୱାଳ, କାହ୍ନୁ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ଶିବ ବାରିକ, ସୁରେନ୍ଦ୍ର ପ୍ରଧାନ, ଅକ୍ଷୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବସନ୍ତ ବିଶ୍ୱାଳ, ଗୋପୀନାଥ ନାୟକ, ବନ୍ଧୁଆ ନାୟକ, ମିଳନ କୁମାର ଦାସ, ଭଜମନ ବିଶ୍ୱାଳଙ୍କ ନେତୃତ୍ୱରେ ୨୨ଟି ଗ୍ରାମରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ଗୌଡକେରା ସରପଞ୍ଚ ରମେଶ ପ୍ରଧାନ, ବାସୁଦେବପୁର ପଞ୍ଚାୟତ ସମିତି ସଭ୍ୟ ଅରୁଣ କୁମାର ମିଶ୍ର, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ଜୟନ୍ତ କୁମାର ମହାନ୍ତି ଏବଂ ପୁରୀ ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପୀତବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଶଙ୍ଖ ଚିହ୍ନକୁ ଜିତାଇବାକୁ କର୍ମୀମାନେ ସଂକଳ୍ପ ନେଇଛନ୍ତି।

## 'ଛାତ୍ରୀଛାତ୍ର ଉନ୍ନତ ଜ୍ଞାନ କୌଶଳ ଆହରଣ କରନ୍ତୁ'




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାକଟପୁର, ୨୮।୧(ଶୁଭଦର୍ଶନ ମିଶ୍ର):

କାକଟପୁର ପ୍ରାଚୀ ବିହାରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଦୁର୍ଗାଚରଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ତୁଷାର ଜ୍ୟୋତି ରଞ୍ଜନ, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତର୍ମୟ ଦଳାଇ, ସମାଜସେବୀ ପଣ୍ଡିତ ତ୍ରିଲୋଚନ ମିଶ୍ର, ବିଦ୍ୟାଳୟ ସଭାପତି ଶର୍ମିଷ୍ଠା ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଉନ୍ନତ ଜ୍ଞାନ କୌଶଳ ଆହରଣ ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରାଚୀରପତ୍ର 'ଫୁଟପ୍ରିଣ୍ଟ' ଓ ଫଟୋ ଗ୍ୟାଲେରି 'ଫ୍ଲାସ୍‌ବ୍ୟାକ' ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସନ୍ତୋଷ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ 'ଅନୁତାପ' ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ବିଶ୍ୱାଳ, ଲତିଫୁଲ ରହେମନ ଖାଁ, ଭକ୍ତିପ୍ରଭା ବିଶ୍ୱାଳ, ରାଜଶ୍ରୀ ପରିଡା, ସରିତା ସାସମଲ, କ୍ରିଷ୍ଣା ସାହୁ, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ପରିଚାଳନା କରିଥିଲେ।

# ଭାଷା ସାହିତ୍ୟ ଉତ୍ସବ ଉଦ୍‌ଯାପିତ



ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

କୃଷ୍ଣପ୍ରସାଦ,୨୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରୁକ୍ମଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ନୂଆପଡ଼ାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଧର୍ମାନନ୍ଦ ପଲେଇଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟ ବକ୍ତା ଅକ୍ଷୟ କୁମାର ଜେନା, ସମ୍ମାନିତ ଅତିଥି ଅନ୍ନପୂର୍ଣ୍ଣା ମହାପାତ୍ର, ବାସନ୍ତୀ ସେଠୀ, ରୁବିବାଳା ମହାନ୍ତି, ଟିଂକିନା ବିଶ୍ୱାଳ, ସୁକାନ୍ତ କିଶୋର ମାନସିଂହ, ମନୋଜ କୁମାର ପ୍ରଧାନ, ଦିଲ୍ଲୀପ କୁମାର ଜେନା ଯୋଗଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ତାତ୍ପର୍ଯ୍ୟ ଏବଂ ଜଗନ୍ନାଥ ସଂସ୍କୃତିର ମହାନତା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଓଡ଼ିଆ ଜଗନ୍ନାଥ ଭଜନ, ବକ୍ତୃତା, ସୁନ୍ଦର ହସ୍ତାକ୍ଷର, କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ନୋଡାଲ ଅଫିସର ଗୋପାଳ କୃଷ୍ଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କରଣ କୁମାର ବେହେରା, ବିକାଶ କୁମାର ମହାପାତ୍ର, ସଂଗ୍ରାମ କୁମାର ଜେନା, ଲକ୍ଷ୍ମୀ ଚରଣ ପ୍ରଧାନ, ଦୁଷ୍ମନ୍ତ କୁମାର ପ୍ରଧାନ, ସନାତନ ତରେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରମିକଙ୍କ ଉପରେ ମାଡ଼ିଗଲା ଟ୍ରକ୍

ଗମ୍ଭାରୀମୁଣ୍ଡା,୨୮।୧(ଦିଲୀପ ସ୍ୱାଇଁ)

ନାରୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ସ୍କୁଲ ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଶ୍ରମିକଙ୍କ ଉପରେ ମାଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଢେଙ୍କାନାଳ ଜିଲା ରାସୋଳ ଥାନା ଅନ୍ତର୍ଗତ ହିଲିସର ଗ୍ରାମର ଚନ୍ଦନ ଦେହୁରି(୨୫)। ସୂଚନା ମୁତାବକ, ଏକ ଟେଣ୍ଟ ହାଉସ ମାଲିକ ଗମ୍ଭାରୀମୁଣ୍ଡା ଅଞ୍ଚଳରେ ଏକ ବିବାହ ଭୋଜି ନିମନ୍ତେ ଟେଣ୍ଟ କାର୍ଯ୍ୟ କରିବାକୁ ଠିକା ନେଇଥିଲେ। ଉକ୍ତ ଟେଣ୍ଟ କାର୍ଯ୍ୟରେ ଚନ୍ଦନ ଶ୍ରମିକଭାବେ କାର୍ଯ୍ୟରତ ଥିଲେ। ତେବେ ଟେଣ୍ଟ କାର୍ଯ୍ୟ ସାରି ଚନ୍ଦନ ନିକଟ ବିଲରେ ଶୋଇଥିଲେ। ଏହି ସମୟରେ କ୍ୟାଟରିଂ ପାଇଁ ଆସିଥିବା ଏକ ଟ୍ରକ୍ ବୁଲେଇବା ବେଳେ ଡ୍ରାଇଭର ଅସାବଧାନତାବଶତଃ ଚନ୍ଦନଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିଲେ। ଫଳରେ ଚନ୍ଦନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଥଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଗମ୍ଭାରୀମୁଣ୍ଡା ବିଟ୍‌ହାଉସ ଉପ ନିରୀକ୍ଷକ କେଶବ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରି ନାରୁଣୀ ଥାନାକୁ ହସ୍ତାନ୍ତର କରଛନ୍ତି।

## ଭାଷା ସମ୍ମିଳନୀରେ ଯୋଡ଼ିହେବେ ୧୩ଲକ୍ଷ ପ୍ରବାସୀ

ଭୁବନେଶ୍ୱର,୨୮।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହିତ ଯୋଡି ହେବାକୁ ଓଡିଶା ସମେତ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମଧ୍ୟ ଉତ୍ସାହିତ ଅଛନ୍ତି। ଏଭଳି ଏକ ସମ୍ମିଳନୀ ରାଜ୍ୟରେ ପ୍ରଥମଥର ଆୟୋଜନ କରାଯାଉଥିବାରୁ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଛି। ଅନଲାଇନ ମାଧ୍ୟମରେ ବହୁ ପ୍ରବାସୀ ଭାଗ ନେବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡିଛି। ତେଣୁ ପ୍ରାୟ ୧୩ ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ଅନ୍‌ଲାଇନ ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହ ଯୋଡିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡିଶା ପରିବାର ନିର୍ଦ୍ଦେଶାଳୟ ସହ ଯୋଡି ହୋଇଥିବା ୧୭ଟି ପ୍ରବାସୀ ଓଡ଼ିଆ ସଂସ୍ଥା ସହ ଏନେଇ ଆଲୋଚନା ହୋଇଛି। ଦେଶ ବିଦେଶର ବହୁ ଭାଷାବିତ, ଐତିହାସିକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଉଛନ୍ତି। ସେମାନଙ୍କଠାରୁ ତଥ୍ୟଭିତ୍ତିକ ଉପସ୍ଥାପନା ସମ୍ପର୍କରେ ଜାଣିବା ନିମନ୍ତେ ବହୁ ପ୍ରବାସୀ ଓଡ଼ିଆ ଇଚ୍ଛାବ୍ୟକ୍ତ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମିଳନୀ ସହ ସେମାନଙ୍କୁ ଯୋଡିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ଓଡିଶା ସମ୍ପର୍କିତ ବିଭିନ୍ନ ଲେଖାମାନ ସେମାନଙ୍କଠାରୁ ମଧ୍ୟ ଆହ୍ୱାନ କରାଯାଉଛି, ଯାହା ଆସନ୍ତା ଓଡିଶା ଦିବସରେ ପ୍ରକାଶ ପାଇବ। ସମ୍ମିଳନୀ ସମ୍ପର୍କରେ ତଥ୍ୟ ଦେବା ପାଇଁ ଖୋଲା ଯାଇଥିବା ୱେବ୍‌ସାଇଟ www.worldodiaconference.org ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

# ମା'ବାପାଙ୍କ ପ୍ରେରଣା, ଗୁରୁଙ୍କ ଆଶୀର୍ବାଦ ସଫଳତା ଦିଏ

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)




ସାମ୍ବତ୍ସରିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୪୨ତମ ସାମ୍ବତ୍ସରିକ ଉତ୍ସବ

ଦେଶର ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ କଲେ ଜୀବନ ଶୃଙ୍ଖଳିତ ହେବା ସହ ଆଗକୁ ବଢିବାକୁ ପ୍ରେରଣା ମିଳିଥାଏ ବୋଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୪୨ତମ ସାମ୍ବତ୍ସରିକ ଉତ୍ସବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରାନ୍ତ ସହ କାର୍ଯ୍ୟବାହ ସୁଦର୍ଶନ ଦାସ କହିଛନ୍ତି। ପରିଚାଳନା ସମିତି ସଭାପତି ଶିକ୍ଷାବିତ୍ ଡ.ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଦାସ କହିଥିଲେ, ଶିଶୁଙ୍କ ଉତ୍ତମ ଚରିତ୍ର ଗଠନ ଦିଗରେ ମା'ମାନଙ୍କ ପ୍ରମୁଖ ଭୂମିକା ରହିଛି। ପିଲାବେଳେ ସେମାନଙ୍କୁ ଯେପରି ଗଢିବେ,ଭବିଷ୍ୟତରେ ସେଭଳି ରୂପ ଧାରଣ କରିବେ। ସ୍ୱାମୀ ବିବେକାନନ୍ଦ, ଅରବିନ୍ଦ, ଚନ୍ଦ୍ରଶେଖର ଆଜାଦ, ଭଗତସିଂହ, ବକ୍ସି ଜଗବନ୍ଧୁ, ଜୟୀରାଜଗୁରୁଙ୍କ ଭଳି ମହାନ୍ ରାଷ୍ଟ୍ରନାୟକଙ୍କ ପଛରେ ସେମାନଙ୍କ ପିତାମାତାଙ୍କ ଆଶୀର୍ବାଦ, ପ୍ରେରଣା ରହିଛି ବୋଲି କହିଥିଲେ। ବାଜିରାଉତ, ଆରୁଣୀ, ଉପମନ୍ୟୁଙ୍କ ଭଳି ଆଦର୍ଶ ଛାତ୍ର ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଭଲ ପାଠପଢି ଭଲ ମଣିଷ ହେବା ସହ ସମାଜ ପାଇଁ କାର୍ଯ୍ୟ କରିବାକୁ କହିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ସଂଗ୍ରାମ କେଶରୀ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ୫ ଇନ୍ଦ୍ରୀୟକୁ ବଶୀଭୂତ କରିପାରିଲେ ଉଜ୍ଜ୍ୱଳ ଭବିଷ୍ୟତ ଗଢିପାରିବ। ପରୋପକାର ମନୋଭାବ, ଗୁରୁ, ପିତାମାତାଙ୍କୁ ସମ୍ମାନ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଜିଲା ବିଚାରପତି ସୂର୍ଯ୍ୟମଣି ମହାପାତ୍ର କହିଥିଲେ, ବିଫଳତା ପଛରେ ସଫଳତା ରହିଛି। କୌଣସି କାର୍ଯ୍ୟରେ ବିଫଳ ହେଲେ ଭାଙ୍ଗି ନ ପଡି ଆଗକୁ ବଢିବାକୁ ଆତ୍ମବିଶ୍ୱାସ ରଖ। କାହାରି ପ୍ରତି ଦ୍ୱେଷ ଭାବ ନ ରଖି ସମସ୍ତଙ୍କୁ ନେଇ ଆଗକୁ ବଢିଲେ ସଫଳତା ପାଇବ ବୋଲି କହିଥିଲେ। ସଫଳ ବ୍ୟକ୍ତିଙ୍କ ପଛରେ ଗୁରୁଙ୍କ ଆଶୀର୍ବାଦ ରହିଛି। ପ୍ରଧାନାଚାର୍ଯ୍ୟ ଗିରିଜା କୁମାର ମହାପାତ୍ର ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଅଜିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭାପତି ମହାନ୍ତି ସଭାପତିତ୍ୱ ଭାଷଣରେ ବିଦ୍ୟାଳୟର ଗୌରବମୟ ଇତିହାସ ସହ ପ୍ରାଚୀନ ଗୁରୁକୁଳ ଶିକ୍ଷା ପଦ୍ଧତି, ଗୁରୁ ଶିଷ୍ୟ ପରମ୍ପରା ସମ୍ପର୍କରେ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ଧର୍ମେନ୍ଦ୍ର

■ ସିଉଳାରେ ପଦଯାତ୍ରା କରି ମୋଦି ଗ୍ୟାରେଣ୍ଟି ଆହ୍ୱାନ ଦେଲେ

■ ୧୪୪ ନମ୍ବର ବୁଥ୍‌ର ସମୀକ୍ଷା କଲେ, ଘରକାନ୍ଥରେ ପଦ୍ମ ଆଙ୍କିଲେ

ପିପିଲି,୨୮।୧(ପ୍ରଭାତ କୁମାର ମହାପାତ୍ର)

ପିପିଲିରେ ରବିବାର ପଦଯାତ୍ରାବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପିପିଲି କଣ୍ଟି ପଞ୍ଚାୟତର ପାତ୍ରସାହିସ୍ଥିତ ୧୪୪ ନମ୍ବର ବୁଥ୍‌ର ସମୀକ୍ଷା ବୈଠକରେ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନରେ ଭାଜପାକୁ ବିଜୟୀ କରାଇବା ପାଇଁ ଦଳୀୟ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଏଥିସହ ମୋଦି ସରକାରଙ୍କ ଗ୍ୟାରେଣ୍ଟି ଲୋକଙ୍କ ପାଖରେ ପହଞ୍ଚାଇବାକୁ କର୍ମୀମାନଙ୍କୁ କହିଛନ୍ତି। ବୈଠକରେ କଣ୍ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ, ରାଷ୍ଟ୍ରୀୟ ପ୍ରବକ୍ତା ଡ. ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଭୁବନେଶ୍ୱର ସାଙ୍ଗଠନିକ ଜିଲା ସଭାପତି ବାବୁ ସିଂ, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୌଶଲ୍ୟାଗଙ୍ଗ ମଣ୍ଡଳ ସଭାପତି ଶୁଭାଶିଷ ରଥ, ଉକ୍ତ ପଞ୍ଚାୟତର ପ୍ରଭାରୀ ଅଭୟ ସାମନ୍ତରାୟ, ୧୪୪ ନମ୍ବର ବୁଥ୍ ସଭାପତି ମୁକୁନ୍ଦ ରାୟ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

ଏହି ଅବସରରେ ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ଉପଦେଷ୍ଟା ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ଓ ସମ୍ପାଦକ ରମେଶ ମହାପାତ୍ର ଗଙ୍ଗୁଆ ନାଳର ସ୍ୱଚ୍ଛତା ଲାଗି ପଦକ୍ଷେପ ନେବାକୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉକ୍ତ ଗ୍ରାମର ପିଲାଙ୍କ ସହିତ ଫଟୋ ଉଠାଇଥିଲେ ଓ ଘର କାନ୍ଥରେ ପଦ୍ମଫୁଲ ଆଙ୍କିଥିଲେ। ବୁଥ ସମୀକ୍ଷା ପରେ ପ୍ରଧାନ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ବାହାରି ସିଉଳା ଗ୍ରାମ ଅଭିମୁଖେ ବାହାରିଥିଲେ। ଯିବା ବାଟରେ କଣ୍ଟି ଛକ ବଜାର, ମାଧିପୁର ଛକ ଏବଂ ପିପିଲି ହାଟଛକଠାରେ ଜନତା ଓ ଦଳୀୟ କର୍ମକର୍ତ୍ତା ଫୁଲତୋଡ଼ା, ଉତ୍ତରୀୟ ଦେଇ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶୋଭାଯାତ୍ରା ପିପିଲି ଗୋବିନ୍ଦପୁର ପଞ୍ଚାୟତର ସିଉଳା ଗ୍ରାମରେ ପହଞ୍ଚିବା ପରେ ପ୍ରଧାନ ଦଳୀୟ ସମର୍ଥକ ଓ ଜନସାଧାରଣଙ୍କ ସହ ପଦଯାତ୍ରା କରିଥିଲେ। ଗ୍ରାମର ମହିଳାମାନଙ୍କ ଦ୍ୱାରା ନଡ଼ିଆ କତାରେ ତିଆରି ବିଭିନ୍ନ କଣ୍ଢେଇ, ଠାକୁରଙ୍କ ପ୍ରତିକୃତି ଓ ସାମଗ୍ରୀ ଦେଖି ସେ ଖୁସିହେବା ସହ ଆହୁରି ସ୍ୱାବଲମ୍ବୀ ହେବାକୁ ସେମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଜାଗେଶ୍ୱରୀ କ୍ରିକେଟ କ୍ଲବର ୧୩ତମ କ୍ରିକେଟ ଟୁର୍ନାମେଣ୍ଟରେ ସେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରାଜ୍ୟ ଭାଜପା ଉପସଭାନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ ବରିଷ୍ଠ କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ଥିଲେ। ପଞ୍ଚାୟତ ସଭାପତି ଅଶୋକ କୁମାର ଭୋଳ, ନଳିନୀକାନ୍ତ ସ୍ୱାଇଁ, ବିଜୟ ବିଶୋୟୀ ପ୍ରମୁଖ ପଦଯାତ୍ରାର ନେତୃତ୍ୱ ନେଇଥିଲେ।



ପଦଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### କିଶୋରୀ ମେଳା

ଅସ୍ତରଙ୍ଗ,୨୮।୧(ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ନୋଡାଲ ବିଦ୍ୟାଳୟ ପରିସରରେ ଅସ୍ତରଙ୍ଗ ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ କିଶୋରୀ ମେଳା ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ଶିଶୁ ବିକାଶ ଅଧିକାରିଣୀ ଅରୁଣା କର, ମୁଖ୍ୟବକ୍ତା ସାମାଜିକ କର୍ମୀ ଦିବାକର ଛାଟୋଇ, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ରୂପ ବାରିକ୍, ସ୍ୱାସ୍ଥ୍ୟକର୍ମୀ କବିତା ରାଉତ ପ୍ରମୁଖ ଯୋଗଦେଇଥିଲେ। ଉପସ୍ଥିତ କିଶୋରୀଙ୍କୁ ଶିଶୁ ନିର୍ଯାତନା, ପୋକ୍‌ସୋ ଆଇନ ଓ ଶିଶୁ ଶ୍ରମିକ ଏକ ଦଣ୍ଡନୀୟ ଅପରାଧ ସମ୍ପର୍କରେ ସଚେତନ କରାଇଥିଲେ। ଏହା ପରେ କିଶୋରୀ ଓ କିଶୋରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କୁଇଜ୍, ଖୋଟି, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ବିଭିନ୍ନ ଉପକରଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ଓ ଆଳଙ୍ଗପୁର ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ ସାମିଲ ହୋଇଥିଲେ।

### ଶୀତକାଳୀନ ଶିବିର ଉଦ୍‌ଯାପିତ

କାକଟପୁର,୨୮।୧(ଶୁଭଦର୍ଶନ ମିଶ୍ର): କାକଟପୁର ବ୍ଲକ ଅଧୀନ ବାଙ୍ଗୁରୀ ଗାଁ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଜଳେଶ୍ୱରପଡ଼ା ଗ୍ରାମପଞ୍ଚାୟତର ଶୁକପୋଖରୀ ସତ୍ୟନାରାୟଣ ଯୁଥ କ୍ଲବ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦିଲୀପ ସେନାପତି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ମଙ୍ଗଳା ମହାବିଦ୍ୟାଳୟ ସଭାପତି ତଥା ଅବସରପ୍ରାପ୍ତ ଅର୍ଥନୀତି ଅଧ୍ୟାପକ ସୁଧୀର ଭୂୟାଁ, ସମ୍ମାନିତ ଅତିଥି ଭାବେ ତର୍କଶାସ୍ତ୍ର ଅଧ୍ୟାପକ ସୁରେନ୍ଦ୍ର ମାଣିକ, ବିଜୟ ମୁଦୁଲି, ପବିତ୍ର ନାୟକ, ସୁକାନ୍ତ ପୃଷ୍ଟି, ସ୍ୱାଧୀନ ଚୌଧୁରୀ, ଅଶୋକ ସ୍ୱାଇଁ, ରାଜକିଶୋର ମଲ୍ଲ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଛବି ପରିଡ଼ାଙ୍କୁ ମଞ୍ଚାସୀନ ଅତିଥିମାନେ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ଅଧ୍ୟାପକ ଭୂୟାଁ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଉମାଶଙ୍କର ନାୟକ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ

କଣାସ,୨୮।୧(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅଧୀନ ବଡାଲ ପଞ୍ଚାୟତର ବଡଓରା ଗ୍ରାମରେ ଶନିବାର ବିଜେଡିର ଶତାଧିକ କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। ସତ୍ୟବାଦୀ ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଭାଜପା ବରିଷ୍ଠ କର୍ମୀ ରଜନୀକାନ୍ତ ସାମନ୍ତରାୟ, ମହେଶ୍ୱର ବୈରୀଗଞ୍ଜନ, ଅଜୟ ପ୍ରଧାନ, ପ୍ରଦୀପ ସାହୁ, ଶେଷଦେବ ସାମନ୍ତରାୟଙ୍କ ଉପସ୍ଥିତିରେ ସମସ୍ତେ ବିଜେଡିରେ ଯୋଗ ଦେଇଥିଲେ। ଭାଜପା ନେତା ମିଶ୍ର ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ବ୍ୟକ୍ତିମାନେ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନାରେ ଅନୁପ୍ରାଣିତ ହୋଇ ଭାଜପାରେ ମିଶିଥିବା କହିଛନ୍ତି।

# ‘ଶ୍ରୀଜଗନ୍ନାଥ ଏକ ଚେତନା, ସଂସ୍କାରର ମୂଳମନ୍ତ୍ର’

ପୁରୀ, ୨୮।୧(ଅଜିତ ମହାନ୍ତି):

ଶ୍ରୀଜଗନ୍ନାଥ ଏକ ଧର୍ମ, ପରମ୍ପରା, କାହାଣୀ କି ଇତିହାସ ନୁହେଁ ବରଂ ଏକ ଚେତନା, ସଭ୍ୟତା ଓ ସଂସ୍କାରର ମୂଳମନ୍ତ୍ର। ଏହି ଚେତନାରେ ବିଶ୍ୱ ଚେତନାମୟ ହେଉ ବୋଲି କୃଷ୍ଣପ୍ରସାଦ ବ୍ଲକ୍‌ର ପଣସପଦା ହରିଶ୍ୱରଦେବ ଧନ୍ଦାମୂଳକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ‘ଓଡ଼ିଆ ଭାଷା ସାହିତ୍ୟରେ ଶ୍ରୀଜଗନ୍ନାଥ’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ କଥାକାର ବଦ୍ରି ମିଶ୍ର ଯୋଗ ଦେଇ ଏକ ସମୃଦ୍ଧ ଭାରତବର୍ଷ ପାଇଁ ଯୁବଗୋଷ୍ଠୀ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଆଗେଇ ଆସିବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଗବତ ଗବେଷକ ପ୍ରଶାନ୍ତ ତ୍ରିପାଠୀ, ଶିକ୍ଷାବିତ୍ ରଣଜିତ ସାମଲ ଏବଂ ଲକ୍ଷ୍ମୀକାନ୍ତ ଦାଶ ଯୋଗଦେଇଥିଲେ। ନୋଡାଲ ଅଫିସର ଶରତ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ କାଶୀନାଥ ନାୟକ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ‘ଛାତ୍ରୀଛାତ୍ର ଉନ୍ନତ ଜ୍ଞାନ କୌଶଳ ଆହରଣ କରନ୍ତୁ’



ଉତ୍ସବରେ ମଞ୍ଚାସୀନ ଅତିଥି ।

କାକଟପୁର, ୨୮।୧(ଶୁଭଦର୍ଶନ ମିଶ୍ର):

କାକଟପୁର ପ୍ରାଚୀ ବିହାରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଦୁର୍ଗାଚରଣ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ତୁଷାର ଜ୍ୟୋତି ରଞ୍ଜନ, ମୁଖ୍ୟ ବକ୍ତା ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁ, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ସମାଜସେବୀ ପଣ୍ଡିତ ତ୍ରିଲୋଚନ ମିଶ୍ର, ବିଦ୍ୟାଳୟ ସଭାପତି ଶର୍ମିଷ୍ଠା ବିଶ୍ୱାଳ, ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ, ଉପାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ର ଉନ୍ନତ ଜ୍ଞାନ କୌଶଳ ଆହରଣ ସହ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରାଚୀରପତ୍ର ‘ଫୁଟ୍‌ପ୍ରିଣ୍ଟ’ ଓ ଫଟୋ ଗ୍ୟାଲେରି ‘ଫ୍ଲାସ୍‌ବ୍ୟାକ’ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସନ୍ତୋଷ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ ‘ଅନୁତାପ’ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ନିରଞ୍ଜନ ବିଶ୍ୱାଳ, ଲତିଫୁଲ ରହେମନ ଖାଁ, ଭକ୍ତିପ୍ରଭା ବିଶ୍ୱାଳ, ରାଜଶ୍ରୀ ପରିଡା, ସରିତା ସାସମଲ, କ୍ରିଷ୍ଣା ସାହୁ, ଲକ୍ଷ୍ମୀପ୍ରିୟା ଦାଶ ପ୍ରମୁଖ ପରିଚାଳନା କରିଥିଲେ।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମାର୍କଣ୍ଡେୟ ସ୍ମୃତି ସଂସଦ ଆନୁକୂଲ୍ୟରେ ପଣ୍ଡିତ ଗୁରୁ ମାର୍କଣ୍ଡେୟ ମହାପାତ୍ର ଶର୍ମାଙ୍କ ସ୍ମୃତିରେ ଆୟୋଜିତ ପଞ୍ଚମ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ।

## ମାର୍କଣ୍ଡେୟ ସ୍ମୃତି ସଂସଦ ପକ୍ଷରୁ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବ

ପୁରୀ, ୨୮।୧(ଅଜିତ୍ ମହାନ୍ତି)

ମାର୍କଣ୍ଡେୟ ସ୍ମୃତି ସଂସଦ ଆନୁକୁଲ୍ୟରେ ପଣ୍ଡିତ ଗୁରୁ ମାର୍କଣ୍ଡେୟ ମହାପାତ୍ର ଶର୍ମାଙ୍କ ସ୍ମୃତିରେ ପଞ୍ଚମ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ଶ୍ରୀକୃଷ୍ଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସେବାୟତ ଭଗବାନ ମହାସୁଆର, ଗୀତିକାର କବିତିଳକ ଆର୍ତ୍ତତ୍ରାଣ ଶତପଥୀ ଏବଂ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତିଭା ପୂଜାରେ ଓଡ଼ିଶୀ ସଙ୍ଗୀତ ଗୁରୁ କେଶବ ଚନ୍ଦ୍ର ରାଉତ, ସିତାର ବାଦକ ସତ୍ୟନାରାୟଣ ଗୁରୁ ଏବଂ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତିଙ୍କୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସିଦ୍ଧ ମହାବୀର ସଙ୍ଗୀତ ପରିଷଦ ପକ୍ଷରୁ ଓଡ଼ିଶୀ ମେଳ ଗାୟନ ପରିବେଷିତ ହୋଇଥିଲା। ଗୁରୁ କେଶବ ଚନ୍ଦ୍ର ରାଉତ, ଶତ୍ରୁଘ୍ନ ନାୟକ ଏବଂ ସବିତା ମିଶ୍ର ପ୍ରମୁଖ ଓଡ଼ିଶୀ ଏକକ ଗାୟନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚାଳନାରେ ଗୁରୁ ସୁରେନ୍ଦ୍ର ନାୟକ, ସତ୍ୟପ୍ରିୟ ମହାପାତ୍ର, ସୁଚରିତା ପ୍ରତିହାରୀ, ଅଶୋକ କୁମାର ଦାସ, ନୀଳିମା ମିଶ୍ର, ହରପ୍ରିୟା ରାଏ, ରାମକୃଷ୍ଣ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ‘ମାଟି ସହ ଅନୁଭୂତି ନ ହେଲେ ସାହିତ୍ୟ ସୃଷ୍ଟି ହୁଏ ନାହିଁ’

ପୁରୀ, ୨୮।୧(ଅଜିତ୍ ମହାନ୍ତି):

**ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ**

ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଦ୍ୱିଦିବସୀୟ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଶ୍ରୀବିହାର ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ବିଶିଷ୍ଟ ଔପନ୍ୟାସିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ଯୋଗଦେଇ କହିଥିଲେ, ମାଟି ସହ ଅନୁଭୂତି ନ ହେଲେ ସାହିତ୍ୟ ସୃଷ୍ଟି ହୁଏ ନାହିଁ। ପ୍ରକୃତ ଓଡ଼ିଆ ଯେପରି ତା’ର ସଂସ୍କୃତି ଓ ଐତିହ୍ୟକୁ ଭୁଲେନାହିଁ ସେହିପରି ତା’ର ଭାଷାକୁ ମଧ୍ୟ ଭୁଲିବା ଉଚିତ୍ ନୁହେଁ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶ୍ୱ ଭାରତୀ, ଶାନ୍ତି ନିକେତନ ଭାଷା ଭବନର ମୁଖ୍ୟ ତଥା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ମନୋରଞ୍ଜନ ପ୍ରଧାନ ଯୋଗଦେଇ କହିଥିଲେ, ଆମ ଓଡ଼ିଆ ସାହିତ୍ୟ ଅତି ସମୃଦ୍ଧ ଥିବାରୁ ଏହାକୁ ଅନ୍ୟ ଭାଷାରେ ବହୁଳ ଭାବେ ଅନୁବାଦ କରାଗଲେ ଆମେ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରନ୍ତୁ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀର ପ୍ରଫେସର ବନମାଳୀ ବିଶ୍ୱାଳ ଯୋଗଦେଇ ଓଡ଼ିଆ ଭାଷାରେ ରଚିତ ବିଭିନ୍ନ ସାହିତ୍ୟ ପଢିବା ଉପରେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର କେଶବ ଚନ୍ଦ୍ର ଦାସ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପବନ୍ଧୁ ମିଶ୍ର ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀର ନିର୍ଦ୍ଦେଶକ ଡ. ପ୍ରିୟବ୍ରତ ମିଶ୍ର ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ୬୦ଟି ଗବେଷଣା ପତ୍ର ପାଠ କରାଯାଇଥିଲା। ଜର୍ମାନୀ ଲିପ୍‌ଜଗ୍ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଡ. ସଦାନନ୍ଦ ଦାସ, ମସ୍କୋରୁ ପ୍ରତିନିଧି ଭାବେ ସୁହାସ ହୋତା ଯୋଗଦେଇଥିଲେ। ଆଭାସୀ ମାଧ୍ୟମରେ ନେଦରଲ୍ୟାଣ୍ଡସ୍‌ରୁ ଡ. ଏସ୍. ରଥ ଓଡ଼ିଆ ଭାଷା ଓ ଲିପି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଫେସର ବ୍ରଜକିଶୋର ନାୟକଙ୍କ ଦ୍ୱାରା ଲିଖିତ ଦୁଇଟି ସଂସ୍କୃତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଡ. ପ୍ରିୟବ୍ରତ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶଙ୍ଖ, ହାତ ଛାଡି ପଦ୍ମ ଧରିଲେ ୫୦ରୁ ଊର୍ଦ୍ଧ୍ୱ କର୍ମୀ



ନିମାପଡ଼ା,୨୮।୧(ରଞ୍ଜନ ପଟ୍ଟନାୟକ):

ଭାଜପା ନିମାପଡ଼ା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ନାରୀନେତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ୫୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ଏରବଙ୍ଗ ପଞ୍ଚାୟତର ଅକ୍ଷୟ ଜେନା, ସୁକାନ୍ତ ପ୍ରଧାନ, ରାଜେଶ ମାଝୀ, ଲବଙ୍ଗ ବେହେରା, ମୀନାଦାସ, ତିଳୋତ୍ତମା ବେହେରା, ରଜନୀ ମହାରଣା, ରବି କାଣ୍ଡି, ଯଶୋବନ୍ତ ମହାନ୍ତି, ଶ୍ରୀଧର ଭୋଇ, ବୁଲା ଜେନାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କର୍ମୀ ପଞ୍ଚାୟତ ସଭାପତି ସନ୍ତୋଷ ସାମନ୍ତରାୟଙ୍କ ନେତୃତ୍ୱରେ ଭାଜପାରେ ଯୋଗଦେଇଛନ୍ତି। ଏହି ମିଶ୍ରଣପର୍ବରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ଭାଜପା ମଣ୍ଡଳ ସଭାପତି ଓ ବରିଷ୍ଠ ନେତୃତ୍ୱ ଉପସ୍ଥିତ ଥିଲେ। ପ୍ରଭାତୀ ପରିଡ଼ା ନୂତନ ଭାବରେ ଭାଜପାରେ ଯୋଗ ଦେଇଥିବା କର୍ମୀଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ।

## କ୍ଷତିଗ୍ରସ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ

ନିମାପଡ଼ା,୨୮।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):

ସୌନ୍ଦର୍ଯ୍ୟକରଣ ନିମନ୍ତେ ନିମାପଡ଼ାରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇ ମୁଖ୍ୟ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲି ରହିଛି। ଏହାଦ୍ୱାରା ମୁଖ୍ୟରାସ୍ତା କଡ଼ରେ ସରକାରୀ ଜାଗାରେ ଦୀର୍ଘଦିନ ଧରି ବ୍ୟବସାୟ କରୁଥିବା କ୍ଷୁଦ୍ର ବ୍ୟବସାୟୀ ବିସ୍ଥାପିତ ହୋଇଛନ୍ତି। ଫଳରେ ସେମାନେ ରୋଜଗାର ହରାଇ ବେସାହାରା ହୋଇ ପଡ଼ିଛନ୍ତି। ଶୀତ କାକରରେ ପରିବାର ଚଳାଇବାକୁ ଏଣେତେଣେ ଅସ୍ଥାୟୀ ଭାବେ ବସି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଏମାନଙ୍କ ଥଇଥାନ ନିମନ୍ତେ ପ୍ରଶାସନ ପଦକ୍ଷେପ ନେଇପାରିନାହିଁ। ନିମାପଡ଼ା ଦୋଳବେଦୀ ଛକ, ପରିବା ମାର୍କେଟ୍, ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଦୋକାନ ଭାଙ୍ଗିଯାଇ କ୍ଷତିଗ୍ରସ୍ତ ହୋଇଥିବା ଶତାଧିକ ବ୍ୟବସାୟୀଙ୍କୁ ସହଯୋଗର ହାତ ବଢାଇଛନ୍ତି ନିମାପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି। ସେ ୨ଶହ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ସ୍ୱରୂପ ଶୀତ, କାକରରୁ ରକ୍ଷା ନିମନ୍ତେ ବଡ଼ ଛତା ବାଣ୍ଟିଛନ୍ତି। ଏଥିସହ ପ୍ରଶାସନ ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ ଓ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇ ବିସ୍ଥାପିତଙ୍କୁ ସହାୟତା ପ୍ରଦାନ କରିବାକୁ ଜିତେନ୍ଦ୍ର, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ ଏବଂ ଉଲ୍ଲାସ ପ୍ରଧାନ ପ୍ରମୁଖ ରାଜ୍ୟ ସରକାର, ଜିଲାପାଳ ଓ ସ୍ଥାନୀୟ ପ୍ରଶାସନ ପାଖରେ ଦାବି କରିଛନ୍ତି।



ପୁରୀ ରାମକୃଷ୍ଣ ମିଶନ ପକ୍ଷରୁ ଜାତୀୟ ଯୁବ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କୃତ କୃତୀ ପ୍ରତିଯୋଗୀମାନେ।

## କବିତା ପାଠ, ଆଲୋଚନା ଚକ୍ର

ଡେଲାଙ୍ଗ,୨୮।୧(ରଶ୍ମୀରଞ୍ଜନ ପ୍ରଧାନ): ଡେଲାଙ୍ଗ ଷ୍ଟେଶନବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ କବିତା ପାଠୋତ୍ସବ ଓ ଭାଷା ସାହିତ୍ୟ ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପାଠାଗାର ପ୍ରତିଷ୍ଠାତା କାଶୀନାଥ ମହାପାତ୍ର, କବି ରୋହିତ ଚମ୍ପତି, ପ୍ରଭାତ ସେଠୀ, ପ୍ରମୋଦ କୁମାର ଜେନା, ସରୋଜ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଶଶିକାନ୍ତ ବାରିକ, ଦ୍ୱିତୀକୃଷ୍ଣ ମହାନ୍ତି, କବୟିତ୍ରୀ ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ନନ୍ଦ, ପୁଷ୍ପଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ଭାଷା ଓ ସାହିତ୍ୟ ସମ୍ପର୍କିତ ଆଲୋଚନା କରିଥିଲେ। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅଭୟ ଚରଣ ସାହୁ ସଭା ସଂଯୋଜନା କରିଥିବାବେଳେ ଆଇନଜୀବୀ ହୃଷିକେଶ ପାଢୀ ଧନ୍ୟବାଦ ଦେଇଥିଲେ।

# ନିମାପଡ଼ା ଟାଉନ କ୍ଲବକୁ ହରାଇଲା ଯଦୁପୁର



ଅତିଥିଙ୍କ ଗହଣରେ ଖେଳାଳିମାନେ ।

**୩୧ତମ ରାଜ୍ୟସ୍ତରୀୟ ଶାରଳା କପ୍**

ଅସ୍ତରଙ୍ଗ,୨୮।୧
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା):

ଅସ୍ତରଙ୍ଗ ବ୍ଲକର ନରେନ୍ଦ୍ର ଷ୍ଟାଡିୟମରେ ୩୧ତମ ଶାରଳା କପ୍ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିମାପଡ଼ା ଟାଉନ କ୍ଲବ ଓ ଯଦୁପୁର ଭୁବନେଶ୍ୱର ପରସ୍ପରକୁ ଭେଟିଥିଲେ। ପ୍ରଥମେ ଟସ୍ ଜିତି ଯଦୁପୁର ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ନିମାପଡ଼ା ଟାଉନ କ୍ଲବ ୨୦୮ରନ୍ ବିଜୟ ଲକ୍ଷ୍ୟକୁ ପିଛା କରି ନିର୍ଦ୍ଧାରିତ ଓଭରରେ ୧୦୧ ରନ ସଂଗ୍ରହ କରି ସମସ୍ତ ଉଇକେଟ ହରାଇଥିଲା। ଫଳରେ ସେମିଫାଇନାଲରେ ଯଦୁପୁର ଟିମ୍ ବିଜୟ ଲାଭ କରିଥିଲା। ଅତିଥି ଭାବେ ଖବରଦାତା ମାନସ ଖଣ୍ଡୁଆଳ, ପ୍ରସାର ଖୁଣ୍ଟିଆ, ଆଦିତ୍ୟ ରାଉତ, ଆର୍ଯ୍ୟ ବିଶ୍ୱାଳ ଓ ଆର୍ତ୍ତତ୍ରାଣ ମହାନ୍ତି ଯୋଗଦେଇ ଯଦୁପୁର ଟିମ୍‌ର ନିର୍ବିଶଙ୍କର ବାରିକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। କୁମାର ସନ୍ତୋଷ ଓ ଦିବ୍ୟଦର୍ଶୀ ଛାଟୋଇ ଖେଳ ପରିଚାଳନା କରିଥିଲେ। ଶାରଳା କ୍ଲବ ଦିଗଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ଦୁର୍ଗା ମହାରଣା, ପ୍ରଶାନ୍ତ ମୁଦୁଲି, ମିଡ଼ିଆ ସେଲ ଯୁବ ଅଧିକାରୀ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ ଗଡିରାଉତ ପାଟଣାସ୍ଥିତ ଡ. ହରେକୃଷ୍ଣ ମହତାବ ପାଠାଗାର ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ରବିବାର ଉନ୍ମୋଚିତ ହୋଇଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହାକୁ ଉନ୍ମୋଚନ କରିଥିଲେ। ପାଠାଗାର ସଭାପତି ପ୍ରମୋଦ କୁମାର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା, ସୁଶାନ୍ତ ରାଉତ ଓ ଅଧାପକ ବ୍ରଜମୋହନ ସାହୁ ଯୋଗଦେଇଥିଲେ। ପାଠାଗାର ସମ୍ପାଦକ ରାଧାମୋହନ ମହଲା ଧନ୍ୟବାଦ ଦେଇଥିଲେ।

# ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କର

**କଟକ ସଦର, ୨୮।୧(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିବାକୁ ମିଳିଥିଲା। ଏଥିରେ ଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ମୋଦି ଗ୍ୟାରେଣ୍ଟି ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ସୂଚନା ଦେବା ସହ କନ୍ଦରପୁର ଲେଭଲ କ୍ରସିଂରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ରେଲୱେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କନ୍ଦରପୁର ଷ୍ଟେଶନରେ ସ୍ଥାନ ସଂରକ୍ଷଣ କାଉଣ୍ଟର ଖୋଲିବା, ରାଜହଂସ ମୁଦୁଲି ସାହି ରାସ୍ତା କାର୍ଯ୍ୟ ଶୀଘ୍ର ସାରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ୍ ଏଚ୍.ଏସ୍. ବାଜୱାଙ୍କୁ ସଭାସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ପ୍ରକାଶ ବେହେରା, ରାଜ୍ୟ ମିଡିଆ ସେଲ୍ ସଂଯୋଜକ ଦିଲ୍ଲୀପ ମଲ୍ଲିକ, ହୃଷୀକେଶ ଜେନା, ପ୍ରତିଭା ଶତପଥୀ, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ପ୍ରଦୀପ ବେହେରା, ନୟନକିଶୋର ମହାନ୍ତି, ନିର୍ମଳ ଚନ୍ଦ୍ର ଦାସ, ଆଲୋକ ମହାନ୍ତି, ରଶ୍ମିରେଖା ଦାସ, ଯୋଗେନ୍ଦ୍ର ଭୋଇ ଯୋଗଦେଇଥିଲେ।

କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ାଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜିଲା ସଂଯୋଜକ ଗୋକୁଳ ପ୍ରଧାନ, ସୁକାନ୍ତ ବିଶ୍ୱାଳ, ବିମଳ ପଣ୍ଡା, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ମହାନ୍ତି, ଚିତ୍ତରଞ୍ଜନ ସାହୁ, ସରୋଜ ବାରିକ, ସୁରେଶ ଜେନା, କବି ଭୁଷଣ ଆଚାର୍ଯ୍ୟ, ଲକ୍ଷ୍ମୀଧର ଜେନା, ସଞ୍ଜୟ ସେଠୀ ଓ ରଞ୍ଜନ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବରେ ୧୦୦ ଜଣ ପୂର୍ବତନ ସରପଞ୍ଚ, ୱାର୍ଡ ସଭ୍ୟ, ଅବସରପ୍ରାପ୍ତ କର୍ମଚାରୀ ଭାଜପାରେ ସାମିଲ ହୋଇଥିଲେ।



ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ଅନ୍ୟମାନେ।

**ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ରେଳମନ୍ତ୍ରୀ**

## ସଂକ୍ଷେପରେ

### ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ମଙ୍ଗୁଳି–ଜଗତପୁର,୨୮।୧ (ମାନସ ସାମଲ)**

ଜଗତପୁର ଥାନା ଅଧୀନ ପୀରବଜାର ଅଣ୍ଡେଇସାହିସ୍ଥିତ ନ୍ୟୁ କଟକ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ସିହାବ ଚୋଟରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ସଫଳତା ପାଇବାକୁ ହେଲେ ଜ୍ଞାନ ଅର୍ଜନ ସହ ପରିଶ୍ରମ ଦରକାର ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ସମ୍ପାଦକ ଜାବିଉଲ୍ଲା, ଡାଇରେକ୍ଟର ଡ. ଲୁକମାନୁଲ ହାକିମ, ଏସ୍‌ଏସ୍‌ଏଫ୍ ଇଣ୍ଡିଆ ସଭାପତି ନୌସାଦ ଆଲାମ ମିସବାହି, ସିଆର୍‌ସିସି ମାନସ ରଞ୍ଜନ ପଣ୍ଡା ଯୋଗଦେଇ ମୋବାଇଲ ଫୋନ୍‌ଠାରୁ ଦୁରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଡା. ଡାଇସେମାମ ଜ୍ୟାକବ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କ୍ରିକେଟ: ଟୁକୁଲିପଡ଼ା ଚାମ୍ପିୟନ

**କଣ୍ଟାପଡା,୨୮।୧(ସୁରନାରାୟଣ ସାହୁ)**

ମା' ନାଗେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ନାଗେଶ୍ୱରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଆୟୋଜକ କ୍ଲବ୍‌କୁ ହରାଇ ଟୁକୁଲିପଡା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଟୁକୁଲିପଡା ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୭ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମଣ୍ଟୁ ୪୬ ରନ୍ କରିଥିଲେ। ଜବାବରେ ଆୟୋଜକ ଦଳ ୧୦ ଓଭରରେ ୮ ଉଇକେଟ ହରାଇ ୬୬ ରନ୍ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ କଣ୍ଟାପଡା ସରପଞ୍ଚ ଚିନ୍ତାମଣୀ ସାହୁ, ଗୁଣନିଧି ସାହୁ, ଭାଗ୍ୟଧର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୮୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ଓ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ମଣ୍ଟୁଙ୍କୁ ପ୍ଲେୟାର ଅଫ୍ ଦ ଫାଇନାଲ ଓ ଆକାଶଙ୍କୁ ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ପୁରସ୍କାର ଦିଆଯାଇଥିଲା। ସୁଜିତ୍ ସ୍ୱାଇଁ ଓ ସୁଶାନ୍ତ ମୁଦୁଲି ଖେଳ ପରିଚାଳନା କରିଥିବାବେଳେ ଆୟୋଜକ ଟିମ୍‌ର ସଦସ୍ୟମାନେ ସହଯୋଗ କରିଥିଲେ।

### ଷୋଳପୁଅ ମା' ଠାକୁରାଣୀ ପୂଜା ସମିତିର ନବବର୍ଷ କ୍ୟାଲେଣ୍ଡର ଉନ୍ମୋଚିତ

**କଟକ, ୨୮।୧(ଶିଳ୍ପା ପ୍ରିୟଦର୍ଶିନୀ)**

ଷୋଳପୁଅ ମା' ଠାକୁରାଣୀ ପୂଜା ସମିତି ପକ୍ଷରୁ ନବବର୍ଷ କ୍ୟାଲେଣ୍ଡର ଓସିଏ ସମ୍ମିଳନୀ କକ୍ଷରେ ରବିବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ସମିତି ସଭାପତି ଏ. ଉମେଶ ରାଓ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡି. ଗୌରୀ ଶଙ୍କର ଆଚାରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, ଲାଇସେନ୍ସ ଓ ଆବେଦନ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଏ. ଶ୍ରୀଦେବୀ, ପ୍ରଦ୍ୟୋଷ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ କର୍ପୋରେଟର ସ୍ୱର୍ଗତ ଏ. ଅହଲ୍ୟା ଦେବୀଙ୍କ ସ୍ମୃତିରେ ସଭାପତି ରାଓ ମୃତଦେହ ସଂରକ୍ଷିତ ରଖିବା ପାଇଁ ଏକ ମର୍ଚ୍ଚରି ଫ୍ରିଜ ସହରର ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ପାଇଁ ଦାନ କରିଛନ୍ତି। ଏଥିସହ ଏକ ସ୍ୱର୍ଗରଥ ମଧ୍ୟ ଉକ୍ତ ସମ୍ପ୍ରଦାୟର ଲୋକଙ୍କ ସେବା ପାଇଁ ପ୍ରଦାନ କରାଯାଇଛି। ସମିତି ଉପସଭାପତି ଭି. କିଶୋର କୁମାର ଧନ୍ୟବାଦ ଦେଇଥିଲେ।

# ପିଏମ୍ ମିତ୍ର ଯୋଜନାରେ ଓଟିଏମ୍‌କୁ ଅନ୍ତର୍ଭୁକ୍ତ କରାଯାଉ

**କଟକ, ୨୮।୧(ଶିଳ୍ପା ପ୍ରିୟଦର୍ଶିନୀ)**

**ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଭାଜପା ନେତା ସନ୍ତୋଷ**

କଟକସ୍ଥିତ ରେଲୱେ ଗେଷ୍ଟ ହାଉସ୍‌ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରବିବାର ଚୌଦ୍ୱାର–କଟକ ଭାଜପା ନେତା ସନ୍ତୋଷ କୁମାର ମହାନ୍ତି ଭେଟିଛନ୍ତି। ସେ ପ୍ରାୟ ୧ ଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଅନୁଯାୟୀ, ପିଏମ୍ ମିତ୍ର ଯୋଜନାରେ ଓଟିଏମ୍‌କୁ ଅନ୍ତର୍ଭୁକ୍ତ କରାଯାଉ। ଦୀର୍ଘଦିନ ଧରି ବେସରକାରୀ ନିବେଶକୁ ମହାନ୍ତି ବିରୋଧ କରିଆସୁଛନ୍ତି। କେନ୍ଦ୍ର ବୟନଶିଳ୍ପ ବିଭାଗ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେ ଦାବି କରିଛନ୍ତି। କେନ୍ଦ୍ର ସରକାର ଗତ ଦିନରେ ୭୦,୦୦୦ କୋଟି ଟଙ୍କା ୭ ରାଜ୍ୟକୁ ବୟନ ଶିଳ୍ପ କାରଖାନାର ଭିତ୍ତିଭୂମି ଓ ବିକାଶ ନିମନ୍ତେ ଯୋଗାଇ ଦେଇଛନ୍ତି। ଚୌଦ୍ୱାରସ୍ଥିତ ଓଟିଏମ୍ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ବେସରକାରୀ ସଂସ୍ଥାକୁ ଦେବା ପରିବର୍ତ୍ତେ ସରକାରୀ ବିନିଯୋଗରେ ୧୨,୦୦୦ କୋଟି ନିବେଶ କରାଯାଇ ଉତ୍ତରପ୍ରଦେଶ ଭଳି ମଡେଲ କାରଖାନା କରାଇଲେ ୧ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ କଲୋନିବାସୀଙ୍କ ସ୍ଥାୟିତ୍ୱ ବିଷୟରେ ସନ୍ତୋଷ ଆଲୋଚନା କରିଥିଲେ। ଖୁବ୍‌ଶୀଘ୍ର କେନ୍ଦ୍ରରେ ଉକ୍ତ ବିଷୟ ଉପସ୍ଥାପନ କରିବା ସହ ଓଟିଏମ୍ ପରିଦର୍ଶନ କରି ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସନ୍ତୋଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପୁରୀରୁ ଅଯୋଧ୍ୟା ରେଳ ଚଳାଚଳ କରାଯାଉ

**କଟକ,୨୮।୧ (କାର୍ତ୍ତିକ ସାହୁ)**

ଶ୍ରୀକ୍ଷେତ୍ର ପୁରୀରୁ ଅଯୋଧ୍ୟା ରେଳ ଚଳାଚଳ ପାଇଁ ସାଲ୍ୟୁଟ ତ୍ରିରଙ୍ଗା ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରେଳମନ୍ତ୍ରୀ ରବିବାର କଟକ ରେଳଷ୍ଟେଶନ ପରିଦର୍ଶନ କରିବା ସମୟରେ ଅନୁଷ୍ଠାନର କର୍ମକର୍ତ୍ତା ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ପୁରୀରୁ ଅଯୋଧ୍ୟା ପର୍ଯ୍ୟନ୍ତ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ଗୋଟିଏ ପଟେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟିତ ହୋଇଥିବାବେଳେ ଅନ୍ୟପଟେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମଧ୍ୟ ସରିଛି। ଦୁଇଟିଯାକ ଧାର୍ମିକ ସ୍ଥଳୀ କୋଟି କୋଟି ହିନ୍ଦୁମାନଙ୍କ ଆସ୍ଥାର କେନ୍ଦ୍ର ପାଲଟିଛି। ଏଭଳି ସ୍ଥିତିରେ ଏହି ଦୁଇଟି ଧାର୍ମିକ ସ୍ଥାନ ମଧ୍ୟରେ ସିଧାସଳଖ ଟ୍ରେନ ଚଳାଚଳ କରିବାର ଆବଶ୍ୟକତା ରହିଛି। ଆଗାମୀ ବଜେଟ ଅଧିବେଶନରେ ଏକ ନିୟମିତ ସୁପର ଫାଷ୍ଟ ଏକ୍ସପ୍ରେସ୍ ଟ୍ରେନ ପୁରୀ ଅଯୋଧ୍ୟା ଜଙ୍ଗସନ ହୋଇ ସୁଲତାନପୁର ପର୍ଯ୍ୟନ୍ତ ଚଳାଇବାକୁ ସାଲୁଟ ତ୍ରିରଙ୍ଗାର ରାଜ୍ୟ ସଭାପତି ଶୈଳେଶ ବର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରେଳମନ୍ତ୍ରୀ ବୈଷ୍ଣବଙ୍କୁ ଅନୁରୋଧ କରିଛନ୍ତି। ଏହି ପ୍ରସ୍ତାବିତ ରେଳ ସେବା ମାଧ୍ୟମରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶର ଯାତ୍ରୀମାନଙ୍କୁ ଫାଇଦା ମିଳିବ। ଅନ୍ୟମାନଙ୍କ ମଧ୍ୟରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, କମଲ ସିକାରିଆ, ସୁଧାକର ସାହି, ରାଜନାଥ ଚତୁର୍ବେଦୀ, ପ୍ରକାଶ ଅଗ୍ରୱାଲ, ମନୋଜ ଶର୍ମା, ପବନ ଧାନୁକା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ, ନୂଆପାଟଣା ଟିମ୍ ଚାମ୍ପିୟନ

**ଚୌଦ୍ୱାର,୨୮।୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଅଧୀନ ନୂଆସାହିରେ ଚାଲିଥିବା ୩ ଦିନିଆ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ନୂଆସାହି କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୬ଟି ଟିମ୍ ଭାଗ ନେଇଥିଲେ। ପିସିସି ନୂଆପାଟଣା ଓ ତେରୁଆଁ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ତେରୁଆଁ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୫୯ରନ୍ ସଂଗ୍ରହ କରିଥିଲା। ଜବାବରେ ନୂଆପାଟଣା ଟିମ୍ ୬୦ ରନ୍ କରି ଚାମ୍ପିୟନ ହୋଇଥିଲା। ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ୍ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ୧୦ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ ଦଳକୁ ୭ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଏଥିରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ସଭାପତି ଦାନିଏଲ ପାଢ଼ୀ, ରଜତ ପଣ୍ଡା, ଅଜୟ ଶର୍ମା, କାନ୍ତିଲାଲ ମିଶ୍ର, ସୌମ୍ୟ ରଞ୍ଜନ ପ୍ରଧାନ, ଆକାଶ ବାରିକ, ଶୁଭ୍ରାଂଶୁ ସୂତାର, ଦୀପ୍ତି ରଞ୍ଜନ ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କଟକ ଶତାବ୍ଦୀ ଭବନଠାରେ ରବିବାର ସନ୍ଧ୍ୟା ଶତପଥୀଙ୍କ କାବ୍ୟ ପୁସ୍ତକ 'ବିରହିଣୀର ସ୍ମୃତି ତୁମେ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# 'ବିରହିଣୀର ସ୍ମୃତି ତୁମେ' ପୁସ୍ତକ ଉନ୍ମୋଚିତ

**କଟକ,୨୭।୧(କାର୍ତ୍ତିକ ସାହୁ)**

ପ୍ରେମ, ପ୍ରଣୟ, ବିରହ ଓ ବିଚ୍ଛେଦକୁ ଆଧାର କଲେ କବିତା ଅଧିକ ସାନ୍ଦ୍ର ହୋଇଥାଏ। କବିତା ଅନୁରାଗରେ ହୃଦୟକୁ ସ୍ପର୍ଶ କରେ। ସମକାଳୀନ ଓଡ଼ିଆ କାବ୍ୟ କବିତା ପ୍ରେମ, ପ୍ରଣୟରେ ସ୍ପନ୍ଦିତ ବୋଲି ସନ୍ଧ୍ୟା ଶତପଥୀଙ୍କ 'ବିରହିଣୀର ସ୍ମୃତି ତୁମେ' ପୁସ୍ତକ ଉନ୍ମୋଚନ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଚଳଚ୍ଚିତ୍ର ଜଗତ ପତ୍ରିକା ସମ୍ପାଦକ ଆଦିକନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ କଟକ ଶତାବ୍ଦୀ ଭବନଠାରେ ରବିବାର ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ ପୁସ୍ତକରେ ଲେଖିକାଙ୍କ ଅଭିବ୍ୟକ୍ତି ପାଠକୀୟ ଆଦୃତି ଲାଭ କରିବ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇଥିଲେ। ଲେଖିକା ସନ୍ଧ୍ୟା ଶତପଥୀ ନିଜସ୍ୱ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। ବନସ୍ମିତା ରାଉତରାୟ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ପ୍ରକାଶକ ଶିବାଶିଷ ଜ୍ୟୋତିରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଓ ମହେନ୍ଦ୍ର ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ ଗୀତାଞ୍ଜଳି ପୃଷ୍ଟି ଓ ନିରୁପମା ମିଶ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ହୋଇଥିଲା। କବିମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶ୍ରୀଦୁର୍ଗା ସାହିତ୍ୟ ସଂସଦ ସଭାପତି ପଣ୍ଡିତ ଚୈତନ୍ୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ଯୋଗଦେଇଥିଲେ। ପ୍ରିୟାଂଶୀ ମହାପାତ୍ର, ସୁପ୍ରସନ୍ନା ଦାଶ, ଶିବାନୀ ଶୁଭାଙ୍ଗିନୀ ମିଶ୍ର ଓ ସୋନାକ୍ଷୀ ମହାନ୍ତି ନୃତ୍ୟ ପରିବେଷଣ କରିଥିଲେ। କବିତା ପାଠ ପରେ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ। ରଞ୍ଜିତ ଚୌଧୁରୀ, ମୋହନ ସେଠୀ, ଶାରଦା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କଟକ ସ୍ୱରାଜ ଆଶ୍ରମରୁ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପାର୍ଥିବ ଶରୀର ଯାଜପୁର ନେବା ସମୟରେ ରାଜନୈତିକ ନେତୃବୃନ୍ଦ ଶେଷଦର୍ଶନ କରୁଛନ୍ତି।

## 'ପରିବେଶ ସୁରକ୍ଷା ପାଇଁ ଗଛ ଲଗାଅ'

**କଣ୍ଟାପଡା, ୨୮।୧(ସୁରନାରାୟଣ ସାହୁ)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସୁନ୍ଦରଗ୍ରାମ ସରକାରୀ ବାଳିକା ଓ ବାଳକ ଉଚ୍ଚ ବିଦ୍ୟାଳୟର ୧୯୭୪ ବ୍ୟାଚ ଛାତ୍ରୀଛାତ୍ରଙ୍କ ୫୦ ବର୍ଷ ପୂର୍ତ୍ତି ଅବସରରେ ବିଦ୍ୟାଳୟ ପରିସରରେ ସ୍ୱର୍ଣ୍ଣିମ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିବେଶବିତ୍ ତଥା ପୂର୍ବତନ ଶିକ୍ଷକ ନଟବର ଷଡ଼ଙ୍ଗୀ ଯୋଗଦେଇ ଅବସର ପରେ ଅଧ୍ୟାପନା ସହ ପରିବେଶ ସୁରକ୍ଷା ପାଇଁ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ସ୍ୱର୍ଣ୍ଣିମ ଜୟନ୍ତୀ ସମାବେଶ କମିଟି ସଭାପତି ଭାବଗ୍ରାହୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁନ୍ଦରଗ୍ରାମ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୁଃଶାସନ ଜେନା, ନିଆଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ମହାପାତ୍ର, ସୁନ୍ଦରଗ୍ରାମ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଇତିଶ୍ରୀ ରାଉତ, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ନିରୁପମା ନନ୍ଦ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଅରୁଣବାଳା ସ୍ୱାଇଁ ଯୋଗଦେଇ ଗୁରୁ–ଶିଷ୍ୟଙ୍କ ସମ୍ପର୍କ ଉପରେ ଆଲୋଚନା କରିଥିଲେ। ସେହିପରି ଉକ୍ତ ବ୍ୟାଚ୍‌ର ଛାତ୍ରୀ ପୁଷ୍ପରାଣୀ ମହାନ୍ତି, ସବିତା ମହାନ୍ତି, ପ୍ରତିମା ପାତ୍ର, ଛାତ୍ର ଚିତ୍ତରଞ୍ଜନ ପତି ଓ ଆର୍ତ୍ତଭଞ୍ଜନ ମହାନ୍ତି ସ୍କୁଲ ସମୟର କଥା ମନେପକାଇ ଉପସ୍ଥିତ ପୁରାତନ ଛାତ୍ରଙ୍କୁ ବିମୋହିତ କରିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଦିତ୍ୟ ନାରାୟଣ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା ଓ କମିଟି ସମ୍ପାଦକ ବିଭୁପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

**ବାରବାଟୀ ଫେଷ୍ଟିଭାଲ ଉଦ୍‌ଯାପିତ**

# ମନ ମୋହିଲା କୁଚିପୁଡ଼ି ନୃତ୍ୟ

**କଟକ, ୨୮।୧(ଶିଳ୍ପା ପ୍ରିୟଦର୍ଶିନୀ)**

କଟକ ସାରଳା ଭବନରେ ୩ ଦିନ ଧରି ଚାଲିଥିବା ବାରବାଟୀ ଫେଷ୍ଟିଭାଲ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ନୃତ୍ୟ ଅନେକ କାହାଣୀ ବଖାଣିଥାଏ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂ, ଡ. କ୍ଷୀରୋଦ କୁମାର ସାହୁ, ଅଶୋକ କୁମାର ପଣ୍ଡା, ନିର୍ଦ୍ଦେଶକ ବସନ୍ତ ସାହୁ, ଉପସଭାପତି ବ୍ରଜ ନନ୍ଦ, ପ୍ରିୟବ୍ରତ ମିଶ୍ର, ପ୍ରଫେସର ଏସ୍. କଲିମୁଲ୍ଲା ଓ ଚିତ୍ରଶିଳ୍ପୀ ପ୍ରଣବ ଅଖଣ୍ଡ ଯୋଗଦେଇଥିଲେ। ଡ. ମାଧୁରୀ ମଜୁମ୍‌ଦାରଙ୍କ ନିର୍ଦ୍ଦେଶନାରେ କଳାକାରମାନେ କୁଚିପୁଡି ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ପ୍ରଜ୍ଞା ସାହୁଙ୍କ ନିର୍ଦ୍ଦେଶନାରେ ପ୍ରଜ୍ଞାନୃତ୍ୟାୟନର କଳାକାରମାନେ ନୃତ୍ୟରେ ଦଶ ମହାବିଦ୍ୟା ପରିବେଷଣ କରିଥିଲେ। ଏଥିସହ ବାରବାଟୀ ଯୋଗ ଆସୋସିଏଶନର ୩୦ ଜଣ ଯୋଗ ପରିବେଷଣ କରିଥିଲେ। ଗୁରୁ ଆଶିଷ କୁମାର ଦାସ, ସସ୍ମିତା ପଣ୍ଡା, ଏନ୍. କାଜଲ ରାଓ, ରୂପା ପାଲ ଓ ଦୀପ୍ତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାରବାଟୀ ଫେଷ୍ଟିଭାଲର ଉଦ୍‌ଯାପନୀ ସନ୍ଧ୍ୟାରେ କଳାକାରମାନେ କୁଚିପୁଡ଼ି ନୃତ୍ୟ ପରିବେଷଣ କରୁଛନ୍ତି।



କଟକ ଓସିଏ କନଫରେନ୍ସ ହଲରେ ଷୋଳପୁଅ ମା' ଠାକୁରାଣୀ ପୂଜା ସମିତି ପକ୍ଷରୁ ନବବର୍ଷ କ୍ୟାଲେଣ୍ଡରକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




କଟକସ୍ଥିତ ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ସଭାଗୃହରେ ଜାଗୃତ ଓଡ଼ିଶା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରବିବାର ଅନୁଷ୍ଠିତ ପଞ୍ଚମ ରାଜ୍ୟସ୍ତରୀୟ ଆଶ୍ରମ ଶିଶୁ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଜଷ୍ଟିସ ଶଶିକାନ୍ତ ମିଶ୍ର ବକ୍ତବ୍ୟ ଦେଉଛନ୍ତି।

## ସଂକ୍ଷେପରେ

### ୪୦ ନଂ. ଜୋନ୍ ଭାଜପା ଯୁବ ମୋର୍ଚ୍ଚା ସଭାପତିଙ୍କ ଆତ୍ମହତ୍ୟା

ମାହାଙ୍ଗା, ୨୮।୧ (ଯଯାତି ସିଂହ)

ମାହାଙ୍ଗା ଥାନା ଅଧୀନ ଆନନ୍ଦପୁର ପଞ୍ଚାୟତ ବାରୋ ଗ୍ରାମର ତଥା ୪୦ ନଂ. ଜୋନ ଭାଜପା ଯୁବ ମୋର୍ଚ୍ଚା ସଭାପତି ଲଲାଟେନ୍ଦୁ ପ୍ରଧାନ (୨୯) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଶନିବାର ରାତିରେ ଲଲାଟେନ୍ଦୁ ପ୍ରତିଦିନ ପରି ଖାଇ ସାରି ଶୋଇଥିଲେ। ସେ ସକାଳୁ ନ ଉଠିବାରୁ ପରିବାର ଲୋକେ କବାଟ ଖୋଲି ଦେଖିଲା ବେଳକୁ ସେ ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ନଂ. ୨/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି କଟକ ପଠାଇଥିବା ବେଳେ ତଦନ୍ତ ଚାଲୁ ରଖିଛି। ତାଙ୍କ ମୃତ୍ୟୁରେ ଭାଜପା ନେତା ସାରଦା ପ୍ରଧାନ, ଯାଜ୍ଞସେନୀ ଜେନା, ଜୋନ ସଭାପତି ଭକ୍ତଚରଣ ସ୍ୱାଇଁ, ଅରୁଣ ସେଠୀ, ଉଷି କୁମାର ରାଉତ, ନିର୍ମଳ ରାଉତଙ୍କ ସମେତ ବହୁ ଭାଜପା ନେତୃବୃନ୍ଦ ଶୋକ ପ୍ରକଟ କରିଛନ୍ତି।

### ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଟିଗିରିଆ, ୨୮।୧ (ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରାବାସ ଭିତ୍ତିପ୍ରସ୍ତର ସ୍ଥାପନ ଓ ଟିଗିରିଆ ନିଜିଗଡ଼ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଓପିଡି, ୧୨ ଶଯ୍ୟା ବିଶିଷ୍ଟ ୱାର୍ଡର ଲୋକାର୍ପଣ ସହ ୬୪ ଲକ୍ଷ ବ୍ୟୟରେ ନୂତନ ଗୃହର ଭିତ୍ତିପ୍ରସ୍ତର ଶନିବାର ମୁଖ୍ୟ ଅତିଥି ଭାବେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଦିଆଯାଇଛି। ପ୍ରଥମେ ଅଚଳକୋଟଠାରେ ନିର୍ମାଣାଧୀନ ଆଦର୍ଶ ବିଦ୍ୟାଳୟ ପରିସରରେ ୩ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଶୁଭ ଭିତ୍ତିପ୍ରସ୍ତର ମୁଖ୍ୟଅତିଥି କୃଷିମନ୍ତ୍ରୀ ସ୍ୱାଇଁ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଟିଗିରିଆ ବିଇଓ ପ୍ରିୟରଞ୍ଜନ ହୋତା ସଭାପତିତ୍ୱ କରିଥିଲେ। ସେହିପରି ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଓପିଡି ଓ ୧୦ ଶଯ୍ୟା ବିଶିଷ୍ଟ ଗୃହ, ପରେ ୬୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଲିପ୍ସା ବିଶୋଇ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ସରପଞ୍ଚ ସଂଯୁକ୍ତା ମହାନ୍ତି, ସମିତି ସଭ୍ୟା ବସିରନ ବିବି, ପ୍ରଶାନ୍ତ ପଟ୍ଟନାୟକ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ମିଶନ ସହାୟକ ଯନ୍ତ୍ରୀ ମାନସ ମହାପାତ୍ର, ପୂର୍ତ୍ତ ବିଭାଗ ସହାୟକ ଯନ୍ତ୍ରୀ ରମେଶ ମହାରଣା ଉପସ୍ଥିତ ଥିଲେ।

### ଭାଗ୍ୟଲିପି, ପ୍ଲାନେଟ୍ସ ଆଣ୍ଡ୍ ଫୋରକାଷ୍ଟର ବାର୍ଷିକ ଉତ୍ସବ

କଟକ, ୨୮।୧ (କାର୍ତ୍ତିକ ସାହୁ)

ଜ୍ୟୋତିର୍ବିଜ୍ଞାନ ଓ ପ୍ରାଚ୍ୟବିଦ୍ୟା ଦ୍ୱାରା ସମାଜର ମଙ୍ଗଳ ସାଧନ ହୋଇପାରୁଛି। ବିଶ୍ୱରେ ଜ୍ୟୋତିର୍ବିଜ୍ଞାନ ସମସ୍ତଙ୍କର ଆସ୍ଥାଭାଜନ ହୋଇପାରିଛି। ଜ୍ୟୋତିର୍ବିଦ୍ୟାକୁ ସାଧନ ଦ୍ୱାରା ହାସଲ କରାଯାଇଥାଏ ବୋଲି କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ଜ୍ୟୋତିଷ ଶାସ୍ତ୍ର ଭାଗ୍ୟଲିପିର ୫୧ତମ ଓ ପ୍ଲାନେଟ୍ସ ଆଣ୍ଡ୍ ଫୋରକାଷ୍ଟର ୪୩ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜ୍ୟୋତିର୍ବିଦ୍ ମିଲନ ବାନାର୍ଜୀଙ୍କର ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡ. ସତ୍ୟ ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ଓ ସମ୍ମାନିତ ଅତିଥି ଡ. ବାବାଜୀ ଚରଣ ପଟ୍ଟନାୟକ ଜ୍ୟୋତିଷ ବିଦ୍ୟାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରାବନ୍ଧିକ କ୍ଷିତିଭୂଷଣ ସିଂ ଓ ସନ୍ୟାସୀ ଡ. ପି.ଆର୍. ହାଲ୍‌ଦାର୍‌ଙ୍କୁ ଭାଗ୍ୟଲିପି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କେତେଜଣ ପ୍ରାଧ୍ୟାପକ, ଜ୍ୟୋତିଷଙ୍କୁ ଭାଗ୍ୟଲିପି ଓ ପ୍ରାଚ୍ୟବିଦ୍ୟା ସରସ୍ୱତୀ ସମ୍ମାନ ପ୍ରଦାନ କରାଯାଇଥିଲା। ଆରତି ତ୍ରିପାଠୀ କବିତା ପାଠ କରିଥିଲେ। ଜ୍ୟୋତିର୍ବିଦ ଅଲେଖ ଚନ୍ଦ୍ର ସେଠୀ ଭାଗ୍ୟଲିପିର ପ୍ରତିଷ୍ଠାତା ସ୍ୱର୍ଗତ ନିମାଇ ବାନାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଗବେଷକମାନେ ଗବେଷଣାତ୍ମକ ନିବନ୍ଧ ପାଠ କରିଥିଲେ। ପଶ୍ଚିମବଙ୍ଗ ଓ ଅନ୍ୟ ପ୍ରଦେଶର ଜ୍ୟୋତିଷବିଦ୍‌ମାନେ ଆଲୋଚନାରେ ଭାଗ ନେଇଥିଲେ। ଅନ୍ନଦା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାଭିମାନ ହେଉଛି ବ୍ୟକ୍ତିଙ୍କ ଆଭାଯୁକ୍ତ ଭୂଷଣ

## ମଧୁମାଟି ସାହିତ୍ୟ ସଂସଦର ୨୨ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ପର୍ବ

ସାଲେପୁର, ୨୮।୧ (ଅରବିନ୍ଦ ଭୂୟାଁ)


ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସ୍ୱାଭିମାନ ହେଉଛି ବ୍ୟକ୍ତିଙ୍କ ଆଭାଯୁକ୍ତ ଭୂଷଣ, ଯାହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପାଖରେ ଆଜୀବନ ଥିଲା ବୋଲି ମଧୁମାଟି ସାହିତ୍ୟ ସଂସଦର ୨୨ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାକକ୍ଷରେ ଅନୁଷ୍ଠାନର ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡାଙ୍କ ସଂଯୋଜନାରେ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ମିଶ୍ରଙ୍କ ସଭାପତିତ୍ୱରେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ରତ୍ନାକର ରାଉତ ଯୋଗଦେଇ ମଧୁବାବୁଙ୍କ ଆଦର୍ଶକୁ ଆଜିର ଯୁବପିଢ଼ି ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଟାଟା ପାୱାରର ଚିଫ୍ ଫାଇନାନ୍ସ ଅଫିସର ଡ. ସୁରେଶ ଚନ୍ଦ୍ର ନନ୍ଦ ଯୋଗଦେଇ ମଧୁମାଟି ସାହିତ୍ୟ ସଂସଦର କାର୍ଯ୍ୟଧାରା ଓ ମଧୁମାଟି ପତ୍ରିକାର ପ୍ରଶଂସା କରିଥିଲେ। ବରେଣ୍ୟ ଅତିଥି ଭାବେ ସଂସଦର ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧକ୍ଷ ବିକାଶ ଚନ୍ଦ୍ର ରାଉତ, ସମ୍ମାନିତ ବକ୍ତା ଭାବେ ଶିକ୍ଷାବିତ୍ ଶଶଧର ପଣ୍ଡା, କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ମୁଖପତ୍ର ମଧୁମାଟିକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ଡା. କିଶୋର ଚନ୍ଦ୍ର ଦାସ, ପ୍ରାଧାପିକା ତରୁଲତା ଦେବୀ, କବି ପରମାନନ୍ଦ ସ୍ୱାଇଁଙ୍କୁ ମଧୁଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିକାଶ ଚନ୍ଦ୍ର ରାଉତ, ସଚ୍ଚିଦାନନ୍ଦ ମିଶ୍ର, ଶଶଧର ପଣ୍ଡା, ଅନନ୍ତ ଗୋପାଳ ପଣ୍ଡା, ଅଧାପିକା ସ୍ନିଗ୍ଧା ନାୟକ, ଶ୍ରୀଧର ଶେଖର ମହାପାତ୍ର, ନିରଞ୍ଜନ ମହାରଣା, ପୁରୁଷୋତ୍ତମ ଦାଶ, ନିରଞ୍ଜନ ସାହୁ, ରମାକାନ୍ତ ରାଉତ, ସୀମା ସ୍ୱାଇଁଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ଅନୁଷ୍ଠାନର ନିର୍ଦ୍ଦେଶିକା ସୁଜାତା ପଣ୍ଡା ପରିଚାଳନା କରିଥିଲେ। ଅଧାପକ କ୍ଷୀତିଶ ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଚିତ୍ତରଞ୍ଜନ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଅଧିବେଶନରେ କବୟିତ୍ରୀ ଗୀତାଞ୍ଜଳି ଭୂୟାଁ, ଅଧାପିକା ଉର୍ବଶୀ ସାହୁଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ବହୁ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ରଶ୍ମିରଞ୍ଜନ ମହାନ୍ତି, ବିଜୟ କୁମାର ନାୟକ, ପଣ୍ଡିତ ବିଜୟ କୁମାର ଶତପଥୀ, କବୟିତ୍ରୀ ସ୍ନେହ ମିଶ୍ର, ଆଇନଜୀବୀ ବିଜୟ କେତନ ନାୟକ, କବି ମାନସ ଦାସ, ସଙ୍ଗଠକ ପ୍ରବୀର ଚନ୍ଦ୍ର ଦାଶ ପରିଚାଳନା କରିଥିବା ବେଳେ ସଂସଦର କାର୍ଯ୍ୟକର୍ତ୍ତା ଓ ସଭ୍ୟାସଭ୍ୟମାନେ ସହଯୋଗ ପ୍ରଦାନ କରିଥିଲେ।

# ସମସ୍ତଙ୍କୁ ଏକଜୁଟ୍ କରିବା ଲକ୍ଷ୍ୟ ରହିଛି

କଟକ, ୨୮।୧ (ଶିଲ୍ପା ପ୍ରିୟଦର୍ଶିନୀ)

## ଚା' ଖଟିରେ ଯୋଗଦେଲେ ଅଭିନେତା ଅରିନ୍ଦମ

କଟକରେ ରାଜନୈତିକ ପାଣିପାଗ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି। ରବିବାର ସିଡିଏ ସେକ୍ଟର-୭ ଅଞ୍ଚଳର ଏକ ଚା' ଖଟିରେ ଯୋଗଦେଇ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଅଭିନେତା ଅରିନ୍ଦମ ରାଏ ଚର୍ଚ୍ଚାକୁ ଆସିଛନ୍ତି। ସକାଳେ ସେ ବ୍ୟକ୍ତିଗତ ଭାବେ ନିଜ ସମର୍ଥକଙ୍କ ସହିତ ଚା' ଖଟିରେ ଯୋଗଦେଇ ଉପସ୍ଥିତ ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏପରି କି ସହରର ପ୍ରତ୍ୟେକ ପୂଜା କମିଟି ଓ କ୍ଲବ ପକ୍ଷରୁ ହେଉଥିବା କାର୍ଯ୍ୟକ୍ରମରେ ଅରିନ୍ଦମ ନିଜ ସମର୍ଥକଙ୍କ ସହ ଯୋଗଦେଉଥିବା ଦେଖିବାକୁ ମିଳୁଛି। ତେବେ ଅରିନ୍ଦମ ଦଳରେ ଥାଇ ମଧ ବ୍ୟକ୍ତିଗତ ଭାବେ ଲୋକଙ୍କ ନିକଟତର ହେବା ପ୍ରସଙ୍ଗ ସହରବାସୀଙ୍କୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ଏ ସମ୍ପର୍କରେ ଅରିନ୍ଦମ କହିଛନ୍ତି, ସିଡିଏ ଅଞ୍ଚଳର ଚା' ଖଟିରେ ଯୋଗଦେଇ ଲୋକଙ୍କ ନିକଟତର ହେବା ଖୁସି ଲାଗୁଛି। ଆଗାମୀ ଦିନରେ ମଧ ଏହି ଚା' ଖଟିରେ ଯୋଗଦେବି। ସମସ୍ତଙ୍କୁ ଏକଜୁଟ କରିବା ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

# ଇଟାମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବ


ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବରେ ଜଣେ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ମାହାଙ୍ଗା, ୨୮।୧ (ଯଯାତି ସିଂହ)

କଟକ ଜିଲା ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ସ୍ଥିତ ଇଟାମୁଣ୍ଡଳୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଣ୍ଡିତ କରୁଣାକର ମିଶ୍ର, ସମ୍ମାନିତ ଅତିଥି ଭାବେ ସୁରେନ୍ଦ୍ର ନାଥ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୈରାଶ୍ୟବାଦୀ, ଆଶାବାଦୀ ଓ ବାସ୍ତବବାଦୀ ସମ୍ପର୍କରେ କହିଥିଲେ। ସିଆରସିସି ମନୋଜ କୁମାର ଦାସ ସଭା ପରିଚାଳନା କରିଥିବା ବେଳେ ସାମାଜିକ କର୍ମୀ ଜ୍ଞାନେନ୍ଦ୍ର ସାହୁ, ଚୌଧୁରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ତାରାପ୍ରସନ୍ନ ମହାପାତ୍ର, ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତ କୃତୀ ଛାତ୍ରୀଛାତଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀପ୍ରିୟା ରାଉତ, ସାବିତ୍ରୀ ଲେଙ୍କା, ଦିବାକର ବେହେରା, ତ୍ରିଲୋଚନ ଯେନା, ବିଚିତ୍ର ବେହେରା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

# ବିଶ୍ୱ ଭାଷା ସାହିତ୍ୟ ଆଲୋଚନାଚକ୍ର

## ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ବାଙ୍କୀ, ୨୮।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)


ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ।

ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ତଥା ରାଜ୍ୟ ସରକାରଙ୍କ ବିଶ୍ୱ ଭାଷା ସାହିତ୍ୟ ସମ୍ମିଳନୀ ପାଳନ ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା ଚକ୍ର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଉଦ୍‌ଯାପନ ଦିବସରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ସନ୍ତୋଷ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଡ. ବାଉରୀବନ୍ଧୁ ସାହୁ ଓ ମୁଖ୍ୟବକ୍ତା ଭାବେ କବି ତଥା ଅବସରପ୍ରାପ୍ତ ପ୍ରଶାସକ ଡ. ଅଲେଖ ଚନ୍ଦ୍ର ପଢ଼ିହାରୀ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜଗନ୍ନାଥ ତତ୍ତ୍ୱ ଉପରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା, ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଓ ଯୁକ୍ତ ୨ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ପାଲ୍ ପ୍ରମୁଖ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଆଜି ସାରା ବିଶ୍ୱରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛି ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଅଧାପକ ଚିନ୍ମୟ ତ୍ରିପାଠୀ, ଅଧାପକ ମହାଦେବ ପ୍ରଧାନ, ଡ. ସସ୍ମିତା ଦାଶ, ଅଧାପକ ନିରଞ୍ଜନ ଉପାଧ୍ୟାୟ ଓ ଅଧାପକ ଅନିଲ କୁମାର ପ୍ରଧାନ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ଉପଢ଼ୌକନ ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧାପକ ପ୍ରକାଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# 'ଦିଶୁମ ହୋ' ସମାଜର କର୍ମକର୍ତ୍ତା ଚୟନ

ଚୌଦ୍ୱାର, ୨୮।୧ (ଆଶୁତୋଷ ଦାସ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମଙ୍ଗରାଜପୁର ପଞ୍ଚାୟତର ଡମଣୀ ପୀଠରେ ଆଦିବାସୀ ସମ୍ପ୍ରଦାୟ ଦିଶୁମ ହୋ ସମାଜର କଟକ ଜିଲାସ୍ତରୀୟ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ହୋ ସମ୍ପ୍ରଦାୟର ମଖୁମଲ ସଏଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମଙ୍ଗରାଜପୁର ବନପାଳ ସଞ୍ଜୀବ ବଇପାଇ, ରାଜେନ୍ଦ୍ର କୁମାର ଗାଗାରାଇ, ରୁପ ନାରାୟଣ ପୂର୍ତ୍ତୀ, ସଞ୍ଜୟ କୁମାର ପୂର୍ତ୍ତୀ, ମାଙ୍ଗିଲାଲ ତିୟୁ, ଶିବରାମ ହେମ୍ବ୍ରମ ଯୋଗଦେଇ ହୋ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ହୋ ସମ୍ପ୍ରଦାୟର ଲୋକ ବାସ କରୁଥିବା କଟକ ଜିଲାର ପ୍ରତିଟି ଗ୍ରାମ ଓ ବସ୍ତିକୁ ଚିହ୍ନଟ କରି କମିଟି ଗଠନ, ଶିକ୍ଷାର୍ଥୀଙ୍କୁ ସହାୟତା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଦୂର କରିବା, ହୋ ଜାତିର ପ୍ରତି ପିଲାଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ବିଶ୍ୱଜିତ୍ ବାରିକ ଜିଲା ସଭାପତି, ମଖୁମଲ ସଏ ସାଧାରଣ ସମ୍ପାଦକ, ଶିବରାମ ହେମ୍ବ୍ରମ ସଙ୍ଗଠନ ସମ୍ପାଦକ, ଦେବ କୁର୍ଲ୍ଲୀ ସହ ସମ୍ପାଦକ, ଦେବେନ୍ଦ୍ର ଚାମ୍ପିଆ ଉପ ସଭାପତି ଭାବେ ମନୋନିତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଗମନ କଳା, ରୂପନାରାୟଣ ପୂର୍ତ୍ତୀ, ରାଜେନ୍ଦ୍ର କୁମାର ଗାଗାରାଇ, ସଞ୍ଜୟ ପୂର୍ତ୍ତୀ, କୃଷ୍ଣଚନ୍ଦ୍ର ସାଣ୍ଡିଲ, ଶଶୀ ପୂର୍ତ୍ତୀ, ହେମନ୍ତ ବାରିକ, ମଟକା ସିଂଙ୍କୁ ଚୟନ କରାଯାଇଥିଲା। ସୁମିତ୍ରା ଡାଙ୍ଗିଲ, ବାସନ୍ତୀ ତିୟୁ, କୁନି ବିରୁଆ, ବୀରବର ମୁଣ୍ଡା, ଗଣେଶ ହେମ୍ବ୍ରମ, ଲାଣ୍ଡୁ ବଦରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୁଦାନସିଂ ଦେଓଗାମ ଧନ୍ୟବାଦ ଦେଇଥିଲେ।

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

କଟକ ସଦର, ୨୮।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ପରମହଂସ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବ୍ଲକ ସଭାପତି ପ୍ରମୋଦ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ରାଜହଂସ, ପରମହଂସ, ସଫିପୁର, ରଘୁନାଥପୁର ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଘରକୁ ଯାଇ ଶଙ୍ଖ ଚିତ୍ର ଅଙ୍କନ ସହ ପଞ୍ଚାୟତ ବିକାଶ ପୁସ୍ତିକା ପ୍ରଦାନ କରିଥିଲେ। ପରେ ପରମହଂସନାଥ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ବିଭୁତି ଭୂଷଣ ପରିଡ଼ା, ରବିନାରାୟଣ ଦାଶ, ସରପଞ୍ଚ ତ୍ରିଲୋଚନ ପାତ୍ର, ସମିତି ସଭ୍ୟା ବବିତା ବେହେରା, ସମର ବେହେରା, ପବିତ୍ର ମିଶ୍ର, ଜଗନ୍ନାଥ ପଣ୍ଡା, ଆଦିକନ୍ଦ ରାଉତରାୟ, ଜିଲା ପରିଷଦ ସଭ୍ୟା ସସ୍ମିତା ମହାର୍ଥା, ପ୍ରଦୀପ୍ତ ମହାଳି, ଦୈତାରୀ ବେହେରା, ବୀରବର ଲେଙ୍କା, ରାଜକିଶୋର ନାୟକ, ପବିତ୍ର କୁମାର ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଫେବୃଆରୀ ସୁଦ୍ଧା ସମସ୍ତ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହେବ ବୋଲି ମହାପାତ୍ର ସୂଚନା ଦେଇଥିଲେ।

# ମହିଳା ସଶକ୍ତୀକରଣକୁ ଗୁରୁତ୍ୱ

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବଡ଼ମ୍ବା, ୨୮।୧ (ମାୟାଧର ମଲ୍ଲିକ)



ଶିବିରରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା ମୋହନ ସୁବୁଦ୍ଧି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷା ସ୍ୱର୍ଣ୍ଣଲତା ବେହେରା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରଶିକ୍ଷଣ ଶିବିରର ମହତ୍ତ୍ୱ ପ୍ରତିପାଦନ କରିବାକୁ ଯାଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ଼. ଶୁଚିସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସମ୍ମାନିତ ଅତିଥି ଭାବେ ପ୍ରାଧାପକ ବିଶ୍ୱନାଥ ପଟ୍ଟନାୟକ, ବରିଷ୍ଠ ପ୍ରାଧାପିକା ଡ଼. ତନୟା ପଟେଲ ପ୍ରମୁଖ ଯୋଗଦେଇ ବାଳିକା ଆତ୍ମରକ୍ଷା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଡ. ପ୍ରିୟମ୍ବଦା ଦାଶ ଶିବିରର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରଶିକ୍ଷିକା ଭାବେ ଶୁଚିସ୍ମିତା, ଅଙ୍କିତା, ନୀହାରିକା ଓ ଲକ୍ଷ୍ମୀପ୍ରିୟା ଯୋଗଦେଇ ପ୍ରଶିକ୍ଷଣ ଦେଇଥିଲେ। ଏହା ସପ୍ତାହ ବ୍ୟାପି ଚାଲିବାକୁ ଥିବାବେଳେ ଯୁକ୍ତ ୨ ପ୍ରଥମ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟର ୩୧୪ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ. ଦାଶଙ୍କଠାରୁ ପ୍ରକାଶ।

# କ୍ରିକେଟ୍: ଫ୍ରେଣ୍ଡ୍‌ସ କ୍ଲବ୍ ବିଜୟୀ

ସାଲେପୁର, ୨୮।୧ (ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ପିକୋଳ ପଞ୍ଚାୟତ ବଣହରା ଗ୍ରାମର ସୁନେଇ ରୂପେଇ କ୍ଲବ୍ ଆନୁକୂଲ୍ୟରେ ରାତ୍ରକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ଟିମ୍ ଭାଗ ନେଇଥିବାବେଳେ ଚୂଡ଼ାନ୍ତ ଖେଳ ଶଙ୍କରପୁର ଫ୍ରେଣ୍ଡସ କ୍ଲବ ଓ ରାଇଜିଂ ଷ୍ଟାର ନାଉଗାଁ, ଜଗତ୍‌ସିଂହପୁର ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଫ୍ରେଣ୍ଡ୍‌ସ କ୍ଲବ ବିଜୟୀ ହୋଇଥିଲା। ଏହି ଖେଳରେ ରାଜ୍ୟ ଯୁବ ବିଜେଡିର ଉପସଭାପତି ଅପୂର୍ବା ଅପରୂପା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ ସୁନେଇ ରୂପେଇ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନା କରିଥିଲେ।

# ନୂଆ-ଓ ଭାଷା ସାହିତ୍ୟ କାର୍ଯ୍ୟକ୍ରମ



କୃତୀ ଛାତ୍ରୀମାନଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବାଙ୍କୀ, ୨୮।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

## ରାଣୀ ଶୁକଦେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ

ବାଙ୍କୀ ରାଣୀ ଶୁକଦେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଏବଂ ଜଗନ୍ନାଥ ସଂସ୍କୃତିର ପ୍ରଚାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷା କବିତା ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ତଥା ବାଙ୍କୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧାପକ ଡ. ବୈରାଗୀ ଚରଣ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତିର ଗବେଷକ ଡ. ଅଭିମନ୍ୟୁ ରଣା ଯୋଗଦେଇ ଜଗନ୍ନାଥ ସଂସ୍କୃତି ଓ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱର ଦେବତା ଭାବେ ଡ. ପଟ୍ଟନାୟକ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧାପିକା ଜୀବନଜ୍ୟୋତି ଛାଟୋଇ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡା ଶିକ୍ଷକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# କୁମାରବସ୍ତ କ୍ରିକେଟ କ୍ଲବ ଖୋର୍ଦ୍ଧା ଚାମ୍ପିୟନ

## ଗଦାଧରପୁର କପ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଟିଗିରିଆ, ୨୮।୧ (ଜାଫର ଖାଁ)


କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ହାଇସ୍କୁଲ ଖେଳପଡ଼ିଆଠାରେ ମା' ଭବାନୀ ସ୍ପୋର୍ଟ୍ସ ଆସୋସିଏଶନ ଦ୍ୱାରା ଆୟୋଜିତ ୩୩ତମ ଗଦାଧରପୁର କପ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଖେଳରେ କଳିଙ୍ଗ ଟାଇଗର୍ସ ଖୋର୍ଦ୍ଧାକୁ ୯ ଉଇକେଟରେ ପରାସ୍ତ କରି କୁମାରବସ୍ତ କ୍ରିକେଟ କ୍ଲବ ଖୋର୍ଦ୍ଧା ଚଳିତବର୍ଷ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି କଳିଙ୍ଗ ଟାଇଗର୍ସ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ ରନ୍ କରିଥିଲା। ଜବାବରେ କୁମାରବସ୍ତ ଦଳ ମାତ୍ର ୭.୫ ଓଭରରେ ୧ଟି ଉଇକେଟ ହରାଇ ୧୩୫ ରନ୍ କରି ଚାମ୍ପିୟନ ହୋଇଛି। କୁମାରବସ୍ତ ଦଳର ମୃତ୍ୟୁଞ୍ଜୟ ମାନସିଂ ବ୍ୟାଟିଂରେ ୧୨ଟି ବଲ୍ ସାମ୍ନା କରି ଦ୍ରୁତ ୫୫ ରନ ଓ ବୋଲିଂରେ ୨ଟି ଉଇକେଟ ନେଇ ମ୍ୟାନ ଅଫ ଦି ଫାଇନାଲ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଚାମ୍ପିୟନ କୁମାରବସ୍ତ ଦଳକୁ ଟ୍ରଫି ସହ ୨୫ ହଜାର ଟଙ୍କା, ରନର୍ସ ଅପ କଳିଙ୍ଗ ଟାଇଗର୍ସଙ୍କୁ ଟ୍ରଫି ସହ ୧୫ ହଜାର ଟଙ୍କା, ମ୍ୟାନ୍ ଅଫ୍ ଦି ଫାଇନାଲ ମୃତ୍ୟୁଞ୍ଜୟ ମାନସିଂଙ୍କୁ ଟ୍ରଫି ଓ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ଉତ୍ତମ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ଗଦାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ଟିଗିରିଆ ବ୍ଲକ ଆମ୍ବା ଅଧକ୍ଷ ହରେନ୍ଦ୍ର ଦଳେଇ, ରବୀନ୍ଦ୍ର କୁମାର ବଳ, ଧନେଶ୍ୱର ସ୍ୱାଇଁ, ସୁଦାମ ରାଉତ ଓ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଖେଳକୁ ଅମ୍ପାୟର ରମେଶ ସ୍ୱାଇଁ ଓ ନରେଶ ରାଉତ ପରିଚାଳନା କରିଥିଲେ। ଧାରାବିବରଣୀ ତ୍ରିଲୋଚନ ପ୍ରଧାନ, ଅଶୋକ ଖଟୁଆ ଓ ଶରତ ରାଉତ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ଅଧୀନ ବେଣାପଞ୍ଜରୀ ତରାବୋଇ ନିକଟ ସିରାଯୁଦ୍ଦିନ ଫାର୍ମ ନିକଟରେ ରବିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଗୁରୁଜଙ୍ଗ ଅଞ୍ଚଳର ବିଜୟ କୁମାର ବେହେରା। ତେବେ ଗୁରୁତରଙ୍କ ପରିଚୟ ମିଳିପାରି ନ ଥିବା ବେଳେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଉଭୟ ଯୁବକ ପୃଥକ ଭାବେ ଦୁଇଟି ବାଇକ୍‌ରେ ଯାଉଥିବା ବେଳେ ବିପରୀତ ପଟୁ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବିଜୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଚଳାଇଛି।

### କିଶୋରୀ ମେଳା

ଝାଁଳା,୨୮।୧ (ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଝାଁଳା ପଞ୍ଚାୟତ ପରିସରରେ ଥିବା କଲ୍ୟାଣ ମଣ୍ଡପରେ କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଁଳା, ମଦନପୁର, ଗଙ୍ଗପଡା ଆଦି ପଞ୍ଚାୟତର ପ୍ରାୟ ଶହେରୁ ଊର୍ଦ୍ଧ୍ୱ କିଶୋରୀ ଯୋଗଦେଇଥିଲେ। କିଶୋରୀମାନଙ୍କ ହେମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। ଏଥିସହ କିଶୋରୀମାନଙ୍କ ଭିତରେ ଗୀତ, ନାଚ, ଝୋଟି, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏହି ମେଳାରେ ଜଟଣୀ ବ୍ଲକ ସିଡିପିଓ ସଞ୍ଜୁକ୍ତା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସୁପରଭାଇଜର ମନୋରମା ମିଶ୍ର, ପ୍ରତିମା ଦେଇ, ମିନାକ୍ଷୀ ବାଳା ପଟ୍ଟନାୟକ, ସ୍ୱାସ୍ଥ୍ୟକର୍ମୀ ଲକ୍ଷ୍ମୀପ୍ରିୟା ପରିଡା, ଧରିତ୍ରୀ ମିଶ୍ର, ଝାଁଳା ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା ପ୍ରମୁଖ ଯୋଗଦେଇଥିଲେ। ୩ ପଞ୍ଚାୟତର ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ଆଶାକର୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୁରାତନ ଛାତ୍ରଙ୍କ ବୈଠକ

ଟାଙ୍ଗୀ,୨୮।୧(ରଘୁନାଥ ସାହୁ)

କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷିକେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି, ସରକାରୀ ଅନୁଦାନ, ପୁରାତନ ଛାତ୍ରମାନଙ୍କଠାରୁ ଆଦାୟ ଅଥରେ କରାଯାଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏକ ଆବାହକ ମଣ୍ଡଳୀଙ୍କ ଆବାହକତ୍ୱରେ ବୈଠକ କରାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯିବ ବୋଲି ସ୍ଥିର କରାଯାଇଛି। ମନୋଜ କୁମାର ମାନସିଂହ, କମଳାକାନ୍ତ ସାମନ୍ତରାୟ, ଅର୍ପଣ୍ଣି ବେହେରା, ବିପିନ ଉଦୟସିଂଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# 'ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରେ ଜ୍ଞାନର ବିକାଶ'

ଖୋର୍ଦ୍ଧା,୨୮।୧ (ପ୍ରଭାତ ପାଣିଗ୍ରାହୀ)



ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବ**

- ଗୋବିନ୍ଦଙ୍କୁ ପ୍ରାଣନାଥ, ଅମରେଶଙ୍କୁ ମଞ୍ଜରୀ ସାହିତ୍ୟ ସମ୍ମାନ
- ବିଭିନ୍ନ ବିଭାଗ ଟପ୍ପର, ପ୍ରତିଭା ସମ୍ବର୍ଦ୍ଧିତ, ମୁଖପତ୍ର ଉନ୍ମୋଚିତ

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଲେଜ ମଧ୍ୟରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନ୍ୟତମ। ଅତୀତରେ ଅନେକ କୀର୍ତ୍ତି ସ୍ଥାପନ କରିଛି। ପାଠପଢ଼ାରେ ପାସ୍ ହାର ଏବଂ ଭବିଷ୍ୟତ ଜୀବନ ସମ୍ପୂର୍ଣ୍ଣ ଭିନ୍ନ। ଉଚ୍ଚଶିକ୍ଷା ସତ୍ତ୍ୱେ ଆଗକୁ ଚାକିରି ପାଇବା ସହଜ ନୁହଁ। ଏହାର ସ୍ଥାନ କମ୍ପ୍ୟୁଟର ନେଇ ସାରିଛି। ଚାକିରି ପଛରେ ଦୌଡ଼ିବା ଅପେକ୍ଷା ନିଜର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କର। ପାଠପଢ଼ା ସହ ବିଭିନ୍ନ ପ୍ରସଙ୍ଗରେ ଜ୍ଞାନ ଆହରଣ କର। ଜ୍ଞାନର ପରିସୀମା ବିକଶିତ ହେଲେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବ ବୋଲି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ୭୫ତମ ସାମ୍ବତ୍ସରିକ ଉତ୍ସବରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏହା କହିଛନ୍ତି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ଜେନା ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସର୍ବଦା ସକାରାତ୍ମକ ଭାବ, ଦୃଢ଼ ଆତ୍ମବିଶ୍ୱାସ, ରଚନାତ୍ମକ ସକ୍ଷମତା, ନିରନ୍ତର ଅଭ୍ୟାସ, ପରିଶ୍ରମ ହିଁ ସଫଳତା ଆଣିଦିଏ ବୋଲି କହିଛନ୍ତି। ସେ ଆହୁରି କହିଥିଲେ, ପ୍ରାଣନାଥ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ସାକାର କରିବାକୁ ହେଲେ ଏହି ଅଞ୍ଚଳର ସମସ୍ତ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଲୁମ୍‌ନିଙ୍କ ସହଭାଗିତା, ସମନ୍ୱୟତା ଆବଶ୍ୟକ ରହିଛି। ଏହି ଅବସରରେ ଚଳିତ ବର୍ଷ ପ୍ରାଣନାଥ ସମ୍ମାନରେ ସାମାଜିକକର୍ମୀ ଗୋବିନ୍ଦ ପଟ୍ଟନାୟକ ଏବଂ ମଞ୍ଜରୀ ସାହିତ୍ୟ ସମ୍ମାନରେ ଔପନ୍ୟାସିକ, ସାରସ୍ୱତ ସାଧକ ଅମରେଶ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକକର୍ମୀ ଗୋବିନ୍ଦ କହିଥିଲେ, ଜୀବନରେ ଅନେକ ସମ୍ମାନ ମିଳିଛି। ତେବେ ନିଜ ମାଟିରେ ସମ୍ମାନ ପାଇବା ଗୌରବର ବିଷୟ। ସେହିପରି ଔପନ୍ୟାସିକ ଅମରେଶ କହିଥିଲେ, ଖୋର୍ଦ୍ଧା ହେଉଛି ମୋର ମାତୃଭୂମି। ଏହି କଲେଜ ସ୍ଥାପନ ପଛରେ ଥିବା ମହାନ ବ୍ୟକ୍ତିଙ୍କ ଅବଦାନ ଅତୁଳନୀୟ। ଏହି ମାଟି ଓଡ଼ିଆ ଭାଷା ସାହିତ୍ୟର ଜାଗରଣ ଦିଗରେ ଏଭଳି ଜନକ ହୋଇ ରହିଥାଉ। ଏହି ଉତ୍ସବର ମୁଖ୍ୟ ବକ୍ତା ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାଣନାଥଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜ ସେବାରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଧାୟକ ମିତ୍ର ସଭାପତିତ୍ୱ ଭାଷଣରେ ପିଲାମାନଙ୍କୁ ଶୃଙ୍ଖଳିତ, ଉତ୍ତମ ଚରିତ୍ର ଏବଂ ପରିଶ୍ରମୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜର ମୁଖପତ୍ର ପ୍ରତୀକ, ଗବେଷଣା ଅନୁସନ୍ଧାନ ମଞ୍ଜରୀ, କଲେଜ ବୁଲେଟିନ ଫ୍ରଣ୍ଟଫୁଟ ଏବଂ ପ୍ରାଧ୍ୟାପିକା ନନ୍ଦିତା ଛୋଟରାୟଙ୍କ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ଏଥିସହିତ ବିଭିନ୍ନ ବିଭାଗରେ ଟପ୍ପର, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ପ୍ରତିଭା ଏବଂ କଲେଜରେ ୨୫ବର୍ଷ ପୂରଣ କରିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ କଲେଜର ଗୌରବମୟ ଇତିହାସ ସମ୍ପର୍କରେ ବିବରଣୀ ପାଠ ସହ ଏହି କଲେଜ ବିଶ୍ୱବିଦ୍ୟାଳୟରେ ପରିଣତ ହେଲେ ପ୍ରାଣନାଥଙ୍କ ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। କଲେଜ ଉପାଧ୍ୟକ୍ଷା ଡ.ବିନୋଦିନୀ ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ, ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ।

### ସମାଜସେବାର ପ୍ରେରଣା ଥିଲେ ଯଦୁମଣି

ନିରାକାରପୁର,୨୮।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତସ୍ଥିତ ସାଇବାବାଙ୍କ ମନ୍ଦିର ପରିସରରେ ଯଦୁମଣି ଦାଶ ସ୍ମୃତି ସଂସଦ ପକ୍ଷରୁ ସୁସାହିତ୍ୟିକ ଡ. ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ସ୍ୱର୍ଗତ ଯଦୁମଣି ଦାଶଙ୍କ ଦ୍ୱିତୀୟବାର୍ଷିକ ପୁଣ୍ୟତିଥି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ବିଜୁ ଜନତା ଦଳର ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ, ବରିଷ୍ଠ ଶିକ୍ଷାବିତ୍ ବଂଶୀଧର ଜଗଦେବ, ଡ. ସଞ୍ଜୟ କୁମାର ମହାପାତ୍ର, ଅଧ୍ୟାପକ ପ୍ରାଣେଶ୍ୱର ଜୟସିଂହ, ଜିଲାପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ପଣ୍ଡିତ ବିରଞ୍ଚି ନାରାୟଣ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଯଦୁମଣି ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସରଳ, ନିରାଡ଼ମ୍ବର ଜୀବନ ଯାପନ କରି ସମସ୍ତଙ୍କୁ ସମାଜସେବା ପାଇଁ ପ୍ରେରିତ କରିଆସିଥିଲେ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ବଂଶୀଧର ଜଗଦେବଙ୍କୁ ଯଦୁମଣି ଦାଶ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷାବିତ୍ କମଳଲୋଚନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଶୁଭମ ଦାଶ ଧନ୍ୟବାଦ ଦେଇଥିଲେ। ସ୍ମୃତି ସଂସଦର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈଙ୍କ ପୀଠ ପରିସର ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଗ୍ରୀନ ପାରିକୁଦ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ଅନ୍ୟମାନେ।

### କାଳିଜାଈ ମନ୍ଦିର ପରିସର ସଫେଇ

କୃଷ୍ଣପ୍ରସାଦ,୨୮।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ରବିବାର ଚିଲିକାର ଅଧିଷ୍ଠାତ୍ରୀ ମା'କାଳିଜାଈଙ୍କ ପୀଠ ପରିସର ସଫେଇ କରାଯାଇଛି। ମକର ମେଳା ମହୋତ୍ସବରେ ବିଭିନ୍ନ ସ୍ଥାନରୁ ହଜାର ହଜାର ପର୍ଯ୍ୟଟକଙ୍କ ସମାଗମ ଯୋଗୁ ମନ୍ଦିର ପରିସର ଅଳିଆ ଆବର୍ଜନା ହୋଇପଡିଥିଲା। ଅନୁଷ୍ଠାନର ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ ମନ୍ଦିର ଚତୁଃପାର୍ଶ୍ୱରୁ ପ୍ଲାଷ୍ଟିକ ବୋତଲ, ଅଳିଆ ଆବର୍ଜନା ସଫେଇ କରାଯିବା ସହିତ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ପର୍ଯ୍ୟଟକଙ୍କୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଭଗବାନ ତରେଇ, ମିନାରାଣୀ ସାହୁ, ପ୍ରଭାତୀ ପାହାଣ, ଦୁଃଶାସନ ତରେଇ, ନକୁଳ ସୁନ୍ଦରା, କୁନମୁନ ଜେନା, ରୂପାଲି ବରାଳ ପ୍ରମୁଖ ସହଯୋଗ କରିଥିଲେ।

### ଇଗଲ ସ୍ପୋର୍ଟିଂ କ୍ଲବ ମେଣ୍ଢଶାଳ ବିଜୟୀ

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ବ୍ଲକ କୁରାଢ଼ମଲ୍ଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଇଗଲ ସ୍ପୋର୍ଟିଂ କ୍ଲବ ମେଣ୍ଢଶାଳ ଓ ଗଙ୍ଗପଡା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ଗଙ୍ଗପଡା ଟିମ୍ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମେଣ୍ଢଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ବିନିମୟରେ ୧୬୮ରନ ସଂଗ୍ରହ କରିଥିଲା। ବାବୁନା ବେହେରା ୩୩, ଉତ୍କଳ ସାମନ୍ତରାୟ ୩୩ ସଂଗ୍ରହ କରିଥିବା ବେଳେ ଗଙ୍ଗପଡା ଟିମର ବିଭୂଭୂଷଣ ମହାନ୍ତି ୩ ଓଭରରେ ୨ଟି ଏବଂ ରତିରଞ୍ଜନ ନାୟକ ୪ ଓଭରରେ ୨ଟି ଉଇକେଟ ନେଇଥିଲେ। ଜବାବରେ ଗଙ୍ଗପଡା ଟିମ୍ ୭ ଉଇକେଟ ବିନିମୟରେ ୧୫୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରତିରଞ୍ଜନ ନାୟକ ୪୪ ଓ ବିଭୂ ଭୂଷଣ ମହାନ୍ତି ୩୮ରନ ସଂଗ୍ରହ କରିଥିଲେ। ମେଣ୍ଢଶାଳ ପକ୍ଷରୁ ବିଶ୍ୱଜିତ ସୁବୁଦ୍ଧି ୪ ଓଭରରେ ୧୩ରନ ଦେଇ ୪ଟି ଉଇକେଟ ନେଇଥିଲେ। ୧୨ ରନ ବ୍ୟବଧାନରେ ମେଣ୍ଢଶାଳ ବିଜୟୀ ହୋଇଥିଲା। ଝଜ ସାମନ୍ତରାୟ ଓ ହେମନ୍ତ ଚନ୍ଦ୍ର ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ତିରୁପତି ସାମନ୍ତରାୟ, ରଞ୍ଜନ କୁମାର ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ଦେବବ୍ରତ ଧୀର, ଅବିର ପରିଡା, ପ୍ରସନ୍ନ ସାମନ୍ତରାୟ, ଗୋପୀନାଥ ମହାରଥି ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱଜିତ ସୁବୁଦ୍ଧିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଆୟୋଜକ ଟିମର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ମାତୃଭାଷା ବିକାଶ ପାଇଁ ଡିଜିଟାଲର ବ୍ୟବହାର ଆବଶ୍ୟକ

ବାଲୁଗାଁ,୨୮।୧(ସଂଗ୍ରାମ ପାଇକରାୟ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ପ୍ରୋତ୍ସାହନରେ ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଅନ୍ତର୍ଗତ ଭାଷା, ସାହିତ୍ୟ, ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. କଳ୍ପନା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଅତିଥିଭାବେ ଖୋର୍ଦ୍ଧାର ପୂର୍ବତନ ଜିଲାପାଳ ତଥା ବିଶିଷ୍ଟ ସାହିତ୍ୟିକ ନିରଞ୍ଜନ ସାହୁ, ଅନ୍ତର୍ଜାତୀୟ ମଞ୍ଚ ଉଦ୍‌ଘୋଷକ ଡ. ମୃତ୍ୟୁଞ୍ଜୟ ରଥ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସମ୍ପ୍ରତି ଆଧୁନିକ ଯୁଗରେ ମାତୃଭାଷାର ବିକାଶ ନିମନ୍ତେ ଡିଜିଟାଲର ବ୍ୟବହାର ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ପରେ ଦଳଗତ ଆଲୋଚନାଚକ୍ରରେ ପ୍ରଫେସର ପ୍ରଦୀପ୍ତ କୁମାର ବାରିକ, ପ୍ରଫେସର ଅହଲ୍ୟା ସ୍ୱାଇଁ, ବିଶିଷ୍ଟ ଗାଳ୍ପିକ ଆଭାସ କୁମାର ବରାଳ ଯୋଗଦେଇ ଦୃଶ୍ୟ ଶ୍ରାବ୍ୟ ଯାନ୍ତ୍ରିକ ପଦ୍ଧତିରେ ଓଡ଼ିଆ ମାତୃଭାଷାର ବିକାଶର ବିଭିନ୍ନ ଦିଗ ଓ ଦିଗନ୍ତ ଉପରେ ଆଲୋଚନା କରିଥିଲେ। ଏଥିସହିତ ସାହିତ୍ୟ ପ୍ରତିଯୋଗିତା ଅନ୍ତର୍ଗତ ଲୋକନୃତ୍ୟ, ଓଡ଼ିଆ ସୁଗମ ସଙ୍ଗୀତ, ଓଡ଼ିଆ ଭାଷା ଓ ସଂସ୍କୃତି ସମ୍ପର୍କିତ କୁଇଜ, ବକ୍ତୃତା, ବ୍ୟାକରଣ ଦକ୍ଷତା, କବିତା ଲିଖନ ଓ ବିତର୍କ ପ୍ରତିଯୋଗିତା ହୋଇଥିଲା। ଯୁକ୍ତ ୨ ଅଧ୍ୟକ୍ଷା ଡ.ଜୟନ୍ତୀ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଝରଣା ନାଥ, ଡ.ପୂର୍ଣ୍ଣଚନ୍ଦ୍ର ସାମନ୍ତରାୟ, ପ୍ରାଧ୍ୟାପକ ରାଜକିଶୋର ସାହୁ, ଡ.ଲକ୍ଷ୍ମୀଧର ସୁବୁଦ୍ଧି, ଚିତ୍ତରଞ୍ଜନ ସାହୁ, ଡ.ଅକ୍ଷୟ ମିଶ୍ର, ଅଧ୍ୟାପିକା ରିନା ରାଉତ ପ୍ରମୁଖ ପରିଚାଳନା କରିଥିବା ବେଳେ ଡ.କୈଳାସ ଚନ୍ଦ୍ର ମହାରଣା ମଞ୍ଚ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକଭାବେ ସଙ୍ଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ ମାଝୀ ଓ ଜିତେନ୍ଦ୍ର ମହାରଣା ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ତରାବୋଇରେ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭୂମି ପୂଜନ

**୪ ପଞ୍ଚାୟତର ଗ୍ରାମବାସୀ ଉପକୃତ ହେବେ**

ଜଟଣୀ,୨୮।୧(ରବୀନ୍ଦ୍ରନାଥ ମହାକୁଡ଼)




ଜଟଣୀ ବ୍ଲକ ଅଧୀନ ତରାବୋଇ ଗ୍ରାମଠାରେ ନୂତନ ପାସେଞ୍ଜର ହଲ୍ଟ ନିର୍ମାଣ ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱରଞ୍ଜନ ବଡ଼ଜେନା, ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ, ସତୀଶ ଶର୍ମା ଯୋଗଦେଇ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧାରୋଡ ରେଳମଣ୍ଡଳର ମଣ୍ଡଳ ବାଣିଜ୍ୟକ ପ୍ରବନ୍ଧକ ଗିରିଶ ଚନ୍ଦ୍ର ନାୟକ ଏବଂ ମଣ୍ଡଳ ଏଡିଇଏନ ଡି.ପ୍ରକାଶ ରାଓଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଏଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହେଲେ ୪ ଟି ପଞ୍ଚାୟତର ଲୋକେ ଉପକୃତ ହେବେ। ଭୂମି ପୂଜନ ପୂର୍ବରୁ କୋରଙ୍ଗା ଖେଳପଡିଆରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇଥିଲେ। ୯ବର୍ଷର ଦାବି କେନ୍ଦ୍ର ସରକାର ଏବଂ ରେଳ ପ୍ରଶାସନ ପୂରଣ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ବେଣାପାଞ୍ଜରି, ତିରିମଲ ଏବଂ ହରିପୁର ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ଥିଲେ।

## କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ: ରଘୁନାଥ କ୍ଲବ ଟାଙ୍ଗୀ ବିଜୟୀ

ନିରାକାରପୁର,୨୮।୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ ଅଧୀନ କାଶୀପୁରସ୍ଥିତ ଖେଳପଡ଼ିଆରେ ମା'ଭୈରବୀ ଯୁବସଂସଦ ଆନୁକୂଲ୍ୟରେ ୪୧ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ରବିବାର ରଘୁନାଥ କ୍ଲବ ଟାଙ୍ଗୀ ଓ ବିବିଜି କ୍ଲବ ଖୋର୍ଦ୍ଧା ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ରଘୁନାଥ କ୍ଲବର ରାଘବ ନାୟକ ୨ଟି ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିବିଜି କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୨-୦ ଗୋଲରେ ରଘୁନାଥ କ୍ଲବ ଟାଙ୍ଗୀ ବିଜୟୀ ହୋଇଛି। ପ୍ରମୋଦ କୁମାର ଦାସ, ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ହୃଦାନନ୍ଦ ମହତରାୟ ମ୍ୟାଚ କମିଶନର ଥିଲେ। ସିପିଏମ୍ ରାଜ୍ୟ କମିଟି ସଦସ୍ୟ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ନୂଆଗଡ ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ମହାରଣା, ବିଧୁଭୂଷଣ ମହାରଣା, ଆଇନଜୀବୀ ପ୍ରଦୀପ୍ତ କୁମାର ଦାସ, ଉମେଶ ମିଶ୍ର, ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କମଳଲୋଚନ ପ୍ରଧାନ, ସନ୍ତୋଷ ଦଳେଇ, ଲଛମନ ନାୟକ, ସୋମନାଥ ବିଶ୍ୱାଳ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର ଜଟଣୀର କୁସୁମାଟି ଓ ବେଗୁନିଆ ମଧ୍ୟରେ ମ୍ୟାଚ ହେବ ବୋଲି ଅନୁଷ୍ଠାନର ସଭାପତି ପ୍ରଦୀପ୍ତ ଷଡ଼ଙ୍ଗୀ ଓ ସମ୍ପାଦକ ନୃସିଂହ ଦଳେଇ କହିଛନ୍ତି।


ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

**ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

## ଅଁଳାଇ ୱାରିଅର ଚାମ୍ପିୟନ

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଉଇଲିକିଶନ ନଗର ଗ୍ରାମ ମା'ଅଁଳାଇ ଖେଳପଡିଆରେ କ୍ରୀଡାବିତ୍ ଜିତେନ୍ଦ୍ର ମହାରଣାଙ୍କ ସ୍ମୃତିରେ ଚାଲିଥିବା ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ଅଁଳାଇ ୱାରିଅର ଚାମ୍ପିୟନ ହୋଇଛି। ରବିବାର ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ବଜରଙ୍ଗୀ ଫାଇଟର ଓ ସିଏସ୍‌କେ ୱାରିଅର ମଧ୍ୟରେ ହୋଇଥିଲା। ଟସ୍ ଜିତି ସିଏସ୍‌କେ ୱାରିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୩ ଉଇକେଟ ବିନିମୟରେ ୧୧୪ ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ଫାଇଟର ୧୧ ଓଭରରେ ୨ ଉଇକେଟ ବିନିମୟରେ ୧୧୫ ରନ କରି ବିଜୟ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅଁଳାଇ ୱାରିଅର ଓ ୟଙ୍ଗ ଫାଇଟର ମଧ୍ୟରେ ହୋଇଥିଲା। ଅଁଳାଇ ୱାରିଅର ୧୨ ଓଭରରେ ୪ ଉଇକେଟ ବିନିମୟରେ ୧୫୦ ରନ ସଂଗ୍ରହ କରିଥିଲା। ଜବାବରେ ୟଙ୍ଗ ଫାଇଟର ଟିମ୍ ୯ ଓଭରରେ ୬ ଉଇକେଟ ବିନିମୟରେ ୭୬ରନ କରି ପରାଜିତ ହୋଇଥିଲା। ଫାଇନାଲ ମ୍ୟାଚ୍ ଅଁଳାଇ ୱାରିଅର ଓ ବଜରଙ୍ଗୀ ଫାଇଟର ମଧ୍ୟରେ ହୋଇଥିଲା। ଅଁଳାଇ ୱାରିଅର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗୀ ଫାଇଟର ଟିମ୍ ସମସ୍ତ ଉଇକେଟ ବିନିମୟରେ ୬୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଅଁଳାଇ ୱାରିଅର ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଜିତେନ୍ଦ୍ର ସ୍ୱାଇଁ, ରିତେଶ ସ୍ୱାଇଁ, ମିହିର ପ୍ରଧାନ, ଚନ୍ଦ୍ରକାନ୍ତ ବିଶ୍ୱାଳ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ପ୍ରଶାନ୍ତ କୁମାର ସାହୁ, ତୁଷାରକାନ୍ତ ବିଶ୍ୱାଳ, ହିମାଂଶୁ ବରାଳ, ନିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ପ୍ରଧାନ, ନିର୍ମଳ ପ୍ରଧାନ, ଗୋପାଳକୃଷ୍ଣ ପ୍ରଧାନ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ବହୁ କ୍ରୀଡ଼ାବିତ୍ ମ୍ୟାଚରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ମଙ୍ଗଳା କ୍ଲବ-ୟୁନାଇଟେଡ ସ୍ପୋର୍ଟ୍ସ ଫାଇନାଲ

ବୋଲଗଡ଼,୨୮।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ରବିବାର ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଓ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ମଧ୍ୟରେ ହୋଇଥିଲା। ଟାଇବ୍ରେକରରେ ୩-୧ ଗୋଲରେ ୟୁନାଇଟେଡ୍ ସ୍ପୋର୍ଟ୍ସ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶିବଶଙ୍କର ପଣ୍ଡା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସୁଶାନ୍ତ ମିଶ୍ର ଓ ଶିବ ସାମନ୍ତରାୟ ସହାୟତା କରିଥିଲେ। ରିଜର୍ଭ ରେଫରି ଭାବେ ଶିବ ଦେହୁରି ଉପସ୍ଥିତ ଥିଲେ। ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ସାମାଜିକକର୍ମୀ ଯାହୁରୁଦ୍ଦିନ ତରଫଦାର, ୱାଜିଦ ହୋସେନ ଖାଁ, ଅହମ୍ମଦ ରଜାକ ଖାଁ, ଅଧ୍ୟାପକ ସରୋଜ ମିଶ୍ର ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ମଙ୍ଗଳବାର କଟକର ମଙ୍ଗଳା କ୍ଲବ ଓ ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ ମଧ୍ୟରେ ଫାଇନାଲ ମ୍ୟାଚ ହେବ। ତୁଳସୀବେରେଣା, ଦେଉଳି, ଦକ୍ଷିଣେ ପାରିଖେତା, ଜାମୁସାହି, ନୂଆପଲ୍ଲୀ ଆଦି ଗ୍ରାମର ଯୁବକମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସଂକ୍ଷେପରେ**

## ପ୍ରଜନନ କେନ୍ଦ୍ରରେ ବଜ୍ରକାପ୍ତା ମୃତ

ବାରଙ୍ଗ,୨୮।୧(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ବଜ୍ରକାପ୍ତା ପ୍ରଜନନ କେନ୍ଦ୍ରରେ ରବିବାର ଏକ ମାଈ ବଜ୍ରକାପ୍ତାର ମୃତ୍ୟୁ ଘଟିଛି। ଦାୟିତ୍ୱରେ ଥିବା କର୍ମଚାରୀ ଜଣଙ୍କ ସକାଳେ ପ୍ରଜନନ କେନ୍ଦ୍ର ଖୋଲିବା ପରେ ବଜ୍ରକାପ୍ତାଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବାବେଳେ ଏକ କାଠଗଣ୍ଡି ତଳେ ଚାପି ହୋଇ ବଜ୍ରକାପ୍ତାର ମୃତ୍ୟୁ ଘଟିଥିବା କର୍ମଚାରୀ ସନ୍ଦେହ କରୁଛନ୍ତି। ସୁସ୍ଥ ସବଳ ସହ ଠିକ୍ ଭାବେ ବିଚରଣ କରୁଥିବା ୫ବର୍ଷର ଏହି ମାଈ ବଜ୍ରକାପ୍ତାଟି ପ୍ରଜନନ କେନ୍ଦ୍ରରେ ରହି ଗତ କିଛିଦିନ ତଳେ ଛୁଆ ଜନ୍ମ କରିଥିଲା।

## ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଲେ ବସ୍ ମାଲିକ

ବାରଙ୍ଗ,୨୮।୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ରବିବାର ପର୍ଯ୍ୟଟକଙ୍କ ଭିଡ଼ର ସୁଯୋଗ ନେଇ କେତେଜଣ ଜଣଙ୍କର ଚୋରି ହୋଇଥିବା ଅଭିଯୋଗ ହୋଇଛି। ନନ୍ଦନକାନନ ବସ୍ ରହଣି ସ୍ଥାନରେ କଲିକତାରୁ ଆସିଥିବା ସୁମନ ଦେ, ଭୁବନେଶ୍ୱରରୁ ଆସିଥିବା ଶ୍ରଦ୍ଧାଞ୍ଜଳି ସାହୁ ନାମକ ପର୍ଯ୍ୟଟକଙ୍କ ମୋବାଇଲ ଲୁଟ୍ ହୋଇଥିଲା। ଏହି ସମୟରେ ମୋ ବସ୍ ରହଣି ସ୍ଥଳରେ ଲାଗିଥିବା ଗାଡ଼ିରେ ଜଣେ ଯୁବକ ମହିଳାଙ୍କ ଭ୍ୟାନିଟ୍ ବ୍ୟାଗ୍‌ରୁ ମୋବାଇଲ ଲୁଟୁଥିବା ପାଖରେ ଥିବା ଘରୋଇ ବସ୍ ମାଲିକ ତ୍ରିଲୋଚନ ରାଉତ ଦେଖିଥିଲେ। ତ୍ରିଲୋଚନ ବସ୍ ଭିତରକୁ ଯାଇ ମୋ ବସ୍ ସୁପରଭାଇଜରଙ୍କ ସହିତ ମିଶି ମୋବାଇଲ ଲୁଟେରାଙ୍କୁ କାବୁ କରିଥିଲେ। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଜବତ କରି ପୋଲିସ ଜିମା ଦେଇଥିଲେ। ତେବେ ଏଠାରେ ଗହଳିର ସୁଯୋଗ ନେଇ ଲୁଟେରା ମନିପର୍ସ, ସୁନା ଚେନ, ମୋବାଇଲ ଫୋନ ଲୁଟୁଥିବା ବାରମ୍ବାର ନନ୍ଦନକାନନ ଥାନାରେ ଅଭିଯୋଗ ହେଉଥିଲେ ମଧ୍ୟ ପୋଲିସର ଦେଖା ନ ମିଳିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ନନ୍ଦନକାନନ: ଦେଢ଼ ଘଣ୍ଟା ପରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଚିକିତ୍ସା ପାଇଁ ନିଆଗଲା



ବାରଙ୍ଗ,୨୮।୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ଗେଟ୍ ସମ୍ମୁଖରେ ଖଣ୍ଡିଆ ଖାବରା ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ଯୁବକଙ୍କୁ ଦୀର୍ଘ ଦେଢ ଘଣ୍ଟା ପରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଛଡ଼ାଯାଇଛି। ରବିବାର ସକାଳେ ଜଣେ ବଙ୍ଗୀୟ ଯୁବକ ନନ୍ଦନକାନନକୁ ଯାଉଥିବାବେଳେ ଟିକେଟ୍ ଯାଞ୍ଚ ଫାଟକଠାରୁ ଅଳ୍ପ ଦୂରରେ ଥିବା ଏଟିଏମ୍ ଓ ଷ୍ଟୋର ରେଞ୍ଜରଙ୍କ କାର୍ଯ୍ୟାଳୟ ମଧଭାଗ ରାସ୍ତାକଡ଼ରେ ପଡ଼ି ଖଣ୍ଡିଆ ଖାବରା ହୋଇଯାଇଥିଲେ। କିଛି ସୁରକ୍ଷାକର୍ମୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଠାଇବାକୁ ଚେଷ୍ଟା କରିବାବେଳେ ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ପର୍ଯ୍ୟଟକଙ୍କ କାନ୍ଧ ଓ ମୁଣ୍ଡରେ ଆଘାତ ଲାଗିଥିବାରୁ ଯନ୍ତ୍ରଣାରେ ସେ ଚିତ୍କାର କରୁଥିଲେ। ଷ୍ଟୋର ରେଞ୍ଜରଙ୍କ କାର୍ଯ୍ୟାଳୟ ପାଖରେ ଏହି ଅଘଟଣ ଘଟିଥିଲେ ମଧ୍ୟ ରେଞ୍ଜରଙ୍କଠାରୁ ଆରମ୍ଭ କରି କୌଣସି କର୍ମଚାରୀ ପାଖକୁ ଆସି ନ ଥିଲେ। ସୁରକ୍ଷାକର୍ମୀଙ୍କଠାରୁ ଖବରପାଇ ସିକ୍ୟୁରିଟି ଦାୟିତ୍ୱରେ ଥିବା ଅଧିକାରୀ ଜିଏଫ୍ ଖାନ ସେଠାରେ ପହଞ୍ଚି ପର୍ଯ୍ୟଟକଙ୍କୁ ଚିକିତ୍ସା ପାଇଁ ପଠାଇବାକୁ ଉଦ୍ୟମ କରିଥିଲେ। ହେଲେ ମଧ ନନ୍ଦନକାନନର କୌଣସି ଗାଡ଼ି ଓ ନନ୍ଦନକାନନ ଥାନା ଗାଡ଼ି ମିଳି ନ ଥିଲା। ଦେଢ ଘଣ୍ଟା ପରେ ୧୦୮ ଆମ୍ବୁଲାନ୍ସ ଆସି ପର୍ଯ୍ୟଟକଙ୍କୁ ଚିକିତ୍ସା ପାଇଁ ନେଇଥିବା ଜଣାପଡ଼ିଛି।

# ଟିକସ ଖିଲାପ କରୁଛନ୍ତି ବଡ଼ବଡ଼ିଆ

### ୧୨ ସରକାରୀ ସଂସ୍ଥାକୁ ବିଏମ୍‌ସିର ନୋଟିସ୍ ଜାରି

ଭୁବନେଶ୍ୱର,୨୮।୧ (ବନ୍ଦନା ସେଠୀ)

ଗତବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷରେ ଅଧିକ ରାଜସ୍ୱ ଆଦାୟ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲକ୍ଷ୍ୟ ରଖିଛି। କେବଳ ହୋଲ୍ଡିଂ ଟିକସ ବାବଦକୁ ୧୧୫କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ପ୍ରତି ଜୋନ୍‌କୁ ୩୨ରୁ ୪୦ କୋଟିର ଟାର୍ଗେଟ ଦିଆଯାଇଛି। ସେହିପରି ବିଜ୍ଞାପନ, ପାର୍କିଂ, ଟ୍ରେଡ୍ ଲାଇସେନ୍ସ ଓ ଅନ୍ୟାନ୍ୟ ବାବଦକୁ ମିଶାଇ ପ୍ରାୟ ୫ଶହ କୋଟି ଟଙ୍କାର ଟାର୍ଗେଟ ରହିଛି। ତେବେ ଚଳିତ ବର୍ଷ ଟିକସ ଆଦାୟ ଭଲ ହେଉଥିବା ବିଏମ୍‌ସି ପକ୍ଷରୁ କୁହାଯାଉଥିଲେ ବି ଧାର୍ଯ୍ୟ ଲକ୍ଷ୍ୟର ଅଧା ମଧ୍ୟ ପୂରଣ ହୋଇପାରି ନାହିଁ। ଲକ୍ଷ୍ୟ ପୂରଣରେ ବଡ଼ବଡ଼ିଆ ତଥା ସରକାରୀ ସଂସ୍ଥା ବାଧକ ସାଜୁଛନ୍ତି। ସେମାନଙ୍କ ଉପରେ କୋଟିକୋଟି ଟଙ୍କାର ରାଜସ୍ୱ ବାକି ପଡୁଥିବା କାରଣରୁ ବିଏମ୍‌ସିକୁ ମଧ୍ୟ କ୍ଷତି ସହିବାକୁ ପଡୁଛି। ତେଣୁ ଏହି କ୍ଷତି କିଭଳି ଭରଣା କରାଯିବ ସେଥିପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ମାନସମନ୍ଥନ କରିବା ସହ ଖିଲାପକାରୀଙ୍କୁ ତାଗିଦ୍ କରିଥିଲେ।

ଜାନୁଆରୀ ୧୫ ସୁଦ୍ଧା ଟିକସ ଖିଲାପକାରୀ ଘରମାଲିକ ଏବଂ ସଂସ୍ଥାଗୁଡିକୁ ନୋଟିସ୍ ପଠାଯିବା ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଏବେସୁଦ୍ଧା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୨ଟି ସଂସ୍ଥାକୁ ଚିଠି କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। କମିଶନରଙ୍କ ଦସ୍ତଖତ ଥିବା ଏହି ଚିଠିରେ ତୁରନ୍ତ ବକେୟା ହୋଲ୍ଡିଂ ଟିକସ ପଇଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଇଡ୍‌କୋ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ବିମାନ ବନ୍ଦର, ଟିପିସିଓଡିଏଲ୍, ଓୟୁଏଟି, ପ୍ରାଚୀ ଡିଭିଜନ୍ ଆଦି ବିଭିନ୍ନ ସଂସ୍ଥା ଉପରେ ପ୍ରାୟ ୫୦ କୋଟି ଟଙ୍କାର ବକେୟା ପଡି ରହିଛି। ସେହିପରି ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ହୋଟେଲ ଉପରେ ମଧ୍ୟ କୋଟିକୋଟି ଟଙ୍କାର ରାଜସ୍ୱ ବାକି ପଡିଥିବାବେଳେ ଏମାନଙ୍କୁ ଜୋନ୍ ଅଫିସ୍‌ରୁ ନୋଟିସ୍ ଜାରି କରାଯାଇଛି। ବକେୟା ଥିବା ଘର ମାଲିକଙ୍କୁ ସ୍ମାର୍ଟସିଟି ପକ୍ଷରୁ ମେସେଜ୍ ପଠାଯାଇଛି। ଏତେ ପରେ ମଧ୍ୟ ଖିଲାପକାରୀମାନେ ଟିକସ ପଇଠ କରିବା ନେଇ ଆନ୍ତରିକତା ଦେଖାଉନାହାନ୍ତି, ଯାହାକି ବିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଅପରପକ୍ଷେ ନିୟମିତ ଖିଲାପକାରୀଙ୍କ ବିରୋଧରେ ବିଏମ୍‌ସି ଓଡିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ (ଓପିଡିଆର)ଅନୁଯାୟୀ ମାମଲା ରୁଜୁ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। କାରଣ ବର୍ଷବର୍ଷ ଧରି ଓପିଡିଆର୍ କେସ୍ ପଡି ରହୁଥିବାବେଳେ ତାହାର ଫଇସଲା ହୋଇପାରୁ ନାହିଁ। ବିଏମ୍‌ସିର ୩ଟିଯାକ ଜୋନ୍‌ରେ ବିଗତ ୩/୪ ବର୍ଷ ମଧ୍ୟରେ ବିଭିନ୍ନ ସଂସ୍ଥା ଉପରେ ରୁଜୁ ହୋଇଥିବା ଓପିଡିଆର୍ କେସ୍‌ରେ ୮କୋଟିରୁ ଊର୍ଦ୍ଧ୍ୱ ବକେୟା ଟଙ୍କା ପଡି ରହିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କେବଳ ଚଳିତ ବର୍ଷ ନୁହେଁ, ବିଗତ କିଛିବର୍ଷ ଧରି ଏହି ଧାରା ବଜାୟ ରହିଛି। ଫଳରେ ଗତବର୍ଷ ବିଧାନସଭାରେ ମଧ ବିଏମ୍‌ସି ହୋଲ୍ଡିଂ ଟିକସ ଝଡ଼ ଉଠିଥିଲା। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏନେଇ ବିଧାନସଭାରେ ପ୍ରଶ୍ନ କରିଥିବାବେଳେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଏହାର ଉତ୍ତର ରଖିଥିଲେ। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୦ଲକ୍ଷ ଟଙ୍କାରୁ ଅଧିକ ହୋଲ୍ଡିଂ ଟିକସ ବକେୟା ରଖିଥିବା ମୋଟ୍ ୬୩ ସଂସ୍ଥା ଓ ବ୍ୟକ୍ତି ରହିଛନ୍ତି। ସେମାନଙ୍କ ଉପରେ ୫୦କୋଟି ଟଙ୍କାରୁ ଅଧିକ ହୋଲ୍ଡିଂ ଟିକସ ବକେୟା ଥିବାବେଳେ ସେମାନଙ୍କ ଉପରେ ଓପିଡିଆର୍ କେସ୍ ରୁଜୁ ହୋଇଥିବା ସୂଚନା ଦେଇଥିଲେ। ତେବେ ଏବେସୁଦ୍ଧା ସେମାନଙ୍କ ମଧ୍ୟରୁ ଅନେକ ଟିକସ ଦେଇ ନାହାନ୍ତି। ଫଳରେ ବାର୍ଷିକ କୋଟିକୋଟି ଟଙ୍କା ବିଏମ୍‌ସିକୁ କ୍ଷତି ସହିବାକୁ ପଡୁଛି।

## ୩ ବିହାରୀ ଯୁବକ ଗିରଫ

### ଗଣ୍ଡଗୋଳ ରୋକିବାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ



ଭୁବନେଶ୍ୱର,୨୮।୧(ସତ୍ୟଜିତ୍ ରାଉତ)

ଗଣ୍ଡଗୋଳ ରୋକିବାକୁ ଯାଇ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଶନିବାର ରାତିରେ ଲିଙ୍ଗରାଜ ରେଳ ଷ୍ଟେଶନ ନିକଟରେ ଘଟିଥିବା ଏହି ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ୩ଜଣ ବିହାରୀ ଯୁବକଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବିହାର କଟିହାର ଅଞ୍ଚଳର ଦିନା କୁମାର(୧୯), ଗୁଡୁ ରାଜକୁମାର(୧୯) ଓ ସୁରଜ ରିଶି (୨୪)। ଘଟଣାସ୍ଥଳରୁ ପୋଲିସ ଗୋଟିଏ ଶାବଳ ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷରେ ଆକ୍ରମଣରେ ଗୁରୁତର ଆହତ ଯୁବକ ହେଲେ ସୁନ୍ଦରପଦା ଅଞ୍ଚଳରେ ରହୁଥିବା କ୍ଷିତୀଶ୍ କୁମାର ନାୟକ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଲିଙ୍ଗରାଜ ଷ୍ଟେଶନ ନିକଟରେ ଜଣେ ରେଲୱେ ଠିକାଦାରଙ୍କ ଦ୍ୱାରା ଶ୍ରମିକ ଭାବେ କାମ କରୁଛନ୍ତି। ରବିବାର ରାତି ପ୍ରାୟ ୮ଟା ୩୦ରେ ସେମାନେ ଜଣେ ଯୁବକଙ୍କ ସହ ବଚସା କରୁଥିଲେ। କିଛି ସମୟ ପରେ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତମାନେ ଉକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରୁଥିଲେ। ଏହି ସମୟରେ ସେଠାରେ ବସିଥିବା କ୍ଷିତୀଶ ଗଣ୍ଡଗୋଳ ରୋକିବାକୁ ଯାଇଥିଲେ। ସେ ବାରଣ କରିବାକୁ ଅଭିଯୁକ୍ତମାନେ ଉତ୍ତ୍ୟକ୍ତ ହୋଇ କ୍ଷିତୀଶ୍‌ଙ୍କୁ ଶାବଳ ଦ୍ୱାରା ସଂଘବଦ୍ଧ ଆକ୍ରମଣ କରିଥିଲେ। ନିକଟରେ ଥିବା କ୍ଷୀତିଶଙ୍କ ସାଙ୍ଗ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଭୁବନେଶ୍ୱରସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ରବିବାର ନୂଆ ଓଡ଼ିଆ ଚଳଚ୍ଚିତ୍ର 'କେମିତି ଇଏ ସମ୍ପର୍କ'ର ଟ୍ରେଲର୍ ଏବଂ ଫାଷ୍ଟ ଲୁକ୍ ଉନ୍ମୋଚନ କରାଯାଉଛି।

## ଆଶାଏଁର 'ଶିଶୁ ଉତ୍ସବ' ଆରମ୍ଭ

ଭୁବନେଶ୍ୱର,୨୮।୧ (ବନ୍ଦନା ସେଠୀ)

**ଆଜି ହେବ ମିନି ମାରାଥନ୍**

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶାଏଁ ପକ୍ଷରୁ ଦଶମ ଶିଶୁ ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଜାନୁଆରୀ ୩୧ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଏହି ପରିପ୍ରେକ୍ଷୀରେ ସୋମବାର ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପରିସରରେ ମିନି ମାରାଥନ୍ ଆୟୋଜିତ ହେବ। 'ଭିକ୍ଷା ନୁହେଁ ଶିକ୍ଷା' ବାର୍ତ୍ତା ଦେଇ ଏହି ମାରାଥନ୍ ପଥପ୍ରାନ୍ତ ଶିଶୁ ମାନଙ୍କ ପାଇଁ ଆୟୋଜନ କରାଯିବ। ପଥପ୍ରାନ୍ତ ଶିଶୁ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଏହି ମାରାଥନରେ ଯୋଗଦେବେ। ମାରାଥନ୍ ପରେ ରକ୍ତଦାନ ଶିବିର ଆୟୋଜନ ହେବ। ସେହିପରି ଜାନୁଆରୀ ୩୦ରେ କିଟ୍ ଅଡିଟୋରିୟମ୍ ଠାରେ ପ୍ରଥମ ଜାତୀୟ ପଥପ୍ରାନ୍ତ ଶିଶୁ କର୍ମଶାଳା ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ ରାଜ୍ୟର ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ସରକାରୀ କର୍ମଚାରୀ ଓ ଶିଶୁ ଅଧିକାରର କର୍ମକର୍ତ୍ତା, ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ଯୋଗଦେବେ। ପଥପ୍ରାନ୍ତ ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ପାଇଁ ଆଲୋଚନା କରାଯିବ। ଏଥିସହ ଯୋଜନାଭୁକ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ, ଯାହା ପରବର୍ତ୍ତୀ ସମୟରେ ରାଜ୍ୟ ସରକାର, କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡିକୁ ପ୍ରଦାନ କରାଯିବ। ଅନୁଷ୍ଠାନର ୧୦ବର୍ଷର ଯାତ୍ରା ସମ୍ପର୍କରେ ଏକ ପାରମ୍ପରିକ ଚଳଚ୍ଚିତ୍ର ସହିତ ଏକ ସ୍ମରଣିକା ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯିବ। ଏଥିସହ ବିଭିନ୍ନ ବିଭାଗର ପିଲାମାନଙ୍କୁ ସମ୍ମାନିତ କରାଯିବ। ଏଥର କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ପିଲାମାନଙ୍କର ଚିନ୍ତାଧାରା ଓ ସୃଜନଶୀଳତା ଆଧାରରେ କରାଯାଉଥିବା ଆଶାଏଁର ଅଧ୍ୟକ୍ଷ ରତ୍ନାକର ସାହୁ ସୂଚନା ଦେଇଛନ୍ତି।

## ଅଭିଯୋଗ ଶୁଣିଲେ ରେଳମନ୍ତ୍ରୀ

ଭୁବନେଶ୍ୱର, ୨୮।୧
(ଅସମାପିକା ସାହୁ)

ଦୁଇଦିନିଆ ଓଡ଼ିଶା ଗସ୍ତରେ ଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହାପରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବିଭିନ୍ନ ସାମାଜିକ ସଙ୍ଗଠନ, ବୁଦ୍ଧିଜୀବୀ, ରେଳ କ୍ରିୟାନୁଷ୍ଠାନ କମିଟି, କାର୍ଯ୍ୟକର୍ତ୍ତାଙ୍କଠାରୁ ଅଭିଯୋଗ ଶୁଣିଥିଲେ। ରେଳ, ଟେଲିକମ୍, ଆଇଟି ଆଦି ବିଭିନ୍ନ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ସହ ନୂତନ ପ୍ରସ୍ତାବ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଗଠନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳ ଯୋଜନା ଓ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହିତ ସେଗୁଡ଼ିକର ନିରାକରଣ ଏବଂ ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଭାଷା ସମ୍ମିଳନୀରେ ଯୋଡ଼ିହେବେ ୧୩ଲକ୍ଷ ପ୍ରବାସୀ

ଭୁବନେଶ୍ୱର,୨୮।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହିତ ଯୋଡି ହେବାକୁ ଓଡ଼ିଶା ସମେତ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆ ମଧ ଉତ୍ସାହିତ ଅଛନ୍ତି। ଏଭଳି ଏକ ସମ୍ମିଳନୀ ରାଜ୍ୟରେ ପ୍ରଥମଥର ଆୟୋଜନ କରାଯାଉଥିବାରୁ ପ୍ରବାସୀ ଓଡ଼ିଆଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଛି। ଅନ୍‌ଲାଇନ ମାଧ୍ୟମରେ ବହୁ ପ୍ରବାସୀ ଭାଗ ନେବାକୁ ଆଗ୍ରହ ପ୍ରକାଶ କରିଥିବା ଜଣାପଡ଼ିଛି। ତେଣୁ ପ୍ରାୟ ୧୩ ଲକ୍ଷ ପ୍ରବାସୀ ଓଡ଼ିଆଙ୍କୁ ଅନ୍‌ଲାଇନ ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସହ ଯୋଡ଼ିବା ପାଇଁ ବ୍ୟବସ୍ଥା କରାଯାଉଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ସହ ଯୋଡି ହୋଇଥିବା ୧୭ଟି ପ୍ରବାସୀ ଓଡ଼ିଆ ସଂସ୍ଥା ସହ ଏନେଇ ଆଲୋଚନା ହୋଇଛି। ଦେଶ ବିଦେଶର ବହୁ ଭାଷାବିତ୍, ଐତିହାସିକ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷ ଏଥିରେ ଯୋଗ ଦେଉଛନ୍ତି। ସେମାନଙ୍କଠାରୁ ତଥ୍ୟଭିତ୍ତିକ ଉପସ୍ଥାପନା ସମ୍ପର୍କରେ ଜାଣିବା ନିମନ୍ତେ ବହୁ ପ୍ରବାସୀ ଓଡ଼ିଆ ଇଚ୍ଛାବ୍ୟକ୍ତ କରିଥିବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମିଳନୀ ସହ ସେମାନଙ୍କୁ ଯୋଡିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ଏପରିକି ଓଡ଼ିଶା ସମ୍ପର୍କିତ ବିଭିନ୍ନ ଲେଖାମାନ ସେମାନଙ୍କଠାରୁ ମଧ୍ୟ ଆହ୍ୱାନ କରାଯାଉଛି, ଯାହା ଆସନ୍ତା ଓଡ଼ିଶା ଦିବସରେ ପ୍ରକାଶ ପାଇବ। ସମ୍ମିଳନୀ ସମ୍ପର୍କରେ ତଥ୍ୟ ଦେବା ପାଇଁ ଖୋଲା ଯାଇଥିବା ୱେବ୍‌ସାଇଟ www.worldodiaconference.org ମାଧ୍ୟମରେ ପଞ୍ଜୀକରଣ ଆରମ୍ଭ ହୋଇଥିବା ସୂଚନା ଦିଆଯାଇଛି।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ମାତୃ ସମ୍ମିଳନୀ

ବାଲିଅନ୍ତା,୨୮।୧(ନୀଳମାଧବ ସାହୁ)

ସ୍ଥାନୀୟ ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ରବିବାର ଏକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଗଢ଼ି ତୋଳିବାରେ ମା'ମାନଙ୍କ ଭୂମିକା ଓ ତ୍ୟାଗ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗୁରୁମା ଗୁରୁଜୀ ଓ ବହୁ ଛାତ୍ରୀଛାତ୍ରଙ୍କ ମା'ମାନେ ଯୋଗଦେଇ ପାଠପଢା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଗୁରୁଜୀ ଗୋକୁଳ ଚରଣ ରଥ ଧନ୍ୟବାଦ ଦେଇଥିଲେ।

## ସାଧନା ନ ଥିବା ବ୍ୟକ୍ତିର ବାର୍ତ୍ତାରେ ପ୍ରଭାବ ନ ଥାଏ




ଭୁବନେଶ୍ୱର,୨୮।୧ (ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଯୋଗ ଆସୋସିଏଶନ୍‌ର ବାର୍ଷିକ ସାଧାରଣ ସଭା ଖଣ୍ଡଗିରିବିହାରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ, ସ୍ୱାମୀ ଶିବାନନ୍ଦ ମହାରାଜ ଦେଇଥିବା ୧୮ଟି ସଦ୍‌ଗୁଣ ବିଚାରକୁ ଗ୍ରହଣ କରି କିଭଳି ଭାବେ ମାନସିକ ଶାନ୍ତି ଓ ଉନ୍ନତି ଲଭି ପାରିବା, ସେ ନେଇ ଆଲୋକପାତ କରିଥିଲେ। ମହର୍ଷି ସନ୍ଦିପନି ରାଷ୍ଟ୍ରୀୟ ବେଦ ବିଦ୍ୟା ପ୍ରତିଷ୍ଠାନ ଉଜ୍ଜୈନର ଉପାଧକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ, ସାଧନା ନ କରିବା ବ୍ୟକ୍ତିର ବାର୍ତ୍ତାରେ କୌଣସି ପ୍ରଭାବ ନ ଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଯୋଗ ବିଷାରଦ ଡ. ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ପ୍ରତିଷ୍ଠାତା ସଭାପତି ପ୍ରଶାନ୍ତ କୁମାର ପ୍ରଧାନ, ଯୋଗ ବିଷାରଦ ସୁରେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସଂସ୍କୃତ ଶିକ୍ଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସଂଘର ସଭାପତି ନବ କିଶୋର ମହାନ୍ତି ଏଥିରେ ସଭାପତିତ୍ୱ କରି ଏକ ଯୋଗ କାଉନ୍‌ସିଲ୍ ଗଠନ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ନେଇ ସୂଚନା ଦେଇଥିଲେ। ସମ୍ପାଦକ ଆଦିତ୍ୟ କୁମାର ଜେନା ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୋଗାଚାର୍ଯ୍ୟ ମନୋଜ ରାଉତ ସଭା ସଂଯୋଜନା କରିଥିବାବେଳେ ଉପସଭାପତି ଗିରିଜାଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଜୋରାମ' ପ୍ରଦର୍ଶନ ସହ ସରିଲା ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ

ଭୁବନେଶ୍ୱର,୨୮।୧
(ଶର୍ମିଷ୍ଠା ପାଣିଗ୍ରାହୀ)



ଫିଲ୍ମ ସୋସାଇଟି ଭୁବନେଶ୍ୱର ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଚାଲିଥିବା ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର ୨୦୨୪ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିବସରେ ମଣି କଲ୍‌ଙ୍କ ନିର୍ଦ୍ଦେଶିତ 'ସିଦ୍ଧେଶ୍ୱରୀ' ଚଳଚ୍ଚିତ୍ର ପ୍ରଦର୍ଶନ ହୋଇଥିଲା। ବାରାଣସୀର କ୍ଲାସିକାଲ୍ କଣ୍ଠଶିଳ୍ପୀ ସିଦ୍ଧେଶ୍ୱରୀ ଦେବୀଙ୍କ ଜୀବନୀ ଏହି ଚଳଚ୍ଚିତ୍ରରେ ଚିତ୍ରଣ କରାଯାଇଛି। ଏଥିସହ ଦିବ୍ୟଶାହାଙ୍କ ନିର୍ଦ୍ଦେଶିତ ନେପାଳୀ ଚଳଚ୍ଚିତ୍ର 'ବାହାଦୁର'ର ସ୍କ୍ରିନିଂ କରାଯାଇଥିଲା। କୋଭିଡ୍ ସମୟରେ ଭାରତରେ ଲକ୍‌ଡାଉନ ଚାଲୁଥିବାବେଳେ କାମ କରୁଥିବା ଶ୍ରେଣୀର ଦୁଃଖକୁ ଏହି ଫିଲ୍ମ ମାଧ୍ୟମରେ ଦେଖିବାକୁ ମିଳିଥିଲା। ଏହା ପରେ ଜିଓ ବେବିଙ୍କ ନିର୍ଦ୍ଦେଶିତ ମାଲାୟାଲମ୍ ଫିଲ୍ମ 'କାଥାଲ୍' ପ୍ରଦର୍ଶିତ ହୋଇଥିଲା। କେରଳରେ ରହୁଥିବା କପଲ୍ ମାଥ୍ୟୁ ଏବଂ ଓମାନାଙ୍କ କାହାଣୀ ଏଥିରେ ଦେଖିବାକୁ ମିଳିଥିଲା। ଉତ୍ସବର ଶେଷ ଚଳଚ୍ଚିତ୍ର ଥିଲା ଦେବଶିଷ ମାଖିଆଙ୍କ 'ଜୋରାମ'। ସୋସାଇଟି ସଭାପତି ସୁବ୍ରତ ବେଉରା ଦର୍ଶକଙ୍କୁ ସମ୍ବୋଧିତ କରିବା ସହ ୧୩ତମ ଚଳଚ୍ଚିତ୍ର ଉତ୍ସବରେ ଯୋଡ଼ି ହୋଇଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଫିଲ୍ମ ସୋସାଇଟି ଅଫ ରେଭେନ୍‌ଶାର ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଦେଇଥିଲେ। ଅମନ ସଚ୍ଚଦେବାଙ୍କ ଚଳଚ୍ଚିତ୍ର ଓପିଓମ୍ ପ୍ରଦର୍ଶନ ପରେ ଉତ୍ସବ ଉଦ୍‌ଯାପିତ ହୋଇଥିଲା।

**ସଂକ୍ଷେପରେ**

## ଜାତୀୟ ଟେବୁଲ୍ ଟେନିସ ଖେଳାଳି ଜିଜ୍ଞାସୁଙ୍କୁ ସମ୍ବର୍ଦ୍ଧନା

ପୁରୀ, ୨୮।୧(ଅଜିତ ମହାନ୍ତି)

ଜାତୀୟ ଟେବୁଲ୍ ଟେନିସ ପ୍ରତିଯୋଗିତାର ସବ୍‌ଜୁନିଅର ବିଭାଗରେ କାଂସ୍ୟ ପଦକ ପାଇ ଓଡ଼ିଶାକୁ ଗୌରବମୟ କରିଥିବା ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କୁ ପୁରୀରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ସଭାଗୃହରେ କୃଷ୍ଣଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବଡି ବିଲ୍ଡର ଅଶୋକ ମହାପାତ୍ର, ଶିକ୍ଷାବିତ୍ ରଞ୍ଜୁବାଳା ରାଉତ, ବିବେକାନନ୍ଦ ପ୍ରଧାନ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଆରତୀ ତ୍ରିପାଠୀ, ଶ୍ୟାମଳ କୁଣ୍ଡୁ, ଟେନିସ ତାରକା ଅଭିଜିତ ମହାନ୍ତି ଓ ବିଶ୍ୱଜିତ ମହାନ୍ତି ଅତିଥି ଭାବେ ଯୋଗଦେଇ ଟେନିସ ଖେଳର ବିକାଶ ପାଇଁ ଉନ୍ନୟନ ପରିଷଦ ସମସ୍ତ ସହଯୋଗ ଯୋଗାଇଦେବ ବୋଲି ଘୋଷଣା କରିଥିଲେ। ଟେବୁଲ୍ ଟେନିସ ସଂଘର ସମ୍ପାଦକ ଡ. ବିମଳ ପ୍ରସାଦ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରି କ୍ଲବ୍, ରୋଭର୍ସ କ୍ଲବ, ପୁରୀ ସେବା ସମିତି, ପୁରୀ ଜିଲା ଚେସ ଆସୋସିଏଶନ୍, ଗୁଣ୍ଡିଚା ବିହାର ଉନ୍ନୟନ ପରିଷଦ ପ୍ରଭୃତି ବହୁ ଅନୁଷ୍ଠାନ ସାମିଲ ଥିଲେ।

## ଓଡ଼ିଆ ସାହିତ୍ୟ, ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ

ଅସ୍ତରଙ୍ଗ, ୨୮।୧ (ପ୍ରଦୀପ୍ତ କୁମାର ଦୀକ୍ଷିତ):

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉପଲକ୍ଷେ ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ନୂଆ -ଓ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା କୁନିଲତା ରାଉତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଅବସରପ୍ରାପ୍ତ ଅଧ୍ୟାପକ ଡ. ବ୍ରଜକିଶୋର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଡ. ଚିନ୍ମୟୀ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଡ. ଜିତେନ୍ଦ୍ର କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଥିବା ଅନ୍ତର୍ନିହିତ ପ୍ରତିଭା ପ୍ରଦର୍ଶନରେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ନୋଡାଲ ଅଧିକାରୀ ଅଧ୍ୟାପିକା କବିତା ମହାନ୍ତି ବିଭିନ୍ନ ପ୍ରତିଯୋଗିତା ସମ୍ପାଦନ କରାଇଥିଲେ। ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନ ସିଂ ସଭା ପରିଚାଳନା କରିଥିଲେ। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଓଡ଼ିଆ ଗୀତ, ଓଡ଼ିଆ ଭଜନ, କୁଇଜ, କବିତା ପାଠ, ଲିଖନ, ହସ୍ତାକ୍ଷର, ବକ୍ତୃତା, ଓଡ଼ିଆ ଖାଦ୍ୟ ପ୍ରସ୍ତୁତି ଓ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ଅତିଥି ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପିକା କବିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସାଗର କୁମାର ଜେନା, ଅଧ୍ୟାପିକା ନିର୍ମଳା ବିଶ୍ୱାଳ, ସରସ୍ୱତୀ ପରିଡାଙ୍କ ସମେତ କର୍ମଚାରୀ ତ୍ରିଲୋଚନ ପ୍ରଧାନ, ତୃପ୍ତିମୟୀ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିକ୍ରି ହେଉଛି ବାସି, ଭେଜାଲ ଖାଦ୍ୟ

ନିମାପଡ଼ା,୨୮।୧(ରଞ୍ଜନ କୁମାର ପଟ୍ଟନାୟକ):

ନିମାପଡ଼ା ଅଞ୍ଚଳରେ ବାସି ଓ ଭେଜାଲ ଖାଦ୍ୟ ବିକ୍ରି ହେଉଛି। ବାସି ଓ ଭେଜାଲ ଖାଦ୍ୟ ଖାଇ ଗ୍ରାହକ ରୋଗରେ ପଡ଼ୁଛନ୍ତି। ଫୁଡ୍ ଲାଇସେନ୍ସ ବିନା ଯେଉଁଠି ସେଇଠି ଏପରିକି ଅପରିଷ୍କାର ସ୍ଥାନ ନିକଟରେ ହୋଟେଲ, ଢାବା, ଜଳଖିଆ ଦୋକାନ ଖୋଲାଯିବା ସହିତ ଠେଲାଗାଡ଼ିରେ ଗୁପ୍‌ଚୁପ୍, ଦହିବରା, ଫାଷ୍ଟଫୁଡ୍ ବିକ୍ରି କରାଯାଉଛି। ଅଧିକାଂଶ ଦୋକାନରେ ମିଳୁଥିବା ଖାଦ୍ୟର ମାନ ନିମ୍ନମାନର ବୋଲି ଅଭିଯୋଗ ହେଉଛି। ପ୍ରଶାସନ ଏ ଦିଗରେ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ନିମାପଡ଼ା ହେଉଛି ପୁରୀ ଜିଲାର ଏକ ବଡ଼ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରହିଛି। ଏଠାକୁ ପ୍ରତିଦିନ ଦୂର ଦୂରାନ୍ତରୁ ବହୁ ଲୋକ ବିଭିନ୍ନ କାମରେ ଆସିଥାନ୍ତି। ଅଧିକାଂଶ ଲୋକ ହୋଟେଲ, ଢାବା ଓ ଜଳଖିଆ ଦୋକାନରେ ଖାଇଥାନ୍ତି। ତେବେ ପୋଡ଼ା ତେଲରେ ପ୍ରସ୍ତୁତ ତଥା ବାସି ଓ ଭେଜାଲ ଖାଦ୍ୟ ଖାଇ ପେଟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏଠାରେ ସରକାରୀ ନିୟମକୁ ବେଖାତିର କରି ଅନେକ ଖାଦ୍ୟ ଦୋକାନ ଗଢ଼ିଉଠିବା ସହ ଅସ୍ୱାସ୍ଥ୍ୟକର ପରିବେଶରେ ତଥା ବାସି ଓ ଭେଜାଲ ଖାଦ୍ୟ ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ। ପୂର୍ବରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଥିଲା। ଖାଦ୍ୟର ମାନ ଯାଞ୍ଚ କରାଯାଇ ଅପମିଶ୍ରିତ ଖାଦ୍ୟ ଜବତ କରାଯିବା ସହିତ ସ୍ଥଳବିଶେଷରେ ଜରିମାନା ଆଦାୟ କରାଯାଉଥିଲା। ଏବେ କିନ୍ତୁ ଯାଞ୍ଚ କି ଚଢ଼ାଉ ହେଉନାହିଁ। ଫଳରେ ଅସାଧୁ ଖାଦ୍ୟ ପ୍ରସ୍ତୁତକାରୀମାନେ ଲଗାମଛଡ଼ା ହୋଇଯାଇଛନ୍ତି। ନିମାପଡ଼ା ବ୍ଲକ ଅଧୀନ

**ନୀରବଦ୍ରଷ୍ଟା ସାଜିଛି ପ୍ରଶାସନ**

ନିମାପଡ଼ା, ଖେଲାର, ବଳଙ୍ଗା, ଚାରିଛକ ଆଦି ଅଞ୍ଚଳରେ ବିନା ଟ୍ରେଡ୍ ଏବଂ ଫୁଡ୍ ଲାଇସେନ୍ସରେ କେତେକ ହୋଟେଲ, ରେଷ୍ଟୁରାଣ୍ଟ, ମିଠା ଦୋକାନ, ଟିଫିନ ସେଣ୍ଟର ଚାଲିଛି। ସେହିପରି କେତେକ ହୋଟେଲ, ଢ଼ାବା, ମିଠା ଦୋକାନରେ ବାସି ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି। ନିମାପଡ଼ା ପୌରାଞ୍ଚଳର ଗଳିକନ୍ଦିରେ ଖୋଲିଥିବା ଅନେକ ଚାଟ୍, ଗୁପଚୁପ, ଜଳଖିଆ, ଫାଷ୍ଟଫୁଡ ଦୋକାନରେ ବାସି ଓ ନିମ୍ନମାନର ଖାଦ୍ୟ ଲୋକଙ୍କୁ ଦିଆଯାଉଛି। ଖାଦ୍ୟ ପ୍ରସ୍ତୁତ ସମୟରେ ମାସ୍କ ପରିଧାନ, ସାନିଟାଇଜ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ସରକାରୀ ନିର୍ଦ୍ଦେଶନାମା ରହିଥିଲେ ମଧ୍ୟ ସେଥିପ୍ରତି ଖାମ୍‌ଖିଆଲ ମନୋଭାବ ପ୍ରଦର୍ଶନ କରାଯାଉଛି। ଏ ନେଇ ପ୍ରଶାସନ କାହିଁକି ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି ତାହା ଏବେ ପ୍ରଶ୍ନ ପାଲଟିଛି। ଏନେଇ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ସରୋଜ ଶତପଥୀ କହିଛନ୍ତି, ଅଭିଯୋଗ ଆମ ନିକଟକୁ ଆସିଛି। ଆମ ପାଖରେ ଫୁଡ୍ ଇନ୍ସପେକ୍ଟର ନାହାନ୍ତି ଓ ଖାଦ୍ୟର ମାନ ଯାଞ୍ଚ କରିବାକୁ ବୈଷୟିକ ଜ୍ଞାନକୌଶଳର ଅଭାବ ରହିଛି। ଫଳରେ ଆମେ ଖାଦ୍ୟର ମାନ ଯାଞ୍ଚ କରିପାରୁନାହୁଁ। ଆମ ନଜରରେ ଅଧିକାଂଶ ଦୋକାନ ରହିଛି। ଏ ବିଷୟରେ ପୁରୀ ଜିଲା ଖାଦ୍ୟ ନିରୀକ୍ଷକଙ୍କୁ ଅବଗତ କରାଯାଇଛି। ନିକଟ ଭବିଷ୍ୟତରେ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହୋଟେଲ, ମିଠା ଦୋକାନ, ଫାଷ୍ଟଫୁଡ୍ ଖୋଲିବା ପୂର୍ବରୁ ଟ୍ରେଡ୍ ଏବଂ ଫୁଡ୍ ଲାଇସେନ୍ସ ନେବା ଜରୁରୀ। ବିନା ପଞ୍ଜୀକରଣରେ ଦୋକାନ ଖୋଲିବା ଦଣ୍ଡନୀୟ ଅପରାଧ ବୋଲି ଶତପଥୀ କହିଛନ୍ତି।

## ଦୟା ଜ୍ୟୋତି କଳା ସଂସ୍କୃତି ମହୋତ୍ସବ




ପୁରୀ,୨୮।୧(ଅଜିତ୍ ମହାନ୍ତି)

ମାର୍କଣ୍ଡେଶ୍ୱରସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଏବଂ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଦୟା ଜ୍ୟୋତି କଳା ସଂସ୍କୃତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ନବୋଲ୍ଲାସ ଭାବାବେଶ ସୃଷ୍ଟି କରିବା ସହ ସାମ୍ପ୍ରଦାୟିକତା ଏବଂ ଆଞ୍ଚଳିକତା ଭାବର ଊର୍ଦ୍ଧ୍ୱରେ ରହି ଏକ ସୁସ୍ଥ ସମାଜ ଗଠନ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଳାକାରମାନେ ଓଡ଼ିଶୀ ନୃତ୍ୟ, ଲୋକନୃତ୍ୟ, ରାସଲୀଳା, ମଙ୍ଗଳାଚରଣ ଏବଂ ଦଶଅବତାର ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଭକ୍ତ ଚରଣ ଦାସ ଏବଂ ସମ୍ମାନିତ ଅତିଥି ରୂପେ ତପନ କୁମାର ପଣ୍ଡା, ସୁନିତା କର, ବିଜୟାଲକ୍ଷ୍ମୀ, ଲକ୍ଷ୍ମୀପ୍ରିୟା ପୂଜାପଣ୍ଡା, ଅଶ୍ୱିନୀ କୁମାର ମିଶ୍ର, ନାରାୟଣ ପାଣ୍ଡେ ଯୋଗଦେଇ ଏଭଳି ଲୋକାଭିମୁଖୀ ସାଂସ୍କୃତିକ କାର୍ଯ୍ୟକ୍ରମ ଜନମାନସରେ ସଚେତନତା ସୃଷ୍ଟି କରିବା ସହ ମାନବିକ ମୂଲ୍ୟବୋଧର ଉତ୍‌ଥାନରେ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମଧୁମିତା ପ୍ରଧାନ ସଭା ପରିଚାଳନା କରିଥିଲେ।




ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବରେ କୁନି ପିଲାଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ମହାବୀର ଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଗୋପ,୨୮।୧(ଭାରତୀ ଭୂଷଣ ଉପାଧ୍ୟାୟ):

ମଣିଷ ଆଧ୍ୟାତ୍ମିକ ଚିନ୍ତନ ସହିତ ପ୍ରଭୁ ରାମଚନ୍ଦ୍ର ଓ କୃଷ୍ଣଙ୍କ ନୀତି ଆଦର୍ଶରେ ଗଲେ ସମାଜରେ ଅନେକ କିଛି ପରିବର୍ତ୍ତନ ହେବ। ଗୋପ ବ୍ଲକ ଅଧୀନ ବେଗୁନିଆସ୍ଥିତ ମହାବୀର ଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜିତେନ୍ଦ୍ର ମହାନ୍ତି ଯୋଗଦେଇ ଯୁବ ସମାଜକୁ ଏହି ବାର୍ତ୍ତା ଦେଇଥିଲେ। ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ସାମାଜିକ କର୍ମୀ ପ୍ରଶାନ୍ତ ସେନାପତି, କମିଟି ସଭାପତି ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଏପରି ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସୂଚନା ଦେଇଥିଲେ। ସମସ୍ତ ଅତିଥିଙ୍କୁ କମିଟି ପକ୍ଷରୁ ସ୍ୱାଗତ କରାଯିବା ସହ ସମ୍ମାନିତ କରାଯାଇଥିଲା। ଶେଷ ଭାଗରେ ବିଭିନ୍ନ ସ୍କୁଲ ଓ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ଗୀତ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ମହାବୀର ଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିମାନେ ।

## ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସାକ୍ଷୀଗୋପାଳ, ୨୮।୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର):

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ୪୬ତମ ବାର୍ଷିକ ଉତ୍ସବ ରବିବାର ସାକ୍ଷୀଗୋପାଳ ମନ୍ଦିର ନିକଟ ପାର୍କିଂସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ସଭାପତି ଦୁର୍ଗାପ୍ରସାଦ ମହାପାତ୍ର ସଭାପତିତ୍ୱରେ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ସିକତା ଦାସ ଓ ଖ୍ୟାତନାମା ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାଶ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ଗୁରୁ ଅଶୋକ କୁମାର ସାହୁ, ବୈକୁଣ୍ଠ ସେଠୀ, ପ୍ରସନ୍ନ କୁମାର ବେହେରାଙ୍କ ନିର୍ଦ୍ଦେଶନାରେ ପିଲାମାନେ ଭଜନ ପରିବେଷଣ କରିଥିଲେ। ପରେ ଓଡ଼ିଶୀ ନୃତ୍ୟ କି ଶୋଭା ଗୋ କୁଞ୍ଜେ ମଦନ ମୋହନ, ଦେଖ ଗୋ ରାଧାମାଧବ ଚାଲି ଦେଖ ଗୋ' ପ୍ରଭୃତି ଗୋଟିକ ପରେ ଗୋଟିଏ କଳା ପରିବେଷଣ କରାଯାଇଥିଲା। ଗୁରୁ ଦୁର୍ଗାପ୍ରସାଦ ମହାପତ୍ର ଓ ବ୍ରଜକିଶୋର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀ ଶୁଭଶ୍ରୀ ପଟ୍ଟନାୟକ ଓ ଲିପିନା ଭୋଇ ମଞ୍ଚ ନିକଟ କାନ୍‌ଭାସ୍‌ରେ ସୁନ୍ଦର ଚିତ୍ରକଳା ଆଙ୍କିଥିଲେ। ଉତ୍ସବ ସ୍ଥଳରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନ କରାଯାଇଥିଲା। ଗୁରୁବନ୍ଦନା, ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ, ଚମ୍ପୂ, ତବଲା ଲହରା, ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ଗୁରୁ ଲିଙ୍ଗରାଜ ସ୍ୱାଇଁ, ଚିରସ୍ରୋତା ଖୁଣ୍ଟିଆ, ମିରା ଦାଶ ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଗୁରୁ ବୈକୁଣ୍ଠ ସେଠୀ, ପ୍ରସନ୍ନ କୁମାର ବେହେରା, ମାନସ କୁମାର ଷଡଙ୍ଗୀ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ସମ୍ପାଦକ ବଦ୍ରିନାରାୟଣ ଖୁଣ୍ଟିଆ କାର୍ଯ୍ୟକ୍ରମ ଏବଂ ଆଇନଜୀବୀ ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ। କଳାକାର ସ୍ୱୟଂସ୍ନିଗ୍ଧା ପଣ୍ଡା, ଶିବ ପ୍ରସାଦ ମିଶ୍ର, ଇଶାନି ମହାପାତ୍ର, ଜ୍ୟୋତି ସ୍ୱରୂପ ସାହୁ, ପ୍ରଯୁକ୍ତା ସେଠୀ, ସାଗରିକା ମଲ୍ଲିକ, ପ୍ରଣତି ମହାରଣା, ଅନିମେଶ ଭୋଇ, ଅଞ୍ଜଳି ନାୟକ, ବିଶ୍ୱପ୍ରକାଶ ସାହୁ ପ୍ରମୁଖ କଳା ପ୍ରଦର୍ଶନ କରିଥିଲେ।




ଉତ୍ସବରେ ଯୋଗଦେଇଥିବା ଅତିଥି ।

## ଭାଜପାର କର୍ମୀ ସମ୍ମିଳନୀ

କଣାସ,୨୮।୧(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ ଅଧୀନ ପାଣ୍ଡିଆକେରା ଗ୍ରାମପଞ୍ଚାୟତ ମାଟିଆପଡ଼ା ଗ୍ରାମର ଆରାଧ୍ୟ ଠାକୁର ମା' ମାଇଁଷାଣ୍ୱରୀ ଦେବୀଙ୍କ ପୀଠରେ ଭାଜପା କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁଶିଲକାନ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। କର୍ମୀ ସମ୍ମିଳନୀରେ ସତ୍ୟବାଦୀ ଭାଜପା ନେତା ଓମ୍‌ପ୍ରକାଶ ମିଶ୍ର ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କର୍ମୀମାନେ ପ୍ରତିଗ୍ରାମର ପ୍ରତି ପରିବାରକୁ ଯାଇ କେନ୍ଦ୍ର ସରକାରଙ୍କ ନୀତି, ଆଦର୍ଶ ସମ୍ପର୍କରେ ବୁଝାଇବାକୁ ପରାମର୍ଶ ଦେଇଥିଲେ। ସଭାରେ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ମନ୍ଦାରବସ୍ତ ମଣ୍ଡଳ ସଭାପତି ରାମଚନ୍ଦ୍ର ବେହେରା, କମଳିନୀ ଦାସ, ପାଣ୍ଡିଆକେରା ପୂର୍ବତନ ସରପଞ୍ଚ କସ୍ତୁରୀ ଚରଣ ବଳିୟାରସିଂ ଓ ନିରୁ ଦଳ ବେହେରାଙ୍କ ସମେତ ୬ଶହରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ।

## 'ଶିକ୍ଷା ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ'



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଗୋପ,୨୮।୧(ଭାରତୀ ଭୂଷଣ ଉପାଧ୍ୟାୟ):

ଶିକ୍ଷା ହିଁ ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ। ଶିକ୍ଷା ସହିତ ଶୃଙ୍ଖଳିତ ହେବା, ଖେଳକୁଦର ମଧ୍ୟ ଆବଶ୍ୟକତା ରହିଛି ବୋଲି ଶନିବାର ଗୋପ ହାପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଷ୍ଟାଦଶ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ପ୍ୟାରିମୋହନ ପଟ୍ଟନାୟକ କହିଛନ୍ତି। ପ୍ରଧାନ ଆଚାର୍ଯ୍ୟ ତୋଫାନ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ବିଶ୍ୱନାଥ ବେହେରା, ବିଦ୍ୟାଳୟ ସଭାପତି ଶିକ୍ଷାବିତ୍ ଦାମୋଦର ପାଢ଼ୀ, ସମ୍ପାଦକ ସତ୍ୟନାରାୟଣ ସେନାପତି, ଅକ୍ଷୟ କୁମାର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷା, ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଓ କ୍ରୀଡ଼ା ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବବିତା ପ୍ରଧାନ, ତୃପ୍ତିମୟୀ ସାହୁ, ଅନନ୍ୟା ପ୍ରିୟଦର୍ଶିନୀ, ବନିତା ଦେଈ, ଦେବାଶିଷ ଦୀକ୍ଷିତ, ରଶ୍ମିତା ବିଶ୍ୱାଳ, ସୁଜାତା ମହାନ୍ତି, ସ୍ମିତାରେଖା ଜେନା, ଦିଲୀପ କୁମାର ଭୋଇ, ଅଶୋକ କୁମାର ସ୍ୱାଇଁ, ବିଶ୍ୱବାସୀ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ସାଧାରଣ ବୈଠକ

ପିପିଲି,୨୮।୧(ଦୁର୍ଗା ମାଧବ ମିଶ୍ର):

ପିପିଲି ଜବାହର ବିଦ୍ୟାପୀଠଠାରେ ରବିବାର ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ଜୟ ପ୍ରକାଶ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ସମ୍ପାଦକ ଲକ୍ଷ୍ମୀଧର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ବରିଷ୍ଠ ଉପଦେଷ୍ଟା ବିକ୍ରମ ରଥ, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ, ସଂଘ ଉପଦେଷ୍ଟା ଚିନ୍ତାମଣି ଓଝା, ସନ୍ତୋଷ ନାୟକ, ଦୁଷ୍ମନ୍ତ ବଳିଆରସିଂ, ସଂଯୁକ୍ତା ମହାପାତ୍ର, ରମେଶ ଦାସ, ଅଭିମନ୍ୟୁ ଦାସ, ବିଚ୍ଛନ୍ଦ ମହାପାତ୍ର, ବୈକୁଣ୍ଠ ବିଶ୍ୱାଳ, ନିରଞ୍ଜନ ବଢେଇ ଯୋଗଦେଇଥିଲେ। ୨୦୨୨-୨୩ ପର୍ଯ୍ୟନ୍ତ ଅବସର ଗ୍ରହଣ କରିଥିବା ୬ ଜଣ ଏନ୍‌ପିଏସ୍ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମିଶ୍ର, ଜ୍ୟୋତ୍ସ୍ନା କୁମାରୀ ମହାନ୍ତି, ମାନସୀ ରାୟ, ସୌଦାମିନୀ ରାଉତରାୟ, ହରପ୍ରିୟା ପ୍ରଧାନ, ଶିକ୍ଷକ ଗଙ୍ଗାଧର ବରାଳଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭବିଷ୍ୟତରେ ସମସ୍ତେ ସଂଘରେ ଏକତ୍ରିତ ସହଯୋଗ କରି ନିଜର ଦାବି ପୂରଣ ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି ପାଇଁ ନିଷ୍ପତ୍ତି ନିଆଗଲା।




ବୈଠକରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଶିକ୍ଷୟିତ୍ରୀ ଶିକ୍ଷକ ।

## ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ

ପୁରୀ, ୨୮।୧(ଅଜିତ୍ ମହାନ୍ତି):

'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା'ର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ରବିବାର ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଗଣତନ୍ତ୍ର, ଗଣମାଧ୍ୟମ ଭୂମିକା ଓ ନିର୍ବାଚନ-୨୦୨୪' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ବକ୍ତା ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ଭାଜପା ବୁଦ୍ଧିଜୀବୀ ପ୍ରକୋଷ୍ଠର ଅଧ୍ୟକ୍ଷ ସଜ୍ଜନ କୁମାର ଶର୍ମା, ଓଡ଼ିଶା କଂଗ୍ରେସ ସେବାଦଳ ସଭାପତି ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବରିଷ୍ଠ ଖବରଦାତା ସମ୍ପଦ ମହାପାତ୍ର, ଓଡ଼ିଶା ବାର୍ କାଉନସିଲ ସଦସ୍ୟ ବିଭୁପ୍ରସାଦ ତ୍ରିପାଠୀ, ଟିଭି ଉପସ୍ଥାପକ ମୃଣାଳକାନ୍ତି ନନ୍ଦ ଓ ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସମ୍ପଦ ମହାପାତ୍ରଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବା ସହ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ପତ୍ରିକା ଉନ୍ମୋଚିତ ହୋଇଥିଲା। ସେହିପରି ବିଭିନ୍ନ ଗଣମାଧ୍ୟମକୁ ସମ୍ମାନିତ କରାଯାଇଥିଲା।




ଉତ୍ସବରେ ଅତିଥିମାନେ 'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା' ପତ୍ରିକା ଲୋକାର୍ପଣ କରୁଛନ୍ତି ।

## ମିଶ୍ରଣ ପର୍ବ ଜରିଆରେ ଶକ୍ତି ପ୍ରଦର୍ଶନ କଲେ ସଞ୍ଜୟ

**ବିଜେଡିରେ ମିଶିଲେ ୧ ହଜାର ଲୋକ**

ପୁରୀ, ୨୮।୧(ଅଜିତ୍ ମହାନ୍ତି)

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ କିଛି ମାସ ବାକି ଥିବାବେଳେ ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ତଥା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସଞ୍ଜୟ ଦାସବର୍ମା ରବିବାର ନିଜ ନିର୍ବାଚନମଣ୍ଡଳୀରେ ମିଶ୍ରଣ ପର୍ବ କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହି ଅବସରରେ ସଞ୍ଜୟ ତାଙ୍କର ବିରୋଧୀମାନଙ୍କୁ ନିର୍ବାଚନ ପାଇଁ ରଣ ହୁଙ୍କାର ଦେଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ତଥା ସଞ୍ଜୟଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ କରି ଶତାଧିକ ବ୍ୟକ୍ତି ବିଜେଡିରେ ସାମିଲ ହୋଇଛନ୍ତି। ପୁରୀ ସଦର ବ୍ଲକ କନ୍ହେଇ ବିଦ୍ୟାଧରପୁର ପଞ୍ଚାୟତର ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟ ଲାଭ କରିଥିବା ସରପଞ୍ଚ କଳାଶ୍ରୀ ବିଶ୍ୱାଳ ଓ ସମିତିସଭ୍ୟା ସଙ୍ଗୀତା ମିଶ୍ର ସଞ୍ଜୟଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି। ସେହିପରି ଯୁବନେତା କୈଳାସ ମିଶ୍ର, ପ୍ରଦୀପ ବିଶ୍ୱାଳ, ରାମ ସେଠୀ, ସିଧିଆ ସେଠୀ, ଯୁଧିଷ୍ଠିର ରାଉତ, ମିନ ବିଶ୍ୱାଳ, କାହ୍ନୁ ବିଶ୍ୱାଳ, ପ୍ରଫୁଲ୍ଲ ବିଶ୍ୱାଳ, ଶିବ ବାରିକ, ସୁରେନ୍ଦ୍ର ପ୍ରଧାନ, ଅକ୍ଷୟ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ବସନ୍ତ ବିଶ୍ୱାଳ, ଗୋପୀନାଥ ନାୟକ, ବନ୍ଧୁଆ ନାୟକ, ମିଳନ କୁମାର ଦାସ, ଭଜମନ ବିଶ୍ୱାଳଙ୍କ ନେତୃତ୍ୱରେ ୨୨ଟି ଗ୍ରାମରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ଲୋକ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଜିଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ନୁନୁ ମିଶ୍ର, ସମିତିସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁ, ଗୌଡକେରା ସରପଞ୍ଚ ରମେଶ ପ୍ରଧାନ, ବାସୁଦେବପୁର ପଞ୍ଚାୟତ ସମିତି ସଭ୍ୟ ଅରୁଣ କୁମାର ମିଶ୍ର, ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ଜୟନ୍ତ କୁମାର ମହାନ୍ତି ଏବଂ ପୁରୀ ଜିଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ପୀତବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ନିର୍ବାଚନରେ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଶଙ୍ଖ ଚିହ୍ନକୁ ଜିତାଇବାକୁ କର୍ମୀମାନେ ସଂକଳ୍ପ ନେଇଛନ୍ତି।




ମିଶ୍ରଣ ପର୍ବ ଅବସରରେ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

# ମା' ଅସୁସ୍ଥ, ଛତିଶଗଡ଼ରେ ଦାଦନ ଖଟୁଛନ୍ତି ବାପା

ଭୁବନେଶ୍ୱର,୨୮।୧(ସୂର୍ଯ୍ୟକାନ୍ତ ବେହେରା)

## ହସ୍ପିଟାଲରେ ୨୭ଦିନର ଶିଶୁକନ୍ୟାଙ୍କୁ ଛାଡ଼ି ଚାଲିଯିବା ଘଟଣା

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୭ ଦିନର ଶିଶୁକନ୍ୟାକୁ ଛାଡି ଚାଲିଯିବା ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଏହି ସ୍ୱର୍ଶକାତର ଘଟଣା ପଛରେ ଆଉ ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ଶିଶୁକନ୍ୟାଟିକୁ ତାଙ୍କ ମା'ବାପା ନୁହେଁ, କେବଳ ମା' ମମତା ନାୟକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ଆଣିଥିବା ପୋଲିସ ଜାଣିବାକୁ ପାଇଛି। ଆର୍ଥିକ ଅନଟନ ଭିତରେ ରହି ଅପରିପକ୍ୱ ଶିଶୁକନ୍ୟାଟିକୁ ଜନ୍ମ ଦେଇଥିବା ମା' ନିଜେ ଏବେ ବି ଅସୁସ୍ଥ ରହିଥିବାବେଳେ ପାଖରେ ଟଙ୍କା କିମ୍ବା ଅନ୍ୟ କେହି ନ ଥିଲେ। ଶିଶୁକନ୍ୟାଟିକୁ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଥିବାବେଳେ ମା' ମମତା ହତାଶ ହୋଇ ନିଜ ଘର ନୟାଗଡ଼ର ଖଣ୍ଡପଡ଼ାକୁ ଚାଲିଯାଇଥିଲେ। ପାଖରେ ମୋବାଇଲ୍ ଫୋନ୍ ନ ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ସହ ଯୋଗାଯୋଗ କରିପାରି ନ ଥିଲେ। ତେବେ କ୍ୟାପିଟାଲ ଥାନା ପୋଲିସ ଏବେ ଶିଶୁକନ୍ୟାର ଜେଜେମା'ଙ୍କ ସହ କୌଣସି ମତେ ଯୋଗାଯୋଗ କରି ଏସବୁ ଘଟଣା ଜାଣିବାକୁପାଇଛନ୍ତି। ସେହିପରିଶିଶୁକନ୍ୟାର ବାପା ପ୍ରଶାନ୍ତ ନାୟକ ଛତିଶଗଡରେ ରହି ଶ୍ରମିକ କାମ କରୁଥିବାରୁ ସେ ହସ୍ପିଟାଲ ଆସି ନ ଥିବା ଜଣାପଡିଛି। ତେବେ ଶିଶୁକନ୍ୟାର ମା' ଅସୁସ୍ଥ ଥିବାରୁ ତାଙ୍କ ଜେଜେମା' କିମ୍ବା ଆଈ ହସ୍ପିଟାଲ ଆସିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ହେଲେ ରବିବାର ସନ୍ଧ୍ୟା ସୁଦ୍ଧା ପରିବାରର କୌଣସି ସଦସ୍ୟ କିମ୍ବା ସମ୍ପର୍କୀୟ ହସ୍ପିଟାଲରେ ପହଞ୍ଚି ନ ଥିବା ସୂଚନା ମିଳିଛି।

ସୂଚନାନୁସାରେ, ନୟାଗଡ଼ ଖଣ୍ଡପଡ଼ା ଅଞ୍ଚଳର ପ୍ରଶାନ୍ତ ଦାଦନ ଖଟିବାକୁ ଛତିଶଗଡ଼ ଚାଲିଯାଇଥିବାବେଳେ ସ୍ତ୍ରୀ ମମତା ସ୍ଥାନୀୟ ହସ୍ପିଟାଲରେ ଏହି ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଓଜନ ମାତ୍ର ୮୬୦ ଗ୍ରାମ ଥିବାରୁ ଶିଶୁକନ୍ୟାଟି ଅପରିପକ୍ୱ ବୋଲି ଡାକ୍ତର କହିଥିଲେ। ତେଣୁ ଉନ୍ନତ ଚିକିତ୍ସା ପାଇଁ ଗତ ୧୮ ତାରିଖରେ ମା'ମମତା ଶିଶୁକନ୍ୟାଟିକୁ ଧରି ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲ ଆସିଥିଲେ। ଶିଶୁକନ୍ୟାଟିକୁ ଏଠାରେ ୬ଜଣ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇ ଲଗାତର ତା'ର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମମତାଙ୍କୁ ସୂଚନା ଦିଆଯାଉଥିଲା। ହେଲେ ଶନିବାର ସକାଳୁ ହଠାତ ମମତା କାହାକୁ କିଛି ନ କହି ହସ୍ପିଟାଲରୁ ପଳାଇ ଆସିବାରୁ ସନ୍ଦେହ ବଢିଥିଲା। ବହୁ ଖୋଜାଖୋଜି ସହ ଯୋଗାଯୋଗ କରି ସମ୍ଭବ ନ ହେବାରୁ ହସ୍ପିଟାଲ କର୍ତ୍ତୃପକ୍ଷ କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୋଲିସ ଆଧାରକାର୍ଡରେ ଦିଆଯାଇଥିବା ଠିକଣାରେ ଉକ୍ତ ଗାଁର ଲୋକଙ୍କ ମାଧ୍ୟମରେ ଶିଶୁକନ୍ୟାର ଜେଜେମା'ଙ୍କ ସହ କଥା ହୋଇ ପ୍ରକୃତ ଘଟଣା ବୁଝିଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୮।୦୧।୨୦୨୪

| ୮,୦୩, ୦୨୬ ଟଙ୍କା | |
|---|---|
| ସୁନା | ୧୮.୯୬୦ ଗ୍ରାମ୍ |
| ରୁପା | ୬୮.୮୪୦ ଗ୍ରାମ୍ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ୟୁନିଭର୍ସିଟି ଲେବଲ କଲଚର ଆଣ୍ଡ ଲିଟରେଚର ଇଭେଣ୍ଟ ଉଦ୍‌ଘାଟନୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଅପରାହ୍ଣ ୩ଟା।
- ପଦ୍ମଚରଣ ନାୟକଙ୍କ ୯୯ତମ ଜୟନ୍ତୀ, ଗୋଦାବରୀଶ ସାହିତ୍ୟ ସଂସଦ ଭବନ, ଅପରାହ୍ଣ ୩ଟା ୩୦।
- ସ୍ତମ୍ଭକାର ପଦ୍ମଚରଣ ନାୟକ ଅଭିନନ୍ଦନ ସମିତି ପକ୍ଷରୁ ଗାନ୍ଧୀବାଦୀ ନେତା ପଦ୍ମଚରଣ ନାୟକଙ୍କ ୯୯ତମ ଜୟନ୍ତୀ, ଗୋଦାବରୀଶ ସାହିତ୍ୟ ସଂସଦ ଭବନ, ଅପରାହ୍ଣ ୪ଟା।
- ବିଶିଷ୍ଟ ଜନନେତା ନବକିଶୋର ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା, ସୂଚନା ଭବନ, ଅପରାହ୍ଣ ୫ଟା ୩୦।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ 'ଗୀତରେ ଗୀତରେ ଶୀତ' ସାଂସ୍କୃତିକ କାର୍ଯ୍ୟକ୍ରମ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।

କଟକ
- ପ୍ରଫେସର ଡା. ସୁଦର୍ଶନ ପଟ୍ଟନାୟକଙ୍କ ଦୁଇଟି ପୁସ୍ତକର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

# ନଳବଣ ନିଷିଦ୍ଧାଞ୍ଚଳରେ ମାଛ ଧରି ୬ ଧୀବର ଗିରଫ

**ବାଲୁଗାଁ,୨୮।୧(ସଂଗ୍ରାମ ପାଇକରାୟ):** ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ବେଆଇନଭାବେ ମାଛ ଧରୁଥିବା ବେଳେ ୬ଜଣ ଧୀବରଙ୍କୁ ଗିରଫ କରିଛି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ଟାଙ୍ଗୀ ଥାନା ଭୂଷଣ୍ଡପୁର ନିକଟ ବାଲିପାଟପୁର ଗ୍ରାମର ପାଣ୍ଡବ ବେହେରା (୬୦), ଧୀର ବେହେରା (୩୯), କୃପାସିନ୍ଧୁ ବେହେରା(୩୭), ରବି ବେହେରା (୬୦), ରଞ୍ଜନ ବେହେରା (୨୫) ଏବଂ ପ୍ରକାଶ ବେହେରା (୧୯)। ସୂଚନା ମୁତାବକ, ନଳବଣରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ଚିଲିକାରେ ପ୍ରାୟ ୫ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃପାର୍ଶ୍ୱ ଅଞ୍ଚଳକୁ ବିଭାଗ ପକ୍ଷରୁ ନିଷିଦ୍ଧାଞ୍ଚଳଭାବେ ଘୋଷଣା କରାଯାଇଛି। ଏପରି କି ଧୀବରଙ୍କୁ ଉକ୍ତ ନିଷିଦ୍ଧାଞ୍ଚଳରେ ମାଛ ଧରିବା ପାଇଁ ବାରଣ କରାଯାଇଛି। ତେବେ ଉପରୋକ୍ତ ଧୀବରମାନେ ଏକ ଡଙ୍ଗାରେ ଯାଇ ନିଷିଦ୍ଧାଞ୍ଚଳରେ ଲୁଚି ମାଛ ଧରୁଥିଲେ। ଖବରପାଇ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ରେଞ୍ଜର ରଶ୍ମିତା ଜେନା ସଦଳବଳ ଚଢ଼ାଉ କରି ସେମାନଙ୍କୁ ଗିରଫ କରିବା ସହ ଡଙ୍ଗା ଓ ଜାଲ ଜବତ କରିଥିଲେ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଭୁବନେଶ୍ୱର ସାହିତ୍ୟ ପର୍ବର ରବିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇଥିବା ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଜର୍ମାନ ଲେଖିକା ଉଟେ ଐସିଙ୍ଗ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରସନ୍ନ ସ୍ୱାଇଁଙ୍କ ସହ ଅନ୍ୟମାନେ।

# 'ଆମେ ସବୁ ଏବେ ହିନୋଡିଆ ଭାଷା କହୁଛୁ'

ଭୁବନେଶ୍ୱର,୨୮।୧(ଶର୍ମିଷ୍ଠା ପାଣିଗ୍ରାହୀ)

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ସୂଚନାଭବନରେ ଚାଲିଥିବା ୨ଦିନିଆ ଭୁବନେଶ୍ୱର ସାହିତ୍ୟ ପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ସାହିତ୍ୟ ପର୍ବର ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଯୋଗଦେଇ କହିଲେ, ସାହିତ୍ୟ ଅନ୍ୟର ହିତ ସାଧନ କରିବା ଆବଶ୍ୟକ। ଆମ ସାହିତ୍ୟରେ ଚେତନା, ଜାଗ୍ରତ ଓ ଉପଲବ୍ଧି ରହିବା ଉଚିତ। ଅନ୍ୟତମ ଅତିଥି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ, ଦେଶରେ ବହୁ ଭାଷା ଅଛି। ସବୁ ଭାଷା ଶିଖିବା ଆବଶ୍ୟକ। ମାତ୍ର ମାତୃଭାଷାକୁ ଭଲପାଇବା ଦରକାର। ଆମେ ବର୍ତ୍ତମାନ ଯେଉଁ ଭାଷା କହୁଛୁ, ତାହା ଏବେ ଓଡ଼ିଆ ଭାଷା ହୋଇ ରହିନାହିଁ। ଏହା ହିନ୍ଦୀ ସହ ମିଶିଗଲାଣି। ଯାହା କହୁଛୁ, ତାହା ହିନୋଡିଆ ଭାଷା। ଭାଷାର ବ୍ୟବହାର ହେଲେ ହିଁ ତାହାର ଉନ୍ନତି ଘଟିବ। ବର୍ତ୍ତମାନ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ମାତ୍ର ବିଭାଗୀୟ ନିର୍ଦ୍ଦେଶକ ଚିଠି କରିବା ପରେ ମଧ୍ୟ ଆଜିଯାଏ ଓଡ଼ିଆ ନାମଫଳକ ସମ୍ଭବ ହୋଇପାରୁନାହିଁ। ଜର୍ମାନ ଲେଖିକା ଉଟେ ଐସିଙ୍ଗ ଓଡ଼ିଶା ସହିତ ତାଙ୍କର ସମ୍ପର୍କ ଏବଂ ଓଡ଼ିଶାର କେତେଜଣ ବ୍ୟକ୍ତିତ୍ୱଙ୍କ ସହ କିଭଳି ସମ୍ପର୍କରେ ଆସିଲେ ସେ ନେଇ ନିଜର ଅନୁଭୂତି ଜଣାଇଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଲେ, ମାଇଥୋଲୋଜି ଓ ଇତିହାସକୁ ମିଶାଇ ଆମେ ଏବେ ଏକ ବିଚିତ୍ର ଇତିହାସ ସୃଷ୍ଟି କରୁଛୁ, ଯାହା ସତ୍ୟତାଠୁ ବହୁତ ଦୂରରେ। ଏକ ଜାତି, ଏକ ବିଶ୍ୱାସ, ଏକ ଚିନ୍ତାଧାରା ସବୁ ଏକ ହୋଇଗଲେ ଗୋଟିଏ ରାଷ୍ଟ୍ରର ଉନ୍ନତି ହୁଏ ବୋଲି ମୁଁ ବିଶ୍ୱାସ କରେ ନାହିଁ। ଆମ ସମାଜ ଏବେ ଉନ୍ନତି କରୁଛି। ଭାରତ ବର୍ଷ ଭଳି ସମାଜ କେବେ କ୍ଷୟ ହେବ ନାହିଁ। କବି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ଏକାଧିକ ଅଧିବେଶନ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ରଚିତ ଉପନ୍ୟାସ ଆଧାରିତ ମୃଣାଳ ସେନ୍‌ଙ୍କ ନିର୍ଦ୍ଦେଶିତ କ୍ଲାସିକ୍ ଓଡ଼ିଆ ଚଳଚ୍ଚିତ୍ର 'ମାଟିର ମଣିଷ' ପ୍ରଦର୍ଶିତ ହୋଇଥିଲା। କାଳିନ୍ଦୀ ଚରଣଙ୍କ ପୁତ୍ର ସୁପର୍ଣ୍ଣୋ ଶତପଥୀ ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ସୂର୍ଯ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନର୍ସିଂ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ, ୩ ଯୁବକ ଗିରଫ

ଖୋର୍ଦ୍ଧା,୨୮।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାଉନ ଥାନା ଅନ୍ତର୍ଗତ ଏକ ନର୍ସିଂ କଲେଜର ଜଣେ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବାଘମାରୀ ଥାନା ଦିନିଆରୀର ଗୋପୀନାଥ ପଣ୍ଡା(୨୬), ବେଗୁନିଆ ଥାନା ବଡ଼ବେରଣା ଅଞ୍ଚଳର ଲୋକନାଥ ପ୍ରଧାନ(୨୧) ଓ ଭରତପୁର ଥାନା ଅଧୀନ ଭରତପୁରର ପ୍ରଶାନ୍ତ ପଣ୍ଡା(୨୯)। ଅପହରଣରେ ବ୍ୟବହୃତ କାର(ଓଡି୦୨ସିଇ ୯୪୮୪)କୁ ପୋଲିସ ଜବତ କରିଛି। ଅଭିଯୋଗ ମୁତାବକ, ବେଗୁନିଆ ଥାନା ଅଞ୍ଚଳର ଜଣେ ଛାତ୍ରୀ ଟାଉନା ଥାନା ଅଞ୍ଚଳରେ ଥିବା ନର୍ସିଂ କଲେଜରେ ଅଧ୍ୟୟନ କରନ୍ତି। ପ୍ରତିଦିନ ଭଳି ସେ ଶନିବାର କ୍ଲାସ ସାରି ଫେରୁଥିବା ବେଳେ ଉପରୋକ୍ତ ୩ଯୁବକ ତାଙ୍କୁ ଅପହରଣ କରିବାକୁ ଉଦ୍ୟମ କରିଥିଲେ। ଛାତ୍ରୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ରୁଣ୍ଡ ହୋଇ ତାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ପୋଲିସ ଜିମା ଦେଇଥିଲେ। ଛାତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୪୭/୨୪) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ବଡ଼ ଆନ୍ଦୋଳନ ଚେତାବନୀ ଦେଲା ଓଭିଏସ୍‌ଏ

## ଦଶମ ଦିନରେ ପ୍ରାଣୀ ଚିକିତ୍ସକଙ୍କ ସମୂହ ଛୁଟି

ଭୁବନେଶ୍ୱର, ୨୮।୧(ଅସମାପିକା ସାହୁ)

ପ୍ରାଣୀ ସମ୍ପଦ ବିଭାଗର ପୂର୍ଣ୍ଣାଙ୍ଗ ରୂପାନ୍ତରଣ, କ୍ୟାଡର ପୁନର୍ଗଠନ, କେନ୍ଦ୍ର ସରକାରୀ ସେବା ଅଧୀନରେ ପ୍ରାଣୀ ଚିକିତ୍ସକଙ୍କ କ୍ଷେତ୍ରରେ ଡିଏସିପି ଦୃଷ୍ଟିରୁ ସମାନତା ଆଣିବା ଓ ଅଣ ପ୍ରାକ୍ଟିସିଂ ଭତ୍ତା ପ୍ରଦାନ ଆଦି ଦାବିରେ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସକ ଗତ ୧୮ ତାରିଖରୁ ସମୂହ ଛୁଟିରେ ଅଛନ୍ତି। ଏହି ୧୦ଦିନ ମଧ୍ୟରେ ସ୍ପେଶାଲାଇଜ୍‌ଡ ପ୍ରାଣୀ ଚିକିତ୍ସା ସମ୍ପୂର୍ଣ୍ଣ ଭାବରେ ବନ୍ଦ ରହିବା ସହ ଗୋସମ୍ପଦ କ୍ଷେତ୍ରର ବିପୁଳ କ୍ଷତି ଘଟିଛି। ଏହି ଦିନଗୁଡ଼ିକରେ ବହୁ ବୀମାକୃତ ପ୍ରାଣୀଙ୍କ ମୃତ୍ୟୁ ଘଟିଛି ଓ ବ୍ୟବଚ୍ଛେଦ ରିପୋର୍ଟ ନ ମିଳିବା କାରଣରୁ ଫଇସଲା ହୋଇପାରିନାହିଁ। ଅନ୍ୟପକ୍ଷରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ନକଲି ଚିକିତ୍ସକ(କ୍ୱାକ୍)ଙ୍କ ସଂଖ୍ୟା ବହୁଗୁଣ ବୃଦ୍ଧିପାଇଛି। ଏହା ଆଗକୁ ଅନେକ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ଇତିମଧ୍ୟରେ ବହୁ ପ୍ରାଣୀ ଚିକିତ୍ସା ଡିସ୍‌ପେନସାରି ଏବଂ ପ୍ରାଣୀ ଚିକିତ୍ସାଳୟ ପ୍ରାଣୀଧନ ନିରୀକ୍ଷକଙ୍କ ସହାୟତାରେ ପରିଚାଳିତ ହେଉଛି, ଯେଉଁଠାରେ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନ ମିଳୁନାହିଁ। ଏହା ଭାରତର ପ୍ରାଣୀ ଚିକିତ୍ସା ପରିଷଦର ଆଇନ ଓ ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଭେଟେରିନାରି ସର୍ଭିସ ଆସୋସିଏଶନ(ଓଭିଏସ୍‌ଏ)ର ଯୁଗ୍ମ ସମ୍ପାଦକ ଡା. ସିମ୍ପୋନୀ ମହାନ୍ତି କହିଛନ୍ତି। ସରକାର ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ରୂପାନ୍ତରଣକୁ ପ୍ରଭୁତ ଗୁରୁତ୍ୱ ଦେଇ ଆଗେଇ ନେଉଥିବାବେଳେ ବାକ୍‌ହୀନ ପ୍ରାଣୀଙ୍କ ପ୍ରତି ଅବହେଳା ଘଟଣାକୁ ଆସୋସିଏଶନ ପକ୍ଷରୁ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ରାଜ୍ୟ ସରକାର ଯଦି ଖୁବ୍‌ଶୀଘ୍ର ପ୍ରାଣୀ ଚିକିତ୍ସକ ସଂଘର ଦାବି ସମ୍ପର୍କରେ କୌଣସି ସକାରାତ୍ମକ ନିଷ୍ପତ୍ତି ଗ୍ରହଣ ନ କରନ୍ତି, ତେବେ ଏହି ଆନ୍ଦୋଳନ ଭବିଷ୍ୟତରେ ଅଧିକ ବ୍ୟାପକ ହେବ ବୋଲି ଓଭିଏସ୍‌ଏ ଓଡ଼ିଶାର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ପରିଷଦ ଏବଂ ଜିଲାସ୍ତରୀୟ ସଂଘଗୁଡ଼ିକ ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଓଭିଏସ୍ କର୍ମକର୍ତ୍ତା ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରାଜେଶ


@ ଦିଲୀପ


@ ଦେବୀ


@ ସନ୍ଦୀପ


@ ଲୋକନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


କିଟ୍ ଓ କିସ ପକ୍ଷରୁ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ରବିବାର ଭୁବନେଶ୍ୱର ଶିଖରଚଣ୍ଡୀ ମନ୍ଦିରଠାରୁ କିଟ୍ କ୍ରିକେଟ ଷ୍ଟାଡ଼ିୟମ ଅଭିମୁଖେ ବାହାରିଥିବା ମିନି ମାରାଥନ 'ପାଟାଥନ'।

# ପାଟ ପିନ୍ଧି ଦୌଡ଼ିଲେ ୫ହଜାର ମହିଳା

## 'ପାଟାଥନ'ରେ ମହିଳା ସଶକ୍ତୀକରଣ ସହ ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା

ଭୁବନେଶ୍ୱର,୨୮।୧ (ଅନୁରାଧା ମହାରଣା)

କିଟ୍ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୋତ୍ସାହନରେ ପ୍ରତିବର୍ଷ 'ସମସ୍ତଙ୍କ ପାଇଁ ଶିକ୍ଷା' ଲକ୍ଷ୍ୟରେ ମିନି ମାରାଥନ ଆୟୋଜନ କରାଯାଇଥାଏ। ଏହି କ୍ରମରେ ଚଳିତବର୍ଷ 'ପାଟାଥନ' ଆୟୋଜନ କରାଯାଇଥିଲା। ଏଥିରେ ମହିଳାମାନେ ପାଟ ଶାଢ଼ି ପିନ୍ଧି ଦୌଡ଼ିବା ସହ 'ମହିଳା ସଶକ୍ତୀକରଣ' ଓ 'ସମସ୍ତଙ୍କ ପାଇଁ ଶିକ୍ଷା'ର ବାର୍ତ୍ତା ଦେଇଛନ୍ତି। ଶିଖରଚଣ୍ଡୀ ମନ୍ଦିରଠାରୁ କିଟ୍ କ୍ରିକେଟ ଷ୍ଟାଡ଼ିୟମ ପର୍ଯ୍ୟନ୍ତ ଏହି ମାରାଥନ୍ ଆୟୋଜିତ ହୋଇଥିଲା। କିଟ, କିସ୍ ଓ କିମ୍ସର ୫୦୦୦ ମହିଳା କର୍ମଚାରୀ ଏହି ଦୌଡ଼ରେ ସାମିଲ ହୋଇଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୨୦ହଜାର, ୧୫ହଜାର ଓ ୧୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କେ- ୩ ବ୍ରେକ-ଫ୍ରି ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ଦିନ ତମାମ ଅନ୍ୟାନ୍ୟ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପାଟାଥନରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ମିହିର କୁମାର ରାଉତ, ଅନ୍ତର୍ଜାତୀୟ ସାଇକେଲ ଚାଳିକା ମିନତି ମହାପାତ୍ର, ଆଥଲେଟ୍ ଶ୍ରାବଣୀନନ୍ଦ, ଅନୁରାଧା ବିଶ୍ୱାଳ, କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, ପ୍ରତିଷ୍ଠାତା ଅଚ୍ୟୁତସାମନ୍ତ, କିଟ୍ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କୁଳପତି ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କାଦମ୍ବିନୀ ସମ୍ପାଦିକା ଡ. ଇତିରାଣୀସାମନ୍ତ, କିଟ ଇଣ୍ଟରନ୍ୟାଶନାଲ ସ୍କୁଲ ଚେୟାରପର୍ସନ ଡ. ମୋନାଲିସା ବଳ ପ୍ରମୁଖ ଯୋଗଦେଇଥିଲେ। ୨୦୧୬ ମସିହାରୁ ଏହା ଆୟୋଜିତ ହୋଇଆସୁଛି।



ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ମେୟର ସୁଲୋଚନା ଦାସ ଓ ଅନ୍ୟମାନେ।

# ଜେନେରେଟିଭ୍ ଏଆଇରେ ବଢୁଛି ପୁଞ୍ଜି ବିନିଯୋଗ

■ଇନଫୋସିସ ରିସର୍ଚ୍ଚ ରିପୋର୍ଟ
■୨୦୨୪ରେ ତିନିଗୁଣରୁ ଅଧିକ ବିନିଯୋଗ
■ଏପିଇସିରେ୧୪୦ ପ୍ରତିଶତ ଅଧିକ ବୃଦ୍ଧି



ଭୁବନେଶ୍ୱର,୨୮ା୧ (ଅନୁରାଧା ମହାରଣା)

ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର କମ୍ପାନୀଗୁଡିକ ଜେନେରେଟିଭ ଏଆଇରେ ପୁଞ୍ଜି ବିନିଯୋଗ ବୃଦ୍ଧି କରୁଛନ୍ତି। ଇନ୍‌ଫୋସିସ ରିସର୍ଚ୍ଚର ଏକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ଇନ୍‌ଫୋସିସ ରିସର୍ଚ୍ଚ ୟୁନିଟ ଇନ୍‌ଫୋସିସ ନଲେଜ ଇନ୍‌ଷ୍ଟିଚ୍ୟୁଟ (ଇକାଇ)ର ରିପୋର୍ଟ ଅନୁଯାୟୀ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଚାଇନା, ଜାପାନ, ଭାରତ ଏବଂ ସିଙ୍ଗାପୁରରେ ଏହି ଟେକ୍ନୋଲୋଜିରେ ୨୦୨୪ରେ ତିନିଗୁଣରୁ ଅଧିକ ବିନିଯୋଗ ହୋଇ ୩.୪ ଆରବ ଡଲାରରେ ପହଞ୍ଚିବାର ସମ୍ଭାବନା ରହିଛି। ତେବେ ଉତ୍ତର ଆମେରିକା ତୁଳନାରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ବହୁ ପଛରେ ରହିଛି। ମାତ୍ର ଏହି ଅଞ୍ଚଳର କମ୍ପାନୀଗୁଡିକ ଜେନେରେଟିଭ ଏଆଇରେ ପୁଞ୍ଜି ବିନିଯୋଗବୃଦ୍ଧିକରୁଛନ୍ତିଏବଂପରିପକ୍ୱତାର ଏକ ଉଚ୍ଚ ପର୍ଯ୍ୟାୟରେ ପ୍ରବେଶ କରୁଛନ୍ତି। ଏସିଆ ପ୍ରଶାନ୍ତ ଇକୋନୋମିକ କୋଅପରେଶନ୍ (ଏପିଇସି)ର କମ୍ପାନୀଗୁଡିକର ଏ କ୍ଷେତ୍ରରେ ପୁଞ୍ଜି ବିନିଯୋଗରେ ଅନ୍ୟ ଅଞ୍ଚଳ ତୁଳନାରେ ୧୪୦ ପ୍ରତିଶତ ଅଧିକ ବୃଦ୍ଧି ଘଟିଛି। ଏହି ସର୍ଭେରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଚାଇନା, ଜାପାନ, ଭାରତ ଏବଂ ସିଙ୍ଗାପୁରର ୧୦୦୦ ପ୍ରତିକ୍ରିୟା ଅନ୍ତର୍ଭୁକ୍ତ ହୋଇଛି। ଚାଇନା ଏହି କ୍ଷେତ୍ରକୁ ଆଗେଇ ନେଇଛି, ଯେଉଁଥିରେ ପୁଞ୍ଜି ବିନିଯୋଗ ୧୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇ ୨.୧ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଏହା ପଛରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ଅଭିବୃଦ୍ଧି ରହିଛି।

## ଆଜି ଖୋଲିବ ବିଏସ୍‌ଏଲ୍‌ର ଆଇପିଓ

ନୂଆଦିଲ୍ଲୀ,୨୮ା୧

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବାୱେଜା ଷ୍ଟୁଡିଓଜ ଲିମିଟେଡ (ବିଏସ୍‌ଏଲ୍)ର ଇନିସିଆଲ ପବ୍ଲିକ ଅଫର (ଆଇପିଓ) ୨୦୨୪ ଜାନୁଆରୀ ୨୯ରେ ଖୋଲିବ ବୋଲି ବିଏସ୍‌ଏଲ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳଚ୍ଚିତ୍ର ନିର୍ମାଣ ଏବଂ ନବୋନ୍ମେଷୀ କାହାଣୀ ଉପସ୍ଥାପନ କ୍ଷେତ୍ରରେ ଚମତ୍କାର ଗୁଣବତ୍ତା ପ୍ରଦର୍ଶନ କରିବାରେ ସୁପରିଚିତ ତଥା ଏ କ୍ଷେତ୍ରରେ ପରମ୍ପରାଗତ କଣ୍ଟେଣ୍ଟ ପ୍ରସ୍ତୁତକାରୀ ଷ୍ଟୁଡିଓ ବିଏସ୍‌ଏଲ୍ ତା'ର ଏସ୍‌ଏମ୍‌ଇ ପବ୍ଲିକ ଇସ୍ୟୁରୁ ୯୭.୨୦କୋଟି ଟଙ୍କା ସଂଗ୍ରହ ନିମନ୍ତେ ଯୋଜନା କରୁଛି। ଏପରିକି କମ୍ପାନୀ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ଏମର୍ଜ ପ୍ଲାଟଫର୍ମରେ ମଧ୍ୟ ତା'ର ପବ୍ଲିକ ଇସ୍ୟୁ ଜାରି କରିବାକୁ ଅନୁମୋଦନ ହାସଲ କରିଛି। ଏହି ପବ୍ଲିକ ଇସ୍ୟୁ ସବସ୍କ୍ରିପସନ ଚଳିତ ବର୍ଷ ଜାନୁଆରୀ ୨୯ରୁ ଆରମ୍ଭ ହୋଇ ୨୦୨୪ ଫେବୃଆରୀ ୧ରେ ବନ୍ଦ ହେବ।

## ବଜାରରେ ଫ୍ରିଡମ୍ ଅଏଲର ନୂତନ ଉତ୍ପାଦ




ଭୁବନେଶ୍ୱର,୨୮ା୧ (ଅଭୟ ଦାଶ)

ଦେଶର ଅଗ୍ରଣୀ ଖାଇବା ତେଲ ଉତ୍ପାଦକ କମ୍ପାନୀ ତଥା ଜେମିନୀ ଏଡିବଲ୍ସ ଆଣ୍ଡ୍ ଫ୍ୟାଟ୍‌ସ ଇଣ୍ଡିଆ ଲିମିଟେଡ ବା ଜିଇଏଫ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଫ୍ରିଡମ୍ କଚ୍ଚି ଘନି ମଷ୍ଟାର୍ଡ ଅଏଲର ନୂଆ ୫ ଲିଟର ପୁନଃ ବ୍ୟବହାରକ୍ଷମ ଜାର୍ (ରିୟୁଜେବୁଲ ବକେଟ) ନିକଟରେ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଓଡ଼ିଶା ୟୁନିଟ୍ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହାର ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଫ୍ରିଡମ ହେଲ୍‌ଦି କୁକିଂ ଅଏଲ୍‌ସର ବରିଷ୍ଠ ଉପସଭାପତି (ସେଲ୍‌ସ ଆଣ୍ଡ ମାର୍କେଟିଂ) ପି. ଚନ୍ଦ୍ରଶେଖର ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂଆ ୫ ଲିଟର ଫ୍ରିଡମ କଚ୍ଚି ଘନି ମଷ୍ଟାର୍ଡ ଅଏଲର ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରିଡମ ଅଏଲର ଓଡ଼ିଶା ହେଡ ଅମିୟ କୁମାରଧଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗୋଦରେଜ ଏକ୍ସପେରିଏନ୍ସ ସେଣ୍ଟର ଉଦ୍‌ଘାଟିତ




ଭୁବନେଶ୍ୱର,୨୮ା୧

ଦେଶର ପ୍ରମୁଖ ଘରୋଇ କମ୍ପାନୀ ତଥା ଗୋଦରେଜ ଗ୍ରୁପର ଅଗ୍ରଣୀ କମ୍ପାନୀ ଗୋଦରେଜ ଏକ୍ସପେରିଏନ୍ସ ସେଣ୍ଟରର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ବାପୁଜୀ ନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଖାରବେଳ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ ଆନୁକୂଲ୍ୟରେ ଉକ୍ତ ଆଉଟଲେଟ (ଶୋ'ରୁମ)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଘରଠାରୁ ଆରମ୍ଭକରି କର୍ପୋରେଟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବଶ୍ୟକ ଲକ୍ସ ଆଣ୍ଡ ଆର୍କିଟେକ୍ଚୁଆଲ ଫିଟିଂ ଆଣ୍ଡ ସିଷ୍ଟମ ଏଠାରେ ଉପଲବ୍ଧ। ଏପରିକି ବିଭିନ୍ନ ଡିଜାଇନର ଛୋଟବଡ଼ ତାଲା, ଚାବି, ହ୍ୟାଣ୍ଡେଲ୍ସ ସମେତ ଆର୍କିଟେକ୍ଚରର ଫିଟିଂ ଭଳି ଅନେକ ପ୍ରକାରର ଉପକରଣ ସହିତ ଗୋଦରେଜର ନୂତନ ଉତ୍ପାଦ 'ସ୍କିଡୋ' ଦ୍ୱାରା ବହୁତ କମ୍ ଜାଗାରେ ରୋଷେଇ ଘରକୁ ଖୁବ ସୁନ୍ଦର ଭାବେ ସଜେଇ ପାରିବେ। ଏ ସମ୍ପର୍କରେ ଖାରବେଳ ଟ୍ରେଡିଂ ପ୍ରାଇଭେଟ ଲିମିଟେଡ଼ର ମ୍ୟାନେଜିଂ ଡାଇରେକ୍ଟର ସାଇ କ୍ରିଷ୍ଣା ମହାନ୍ତି କହିଛନ୍ତି, ଏଠାରେ ଗ୍ରାହକ କେବଳ ସେମାନଙ୍କର ଆବଶ୍ୟକ ସାମଗ୍ରୀ ସାଙ୍ଗକୁ ଉନ୍ନତ ମାନର ଉପକରଣଗୁଡ଼ିକୁ ସୁଲଭ ମୂଲ୍ୟରେ ପାଇପାରିବେ। ଏପରିକି ବିକ୍ରି ପରବର୍ତ୍ତୀ ସେବା ଓ ଗ୍ରାହକସନ୍ତୁଷ୍ଟିକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।




ଜୟଆଲୁକ୍କାସର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ୍ ଜୁଏଲେରି ସେଲ୍ସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୟଆଲୁକ୍କାସର ଭୁବନେଶ୍ୱରସ୍ଥିତ ଏକ୍ସକ୍ଲୁସିଭ ଆଉଟଲେଟ୍ ଶହୀଦନଗରଠାରେ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ '୫୦% ଫ୍ଲାଟ ମେକିଂ ଚାର୍ଜ ଅଫର'ର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜୟଆଲୁକ୍କାସ ଭୁବନେଶ୍ୱର ଷ୍ଟୋର ହେଡ୍ (ବ୍ରାଞ୍ଚ ଇନ୍‌ଚାର୍ଜ) ସୁଭାଷ.ଏମ୍, ଆସିଷ୍ଟାଣ୍ଟ ବ୍ରାଞ୍ଚ ଇନ୍‌ଚାର୍ଜ ସତ୍ୟବ୍ରତ ଭଞ୍ଜଙ୍କ ସମେତ ଆଉଟଲେଟ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ରାହକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଫୋରମ୍ ମାର୍ଟରେ ଆଭୂଷଣ ଫ୍ୟାଶନ ଜୁଏଲର୍ସ

ଭୁବନେଶ୍ୱର,୨୮ା୧

ଦେଶର ଅଗ୍ରଣୀ ଫ୍ୟାଶନ ଜୁଏଲେରି ବ୍ରାଣ୍ଡ୍ 'ଆଭୂଷଣ ଫ୍ୟାଶନ ଜୁଏଲର୍ସ'ର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱରର ସତ୍ୟନଗରସ୍ଥିତ ଫୋରମ୍ ମାର୍ଟଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଲିଉଡ ଅଭିନେତ୍ରୀ ଦିବ୍ୟାଦିଶା ମହାନ୍ତି, ଶିବାନୀ ସଙ୍ଗୀତା ଏବଂ ଅଭିନେତା ସୁଜିତ ପାଇକରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଲିଉଡ ଅଭିନେତ୍ରୀ ପୁନମ ମିଶ୍ର, ଅନନ୍ୟା ମିଶ୍ର, ଅଭିନେତା ପାର୍ଥସାରଥୀ, ପ୍ରଯୋଜକ ପ୍ରୀତମ ସାହୁ, ପ୍ରଯୋଜକ ଶ୍ରୀଧର ମାର୍ଥା ଏବଂ ଆଭୂଷଣ ଫ୍ୟାଶନ୍ ଜୁଏଲର୍ସର ମ୍ୟାନେଜିଙ୍ଗ ପାର୍ଟନର ରାଜେଶ୍ ପଟ୍ଟନାୟକ ଓ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଏଠାରେ ସବୁ ବର୍ଗ ଓ ବୟସର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ତଥା ଡିଜାଇନ ଅଳଙ୍କାର ଉପଲବ୍ଧ ରହିଥିବାବେଳେ ଗ୍ରାହକଙ୍କ ଚାହିଦା ଅନୁଯାୟୀ ସମସ୍ତ ଅଳଙ୍କାର ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଗ୍ରାହକଙ୍କୁ ଯୋଗାଇ ଦିଆଯିବ ବୋଲି ଆଭୂଷଣ ଫ୍ୟାଶନ୍ ଜୁଏଲର୍ସ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଅପରପକ୍ଷରେ ୱାନ୍ ଗ୍ରାମ୍ ଗୋଲ୍ଡ (ସୁନା) କ୍ରୟ ଉପରେ ୬ ମାସର ଗ୍ୟାରେଣ୍ଟି ଦିଆଯାଉଥିଲାବେଳେ ଉକ୍ତ ସୁନା ସମ୍ପର୍କରେ ଯଦି କୌଣସି ପ୍ରକାରର ଅଭିଯୋଗ ଆସେ ତା' ହେଲେ ତୁରନ୍ତ ସେହି ଗୋଲ୍ଡକୁ ବଦଳାଇ ନୂଆ ବା ସମାନ ମୂଲ୍ୟର ଅନ୍ୟ ସାମଗ୍ରୀ ନେଇପାରିବେ ବୋଲି ଆଭୂଷଣ ପକ୍ଷରୁ କୁହାଯାଇଛି।

### ଫୁରସତ୍



## ଯାତ୍ରା ଆରମ୍ଭ କଲା 'ଆଇକନ୍ ଅଫ୍ ଦି ସିଜ୍'

ମୁମ୍ବାଇ

ବିଶ୍ୱର ସର୍ବବୃହତ୍ କ୍ରୁଜ ଜାହାଜ 'ଆଇକନ ଅଫ୍ ଦି ସିଜ୍' ତା'ର ୭ ଦିବସୀୟ ଦ୍ୱୀପ ଯାତ୍ରା ଲାଗି ପ୍ରଥମ ଯାତ୍ରା ଦକ୍ଷିଣ ଫ୍ଲୋରିଡାର ମିଆମି ବନ୍ଦରରୁ ଆରମ୍ଭ କରିଛି। ରୟାଲ କାରିବିୟନ ଜାହାଜର ଲମ୍ବ ୧୨ଶହ ଫୁଟ। ଶନିବାର ସୂର୍ଯ୍ୟାସ୍ତ ପୂର୍ବରୁ ଏହି ଜାହାଜ ତା'ର ଯାତ୍ରା ଆରମ୍ଭ କରିଥିଲା। ରୟାଲ କାରିବିୟନ ସମୂହର ଅଧ୍ୟକ୍ଷ ଜେସନ ଲିବର୍ଟି ନିକଟରେ କହିଥିଲେ, ୫୦ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲା ଦେଖାଯାଇଥିବା ସ୍ୱପ୍ନର ଫଳାଫଳ ହେଉଛି 'ଆଇକନ ଅଫ୍ ଦି ସିଜ୍'। ଏହା ସାହାଯ୍ୟରେ ଲୋକେ ତାଙ୍କର ସର୍ବଶ୍ରେଷ୍ଠ ଛୁଟିକୁ ଅନୁଭବ କରିପାରିବେ। ଏହି ସେବା ଦାୟିତ୍ୱପୂର୍ଣ୍ଣ ଉପାୟରେ ପ୍ରଦାନ କରାଯିବ। କ୍ରୁଜ୍‌ରେ ସବୁ ଆୟବର୍ଗର ଲୋକେ ଯାତ୍ରାର ଆନନ୍ଦ ନେଇପାରିବେ। ଗତବର୍ଷ ଅକ୍ଟୋବରରେ ଜାହାଜକୁ ପ୍ରଥମେ ଅନାବରଣ କରାଯାଇଥିଲା। ସେତେବେଳେ ରୟାଲ କାରିବିୟନ ୫୩ ବର୍ଷର ଇତିହାସରେ ଗୋଟିଏ ଦିନରେ ସବୁଠୁ ଅଧିକ ବୁକିଂ କରିଥିଲା। ୨୦ ଡେକର ଆଇକନ ଅଫ୍ ଦି ସିଜ୍‌କୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଜାହାଜରେ ୬ଟି ୱାଟର ସ୍ଲାଇଡ୍, ୭ଟି ସୁଇମିଂପୁଲ୍, ଗୋଟିଏ ଆଇସ୍ ସ୍କେଟିଂ ରିଂ, ଗୋଟିଏ ଥିଏଟର ଓ ୪୦ରୁ ଅଧିକ ରେଷ୍ଟୁରାଣ୍ଟ ଏବଂ ବାର୍ ରହିଛି। ଜାହାଜଟି ଥରକେ ୨୩୫୦ ଚାଳକ ଦଳ ସଦସ୍ୟଙ୍କ ସହିତ ସର୍ବାଧିକ ୭ ହଜାର ୬ଶହ ଯାତ୍ରୀଙ୍କୁ ନେଇପାରିବ।

Skilled in ODISHA
ODISHA SKILL DEVELOPMENT AUTHORITY
National Career Service

## ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ସମ୍ବଲପୁର

### ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା, ସମ୍ବଲପୁର-୨୦୨୩-୨୪

ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ (OSDA) ତଥା ଜିଲ୍ଲା ପ୍ରଶାସନ, ସମ୍ବଲପୁର ତରଫରୁ ଯଥାକ୍ରମେ **ତା୩୦।୦୧।୨୦୨୪ (ମଙ୍ଗଳବାର) ସରକାରୀ ପଲିଟେକ୍‌ନିକ କଲେଜ, ରେଙ୍ଗାଲି, ସମ୍ବଲପୁରରେ ଓ ୩୧।୦୧।୨୦୨୪ (ବୁଧବାର) ଧନକଉଡ଼ା ପଡ଼ିଆ, ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲ ସାମ୍ନା, ଧନକଉଡ଼ା ସମ୍ବଲପୁର**ଠାରେ ସମୟ: **ସକାଳ ୯ ଘଟିକାରୁ ମଧ୍ୟାହ୍ନ ୩.୩୦ ଘଟିକା** ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଅଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ ବେସରକାରୀ ସଂସ୍ଥା ଯୋଗଦେବେ। କେତେକ ସଂସ୍ଥାରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ କେତେକ ସଂସ୍ଥା ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ। ଏଥି ନିମନ୍ତେ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମ ଶ୍ରେଣୀ ପାସ୍‌ରୁ ସ୍ନାତକ/ ଆଇ.ଟି.ଆଇ./ ଡିପ୍ଲୋମା ପର୍ଯ୍ୟନ୍ତ ଏବଂ ବୟସ ସୀମା ୧୮ରୁ ୩୫ ବର୍ଷ ହେବା ଆବଶ୍ୟକ।

ସୁତରାଂ ସମ୍ବଲପୁର ଜିଲ୍ଲାର ଚାକିରି ଅନ୍ୱେଷଣରେ ଥିବା ବେରୋଜଗାର ଯୁବକ/ଯୁବତୀ ନିଯୁକ୍ତି ମେଳାରେ ମିଳୁଥିବା ଦରଖାସ୍ତ ଫର୍ମ ଓ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ଆଧାର କାର୍ଡର କପି ଓ ଦୁଇଟି ପାସ୍‌ପୋର୍ଟ ଫଟୋ ସହିତ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ।

**ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର**



## ହନୁମାନଙ୍କ ଚରିତ୍ରରେ ସନି

ମୁମ୍ବାଇ

ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ଏବେ ଏହାର ପ୍ରଭାବ ସିନେ ଜଗତରେ ମଧ୍ୟ ଦେଖିବାକୁ ମିଳିଛି। ନିର୍ଦ୍ଦେଶକ ନିତେଶ ତିୱାରୀ 'ରାମାୟଣ' ଉପରେ ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଗତ କିଛିଦିନ ଧରି ଫିଲ୍ମ ଏବଂ ଏହାର ଚରିତ୍ରମାନଙ୍କୁ ନେଇ ଖୁବ୍ ଚର୍ଚ୍ଚା ଲାଗି ରହିଛି। ତେବେ ସିନେମାରେ ହନୁମାନଙ୍କ ଚରିତ୍ର ପାଇଁ ଅଭିନେତା ସନି ଦେଓଲଙ୍କୁ ସୁଯୋଗ ମିଳିଥିବା ଜଣାପଡ଼ିଛି। ନିତେଶ ରାମାୟଣକୁ ୩ଟି ଭାଗରେ ପରଦାକୁ ଆଣିବାକୁ ପ୍ରୟାସ କରୁଛନ୍ତି। ଚଳଚ୍ଚିତ୍ରରେ ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ରଣବୀର କପୁର ଏବଂ ମାତା ସୀତାଙ୍କ ଚରିତ୍ରରେ ସାଉଥ ସୁନ୍ଦରୀ ସାଇ ପଲ୍ଲବୀଙ୍କୁ ଦେଖିବାକୁ ମିଳିପାରେ। ରାବଣ ଭୂମିକାରେ ଅଭିନେତା ଯଶ୍ ନଜରକୁ ଆସିପାରନ୍ତି ବୋଲି ଜଣାପଡ଼ିଛି। ତେବେ ସନି ହନୁମାନଙ୍କ ଚରିତ୍ରକୁ ନେଇ ଖୁବ୍ ଖୁସି ଅଛନ୍ତି। ଏହା ପୂର୍ବରୁ ସନିଙ୍କ ଫିଲ୍ମ 'ଗଦର ୨' ବ୍ଲକ ବ୍ଲଷ୍ଟର ରୋଜଗାର କରିଥିଲା।

## ୫୪ଟି ପରମାଣୁରୁ କ୍ଷୁଦ୍ରତମ ଗଣ୍ଠି

**ମୁମ୍ବାଇ:** ଅନେକ ସମୟରେ ବହୁତ କିଛି ଉଦ୍ଭାବନ ଅଚାନକ ବା ଭୁଲ୍‌ବଶତଃ ହୋଇଥାଏ। ନିକଟରେ ବୈଜ୍ଞାନିକମାନେ ଏକ ଭୁଲ୍‌ରୁ ଦୁନିଆର ସବୁଠୁ ଛୋଟ ଗଣ୍ଠି ପ୍ରସ୍ତୁତ କରି ବିଶ୍ୱ ରେକର୍ଡ କରିଛନ୍ତି। ଏକ ରାସାୟନିକ ପ୍ରକ୍ରିୟା କରିବା ସମୟରେ ବୈଜ୍ଞାନିକମାନେ ଅଜାଣତରେ କେବଳ ୫୪ଟି ପରମାଣୁକୁ ମିଶାଇ ଏକ ଗଣ୍ଠି ପ୍ରସ୍ତୁତ କରିଦେଲେ, ଯେଉଁଥିରେ ସୁନା, କାର୍ବନ ଓ ଫସ୍‌ଫରସ୍ ରହିଛି। ହେଲେ ଏହି ଗଣ୍ଠି କିପରି ହେଲା ସେ ବାବଦରେ କାହାକୁ ବି ଜଣାପଡ଼ିଲାନି। ଏହି ଗଣ୍ଠି ୩ ଥରରେ ପ୍ରସ୍ତୁତ ହୋଇଛି। କାନାଡା ୟୁନିଭର୍ସିଟି ଅଫ୍ ୱେଷ୍ଟର୍ନ ଓଣ୍ଟାରିଓ ଏବଂ ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍‌ର ବୈଜ୍ଞାନିକମାନେ ଏହି ଛୋଟ ଗଣ୍ଠିର ଉଦ୍ଭାବନ କରିଛନ୍ତି। ଫଳରେ ସେମାନେ ୨୦୨୦ର ରେକର୍ଡକୁ ଭାଙ୍ଗିପାରିଛନ୍ତି, ଯାହାକୁ ଚାଇନାର ଜଣେ କେମିଷ୍ଟ ଏପରି ଗଣ୍ଠିକୁ ୬୯ଟି ପରମାଣୁର ସାହାଯ୍ୟରେ ପ୍ରସ୍ତୁତ କରିଥିଲେ। ୨୦୨୦ରେ ପ୍ରସ୍ତୁତ ହୋଇଥିବା ଗଣ୍ଠିର ବ୍ୟାକବୋନ କ୍ରସିଂ ଅନୁପାତ ୨୩ ଥିବାବେଳେ ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ଗଣ୍ଠିର ଅନୁପାତ ୧୮ ଅଟେ। ଏହି ପ୍ରକ୍ରିୟା ବୈଜ୍ଞାନିକଙ୍କୁ ଡିଏନ୍‌ଏ, ଆର୍‌ଏନ୍‌ଏ ଏବଂ ପ୍ରୋଟିନ୍‌କୁ ଭଲଭାବେ ବୁଝିବାରେ ସାହାଯ୍ୟ କରିଥାଏ। ଭୁଲ୍‌ବଶତଃ ହାସଲ ହୋଇଥିବା ଏହି ସଫଳତା ଜୈବିକ ରାସାୟନିକ ପ୍ରକ୍ରିୟା ପ୍ରୟୋଗ ସମୟରେ ମିଳିଥିଲା। ଏହି ପ୍ରୟୋଗରେ ବୈଜ୍ଞାନିକମାନେ ଗୋଲ୍ଡ ଚେନ୍ ପ୍ରସ୍ତୁତ କରିବାକୁ ଚେଷ୍ଟା କରୁଥିଲେ। ହେଲେ ଟ୍ରିଫଏଲ ନଟ୍ ହୋଇଗଲା। ବୈଜ୍ଞାନିକଙ୍କ କହିବା କଥା, ଏହା ବହୁତ ଜଟିଳ ପ୍ରକ୍ରିୟା ଥିଲା, ଏହା କିପରି ପ୍ରସ୍ତୁତ ହେଲା ସେମାନେ ବିଲ୍‌କୁଲ୍ ଜାଣିପାରିଲେନି। ଏହି ଉଦ୍ଭାବନର ପ୍ରୟୋଗ ଚିକିତ୍ସା କ୍ଷେତ୍ରରେ କରାଯିବ। ଏହାକୁ ପ୍ଲାଷ୍ଟିକ୍ ଏବଂ ପଲିମର ଭଳି ଉନ୍ନତ ପଦାର୍ଥର ବିକଶିତ ପାଇଁ ବ୍ୟବହାର କରାଯାଇପାରିବ।

## ଦିଆସିଲି ଖୋଳ ସଦୃଶ ଗୀତା



ଭୋପାଳ: ଶ୍ରୀମଦ୍ ଭଗବଦ୍ ଗୀତା, ଯାହାର ୧୮ଟି ଅଧ୍ୟାୟରେ ଦୁନିଆର ସମସ୍ତ ଜ୍ଞାନ ଭରିରହିଛି। ଗୀତାର ନାମ ଶୁଣିବାମାତ୍ରେ ହିଁ ମନରେ ଗୋଟେ ମୋଟା ଧର୍ମଗ୍ରନ୍ଥର ଭାବନା ଆସିଥାଏ। ହେଲେ ଏପରି ଏକ ଗୀତା ଅଛି, ଯାହା ଦିଆସିଲି ଖୋଳର ଆକାର ସଦୃଶ। ଏହି ଗୀତାକୁ ପକେଟରେ ମଧ୍ୟ ଧାରଣ କରିହେବ। ଏଥିରେ ମୋଟ ୨୫୬ ଫର୍ମରେ ୭ଶହ ଶ୍ଳୋକ ରହିଛି। ଏହି ଧର୍ମଗ୍ରନ୍ଥ ଗତ ୩୫ ବର୍ଷ ହେବ ମଧ୍ୟପ୍ରଦେଶର ସହର ସାଗରବିନାରେ ଅଥକ ପଥ ନାମକ ଏକ ସଂଗ୍ରହାଳୟରେ ରଖାଯାଇଛି। ସଂଗ୍ରହାଳୟକୁ ଆସୁଥିବା ଲୋକେ ଅତ୍ୟନ୍ତ ଉତ୍ସାହର ସହ ଗୀତାକୁ ଦେଖନ୍ତି। ଲୋକମାନେ ଏତେ ଛୋଟ ଗୀତାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥା'ନ୍ତି। ବିନାରେ ରହୁଥିବା ରାମ ଶର୍ମାଙ୍କୁ ପୁରୁଣା ଏବଂ ଐତିହାସିକ ବସ୍ତୁର ସଂଗ୍ରହ କରିବାକୁ ଭଲ ଲାଗେ। ତାଙ୍କର ଏହି ଇଚ୍ଛା ଯୋଗୁ ସେ ୩୫ ବର୍ଷ ହେବ ଧାର୍ମିକ ବହି, ଗ୍ରନ୍ଥ, ବେଦ, ପୁରାଣ, ଉପନିଷଦ ସବୁ ସଂଗ୍ରହ କରି ଏପର୍ଯ୍ୟନ୍ତ ୫ ହଜାରରୁ ଅଧିକ ବହି ଏକ ସଂଗ୍ରହାଳୟରେ ସ୍ଥାନ ଦେଇଛନ୍ତି। ସେ ନିଜେ ସଂଗ୍ରହାଳୟରେ ବହିକୁ ପଢ଼ିବା ସହିତ ଅନ୍ୟମାନେ ମଧ୍ୟ ଆସି ସମସ୍ତ ବହି ପଢ଼ିବାର ସୁବିଧା ରଖିଛନ୍ତି।

## ODISHA MINING CORPORATION LIMITED

OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**NOTICE**

No.1735/OMC/2024
Date:28/01/2024

In pursuance of Advertisement No. 82/OMC dated 15.11.2023 and Notice N0.1589/OMC/2024 dated 24.01.2024, this is for information of all concerned candidates that the e-Admit Card for online Computer Based Test (CBT) for the Post of **Jr. Nurse & Electrician-III**, which has been rescheduled to be held on **02.02.2024 (Friday) from 8.30 AM to 10.30 AM**, shall be dispatched/ issued afresh to the candidates through their registered e-mail from **04.00 PM of 29.01.2024 onwards**. The candidates are required to download all the pages of the e-Admit Card and go through the important instructions/ contents of the same carefully.

The Login ID & Password, which was used by the candidates at the time of their online application, shall be used for every subsequent purpose of this CBT recruitment including downloading of the e-Admit Card.

For any queries/clarification relating to e-Admit Card/ Examination Centre/ terms & conditions applicable to the candidates during the CBT etc., the candidates are advised to raise their query in the Helpdesk Tab available on the application portal after login or contact the helpdesk through Phone Number **+91-9513437890** from 10.00 AM to 5.00 PM on working days.

**Sd./- General Manager (P&A)**

**NB:** Candidates are advised to visit the OMC website (https://omcltd.in) regularly for important instructions / notifications relating to the online Computer Based Test

## ଭାରତୀୟ ଜାତୀୟ ରାଜମାର୍ଗ ପ୍ରାଧିକରଣ

ପ୍ରକଳ୍ପ ନିୟୋଜନ ୟୁନିଟ୍, ସମ୍ବଲପୁର, ସରଲାକାନି ଛକ, ସେଣ୍ଟ ଯୋସେଫ ବିଦ୍ୟାଳୟ ସମ୍ମୁଖ
ଏନ୍‌ଏଚ୍-୬ ନିକଟ, ସାକ୍ଷିପଡା ରୋଡ, ସମ୍ବଲପୁର, ଓଡ଼ିଶା-୭୬୮୦୦୬
ଭାରତମାଳା

୧୧୦୪୦/ଏନ୍‌ଏଚ୍‌ଏଆଇପିଆଇୟୁ/ଏସ୍‌ବିପି/ଏନ୍‌ଏଚ୍-୨୬ (୧୩୦.୨୮୦ ରୁ ୧୭୫.୮୮୦)/ଟୋଲ/୮୫/୨୦୨୪ ତା.୨୪.୦୧.୨୦୨୪

### ସର୍ବସାଧାରଣ ବିଜ୍ଞପ୍ତି

ଭାରତ ସରକାରଙ୍କ ରାଜପତ୍ର ବିଜ୍ଞପ୍ତି ଏସ.ଓ ୧୬୫୦(ଇ) ତା.୦୬.୦୪.୨୦୨୩ ଅନୁଯାୟୀ ଓଡ଼ିଶା ରାଜ୍ୟର ଏନଏଚ-୨୬ ସେକ୍ସନର ଅମାଥ-ଭବାନୀପାଟଣାର ମୋଟ ରାସ୍ତାର ଲମ୍ବ ୪୫.୬୦୦ କିମି ପାଇଁ କିମି ୧୩୦.୨୮୦ରୁ କିମି ୧୭୫.୮୮୦ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ନୂନମଠ ଗ୍ରାମ ନିକଟରେ ସିଏଚ୍ ୧୩୦.୪୦୦ ଫି ପ୍ଲାଜାର ୟୁଜର ଫି ମୂଲ୍ୟ ଆର୍ଥିକ ବର୍ଷ ୨୦୨୩-୨୪ ଲାଗି ନିମ୍ନ ବର୍ଣ୍ଣିତ ପ୍ରକାରେ ପ୍ରାରମ୍ଭିକ ଧାର୍ଯ୍ୟ ଦର ଅନୁଯାୟୀ ଲାଗୁ କରାଯିବ। ଏହି ଅନୁସାରେ ୟୁଜର ଫି ମୂଲ୍ୟ ସଂଗ୍ରହ ତା.୩୦.୦୧.୨୦୨୪ ର ଘ. ୮.୦୦ ଠାରୁ ଆରମ୍ଭ ହେବ। (ଟଙ୍କାରେ)

| ଯାନଗୁଡ଼ିକର ପ୍ରକାର | ଥରେ ଯାତ୍ରା ପାଇଁ ଦେୟ | ଦିନକ ଭିତରେ ଫେରିବା ପାଇଁ ଦେୟ | ମାସରେ ୫୦ଥର ଯାତ୍ରା ପାଇଁ ମାସିକ ପାସ୍ ଦେୟ | ଫି ପ୍ଲାଜା ଥିବା ଜିଲ୍ଲା ଭିତରେ ପଞ୍ଜୀକୃତ ବ୍ୟବସାୟିକ ଯାନର ପ୍ରତି ଥରର ଯାତ୍ରା ପାଇଁ ଦେୟ |
|---|---|---|---|---|
| (୧) | (୨) | (୩) | (୪) | (୫) |
| କାର୍, ଜିପ୍ ଭ୍ୟାନ୍ କିମ୍ବା ହାଲୁକା ମଟର ଗାଡ଼ି | ୪୦ | ୬୦ | ୧୩୦୫ | ୨୦ |
| ହାଲୁକା ବ୍ୟବସାୟିକ ଯାନ, ହାଲୁକା ପରିବହନ ଯାନ କିମ୍ବା ମିନି ବସ୍ | ୬୫ | ୯୫ | ୨୧୦୫ | ୩୦ |
| ବସ୍ କିମ୍ବା ଟ୍ରକ୍ (ଦୁଇ ଆକ୍ସେଲ) | ୧୩୦ | ୨୦୦ | ୪୪୧୫ | ୬୫ |
| ତିନି ଆକ୍ସେଲ୍ ବ୍ୟବସାୟିକ ଗାଡ଼ି | ୧୪୫ | ୨୧୫ | ୪୮୧୫ | ୭୦ |
| ଏଚ୍‌ସିଏମ୍ କିମ୍ବା ଇଏମ୍‌ଇ କିମ୍ବା ଏମ୍‌ଏଭି ଚାରି ରୁ ଛଅ ଆକ୍ସେଲ | ୨୧୦ | ୩୧୦ | ୬୯୨୫ | ୧୦୫ |
| ଅତିବଡ଼ ଯାନ (ସାତ କିମ୍ବା ଅଧିକ ଆକ୍ସେଲ) | ୨୫୫ | ୩୮୦ | ୮୪୨୫ | ୧୨୫ |

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଟୋଲ୍ ପ୍ଲାଜା ଠାରୁ ୨୦ କି.ମି. ଦୂରତ୍ୱ ମଧ୍ୟରେ ରହୁଥିବା ଅଣ ବ୍ୟବସାୟିକ ସ୍ଥାନୀୟ ଯାନ ପାଇଁ ପ୍ରଜ୍ୟୁଯ୍ୟ ମାସିକ ପାସ୍ ଦର **ଟ.୩୩୦.୦୦** ହେବ, ଆବଶ୍ୟକତା ଅନୁଯାୟୀ ପ୍ରତିବର୍ଷ ଉକ୍ତ ନିୟମର ସଂଶୋଧନ ଅଧିନରେ ଉଲ୍ଲେଖ କରାଯାଇଛି। ଯେହେତୁ ସମସ୍ତ ଯାନ ପାଇଁ ଫାଷ୍ଟଟ୍ୟାଗ୍ ବାଧ୍ୟତାମୂଳକ ତେଣୁ ସମସ୍ତ ଉପଭୋକ୍ତା ମାନଙ୍କୁ ଫାଷ୍ଟଟ୍ୟାଗ୍ କିଣିବାକୁ ଅନୁରୋଧ କରାଯାଉଛି।
ଦୂରଭାଷ: (୦୬୬୩) ୨୫୪୮୯୬୬, ଇ-ମେଲ୍: piusambalpur@nhai.org, nhaisambalpur@gmail.com
ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ

କେବଳ ସଡ଼କ ନୁହେଁ, ଏକ ରାଷ୍ଟ୍ରର ନିର୍ମାଣ ମଧ୍ୟ

# ବରୀ ବିଜେଡି: ଆଶାୟୀଙ୍କ ଭିତରେ ଲଢ଼େଇ

ରସୁଲପୁର, ୨୮।୧(ରଞ୍ଜିତ ରାଉତ)



ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ କସରତ ଆରମ୍ଭ କରିଦେଲେଣି। ଶାସକ ବିଜେଡିରେ ଅନେକ ଆଶାୟୀ ବିରୋଧୀଙ୍କୁ ସୁହାଇବା ଭଳି ମନେହେଉଛନ୍ତି । କହିବାକୁ ଗଲେ ଏଠି ବିଜେଡି ନିଜ ସହ ଲଢୁଛି । ଏଠାରେ ବିରୋଧୀମାନେ ସେତେଟା ପ୍ରଭାବୀ ନୁହନ୍ତି । କିନ୍ତୁ ବିଜେଡିରେ ଏକାଧିକ ଆଶାୟୀ ଦଳୀୟ କନ୍ଦଳ ସୃଷ୍ଟି କରୁଥିବାରୁ ତାହାର ଫାଇଦା ଅନ୍ୟଆଡ଼େ ଚାଲିଯିବାର ଆଶଙ୍କା ଉପୁଜିଲାଣି ।

ଏହି କ୍ରମରେ ଦେଖିଲେ ୨୦୧୯ ନିର୍ବାଚନରେ ଭାଜପା ନେତ୍ରୀ ରହିଥିବା ସୁନନ୍ଦା ଦାସଙ୍କୁ ବିଜେଡି ଆମଦାନୀ କରିଆଣି ବିଧାୟକ ଆସନରେ ବସାଇଛି। ସେ ବରୀ ରାଜନୀତିରେ ବେଶ୍ ସକ୍ରିୟ ଅଛନ୍ତି । ପ୍ରତିଦିନ ନିଆରା କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କୁ ଭେଟି ସମ୍ପର୍କ ଯୋଡ଼ିବାକୁ ପ୍ରୟାସ ଜାରି ରଖିଛନ୍ତି । ତାଙ୍କର ଏଭଳି କାର୍ଯ୍ୟକ୍ରମ ପାଇଁ ସେ ଦେଶର ୫୪ଜଣ ଶ୍ରେଷ୍ଠ ବିଧାୟକ ଓ ଓଡ଼ିଶାରୁ ଏକମାତ୍ର ମହିଳା ବିଧାୟିକା ଭାବେ ସ୍ଥାନ ପାଇବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ଆଉ ଜଣେ ନେତ୍ରୀ ଶର୍ମିଷ୍ଠା ସେଠୀ ପ୍ରଶାସନିକ ସେବା ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ରାଜନୀତିରେ ପ୍ରବେଶ କରି ଯାଜପୁର ଏମ୍‌ପି ହୋଇଛନ୍ତି। ତାଙ୍କର ଶାଶୁଘର ଏହି ନିର୍ବାଚନମଣ୍ଡଳୀରେ। ବରୀର ଆଉ ଜଣେ ନାରୀ ସୁଲତା ଦେଓ, ଯିଏ କି ରାଜ୍ୟ ସଭା ସଦସ୍ୟ ଅଛନ୍ତି । ସେହିଭଳି ଅନ୍ୟତମ ପ୍ରଭାବଶାଳୀ ନେତ୍ରୀଙ୍କ କଥା କହିବାକୁ ଗଲେ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ଏହି ନିର୍ବାଚନମଣ୍ଡଳୀ ସହ ସମ୍ପର୍କ ବେଶ୍ ନିବିଡ଼ । ଏସବୁ ନେତ୍ରୀଙ୍କ ମଧ୍ୟରୁ କେହି ଜଣେ ବରୀରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଏହାଛଡ଼ା ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀ ହୋଇଥିବା ବିଶ୍ୱରଞ୍ଜନ ମଲିକ ବିଜେଡିର ସୁନନ୍ଦାଙ୍କୁ କଡ଼ା ଟକ୍କର ଦେଇ ମାତ୍ର ୪ ହଜାର ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। ସେ ଇତିମଧ୍ୟରେ ବିଜେଡିରେ ସାମିଲ ହୋଇସାରିଛନ୍ତି। ସେ ଏଥର ଦଳୀୟ ଟିକେଟ ପାଇବେ ବୋଲି ତାଙ୍କର ସମର୍ଥକମାନେ କହି ବୁଲୁଛନ୍ତି । ଏହାଛଡ଼ା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ବିଜେଡିର ଉଚ୍ଚସ୍ତରୀୟ ନେତାଙ୍କ ଗୁଡ୍‌ବୁକ୍‌ରେ ନ ଥିଲେ ମଧ୍ୟ ନିର୍ବାଚନରେ ପ୍ରାର୍ଥୀ ହେବା ନିଶ୍ଚିତ ବୋଲି କହୁଛନ୍ତି । ହେଲେ ଦେବାଶିଷଙ୍କ ଅତ୍ୟନ୍ତ ଘନିଷ୍ଠ ବୋଲି ଜଣାଶୁଣା ବରୀ ବ୍ଲକ ପୂର୍ବତନ ବିଜେଡି ସଭାପତି ସେକ୍ ସଫିକ୍ ଉଦ୍ଦିନ (ଟାଲି ବାବୁ) ପୃଥକ୍ ଭାବେ ବୈଠକମାନ ଆୟୋଜନ କରୁଥିବା ଦେଖାଯାଉଛି । ରସୁଲପୁର ବ୍ଲକରୁ ଏହି ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ୧୦ ପଞ୍ଚାୟତ ମଧ୍ୟରୁ ସାମନ୍ତରାପୁର ପଞ୍ଚାୟତରେ ଏକ ବନ୍ଧୁମିଳନ ଆଳରେ ସେ ପୁରୁଣା ସରପଞ୍ଚ ଓ କର୍ମୀମାନଙ୍କୁ ଏକଜୁଟ୍ କରିଥିବା ଚର୍ଚ୍ଚାର ବିଷୟ ରହିଛି। ଏ ସବୁ ପରେ ଯୁବ ନେତା ଅଶୋକ କୁମାର ବେହେରା ଓ ବରୀ ଗ୍ରାମ ପଞ୍ଚାୟତର ସଞ୍ଜୀବ ଜେନା ଦଳପାଇଁ ନୂଆ ଚେହେରା ଭାବେ ବରୀରେ ଉଭା ହୋଇଥିବା ଆଲୋଚନା ହେଉଛି । ସେମାନେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକ ସମ୍ପର୍କ ସୃଷ୍ଟି କରୁଛନ୍ତି । ସେମାନେ ଏଥର ବରୀରୁ ପ୍ରାର୍ଥୀ ହେବେ ବୋଲି ଛକ ବଜାରରେ ଚର୍ଚ୍ଚା ଆରମ୍ଭ ହେଲାଣି । ସେହିପରି ଆଉ ଜଣେ ଯୁବନେତା ତଥା ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକଙ୍କ କଥା ନିର୍ବାଚନ ଆସିଲେ ଚର୍ଚ୍ଚାକୁ ଆସେ । ସେ ବି ଏଥର ଟିକେଟ ଆଶାୟୀ । ଏହିଭଳି ଭାବେ ଦେଖିବାକୁ ଗଲେ ବରୀ ବିଜେଡିରେ ୮ ରୁ ୧୦ଜଣ ନେତା ଦଳୀୟ ଟିକେଟ ଆଶାରେ ରାଜନୀତି ଆରମ୍ଭ କଲେଣି । ଏଠାରେ ଦଳ ପୁରୁଣାକୁ ଦୋହରାଇବ ନା ନୂଆ ଚେହେରା ଉପରେ ମୋହର ଲଗାଇବ ତା'ସମୟ କ୍ରମେ ସ୍ପଷ୍ଟ ହୋଇଯିବ ବୋଲି ନିର୍ବାଚନ ସମୀକ୍ଷକମାନେ କହୁଛନ୍ତି। ଜଣକୁ ଟିକେଟ ଦେଇ ଅନ୍ୟମାନଙ୍କୁ ଦଳ କେମିତି ସନ୍ତୁଷ୍ଟ କରୁଛି ଦେଖିବାର ଅଛି। ଉପରଲିଖିତ ଆଶାୟୀଙ୍କ ଗତିବିଧି ଉପରେ ଭାଜପାର ଯୁବନେତା ଉମେଶ ଜେନା ଓ କଂଗ୍ରେସ ନେତ୍ରୀ ଆରତୀ ଦେଓଙ୍କର ନଜର ରହିଥିବା ଲକ୍ଷ୍ୟ କରାଯାଉଛି । ବିରୋଧୀମାନେ ବିଜେଡିରେ ଗୋଷ୍ଠୀ କନ୍ଦଳକୁ ଚାହିଁ ବସିଥିବା ଭଳି ମନେହେଉଛି।

# ଗଣେଶ୍ୱରଙ୍କ ବିରୋଧରେ ଏକଜୁଟ

ବାରିପଦା,୨୮।୧(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ବଡ଼ସାହି ନିର୍ବାଚନମଣ୍ଡଳୀ

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନମଣ୍ଡଳୀରେ ଦେଖାଦେଇଛି ଅସନ୍ତୋଷ। ବିଜୁ ଜନତା ଦଳର କର୍ମକର୍ତ୍ତାମାନେ ଏକଜୁଟ ହୋଇ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ବିରୋଧ କରିଛନ୍ତି। ଆସନ୍ତା ନିର୍ବାଚନରେ ଦଳ ତାଙ୍କୁ ପ୍ରାର୍ଥୀ କରାଇଲେ ଅସହଯୋଗ କରାଯିବ ବୋଲି ଅସନ୍ତୁଷ୍ଟ କର୍ମୀମାନେ ମହାପ୍ରସାଦ ଧରି ଶପଥ କରିବା ଚର୍ଚ୍ଚାର ବିଷୟ ହୋଇଛି।

ଗତ ୮ ଦିନ ଧରି ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଗଣେଶ୍ୱର ବିରୋଧୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ବେଳେ ରବିବାର ବଡ଼ସାହି ବଜାର ନିକଟସ୍ଥ ଏକ ସ୍ଥାନରେ ଶତାଧିକ ବରିଷ୍ଠ ନେତୃବୃନ୍ଦ ଓ କର୍ମୀ ଏକାଠି ହୋଇ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଅଭିଯୋଗ ଅନୁଯାୟୀ, ୨୦୧୪ରେ ଗଣେଶ୍ୱର ବିଜେଡିରୁ ଟିକେଟ ପାଇ ବିଧାୟକ ହୋଇଥିଲେ। ବିଧାୟକ ହେବା ପରେ ବିଜେଡିର ଛାମୁଆ କର୍ମୀଙ୍କୁ ଅଣଦେଖା କରିଥିଲେ ବୋଲି ଅଜୟ ବେହେରା, ଜ୍ୟୋତିକାନ୍ତ ସାମଲ, ମହେଶ୍ୱର ସେନାପତି ପ୍ରମୁଖ କହିଛନ୍ତି। ଫଳରେ ୨୦୧୯ ନିର୍ବାଚନରେ ତାଙ୍କୁ ଟିକେଟରୁ ବଞ୍ଚିତ ହେବାକୁ ପଡ଼ିଥିଲା ବୋଲି ତପନ ରାଉତ, ଚନ୍ଦ୍ରଶେଖର ଭୂୟାଁ, ବୁଧିରାମ ସିଂ, ବ୍ରଜବନ୍ଧୁ ସାହୁ, ଟିକିନା ମହାପାତ୍ର, ଗୋପାଳ ମହାନ୍ତି, ରବି ଧଳ, ଚିନୁ ପଣ୍ଡା, ସୁଶାନ୍ତ ବଳ ପ୍ରକାଶ କରିଛନ୍ତି। ସେହିପରି ଭାଜପାରୁ ଦଳ ପରିବର୍ତ୍ତନ କରି ଆସିଥିବା ବୃନ୍ଦାବନ ଦାସଙ୍କୁ ନିର୍ବାଚନରେ ପରାଜିତ କରିବା ପଛରେ ଗଣେଶ୍ୱରଙ୍କ ମୁଖ୍ୟ ଭୂମିକା ରହିଛି ବୋଲି ବରିଷ୍ଠ ନେତା ପୁରୁଷୋତ୍ତମ ପଣ୍ଡା, ମୃତ୍ୟୁଞ୍ଜୟ ମିଶ୍ର ଓ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି। ତେବେ ବିଜେଡିରୁ ଗଣେଶ୍ୱର କିମ୍ବା ତାଙ୍କ ସ୍ତ୍ରୀଙ୍କୁ ଟିକେଟ ଦିଆଗଲେ ଏହାର ଦୃଢ଼ ପ୍ରତିବାଦ କରାଯିବ ବୋଲି କର୍ମୀମାନେ ମହାପ୍ରସାଦ ଧରି ଶପଥଗ୍ରହଣ କରିଛନ୍ତି। ଦଳ ପକ୍ଷରୁ ନୂଆ ମୁହଁ ପ୍ରାର୍ଥୀ କରିବାକୁ କର୍ମୀମାନେ ଦାବି କରଛନ୍ତି।

ଏ ସଂକ୍ରାନ୍ତରେ ନିର୍ବାଚନମଣ୍ଡଳୀର ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ ପଚାରିବାରୁ ଏଠାରେ ବିଜେଡିର ଦୃଢ଼ ସଙ୍ଗଠନ ରହିଛି। ଦଳର ସୁପ୍ରିମୋ ଯାହାକୁ ଟିକେଟ ଦେବେ ତାଙ୍କୁ ନେଇ ଦଳ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଏ ନେଇ ଗଣେଶ୍ୱର ପାତ୍ର କହନ୍ତି, ଦଳର ନିଷ୍ପତ୍ତିକୁ ମାନି କାର୍ଯ୍ୟ କରିବେ। ଦୀର୍ଘ ବର୍ଷ ଧରି ଭୋଟରମାନେ ମୋତେ ତାଙ୍କୁ ସହଯୋଗ କରି ଆସିଛନ୍ତି। ସୂଚନାଯୋଗ୍ୟ, ବଡ଼ସାହିରେ ଭାଜପାରୁ ସନାତନ ବିଜୁଳି ବିଧାୟକ ଅଛନ୍ତି।

# ମୋହନଙ୍କ ବିରୋଧରେ ମେଳି



ମୋହନ ମାଝୀଙ୍କୁ ବିରୋଧ କରାଯାଇ ଅନୁଷ୍ଠିତ ସଭାରେ ଯୋଗଦେଇଥିବା ଭାଜପା ନେତା ଓ କର୍ମକର୍ତ୍ତା।

କେନ୍ଦୁଝର,୨୮।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

## ପ୍ରାର୍ଥୀ ପରିବର୍ତ୍ତନ ଦାବି

ଆଉ କିଛି ମାସ ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରି ଦେଇଥିବା ବେଳେ ଦଳ ମଧ୍ୟରେ ପ୍ରାର୍ଥୀକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଭାଜପା ରାଜ୍ୟରେ ସ୍ଥିତି ସୁଦୃଢ଼ କରିବାକୁ ଚାହୁଁଛି। ଇତିମଧ୍ୟରେ କେନ୍ଦୁଝରରେ ଭାଜପା ଭିତରେ ବିବାଦ ଦେଖାଦେଇଛି। ଫଳରେ ଦଳ ଅକଳରେ ପଡିଛି। ଜିଲାରେ ଏକ ମାତ୍ର ସିଟ୍ ହାସଲ କରିଥିବା ସଦର ବିଧାୟକ ମୋହନ ମାଝୀଙ୍କ ବିରୋଧରେ ଲାଗି ରହିଥିବା ଅସନ୍ତୋଷ ଏବେ ମେଳିରେ ପରିଣତ ହୋଇଛି। ମୋହନଙ୍କ ନେତୃତ୍ୱକୁ ଦଳର ବହୁ ନେତା ଓ କର୍ମୀ ନାପସନ୍ଦ କରିଛନ୍ତି। ଯଦି ଆଗାମୀ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ ନ ହୁଏ, ତେବେ ସେମାନେ ଦଳ ଛାଡ଼ିବେ ବୋଲି ରବିବାର ଅନୁଷ୍ଠିତ ଏକ ସଭାରେ ଖୋଲା ଖୋଲି ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଦଳର ନେତା ମୁନା ମହାରଣାଙ୍କ ନେତୃତ୍ୱରେ ସନ୍ତୋଷୀ ମା' ଆଞ୍ଚଳିକ ମହାବିଦ୍ୟାଳୟ ଝାରବେଲଦା କଲେଜ ପଛରେ ଥିବା ପଡ଼ିଆରେ ଏକ ସଭା ବସିଥିଲା। ଏଥିରେ ବହୁ ସଂଖ୍ୟାରେ ବିଭିନ୍ନ ଅଞ୍ଚଳର ଲୋକ ଓ ଭାଜପା ନେତା, ସମର୍ଥକ ସାମିଲ ହୋଇଥିଲେ। ଏପରିକି ମୋହନଙ୍କ ଘନିଷ୍ଠମାନେ ମଧ୍ୟ ସଭାରେ ଉପସ୍ଥିତ ଥିଲେ। ସମସ୍ତେ ଏକତ୍ରିତ ହୋଇ ବିଧାୟକଙ୍କ ନେତୃତ୍ୱକୁ ବିରୋଧ କରିଥିଲେ। ମିଥ୍ୟା ପ୍ରତିଶ୍ରୁତିକୁ ଆଉ କେନ୍ଦୁଝରବାସୀ କଦାପି ସହ୍ୟ କରି ପାରିବେ ନାହିଁ। ଅଞ୍ଚଳର ବିକାଶ କରାଯାଇନାହିଁ। ବିଶେଷ କରି ଆଦିବାସୀ ଲୋକ ପ୍ରତାରିତ ହୋଇଛନ୍ତି। ପ୍ରତିଶ୍ରୁତି ଦିଆଯାଇଛି, କିନ୍ତୁ ପାଳନ ହେଉନାହିଁ। ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରାଯାଉନାହିଁ ଆଦି ଅଭିଯୋଗ କରିଛନ୍ତି। ସଭାରେ ଆଦିବାସୀ ନେତା ମୁନା ପୂର୍ତ୍ତି, ରଣଜିତ ବାରିକ, ବିଜୟ ମହାରଣା, ସାମାଜିକ କର୍ମୀ ତୁଳସୀ ପାତ୍ର, ନେଲୁଙ୍ଗ ପୂର୍ବତନ ପଞ୍ଚାୟତ ସଭ୍ୟା ଦୀପ୍ତି ମହାକୁଡ, ନେଲୁଙ୍ଗ ପଞ୍ଚାୟତ ସରପଞ୍ଚ ଚନ୍ଦ୍ରମଣି ସିଂ, ରତି ଭାଇ, ମନୋଜ ମହାନ୍ତ, ତ୍ରିଲୋଚନ ମହାନ୍ତ, ବାବୁ ନାଏକ, ନେଲୁଙ୍ଗ ପଞ୍ଚାୟତ ପୂର୍ବତନ ସରପଞ୍ଚ ବାବୁ ନାଏକ, ସୁଶାନ୍ତ ବାରିକ, ସନ୍ତୋଷ ପଣ୍ଡା, ଜୟକୃଷ୍ଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ମୋହନ ମାଝି କହିଛନ୍ତି, ମୁନାଙ୍କୁ ଦଳରେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସେ ଅନ୍ୟମାନଙ୍କୁ ମତାଇ ଏମିତି କରୁଥିବେ। ତେବେ ଏଥିରେ କିଛି ଫରକ ପଡ଼ିବ ନାହିଁ।

# ମନମୋହନଙ୍କୁ ଗିରିଶଙ୍କ ଉପେକ୍ଷା

ସମ୍ବଲପୁର,୨୮।୧ (ଭବାନୀ ଶଙ୍କର ଭୋଇ)

ଆଗାମୀ ନିର୍ବାଚନରେ ରାଜ୍ୟରେ ଭାଜପା ୧୨୦ ସିଟ୍ ହାସଲ କରିବା ନେଇ ଅଙ୍କ କଷୁଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ କେନ୍ଦ୍ର ନେତୃବୃନ୍ଦ ଘନଘନ କାର୍ଯ୍ୟକ୍ରମ କରି ଦଳକୁ ସଙ୍ଗଠିତ କରିବାକୁ ଚେଷ୍ଟା କରୁଛନ୍ତି। ହେଲେ ସମ୍ବଲପୁରରେ ଭାଜପାର ସମର୍ପିତ କର୍ମକର୍ତ୍ତାମାନଙ୍କୁ ଜିଲା ସଭାପତି ଗିରିଶ ପଟେଲ ଅଣଦେଖା କରୁଥିବା ନେଇ ଦୀର୍ଘ ଦିନରୁ ଅଭିଯୋଗ ହୋଇ ଆସୁଥିଲା। ଏବେ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ ଦଳୀୟ କାର୍ଯ୍ୟକ୍ରମରେ ଉପେକ୍ଷା କରାଯାଉଥିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ରାଜ୍ୟ ସଭାପତିଙ୍କ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମ ରହିଥିଲା। ଆସନ୍ତା ଫେବୃଆରୀ ୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ବଲପୁର ଅସିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏହା କିପରି ସୁରୁଖୁରୁରେ ଅନୁଷ୍ଠିତ ହେବ ଓ ଏଥିରୁ ଦଳକୁ କେମିତି ଫାଇଦା ମିଳିବ, ସେ ନେଇ ବରିଷ୍ଠ କର୍ମକର୍ତ୍ତାଙ୍କ ସହ ଆଲୋଚନା କାର୍ଯ୍ୟକ୍ରମ ରହିଥିଲା। ମନମୋହନ ଦିନତମାମ ସମ୍ବଲପୁରରେ ରହି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କିନ୍ତୁ ଗିରିଶଙ୍କ ପକ୍ଷରୁ ରାଜ୍ୟ ସଭାପତିଙ୍କ ଗସ୍ତ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ସୂଚନା ମଧ୍ୟ ଦିଆଯାଇ ନ ଥିଲା। ରାଜ୍ୟ ସଭାପତି ସମ୍ବଲପୁରରେ ପହଞ୍ଚି ପ୍ରଧାନମନ୍ତ୍ରୀଙ୍କ ସାଧାରଣ ସଭା ପାଇଁ ସଭାସ୍ଥଳ ବୁଲି ଦେଖିଲେ। ସେହି ସମୟରେ ମଞ୍ଚ ନିର୍ମାଣ ପାଇଁ ଭୂମିପୂଜନ କରିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ରାଜ୍ୟ ସଭାପତି ସଭାସ୍ଥଳ ପରିଦର୍ଶନ ସମୟରେ ସେଦିନ ଭୂମିପୂଜନ କରିପାରିଲେ ନାହିଁ । ମନମୋହନ ସନ୍ଧ୍ୟାରେ ଆଇଆଇଏମ୍ ଯାଇ ସେଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବିଷୟରେ ତଦାରଖ କରିଥିଲେ। ତେବେ ସେହି ସମୟର କୌଣସି ଫଟୋ କିମ୍ବା ସୂଚନା ଗଣମାଧ୍ୟମକୁ ଦିଆଯାଇ ନ ଥିଲା। ତେବେ ତାଙ୍କର ଭୁବନେଶ୍ୱର ଫେରିବା ପରେ ଗିରିଷ ନିଜେ କିଛି ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ସଭାମଞ୍ଚ ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ।

ଗତ ଶନିବାର ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ଚାଲ ଅଭିଯାନ କର୍ମଶାଳା ରହିଥିଲା। କାର୍ଯ୍ୟକ୍ରମରେ ଲାଗିଥିବା ବ୍ୟାନରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିରୋଧୀ ଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ଦଳର ଉପସଭାପତି ନାଉରୀ ନାୟକଙ୍କ ସହ ଜିଲା ସଭାପତି ଗିରିଶଙ୍କ ଫଟୋ ରହିଥିଲା। ତେବେ ବ୍ୟାନରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଫଟୋ ରହି ନ ଥିବା ଅନେକ ଭାଜପା କର୍ମୀଙ୍କୁ ଆଶ୍ଚର୍ଯ୍ୟ ଲାଗିଥିଲା। କିଛି ଦିନର ଘଟଣାକ୍ରମରୁ ଜିଲା ସଭାପତି ଜାଣିଶୁଣି ରାଜ୍ୟ ସଭାପତିଙ୍କୁ ଉପେକ୍ଷା କରୁଥିବା ନେଇ ଦଳୀୟ କର୍ମୀ ଅଭିଯୋଗ କରୁଛନ୍ତି। ତେବେ ଏନେଇ ଜିଲା ସଭାପତି ଗିରିଶ ପଟେଲ କହିଛନ୍ତି, ଭୁଲବଶତଃ ରାଜ୍ୟ ସଭାପତିଙ୍କ ଫଟୋ ବ୍ୟାନରରେ ରହି ନ ଥିଲା। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଲାଗିବାକୁ ଥିବା ବ୍ୟାନରଗୁଡ଼ିକରେ ଏହାକୁ ସଂଶୋଧନ କରାଯିବ।




ବୁଥ୍ ଚାଲ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ଫଟୋ ନାହିଁ ।

# ବିଜେଡିରେ ମିଶିଲେ କଂଗ୍ରେସ, ଭାଜପା କର୍ମୀ

ଭଣ୍ଡାରିପୋଖରୀ,୨୮।୧ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରହଣିଆ ପଞ୍ଚାୟତର ରାଣୀଗଡ଼ିଆଠାରେ ରବିବାର ବିଜେଡିର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ ପରିବାରରୁ ୪୦ଜଣ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଦକ୍ଷ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଥିବା ସେମାନେ ପ୍ରକାଶ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର ଦାସ, ଯୁବନେତା ବିରେନ୍ଦ୍ର ନାୟକ, ପିରେଶ୍ୱର ବାରିକ, ନିରାକାର ରାଉତ, ସନ୍ତୋଷ କୁମାର ସାମଲ, ଆଶିଷ ସାମଲ, ଧନେଶ୍ୱର ସାମଲ, ବିରଞ୍ଚି ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ନୂତନ କର୍ମୀମାନଙ୍କ ସହ ବିଜେଡି କର୍ମକର୍ତ୍ତା।

# ନରସିଂହଙ୍କ ଘରେ କଳିକେଶଙ୍କ ମହାପ୍ରସାଦ ବଣ୍ଟନ

## ବଲାଙ୍ଗୀର ସହରରେ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ

ବଲାଙ୍ଗୀର, ୨୮।୧ (ବୀରେନ୍ଦ୍ର କୁମାର ଝାଙ୍କର)

ରାଜନୀତରେ ପ୍ରତିଦ୍ୱନ୍ଦ୍ୱିତାରୁ ଆରମ୍ଭ ହୋଇଯାଏ ପରସ୍ପର ବିରୋଧୀ ମତ, ମନ୍ତବ୍ୟ। ଏଭଳି ପ୍ରତିଦ୍ୱନ୍ଦ୍ୱିତା, ମତ-ମନ୍ତବ୍ୟ ପିଢ଼ିପିଢ଼ି ଧରି ଲାଗି ରହିଲେ ସାଧାରଣରେ ଏହା ପାରିବାରିକ ବିରୋଧର ରୂପ ନେଇଥାଏ। ଏଭଳି ଧାରଣା କେବଳ ରାଜନୈତିକ ବାତାବରଣକୁ ନୁହେଁ, ବରଂ ଗୋଟିଏ ଅଞ୍ଚଳକୁ ରାଜନୈତିକ ତିକ୍ତତା ଭିତରକୁ ବି ଠେଲିଦିଏ। ବଲାଙ୍ଗୀରରେ ରାଜ ପରିବାର ଏବଂ ମିଶ୍ର ପରିବାର ଭିତରେ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପହଞ୍ଚିଛି। ଏଇ ଦୁଇ ପରିବାରର ପରସ୍ପର ବିରୋଧୀ ମତମନ୍ତବ୍ୟ ଅନେକ ସମୟରେ ରାଜ୍ୟ ରାଜନୀତିରେ ବି ହଇଚଇ ସୃଷ୍ଟି କରିଛି। ତେବେ ଏଇ ପାରିବାରିକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଭିତରେ ଖୁବ୍ କମ୍ ସମୟ ହେଲେ ମଧ୍ୟ କିଛି ବ୍ୟତିକ୍ରମର ମୁହୂର୍ତ୍ତ ଦେଖିବାକୁ ମିଳିଛି। ବଲାଙ୍ଗୀରରେ ରବିବାର ପୂର୍ବାହ୍ନରେ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ବଣ୍ଟନ ବେଳେ ରାଜ ପରିବାର ଓ ମିଶ୍ର ପରିବାର ସଦସ୍ୟଙ୍କ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି।



କଳିକେଶ ନାରାୟଣ ସିଂଦେଓ ବିଧାୟକ ନରସିଂହ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ରଙ୍କୁ ମହାପ୍ରସାଦ ଦେଉଛନ୍ତି।

ରାଜପରିବାର ସଦସ୍ୟ ତଥା ପୂର୍ବତନ ଲୋକ ସଭା ସଦସ୍ୟ ଏବଂ ବର୍ତ୍ତମାନର ରାଜ୍ୟ ହାଉସିଂ ବୋର୍ଡ ଅଧ୍ୟକ୍ଷ କଳିକେଶ ନାରାୟଣ ସିଂଦେଓ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଘରକୁ ଯାଇ ମହାପ୍ରସାଦ ବଣ୍ଟନ କରିଥିଲେ। ବିଧାୟକ ମିଶ୍ରଙ୍କ ସ୍ତ୍ରୀ କୁସୁମ ମିଶ୍ରଙ୍କୁ ମହାପ୍ରସାଦ ଦେଇ ପାଦ ଛୁଇଁ ସମ୍ମାନ ଜଣାଇଥିଲେ। ବିଧାୟକଙ୍କ ସ୍ତ୍ରୀ ମଧ୍ୟ କଳିକେଶଙ୍କୁ ଆଶୀର୍ବାଦ ଦେଇଥିଲେ। ଏହାପରେ କଳିକେଶ ବିଧାୟକ ମିଶ୍ରଙ୍କ ବଡପୁଅ ଆଡଭୋକେଟ ଅମରେନ୍ଦ୍ର ମିଶ୍ରଙ୍କୁ ଭେଟି ମହାପ୍ରସାଦ ଦେଇଥିଲେ। ମହାପ୍ରସାଦ ଦେଲାବେଳେ ଫଟୋ ବି ଉଠାଇଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ଏଇ ଘଟଣାକୁ ନେଇ କଳିକେଶଙ୍କୁ ପଚାରିବାରୁ ୧୧ ଓ ୧୨ ନମ୍ବର ୱାର୍ଡ ପରିକ୍ରମା କଲାବେଳେ ବିଧାୟକ ମିଶ୍ରଙ୍କ ଘରକୁ ଯାଇ ମହାପ୍ରସାଦ ଦେଇ ଆଶୀର୍ବାଦ ଭିକ୍ଷା କରିଥିବା କହିଛନ୍ତି। ଅମରେନ୍ଦ୍ର ବାବୁ ଓ ତାଙ୍କ ପୁଅଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଅମରେନ୍ଦ୍ର ବାବୁଙ୍କ ପୁଅକୁ ଜଣେ ଶିକ୍ଷିତ ଯୁବକ ବୋଲି କହିଥିବା ମଧ୍ୟ ଦେଖିବାକୁ ମିଳିଛି। ମହାପ୍ରସାଦ ବଣ୍ଟନ ବେଳର ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଚର୍ଚ୍ଚାର ବିଷୟ ହୋଇଛି। ରବିବାର ଶ୍ରୀ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପରବର୍ତ୍ତୀ ମହାପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ସ୍ଥାନୀୟ ଜଗନ୍ନାଥପଡା ଶ୍ରୀଜଗନ୍ନାଥ ମନ୍ଦିରରୁ ଆରମ୍ଭ ହୋଇଥିଲା। ଏଥିରେ କଳିକେଶଙ୍କ ସହ ଜିଲାପରିଷଦ ସଭାପତି ଦେବକୀ ସାହୁ, ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁ, ବିଜେଡି କାଉନସିଲର ଏବଂ ଅନ୍ୟ ବିଜେଡି ନେତା ଓ କର୍ମୀ ସକ୍ରିୟ ଭାବେ ସାମିଲ ହୋଇ ବିଭିନ୍ନ ପଡ଼ାରେ ମହାପ୍ରସାଦ ବଣ୍ଟନ କରିଥିଲେ।

# ‘ପଦକ ଦେଶବାସୀଙ୍କର, ଅସମ୍ମାନ କରନି’

**କୋଲକାତା ସ୍ପୋର୍ଟ୍ସ ଜର୍ନାଲିଷ୍ଟ କ୍ଲବ (ସିଏସ୍‌ଜେସି)ର ବାର୍ଷିକ କ୍ରୀଡ଼ା ପୁରସ୍କାର ଉତ୍ସବ ନିକଟରେ ମନ୍ଦରମାନିସ୍ଥିତ ବାନ୍ୟନ ଟ୍ରି ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଲିମ୍ପିଆନ ଆଥଲେଟ୍ ପଦ୍ମଶ୍ରୀ ଦୀପା ମଲିକ ଓ ପୂର୍ବତନ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନ ମନୋଜ କୋଠାରୀଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଧରିତ୍ରୀର କ୍ରୀଡ଼ା ପ୍ରତିନିଧି ତପନ କୁମାର ସ୍ୱାଇଁ ଏହି ଅବସରରେ ଦୀପାଙ୍କ ସହ ବାର୍ତ୍ତାଳାପ ...**


ପୁରସ୍କାର ସହ ମନୋଜ କୋଠାରୀ ଓ ଦୀପା ମଲିକ।

ଅନ୍ତର୍ଜାତୀୟ ସ୍ତରରେ ଆମ ଆଥଲେଟ୍ ଯେତେବେଳେ ପଦକ ଜିତନ୍ତି ସେତେବେଳେ ସେ ପଦକ କେବଳ ତାଙ୍କର ହୋଇ ନ ଥାଏ, ତାହା ଦେଶବାସୀଙ୍କର ହୋଇଯାଇଥାଏ। କାରଣ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ସେ ଉକ୍ତ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଥାନ୍ତି। ତେଣୁ ପଦକକୁ ନେଇ କେହି ଆମ ଦେଶର ଲୋକଙ୍କ ଭାବାବେଗ ସହିତ ଖେଳିବା ଉଚିତ ନୁହେଁ।

“ଅନ୍ତର୍ଜାତୀୟ ସ୍ତରରେ କୌଣସି ଟୁର୍ନାମେଣ୍ଟରେ ଆମ ଆଥଲେଟ୍ ଯେତେବେଳେ ପଦକ ଜିତନ୍ତି ସେତେବେଳେ ସେ ପଦକ କେବଳ ତାଙ୍କର ହୋଇ ନ ଥାଏ, ତାହା ଦେଶବାସୀଙ୍କର ହୋଇଯାଇଥାଏ। କାରଣ ୧୪୦ କୋଟି ଭାରତୀୟଙ୍କ ପକ୍ଷରୁ ସେ ଉକ୍ତ ଟୁର୍ନାମେଣ୍ଟରେ ପ୍ରତିନିଧିତ୍ୱ କରିଥାନ୍ତି। ପଦକ ତାଲିକାରେ ଦୀପା କିମ୍ବା ଅନ୍ୟ କାହାର ନାମ ଉଲ୍ଲେଖ ନ ଥାଏ। ସ୍ପଷ୍ଟଭାବେ ଦେଶ (ଭାରତ) କେତେ ପଦକ ପାଇଲା ତାହା ପରିଦୃଷ୍ଟ ହୋଇଥାଏ। ଯେତେବେଳେ କେହି ସ୍ୱର୍ଣ୍ଣ ପଦକ ଜିତିଥାଏ ଦେଶର ପତାକା ଉପରକୁ ଉଠିଥାଏ ଏବଂ ଜାତୀୟ ସଙ୍ଗୀତ ବାଜିଥାଏ। ତେଣୁ ପଦକକୁ ନେଇ କେହି ଆମ ଦେଶର ଲୋକଙ୍କ ଭାବାବେଗ ସହିତ ଖେଳିବା ଉଚିତ ନୁହେଁ” ବୋଲି ଦୀପା ପ୍ରକାଶ କରିଛନ୍ତି। ରେସଲିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଡବ୍ଲ୍ୟୁଏଫ୍ଆଇ)ରେ ଦେଖାଦେଇଥିବା ବିବାଦ ପରିପ୍ରେକ୍ଷୀରେ ପଦକ ଫେରାଇଥିବା ଜାତୀୟ ରେସଲରଙ୍କୁ ଭର୍ତ୍ସନା କରିଛନ୍ତି ଦୀପା। ସବୁ କଥାକୁ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ କରାଯିବା ଉଚିତ। ଏଥିପାଇଁ ନୀତି ନିୟମ ଅଛି, କମିଟି ଓ କାଉନ୍‌ସିଲ ଗଠନ କରାଯାଇଛି। ତେଣୁ ରେସଲରମାନେ ପଦକକୁ ଅସମ୍ମାନ କରିବା ପରିବର୍ତ୍ତେ ଅପେକ୍ଷା କରିବାର ଥିଲା। ନିଷ୍ଠାର ସହ ଅନେକ କଠିନ ପରିଶ୍ରମ ପରେ ପଦକ ହାସଲ ହୋଇଥାଏ ବୋଲି ଏହି ଅର୍ଜୁନ ପୁରସ୍କାରପ୍ରାପ୍ତ ପାରାଲିମ୍ପିଆନ ପ୍ରକାଶ କରିଛନ୍ତି।

## ଆଥଲେଟ୍‌ଙ୍କ ସାଧନାକୁ ସ୍ୱୀକୃତି

୨୦୧୯ରେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ ହୋଇଥିବା ଦୀପା ପ୍ରଥମ ଭାରତୀୟ ଭାବେ ପାରାଲିମ୍ପିକ୍ସରେ ପଦକ (୨୦୧୬ ଶଟ୍‌ପୁଟ୍‌ରେ ରୌପ୍ୟ) ହାସଲ କରିବାର ରେକର୍ଡ ବହନ କରୁଛନ୍ତି। ଜଣେ ପାରା ଆଥଲେଟ୍‌ଭାବେ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରରେ ସମ୍ମାନିତ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରିଥିଲେ ଦୀପା। “ପାରା ସ୍ପୋର୍ଟ୍ସପାଇଁ ଏହା ଜରୁରୀ ଥିଲା। ବେଙ୍ଗଲ ପାରାଲିମ୍ପିକ୍ କମିଟି ସଭାପତିଙ୍କୁ ଏଥିପାଇଁ ମୁଁ ନିଶ୍ଚିତ ଧନ୍ୟବାଦ ଦେବାକୁ ଚାହିଁବି। ଏହା ବ୍ୟତୀତ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରୁଥିବାରୁ ସିଏସ୍‌ଜେସିକୁ ମଧ୍ୟ ଅଶେଷ ଧନ୍ୟବାଦ। ଆଥଲେଟ୍‌ଙ୍କ ସାଧନାକୁ ଏହା ଏକ ସ୍ୱୀକୃତି ସଦୃଶ। କେନ୍ଦ୍ର ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ) ଦ୍ୱାରା ଭାରତର ଅନେକ ଆଥଲେଟ ନିଜ ପ୍ରଦର୍ଶନକୁ ଶାଣିତ କରିବାରେ ସକ୍ଷମ ହୋଇପାରୁଛନ୍ତି” ବୋଲି ଦୀପା ପ୍ରକାଶ କରିଛନ୍ତି।

## ଯନ୍ତ୍ରଣା ସତ୍ତ୍ୱେ ହାର ମାନିନି

କାର୍ଯ୍ୟକ୍ରମ ଅବସରରେ ନିଜ ସଂଘର୍ଷ, ସାଧନା ଓ ସିଦ୍ଧିର କାହାଣୀ ବର୍ଣ୍ଣନା କରିଥିଲେ ଦୀପା। ସେ କହିଥିଲେ ଯେ, ମୁଁ ଯେତେବେଳେ ୫ ବର୍ଷର ହୋଇଥିଲି ମେରୁଦଣ୍ଡରେ ଟ୍ୟୁମର ଥିବା ଜଣାପଡ଼ିଥିଲା। ଏଥିପାଇଁ ୩ ବର୍ଷ ଚିକିତ୍ସିତ ହୋଇଥିଲି। ସମ୍ପୂର୍ଣ୍ଣ ସୁସ୍ଥ ପାଇଁ ମୋତେ ଅତ୍ୟଧିକ ଫିଜିଓଥେରାପିର ଆବଶ୍ୟକ ପଡ଼ିଥିଲା। ୨୯ ବର୍ଷର ହୋଇଥିବାବେଳେ ୧୯୯୯ରେ ପୁଣି ସ୍ପାଇନାଲ ଟ୍ୟୁମର ପାଇଁ ଚିକିତ୍ସା କରାଗଲା। ୩ ଥର ଅସ୍ତ୍ରୋପଚାର ପରେ ଟ୍ୟୁମରକୁ ବାହାର କରାଗଲା। ମାତ୍ର ଏହି ଅସ୍ତ୍ରୋପଚାର ଦ୍ୱାରା ମୋତେ ପାରାଲିସିସ୍ ହୋଇଯାଇଥିଲା। ମାତ୍ର ଏଥିରେ ମୁଁ ହାର୍ ନ ମାନି ଫିଟ୍ ରହିବାପାଇଁ କ୍ରୀଡ଼ାକୁ ଆପଣେଇଲି। ସୁଇମିଂ, ବାଇକ୍ ରାଇଡିଂ ଏବଂ ଆଥ୍‌ଲେଟିକ୍ସରେ ସଫଳ ହୋଇଥିଲି। ଯନ୍ତ୍ରଣା ସତ୍ତ୍ୱେ ମୁଁ କେବେ ହାର୍ ମାନି ନ ଥିଲି। ଦୃଢ଼ ମନୋବଳ ପାଇଁ ଶେଷରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଥିଲି।

## ଭାରତର ପଦକ ସଂଖ୍ୟା ବଢ଼ିବ

ଆଗାମୀ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଭାରତୀୟ ଆଥଲେଟ୍‌ମାନେ ଚମକ ସୃଷ୍ଟି କରିବେ ବୋଲି ସେ ପୂର୍ବାନୁମାନ କରିଛନ୍ତି। “ଆପଣ ବର୍ଷ ପରେ ବର୍ଷର ପ୍ରଦର୍ଶନକୁ ଦେଖିଲେ ଜାଣିପାରିବେ ଯେ ଭାରତର ପୋଜିଶନ ଧୀରେ ଧୀରେ ଉପରକୁ ଉଠିବାରେ ଲାଗିଛି। ଆମ ଆଥଲେଟ୍‌ମାନେ କଠିନ ପରିଶ୍ରମ କରୁଛନ୍ତି ଏବଂ ଅଧିକ ଆତ୍ମବିଶ୍ୱାସରେ ରହୁଛନ୍ତି। ଫଳରେ ଅନ୍ତର୍ଜାତୀୟ ସର୍କିଟରେ ସେମାନେ ଉତ୍ତମ ପ୍ରଦର୍ଶନ କରିବାରେ ସକ୍ଷମ ହୋଇପାରୁଛନ୍ତି। କୌଣସି ଗୋଟିଏ କିମ୍ବା ୨ଟି ଇଭେଣ୍ଟରେ ନୁହେଁ ବିଭିନ୍ନ କ୍ରୀଡ଼ାରେ ଭାରତୀୟ ଆଥଲେଟ୍ ଓ ପାରା ଆଥଲେଟ୍‌ମାନେ ପାରଦର୍ଶିତା ଲାଭ କରିବାରେ ଲାଗିଛନ୍ତି। ଏବେ ଆମ ନିକଟରେ ଅତ୍ୟାଧୁନିକ ସରଞ୍ଜାମ ଉପଲବ୍ଧ। ଆମେ ଅଭ୍ୟାସରେ କ୍ରୀଡ଼ା ବିଜ୍ଞାନକୁ ମଧ୍ୟ ସାମିଲ କରିଛୁ। ଆମର ଇକୋ ସିଷ୍ଟମ ଦିନକୁ ଦିନ ଉପରକୁ ଯାଉଛି। ତେଣୁ ଅଧିକରୁ ଅଧିକ ପିଲା ଏବେ କ୍ରୀଡ଼ାକୁ ଆସିବା ଉଚିତ ଏବଂ ଆମେ ସେମାନଙ୍କୁ ସେମାନଙ୍କ ଦକ୍ଷତା ଅନୁସାରେ ବିଭିନ୍ନ କ୍ରୀଡ଼ାରେ ଲଗାଇବା ଆବଶ୍ୟକ। ଏବେ ମଧ୍ୟ ଏପରି କେତେକ ଇଭେଣ୍ଟ ଅଛି, ଯେଉଁଥିରେ ଭାରତ ପ୍ରତିନିଧିତ୍ୱ କରିପାରୁନାହିଁ। ପୂର୍ବ ଅଲିମ୍ପିକ୍ସର ଆଥଲେଟିକ୍ସ ଇଭେଣ୍ଟରେ ନୀରଜ ଚୋପ୍ରା ଓ ପାରାଲିମ୍ପିକ୍ସରେ ସୁମିତ ଆଣ୍ଟିଲଙ୍କ ପରି ଆଥଲେଟ୍ ସ୍ୱର୍ଣ୍ଣ ପଦକ ଜିତି ସାରିଛନ୍ତି। ଆଗାମୀ ଅଲିମ୍ପିକ୍ସରେ ଏହି ସଂଖ୍ୟା ବଢ଼ିବ ବୋଲି ମୋର ଆଶା ଅଛି। ଶୁଟିଂ ହେଉ ପାୱାରଲିଫ୍ଟିଂ କିମ୍ବା ଆଥଲେଟିକ୍ସ ଯୁବ ପ୍ରତିଭାମାନେ ଭଲ ପ୍ରଦର୍ଶନ କରୁଛନ୍ତି। ଚାଇନାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସରେ ଆମେ ଅନେକ ନୂଆ ପ୍ରତିଭା ପାଇଛୁ। ତେଣୁ ଆଗାମୀ ଦିନରେ ଆମେ ପାରାଲିମ୍ପିକ୍ସରୁ ଅଧିକ ଖୁସି ଖବର ଶୁଣିବା ଅପେକ୍ଷାରେ ରହିଛୁ ବୋଲି ଦୀପା କହିଛନ୍ତି।

### ପୁରସ୍କୃତ ଆଥଲେଟ୍

**ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ:** ଦୀପା ମଲିକ ଓ ମନୋଜ କୋଠାରୀ
**ଶ୍ରେଷ୍ଠ କ୍ରୀଡ଼ାବିତ୍:** ସୌରଭ କୋଠାରୀ (କ୍ୟୁ ସ୍ପୋର୍ଟ୍ସ) ଓ ମେହୁଲି ଘୋଷ (ଶୁଟିଂ)
**ସ୍ୱତନ୍ତ୍ର ପୁରସ୍କାର:** ଟାମ୍ପା ଦେବନାଥ (ଜିମ୍ନାଷ୍ଟିକ୍ସ), ନୀତା କୋଠାରୀ (କ୍ୟୁ ସ୍ପୋର୍ଟ୍ସ), ଏସ. ସତ୍ୟନାରାୟଣନ୍ (ପାରା ସ୍ପୋର୍ଟ୍ସ)
ରାଜ୍ୟ ପୁରସ୍କାର
**ଶ୍ରେଷ୍ଠ କ୍ରିକେଟର (ପୁରୁଷ):** ମୁକେଶ କୁମାର
**ଶ୍ରେଷ୍ଠ କ୍ରିକେଟର (ମହିଳା):** ରିଚା ଘୋଷ
**ଶ୍ରେଷ୍ଠ ଫୁଟବଲର:** ଡେଭିଡ ଲାଲଲାନସାଙ୍ଗା
**ଶ୍ରେଷ୍ଠ ଆଥଲେଟ୍:** ସୋନିଆ ବୈଶ୍ୟ
**ଶ୍ରେଷ୍ଠ ଜିମ୍ନାଷ୍ଟ:** ପ୍ରଣତି ଦାସ
**ଶ୍ରେଷ୍ଠ ଭଲିବଲ ଖେଳାଳି:** ସେକ୍ ସରିଫ
**ଶ୍ରେଷ୍ଠ ସୁଇମର (ପାରା):** ରିମୋ ସାହା
**ଶ୍ରେଷ୍ଠ ତୀରନ୍ଦାଜ:** ଜୁୟେଲ ସରକାର
**ଶ୍ରେଷ୍ଠ ଶୁଟର:** ସ୍ୱର୍ଣ୍ଣିଲ ରୟ
**ଶ୍ରେଷ୍ଠ ଚେସ୍ ଖେଳାଳି:** ନିଲେଶ ସାହା
**ଶ୍ରେଷ୍ଠ ଟିଟି ଖେଳାଳି (ପୁରୁଷ):** ଅଙ୍କୁର ଭଟ୍ଟାଚାର୍ଯ୍ୟ
**ଶ୍ରେଷ୍ଠ ଟିଟି ଖେଳାଳି (ମହିଳା):** ପୋୟମନ୍ତି ବୈଶ୍ୟ


ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ପଦ୍ମିନୀ ରାଉତ ରବିବାର ଜୟକିଶନ ମନକାନିଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ସନ୍ଦୀପଙ୍କ ଶତକ: ଓଡ଼ିଶା ଦୃଢ଼

**ରଣଜୀ ଟ୍ରଫି**

ଭୁବନେଶ୍ୱର, ୨୮।୧
(ତପନ ସ୍ୱାଇଁ)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ହିମାଚଳ ପ୍ରଦେଶ ବିପକ୍ଷ ଏଲିଟ ଗ୍ରୁପ୍ ‘ଡି’ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ନିଜର ସ୍ଥିତିକୁ ସୁଦୃଢ଼ କରିଛି। ଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ ଓଡ଼ିଶାକୁ ବିଜୟ ବାସ୍ନା ଦେଇଛି। ସନ୍ଦୀପଙ୍କ ଶତକ ସହ ଅନୁରାଗ ଷଡ଼ଙ୍ଗୀଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସକୁ ୪୨୫/୮ରେ ଘୋଷଣା କରିଛି। ଫଳରେ ହିମାଚଳ ପ୍ରଦେଶ ସମ୍ମୁଖରେ ୩୮୮ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତୃତୀୟ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ହିମାଚଳ ପ୍ରଦେଶ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୩୩ ରନ କରିଛି। ଫଳରେ ଏହି ଦଳ ବିଜୟ ଲକ୍ଷ୍ୟଠାରୁ ଆହୁରି ୩୫୫ ରନ ଦୂରରେ ରହିଛି। ସୋମବାର ମ୍ୟାଚର ଶେଷ ଦିବସ।

## ସନ୍ଦୀପ-ବିପ୍ଳବଙ୍କ ଶତକୀୟ ଭାଗୀଦାରି

ଦ୍ୱିତୀୟ ଦିବସର ଅସମାପ୍ତ ସ୍କୋର ୧୫୭/୩ରୁ ଖେଳ ଆରମ୍ଭ କରିଥିଲା ଓଡ଼ିଶା। ସନ୍ଦୀପ ଓ ବିପ୍ଳବ ସାମନ୍ତରାୟ ସତର୍କତାର ସହ ବ୍ୟାଟିଂ କରିଥିଲେ ଏବଂ ୪ର୍ଥ ଉଇକେଟରେ ୧୪୩ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଦ୍ୱିତୀୟ ଇନିଂସରେ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଅର୍ଦ୍ଧଶତକ ପୂରଣଠାରୁ ୪ ରନ ଦୂରରେ ଥିବାବେଳେ ବିପ୍ଳବ ୪୬ ରନରେ ଆଉଟ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। କ୍ୟାରିୟରର ୪ର୍ଥ ପ୍ରଥମଶ୍ରେଣୀ ଶତକ ହାସଲ କରିଥିବା ସନ୍ଦୀପ ଧୈର୍ଯ୍ୟର ସହ ବ୍ୟାଟିଂ କରି ପ୍ରଥମଥର ପାଇଁ ନିଜ ଇନିଂସକୁ ୧୫୦ ଅତିକ୍ରମ କରାଇଥିଲେ। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ଥିଲା ୧୨୩ ରନ। ଏଠାରେ ସେ ୨୭୬ଟି ବଲ୍‌ର ସମ୍ମୁଖୀନ ହୋଇ ୧୮ ଚୌକା ଓ ୨ ଛକା ସହାୟତାରେ ୧୫୦ ରନ କରିଥିବାବେଳେ ଆକାଶ ବଶିଷ୍ଟଙ୍କ ବଲ୍‌ରେ ରିଶି ଧାୱନଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ମିଡିଲ ଅର୍ଡରରେ ଅନୁରାଗ ଷଡ଼ଙ୍ଗୀ ୭୦ ରନକରି ଅପରାଜିତ ରହିଥିବାବେଳେ ଶେଷଭାଗରେ ହର୍ଷିତ ରାଠୋଡ ୨୫ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୧୧୭ ଓଭର ଖେଳିବାପରେ ଓଡ଼ିଶା ଏହାର ଇନିଂସ ଘୋଷଣା କରିଥିଲା। ହିମାଚଳ ପ୍ରଦେଶ ପକ୍ଷରୁ ରିଶି ଧାୱନ ୩ଟି, ଅର୍ପିତ ଗୁଲେରିଆ ଓ ଆକାଶ ବଶିଷ୍ଟ ୨ଟି ଲେଖାଏ ଏବଂ ବୈଭବ ଆରୋରା ଗୋଟିଏ ଉଇକେଟ ନେଇଥିଲେ। ହିମାଚଳ ବୋଲରମାନେ ଅତିରିକ୍ତଭାବେ ୩୬ ରନ ବ୍ୟୟ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୮। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ: ୧୭୬। ଓଡ଼ିଶା ଦ୍ୱିତୀୟ ଇନିଂସ: ୪୨୫/୮/ଘୋଷଣା (ସନ୍ଦୀପ ପଟ୍ଟନାୟକ-୧୫୦, ଅନୁରାଗ ଷଡ଼ଙ୍ଗୀ-୭୦, ବିପ୍ଳବସାମନ୍ତରାୟ-୪୬, ଗୋବିନ୍ଦ ପୋଦ୍ଦାର-୪୧, ରିଶି ଧାୱନ-୩/୮୨, ଆକାଶ ବଶିଷ୍ଟ-୨/୫୩, ଅର୍ପିତ ଗୁଲେରିଆ-୨/୭୪, ବୈଭବ ଆରୋରା-୧/୯୧)। ହିମାଚଳ ପ୍ରଦେଶ ଦ୍ୱିତୀୟ ଇନିଂସ: ୩୩/୧।


ପ୍ଲେୟର ଅଫ୍ ଦି ମ୍ୟାଚ ସମର ଯୋସେଫ।

# ଅଷ୍ଟ୍ରେଲିଆ ବିପକ୍ଷରେ ୱେଷ୍ଟଇଣ୍ଡିଜର ଚମକପ୍ରଦ ବିଜୟ

ବ୍ରିସ୍‌ବେନ (ଅଷ୍ଟ୍ରେଲିଆ), ୨୮।୧ (ଏପି)

ସ୍ଥାନୀୟ ଗାବାଠାରେ ରବିବାର ଶେଷ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ୱେଷ୍ଟଇଣ୍ଡିଜ ୮ରନରେ ଜିତି ନେଇଛି। ଏଥିସହିତ ଦଳ ୨୭ ବର୍ଷରେ ଅଷ୍ଟ୍ରେଲିଆ ମାଟିରେ ଏହାର ପ୍ରଥମ ବିଜୟ ହାସଲ କରିଛି। ଭ୍ରମଣକାରୀ ଦଳକୁ ଜିତାଇବାରେ ଶମର ଯୋସେଫଙ୍କର ବିଶେଷ ଭୂମିକା ରହିଥିଲା। ସେ ତାଙ୍କ ୧୧.୫ ଓଭର ବୋଲିଂରେ ୬୮ରନ ବିନିମୟରେ ୭ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜର ଏହି ବିଜୟ ଦ୍ୱାରା ଦୁଇ ଦେଶ ମଧ୍ୟରେ ଚାଲିଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୧-୧ରେ ବରାବର ଭାବେ ଶେଷ ହୋଇଛି। ଏହି ଦିବାରାତ୍ର ଟେଷ୍ଟ ମ୍ୟାଚରେ ଅଷ୍ଟ୍ରେଲିଆ ରବିବାର ସକାଳେ ଏହାର ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୬୦/୩ରୁ ଏହାର ଖେଳ ଆରମ୍ଭ କରିଥିଲା। ଦଳ ନିକଟରେ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ଜିତିଥିବା ଉସ୍‌ମାନ ଖ୍ୱାଜା (୧୦ରନ) ଓ ମାର୍ନସ ଲବୁସେନ୍ (୫)ଙ୍କ ଉଇକେଟ ହରାଇ ସାରିଥିଲା। ସେତେବେଳେ କ୍ଲିନ୍ ସୁଇପ ବିଜୟ ପାଇଁ ଦଳ ଆହୁରି ୧୫୬ ରନ ଆବଶ୍ୟକ କରୁଥିଲା। ମାତ୍ର ଶମର ଯୋସେଫ୍‌ଙ୍କ ଚମତ୍କାର ପେସ୍ ବୋଲିଂର ସାମ୍ନା କରି ନ ପାରି ଅଷ୍ଟ୍ରେଲିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ଷ୍ଟିଭେନ ସ୍ମିଥ୍ କେବଳ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତିଷ୍ଠି ରହିଥିଲେ। ସେ ୯୧ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର:** ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୩୧୧। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୮୯। ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସ: ୧୯୩। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୫୦.୫ ଓଭରରେ ୨୦୭/ଅଲଆଉଟ (ଷ୍ଟିଭେନ ସ୍ମିଥ୍-୯୧*, କାମେରନ ଗ୍ରୀନ୍-୪୨, ମିଚେଲ ଷ୍ଟାର୍କ-୨୧ ; ସମର ଯୋଶେଫ-୭/୬୮, ଅଲ୍‌ଜାରି ଯୋଶେଫ୍-୨/୬୨)।

# ପ୍ରଥମ ଟେଷ୍ଟ ହାରିଲା ଭାରତ

- ବ୍ୟାଟିଂ ବିଫଳତା ମହଙ୍ଗା ପଡ଼ିଲା
- ଓଲି ପୋପ୍‌ଙ୍କ ୧୯୬ ରନ ପରେ ପ୍ରଥମ ପଦାର୍ପଣକାରୀ ଟମ୍ ହାର୍ଟଲେଙ୍କ ୭ ଉଇକେଟ ବଳରେ ଇଂଲଣ୍ଡ ବିଜୟୀ

ହାଇଦ୍ରାବାଦ, ୨୮।୧

ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିଫଳତା ଭାରତ ପାଇଁ ମହଙ୍ଗା ପଡ଼ିଲା। ୨୩୧ ରନର ବିଜୟ ଲକ୍ଷ୍ୟକୁ ସ୍ପର୍ଶ କରି ପାରିଲାନି ଟିମ୍ ଇଣ୍ଡିଆ। ପ୍ରଥମ ପଦାର୍ପଣକାରୀ ଇଂଲଣ୍ଡ ବାମହାତୀ ସ୍ପିନର ଟମ୍ ହାର୍ଟଲେ ଚମତ୍କାର ବୋଲିଂ କରି ୭ ଉଇକେଟ ନେବାସହ ଭାରତର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଲେ। ଭାରତ ୬୯.୨ ଓଭରରେ ୨୦୨ ରନକରି ଅଲ୍‌ଆଉଟ ହେଲା। ଫଳରେ ଇଂଲଣ୍ଡ ୨୮ ରନରେ ବିଜୟୀ ହେବାସହ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। ଇଂଲଣ୍ଡ ଦ୍ୱିତୀୟ ଇନିଂସର ବ୍ୟାଟିଂ ମେରୁଦଣ୍ଡ ସାଜି ୧୯୬ ରନ କରିଥିବା ଓଲି ପୋପ୍ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଏଠାରେ ବିଜୟୀ ହେବାଦ୍ୱାରା ଇଂଲଣ୍ଡ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍‌ରେ ୧୨ ପଏଣ୍ଟ ପାଇଛି।

ତୃତୀୟ ଦିବସର ଅସମାପ୍ତ ସ୍କୋର ୩୧୬/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୪୨୦ ରନରେ ଅଲ୍‌ଆଉଟ ହୋଇଥିଲା। ଓଲି ପୋପ୍ ୪ ରନ ପାଇଁ ଦ୍ୱିଶତକ ହାସଲରୁ ବଞ୍ଚିତ ହୋଇ ୧୯୬ ରନରେ ଆଉଟ ହୋଇଥିଲେ। ଯଶପ୍ରୀତ୍ ବୁମ୍‌ରା ତାଙ୍କୁ କ୍ଲିନ୍ ବୋଲ୍ଡ କରି ଦେଇଥିଲେ। ଶେଷ ଭାଗରେ ଟିମ୍ ହାର୍ଟଲେ ୩୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ସର୍ବାଧିକ ୪ଟି, ରବିଚନ୍ଦ୍ରନ ଅଶ୍ୱିନ ୩ଟି, ରବୀନ୍ଦ୍ର ଜାଡେଜା ୨ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ।

ବିଜୟ ଲକ୍ଷ୍ୟ ୨୩୧ ଥିବାରୁ ଭାରତ ପାଇଁ ସୁଯୋଗ ରହିଥିଲା। ଦଳର ଆରମ୍ଭ ମଧ୍ୟ ଭଲ ହୋଇଥିଲା। ରୋହିତ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲ ଆତ୍ମ ବିଶ୍ୱାସର ସହ ବ୍ୟାଟିଂ କରି ଓପନିଂ ଯୋଡ଼ିରେ ୪୨ ରନ ଯୋଗ କରିଥିଲେ। ମାତ୍ର ଟମ୍ ହାର୍ଟଲେଙ୍କୁ ମୁକାବିଲା କରିବାରେ ଭାରତୀୟ ବ୍ୟାଟରମାନେ ଅସମର୍ଥ ହୋଇ ପଡ଼ିଥିଲେ। ସେ ଉଭୟ ଓପନରଙ୍କୁ ସମେତ ଶୁବମନ ଗିଲ୍, ଅକ୍ଷର ପଟେଲ, ଶ୍ରୀକର ଭରତ, ରବିଚନ୍ଦ୍ରନ ଅଶ୍ୱିନ ଓ ମହମ୍ମଦ ସିରାଜଙ୍କୁ ପ୍ୟାଭିଲିୟନ ପଥ ଦେଖାଇବା ସହ ଇଂଲଣ୍ଡ ବିଜୟ ନିଶ୍ଚିତ କରିଥିଲେ। କୌଣସି ଭାରତୀୟ ବ୍ୟାଟର ସ୍ୱାଭାବିକ ବ୍ୟାଟିଂ କରିପାରି ନ ଥିଲେ। ଅକ୍ଷର ପଟେଲଙ୍କୁ ୫ ନମ୍ବରରେ ପଠାଇବା ରଣନୀତି ମଧ୍ୟ ଫେଲ୍ ମାରିଥିଲା। ରୋହିତ ଦଳ ପକ୍ଷରୁ ସର୍ବାଧିକ ୩୯ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତ ଓ ଅଶ୍ୱିନ ୨୮ ରନ ଲେଖାଏ କରିଥିଲେ। ଟମ୍ ହାର୍ଟଲେଙ୍କ ମ୍ୟାଜିକ୍ ସ୍ପେଲ୍ ୨୬.୨-୫-୬୨-୭ ରହିଥିଲା। ଜୋ ରୁଟ୍ ଓ ଜ୍ୟାକ ଲିଚ୍ ଗୋଟିଏ ଲେଖାଏ ଉଇକେଟ ନେଇଥିବାବେଳେ ରବୀନ୍ଦ୍ର ଜାଡେଜା ରନ୍‌ଆଉଟ ହୋଇ ଯାଇଥିଲେ।


ଉଇକେଟ ନେବାପରେ ଉଲ୍ଲସିତ ଟମ୍ ହାର୍ଟଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬। ଭାରତ ପ୍ରଥମ ଇନିଂସ: ୪୩୬। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୪୨୦/ଅଲ୍‌ଆଉଟ (ଓଲି ପୋପ୍-୧୯୬, ବେନ୍ ଡକେଟ-୪୭, ଯଶପ୍ରୀତ୍ ବୁମ୍‌ରା-୪/୪୧, ରବିଚନ୍ଦ୍ରନ ଅଶ୍ୱିନ-୩/୧୨୬, ରବୀନ୍ଦ୍ର ଜାଡେଜା-୨/୧୩୧, ଅକ୍ଷର ପଟେଲ-୧/୭୪)। ଭାରତ ଦ୍ୱିତୀୟ ଇନିଂସ: ୨୦୨/ଅଲ୍‌ଆଉଟ (ରୋହିତ ଶର୍ମା-୩୯, ଶ୍ରୀକର ଭରତ-୨୮, ରବିଚନ୍ଦ୍ରନ ଅଶ୍ୱିନ-୨୮, ଟମ୍ ହାର୍ଟଲେ-୭/୬୨, ଜୋ ରୁଟ୍-୧/୪୧, ଜ୍ୟାକ୍ ଲିଚ୍-୧/୩୩)।

# ରାଜ୍ୟ ସିନିୟର କବାଡ଼ି ୨ରୁ



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା। (ଫଟୋ: ରାଜକିଶୋର ମହାନ୍ତି)

**ପୁରୁଷ ଓ ମହିଳା ବର୍ଗରେ ଯୋଗଦେବେ ୮୦୦ ଖେଳାଳି**

କଟକ,୨୮।୧(କାର୍ତ୍ତିକ ସାହୁ)

ଓଡ଼ିଶା କବାଡ଼ି ଆସୋସିଏଶନ ପକ୍ଷରୁ ୭୧ତମ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ (ପୁରୁଷ ଓ ମହିଳା) ଆଗାମୀ ଫେବୃଆରୀ ୨ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ, କଟକ ଜିଲା ଆଥ୍‌ଲେଟିକ ଆସୋସିଏଶନ ଓ ବାରବାଟୀ କବାଡ଼ି କ୍ଲବ ସହଯୋଗରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲା ଓ ବିଭିନ୍ନ ଅଫିସିଆଲ କ୍ରୀଡ଼ା ସଂଘ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ୮୦୦ ଖେଳାଳି ଯୋଗଦେବେ। ଏଥିରେ ଓଡ଼ିଶା ପୋଲିସ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ହାଇଟେକ୍ ଗ୍ରୁପ୍ ଶିକ୍ଷାନୁଷ୍ଠାନ, କିଟ୍ ବିଶ୍ୱବିଦ୍ୟାଳୟ ଓ ପୂର୍ବତଟ ରେଳବାଇର ଖେଳାଳିମାନଙ୍କ ସମେତ ୧୨୦ ପ୍ରଶିକ୍ଷକ, ୮୦ ଅଫିସିଆଲ ଓ ବୈଷୟିକ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟ କବାଡି ଖେଳାଳି ଓ ବିଭିନ୍ନ ଜିଲାର ଦକ୍ଷ ପ୍ରଶିକ୍ଷକମାନେ ମଧ୍ୟ ଯୋଗଦେବେ। ରାଜ୍ୟ କବାଡି ଖେଳରେ ଉତ୍ତମ ପ୍ରଶିକ୍ଷଣ ଦେଇ ଅନେକ ପ୍ରତିଭାବାନ ଖେଳାଳି ସୃଷ୍ଟି କରିଥିବା ପ୍ରେମାନନ୍ଦ ଶତପଥୀଙ୍କୁ ଓଡ଼ିଶା କବାଡି ରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ସେହିପରି ଜିଲା ଓ କ୍ରୀଡ଼ା ସଂଘ ଦଳ ପକ୍ଷରୁ ଉଭୟ ପୁରୁଷ ଓ ମହିଳାବର୍ଗରେ ଜଣେ ଲେଖାଏ ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ଓଡ଼ିଶା କବାଡି ପ୍ରତିଭା ସମ୍ମାନ ପ୍ରଦାନ କରାଯିବ ବୋଲି ଓଡ଼ିଶା କବାଡି ଆସୋସିଏଶନ୍‌ର ସଭାପତି ଡ. ଶରତ କୁମାର ସାହୁ ଓସିଏ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ବେହେରା କହିଥିଲେ, ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ଖେଳାଳି ଚୟନ ପାଇଁ ଏକ ବିଚାରକ ମଣ୍ଡଳୀ ଗଠନ କରାଯାଇଛି। ଏହି ପ୍ରତିଯୋଗିତାରୁ ସିନିୟର ପୁରୁଷ ଓ ସିନିୟର ମହିଳାବର୍ଗରୁ ଦକ୍ଷ ଖେଳାଳିମାନଙ୍କୁ ଚୟନ କରାଯିବ। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍‌ର ସମ୍ପାଦକ ଅଭିଜିତ ପାଲ, ଓଡ଼ିଶା କବାଡି ଆସୋସିଏଶନ୍‌ର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କାଉନ୍‌ସିଲ ସଦସ୍ୟ ଜ୍ଞାନରଞ୍ଜନ ବେହେରା, ମନୋନୟନ କମିଟି ଅଧ୍ୟକ୍ଷ ଶୁଭ୍ରାଂଶୁ ବେହେରା, ବାରବାଟୀ କବାଡି କ୍ଲବ ସଭାପତି ସରୋଜ କୁମାର ମଲ୍ଲିକ, ସମ୍ପାଦକ ରାମଚନ୍ଦ୍ର ବେହେରାଙ୍କ ସମେତ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ହେତଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




କଳିଙ୍ଗ ସୁପର୍ କପ୍ ଫୁଟ୍‌ବଲ ଚାମ୍ପିୟନ୍ ଇଷ୍ଟ ବେଙ୍ଗଲ ଦଳ। (ଫଟୋ: ବିକାଶ ନାୟକ)

# ଭୁବନେଶ୍ୱରରେ ଭାରତୀୟ ମହିଳା ହକି ଦଳ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ)**

ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍ ୨୦୨୩-୨୪ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛି। ପ୍ରୋ ଲିଗ୍‌ର ମହିଳା ବର୍ଗ ମ୍ୟାଚ ଫେବୃୟାରୀ ୩ରୁ ୯ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏବଂ ୧୨ରୁ ୧୮ ପର୍ଯ୍ୟନ୍ତ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଭାରତ ସମେତ ଚାଇନା, ଆମେରିକା, ନେଦରଲାଣ୍ଡ ଓ ଅଷ୍ଟ୍ରେଲିଆ ଏହି ଦୁଇ ଭେନ୍ୟୁରେ ମ୍ୟାଚ ଖେଳିବେ। ୩ ତାରିଖରେ ଏସିଆନ ଗେମ୍ସ ଚାମ୍ପିୟନ ଚାଇନା ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୪ରେ ନେଦରଲାଣ୍ଡ, ୭ରେ ଅଷ୍ଟ୍ରେଲିଆ ଏବଂ ୯ରେ ଆମେରିକାକୁ ଭେଟିବ। ପ୍ରତିଯୋଗିତା ପାଇଁ ସବିତା ପୁନିଆ ଅଧିନାୟିକା ପଦ ବଜାୟ ରଖିଥିବାବେଳେ ବନ୍ଦନା କାଟରିୟାଙ୍କୁ ଉପ-ଅଧିନାୟିକା କରାଯାଇଛି। ଭାରତୀୟ ମହିଳା ହକି ଦଳ ଦ୍ୱିତୀୟ ଥରପାଇଁ ପ୍ରୋ-ଲିଗ୍‌ରେ ଅଂଶଗ୍ରହଣ କରୁଛି। ୨୦୨୧-୨୨ ସିଜନରେ ପ୍ରଥମଥର ପାଇଁ ଭାଗନେଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଗତବର୍ଷ ଏଫ୍‌ଆଇଏଚ୍ ହକି ମହିଳା ନେସନ୍ସ କପ୍ ଫାଇନାଲରେ ସ୍ପେନ୍‌କୁ ଏହାର ଘରୋଇ ପରିବେଶରେ ୧-୦ ଗୋଲରେ ହରାଇ ଭାରତ ପ୍ରୋ-ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।


## ଜନ୍ମଦିନ ଶୁଭେଚ୍ଛା



ହେତଲ ଦେବତା (ରୋଲି)
ମିନା ବଜାର, ଢେଙ୍କାନାଳ
୧୩ବର୍ଷର ଜନ୍ମବାର୍ଷିକୀ ଅବସରରେ ମହାପ୍ରଭୁଙ୍କ ନିକଟରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ପ୍ରାର୍ଥନା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଳାପଥ କୁସୁମିତ କରନ୍ତୁ।
ଆଶୀର୍ବାଦ ସହ: ଅଜା, ଆଈ, ମାମୁ ଓ ଦେବତା ପରିବାର, ବାବା, ମା, ବାପା, ମମି
ଧ-୨୩୭୭

**CLASSIFIED DISPLAY**

MORE SPACE • SAME PRICE

TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**TO-LET FOR OFFICE**
(1000 sqft to 4000 sqft)
Wide parking area, Lift facility & Security facility
At Jharapada Ganesh Mandap Chhack, Bhubaneswar
7978450312
8908183997

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ବିଶ୍ୱ ରେକର୍ଡ ଭାଙ୍ଗିଲେ ଦିବ୍ୟାଂଶ

**କାଇରୋ, ୨୮।୧ (ପି.ଟି.):** ଭାରତୀୟ ଅଲିମ୍ପିଆନ ଦିବ୍ୟାଂଶ ସିଂ ପନୱର ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍‌ରେ ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ଆଣି ଦେଇଥିବା ବେଳେ ପୁରୁଷ ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟ ଫାଇନାଲ୍‌ରେ ଏକ ନୂଆ ବିଶ୍ୱରେକର୍ଡ କରିଛନ୍ତି। ଇଜିପ୍ଟ ଇଣ୍ଟରନ୍ୟାଶନାଲରେ ଅଲିମ୍ପିକ ସିଟି ଶୁଟିଂ ରେଞ୍ଜଠାରେ ଏହି ୨୧ ବର୍ଷୀୟ ୨୫୩.୭ ଶଟ୍ କରି ଗତବର୍ଷ ହାଙ୍ଗଝୋ ଏସିଆନ ଗେମ୍ସରେ ଚାଇନାର ଶେଙ୍ଗ ଲିହାଓ ୨୫୩.୩ ଶଟ୍ ସହ ବିଶ୍ୱରେକର୍ଡ କରିଥିଲେ। ୨୪ ଶଟ୍ ବିଶିଷ୍ଟ ଫାଇନାଲ ପୂର୍ବରୁ ଦିବ୍ୟାଂଶ କ୍ୱାଲିଫାଇଂରେ ଏକ ବିଶ୍ୱଶ୍ରେଣୀ ସ୍କୋର ୬୩୨.୪ ସହ ପ୍ରଥମ ସ୍ଥାନରେ ରହିଥିଲେ। ଇଟାଲୀର ଡାନି ସୋଲାଜୋ ୧.୯ ପଏଣ୍ଟ ପଛରେ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଏବଂ ସର୍ବିୟାର ଲେଜର କୋଭାସେଭିଚ୍ ବ୍ରୋଞ୍ଜ ଜିତିଥିଲେ। ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ଭାରତୀୟ ଶୁଟର ଅର୍ଜୁନ ବବୁତା ୬ଷ୍ଠ ସ୍ଥାନରେ ରହିଥିଲେ। ଦିବ୍ୟାଂଶଙ୍କର ଏହା ହେଉଛି ତାଙ୍କର ଓଭରାଲ ୫ମ ବିଶ୍ୱକପ୍ ଷ୍ଟେଜ ସ୍ୱର୍ଣ୍ଣ ଏବଂ ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ।

# କଳିଙ୍ଗ ସୁପର୍ କପ୍: ଇଷ୍ଟ ବେଙ୍ଗଲ ଚାମ୍ପିୟନ୍

**ଭୁବନେଶ୍ୱର, ୨୮।୧, (ସରୋଜ ଜେନା)**

କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ। ନିର୍ଦ୍ଧାରିତ ସମୟରେ ମ୍ୟାଚ ୨-୨ରେ ରହିବା ଫଳରେ ଅତିରିକ୍ତ ସମୟରେ କ୍ଲେଟନ୍ ସିଲ୍‌ଭାଙ୍କ ଗୋଲ ବଳରେ ଡିଫେଣ୍ଡିଂ ଚାମ୍ପିୟନ୍ ଓଡ଼ିଶା ଏଫ୍‌ସି (ଓଏଫ୍‌ସି)କୁ ୩-୨ଗୋଲରେ ପରାସ୍ତ କରିବାସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଇଷ୍ଟବେଙ୍ଗଲ। ଇଷ୍ଟବେଙ୍ଗଲ ପକ୍ଷରୁ ନନ୍ଦ କୁମାର ଶେକର (୫୨ ମିନିଟ) ଓ କ୍ଲେଟନ୍ ସିଲ୍‌ଭା (୭୦ ଓ ୧୧୧ ମିନିଟ)ରେ ୨ଟି ଗୋଲ ଦେଇଥିବାବେଳେ ଓଏଫ୍‌ସି ପକ୍ଷରୁ ୩୭ତମ ମିନିଟରେ ଡିଏଗୋ ମରିସିଓ ଓ ଅହମଦ ଜାହୋହ (୯୦+୬ ମିନିଟରେ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫାଇନାଲ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅତିଥି ଭାବରେଯୋଗ ଦେଇଥିଲେ। ଉଭୟ ଦଳର ଖେଳାଳିଙ୍କୁ ଭେଟିବାସହ ପରିଚୟ ହୋଇଥିଲେ ମୁଖ୍ୟମନ୍ତ୍ରୀ। ସୁପର କପ୍ ଭଳି ଟୁର୍ନାମେଣ୍ଟ ଆୟୋଜନ କରିଥିବାରୁ ଓଡ଼ିଶା ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଟୁର୍ନାମେଣ୍ଟ ସହ ଜଡିତ ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ନବୀନ ଓଡ଼ିଶା ଓ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ଏଆଇଏଫ୍‌ଏଫ୍ କୋଷାଧକ୍ଷ କିପା ଅଜୟ, କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ଏମ. ସତ୍ୟନାରାୟଣ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଟନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗ ଦେଇଥିଲେ।





ମ୍ୟାଚ୍ ଆରମ୍ଭ ପୂର୍ବରୁ ଏଆଇଏଫ୍‌ଏଫ୍ କର୍ମକର୍ତ୍ତାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉଦ୍‌ଯାପନୀ ଉତ୍ସବରେ ନବୀନ ଓଡ଼ିଶା ଓ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଇଷ୍ଟ ବେଙ୍ଗଲ ଅଧିନାୟକଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଉଭୟ ଦଳ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ସହ ଓହ୍ଲାଇଥିଲେ। ପ୍ରଥମ ୨୦ ମିନିଟର ଖେଳ ସାଧାରଣତଃ ମିଡଫିଲ୍ଡରେ ରହିଥିଲା। ଇଷ୍ଟବେଙ୍ଗଲ ଖେଳାଳିଙ୍କୁ ଫାଉଲ୍ ମାରିବା କାରଣରୁ ୩୦ ମିନିଟରେ ରୟ କ୍ରିଷ୍ଣାଙ୍କୁ ୟେଲୋ କାର୍ଡ ମିଳିଥିଲା। ୩୪ ମିନିଟରେ ଇଷ୍ଟବେଙ୍ଗଲ ଫରୱାର୍ଡଙ୍କ ଫାଉଲ୍ କାରଣରୁ ଓଏଫ୍‌ସିକୁ ଫ୍ରିକିକ୍ ମିଳିଥିଲେ ମଧ୍ୟ ଏହାର ଫାଇଦା ଉଠାଇ ପାରି ନ ଥିଲେ। ୩୭ତମ ମିନିଟରେ ଓଏଫ୍‌ସି ପକ୍ଷରୁ ପ୍ରଥମ ଗୋଲ କରିଥିଲେ ଡିଏଗୋ ମରିସିଓ। ଅହମଦ୍ ଜାହୋହଙ୍କୁ ମିଳିଥିବା ଫ୍ରିକିକ୍‌କୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧରେ ଓଏଫ୍‌ସି ୧-୦ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ପରେ ଇଷ୍ଟବେଙ୍ଗଲ ଘନ ଘନ ଆକ୍ରମଣ କରିଥିଲା। ପୂର୍ବତନ ଓଏଫ୍‌ସି ଫରୱାର୍ଡ ଖେଳାଳି ନନ୍ଦ କୁମାର ଶେକର ୫୨ ତମ ମିନିଟରେ ଗୋଲ ଦେଇ ମ୍ୟାଚକୁ ସମାନ ସ୍ଥିତିକୁ ଆଣିଥିଲେ। ଓଏଫ୍‌ସି ଡିଫେଣ୍ଡରଙ୍କ ତ୍ରୁଟିର ଫାଇଦା ଉଠାଇ ଶେକର ସ୍କୋର କରିଥିଲେ। ୬୦ତମ ମିନିଟରେ ଓଏଫ୍‌ସି ଡିଫେଣ୍ଡର ମୋର୍ତାଡା ଫଲ୍ ଏକ ଫାଉଲ୍ ମାରିଥିଲେ। ଏଥିରୁ ମିଳିଥିବା ସ୍ପଟ୍ କିକ୍‌କୁ ଗୋଲରେ ପରିଣତ କରିବା ସହ କ୍ଲେଟନ୍ ସିଲ୍‌ଭା ଇଷ୍ଟବେଙ୍ଗଲକୁ ୨-୧ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ଅନ୍ତିମ ୨୦ ମିନିଟ୍ ଇଷ୍ଟବେଙ୍ଗଲ ପକ୍ଷରୁ ଖେଳକୁ ବିଳମ୍ବିତ କରାଯିବାକୁ ପ୍ରୟାସ କରାଯାଉଥିଲା। ତେବେ ୯୦+୬ ମିନିଟରେ ଗୋଲକିପର ପ୍ରଭସୁଖରନ୍‌ଗିଲ୍ ଫାଉଲ ମାରିବା କାରଣରୁ ଓଏଫ୍‌ସିକୁ ଏକ ସ୍ପଟ୍‌କିକ୍ ମିଳିଥିଲା। ଅହମଦ ଜାହୋହ ଫ୍ରିକିକ୍‌ରୁ ସ୍କୋର କରିବାସହ ମ୍ୟାଚ୍ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟର ପ୍ରଥମ ୧୫ ମିନିଟରେ ଓଏଫ୍‌ସି ପକ୍ଷରୁ ରକ୍ଷଣାତ୍ମକ ପ୍ରଦର୍ଶନ କରାଯାଇଥିଲା। ୧୦୦ ତମ ମିନିଟରେ ଇଷ୍ଟବେଙ୍ଗଲର ସୌଭିକ ଚକ୍ରବର୍ତ୍ତୀଙ୍କୁ ରେଡ୍‌କାର୍ଡ ମିଳିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟ ୧୫ ମିନିଟରେ କ୍ଲେଟନ୍ ସିଲ୍‌ଭା (୧୧୧ ମିନିଟରେ) ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ।

## ସୁରକ୍ଷା ବଳୟ ଭାଙ୍ଗିଲେ ଯୁବକ

ମ୍ୟାଚର ଅତିରିକ୍ତ ସମୟରେ ଖେଳାଳିଙ୍କ ସୁରକ୍ଷାରେ ଏକ ବଡ ତ୍ରୁଟି ସାମ୍ନାକୁ ଆସିଥିଲା। ଜଣେ ଯୁବକ ସୁରକ୍ଷାବଳୟ ଭାଙ୍ଗି ପଡିଆମଧ୍ୟକୁ ପଶି ଯାଇଥିଲେ। ମ୍ୟାଚ୍‌ର ୧୦୦ତମ ମିନିଟରେ ଏହିଘଟଣା ଘଟିଥିଲା। ଜଣେ ଯୁବକ ପଡିଆମଧ୍ୟକୁ ପଶି ଓଡ଼ିଶା ଗୋଲକିପର ଲାଲଥୁମାଇ ୱାରାଲ୍‌ଟେ ଓ ଅହମଦ ଜାହୋହଙ୍କ ସହିତ ସେଲ୍‌ଫି ନେବାକୁ ଉଦ୍ୟମ କରିଥିଲେ। ସୁରକ୍ଷାକର୍ମୀମାନେ କିନ୍ତୁ ଯୁବକଙ୍କୁ କାବୁକରି ବାହାରକୁ ନେଇଯାଇଥିଲେ।



## ଦର୍ଶକ ଉତ୍ତେଜନା

ରବିବାର ଖେଳାଯାଇଥିବା ଫାଇନାଲରେ ଷ୍ଟାଡିୟମରେ ବହୁ ଦର୍ଶକ ଉପସ୍ଥିତି ଥିଲେ। ଭୁବନେଶ୍ୱରରେ ମ୍ୟାଚ୍ ଖେଳାଯାଉଥିଲେ ମଧ୍ୟ ଇଷ୍ଟବେଙ୍ଗଲ ଦଳ ପ୍ରତି ମଧ୍ୟ ଦର୍ଶକଙ୍କ ପ୍ରବଳ ସମର୍ଥନ ଦେଖିବାକୁ ମିଳିଥିଲା। ଇଷ୍ଟ ଓ ୱେଷ୍ଟଷ୍ଟାଣ୍ଡରେ ଓଏଫ୍‌ସିର ଅଧିକ ସମର୍ଥକ ରହିଥିବାବେଳେ ସାଉଥ୍ ଷ୍ଟାଣ୍ଡରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ବସିଥିଲେ। ସମ୍ପୂର୍ଣ୍ଣ ନର୍ଥ ଷ୍ଟାଣ୍ଡଟିରେ କେବଳ ଇଷ୍ଟବେଙ୍ଗଲ ସମର୍ଥକଙ୍କର ଥିଲା। ଏହା ଇଷ୍ଟବେଙ୍ଗଲ ଜର୍ସିରଙ୍ଗ ଭଳି ଲାଲ ଓ ହଳଦିଆ ଜର୍ସିରେ ଛାଇ ଯାଇଥିଲା।

## ରାଜ୍ୟ ସ୍କୁଲ୍ସ ଓପନ ଚେସ୍: ଭ୍ରିତି ଚାମ୍ପିୟନ

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ):** ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ୩ୟ ଗୋଲାପ ଦେଇ ସ୍ମାରକୀ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଲୋୟୋଲା ସ୍କୁଲର ଭ୍ରିତି ବେହେରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉଦୟ ପରିଡ଼ା, ବୈଭବ ବେହେରା, ଦିବ୍ୟାଂଶ ମହନ୍ତ, ଆୟାଂଶ ଜୋଶୀ, ଆୟୁଷ୍ମାନ ବେହେରା, ସିଦ୍ଧାର୍ଥ ମଲିକ, ସୂର୍ଯ୍ୟେନ୍ଦୁ ପ୍ରକାଶ ସାହୁ, ହୃଦୟ ଶ୍ରୀନିବାସ ଓ ରୁଦ୍ରାଂଶ ପାତ୍ର ଟପ୍-୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ସ୍ୱତନ୍ତ୍ର କୋଷାଗାରର ଅଧିକାରୀ ଜ୍ୟୋତିର୍ମୟ ନାୟକ, ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଷ ପାଣିଗ୍ରାହୀ ଓ ଗୋଲାପ ଦେଇଙ୍କ ପୁତ୍ର ବିଶ୍ୱନାଥ ବେହେରା ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ।

## ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ: ଶୁଭ୍ରଜିତ୍‌ଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୮।୧ (ତପନ ସ୍ୱାଇଁ):** ଓଡ଼ିଶାର ଶୁଭ୍ରଜିତ ମହାରଣା କାଏରୋରେ ଅନୁଷ୍ଠିତ ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସରେ ସେ ଓ ଜଗଦୀଶ ଦିଲି ଯୋଡ଼ି ଫାଇନାଲରେ ନିଜ ଦେଶର ବିଟ୍ଟୁ କୁମାର ଓ ପ୍ରଣୟ ସେଠ୍‌ଙ୍କୁ ୨୧-୧୪, ୨୧-୧୩ ରେ ପରାସ୍ତ କରିଛନ୍ତି। ପୂର୍ବରୁ ଶୁଭ୍ରଜିତ-ଜଗଦୀଶ ଯୋଡ଼ି ସେମିଫାଇନାଲରେ ନାଇଜେରିଆର ଚୁକ୍‌ଉବୁକା ସନ୍‌ଡେ ଇଜା ଓ ଚିଗୋଜି ଜେରେମିଆ ନାମ୍ନାଙ୍କୁ ୨୧-୧୦,୨୧-୧୮ରେ ହରାଇ ଦେଇଥିଲେ। ରବିବାର ଶେଷ ହୋଇଥିବା ପ୍ରତିଯୋଗିତାରେ ଓଡ଼ିଶାରୁ ଏକମାତ୍ର ପାରା ବ୍ୟାଡମିଣ୍ଟନ ଖେଳାଳିଭାବେ ସେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ।


# Classified Everyday
0674-2580101, 2549949



REAL ESTATE

**SALE**

Book 4BHK flat at Saubhagya Nagar, OUAT Square, Near Khimji & Narula sweets. SBA 2050sqft., Handover Aug-24. Contact: 9439716901. D-75514

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350.** D-2340

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277.** D-2362



FOR RENT

House rent for only working ladies near Firestation Chhaka, Bhubaneswar per bed 3000/-. 6372629986. D-71066

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Healthcare

Newly open health benefits SPA special offer @ 999 Bapujinagar. 8018429809. D-75195

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly health benefited Spa Expert Therapist at Mastercanteen. Contact: 7749034655. D-75193

**Relax, Refresh your body, Mind at Saikrupa Spa with best therapies. 8984068077.** D-2369

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**AFFIDAVIT**

By virtue of an affidavit in the Court of Executive Magistrate, Komna we Namely Kishorchandra Adbang, Subhadra Adbang, Parameswar Adbang, Hemantika Adbang are S/o. Late Bhagirathi Adbang @ Harijan, Village-Ghostar, P.S.- Komna, Dist.- Nuapada declared that our father namely Bhagirathi Adbang, S/o. Kumuda Adbang had died on 21.10.2020. That in the Death Certificate vide registration No.- D-2020-21-01196-000748, Dt.10.11.2020 his name recorded as Bhagirathi Harijan, S/o- Kumuda Harijan. That the name of our father Bhagirathi Harijan, S/o- Kumuda Harijan and Bhagirathi Adbang, S/o- Kumuda Adbang belongs to one and the same person. D-2376

I Sri Akshyaya Kumar Pradhan, S/o- Late Durga Charan Pradhan, At- Kathakhunta, P.O.- Kokalaba, Via- Narasinghpur, Dist.- Cuttack, PIN- 754032 I was Service in defence & Retired. My wife's name is Nibedita Pradhan & her Date of Birth is 24.06.1972. But my service document is mentioned only Nivedita and Date of Birth 18.11.1974. So her correct name is Nibedita Pradhan and Date of Birth is 24.06.1972 in my Aadhaar & Certificate. D- 2375

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ପୋଥାଳ
(ଶ୍ୟାମଦାଶପୁର, କୁଜାହାଲା, ଯାଜପୁର)
ତିରୋଧାନ: ୨୯।୦୧।୨୦୧୬
ଆପଣଙ୍କ ପବିତ୍ର ଏବଂ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆପଣଙ୍କର ପୂଜିତ ପ୍ରଭୁ ଗୋବିନ୍ଦ ଏବଂ ଗିରିଧାରୀଙ୍କ ପାଖରେ ଆମ୍ଭେମାନେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ଝିଅ: ଚଗଲି (ଲିଲି), ଜ୍ୱାଇଁ: ହୃଷୀକେଶ, ନାତି: ସୁନ୍ଟୁ, ନାତୁଣୀ: ଲିସି।
ଧ-୨୩୭୮

# ମୁଣ୍ଡବ୍ୟଥାର ସହଜ ଉପଚାର



ଆଜିକାଲି ମୁଣ୍ଡବ୍ୟଥା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏଭଳି କେତୋଟି ଉପାୟ ରହିଛି, ଯେଉଁଗୁଡ଼ିକୁ ଆପଣେଇପାରିଲେ ଆପଣ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ। ଉପଯୁକ୍ତ ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଏହାଦ୍ୱାରା ମୁଣ୍ଡବିନ୍ଧା ଆଶଙ୍କା କମ୍ ରହିଥାଏ। ମ୍ୟାଗ୍ନେସିୟମ୍‌ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମୁଣ୍ଡବ୍ୟଥା କମିଥାଏ। ଏହି ସମୟରେ ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳିତ ରଖିବା ସହ ସ୍ନାୟୁ କୋଷଗୁଡ଼ିକୁ ଶକ୍ତ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୁଅନ୍ତୁ। ସୁନିଦ୍ରା ମୁଣ୍ଡବିନ୍ଧା ସମସ୍ୟାଠାରୁ ଦୂରେଇ ରଖିବାରେ କେତେକାଂଶ ସାହାଯ୍ୟ କରେ। ଏଥିରୁ ଉପଶମ ପାଇବା ଲାଗି ନିଜର ଦୈନନ୍ଦିନ ଜୀବନ ତାଲିକାରେ ଯୋଗ ଏବଂ ପ୍ରାଣାୟାମ ସାମିଲ କରନ୍ତୁ। ଏଥିପାଇଁ ହର୍ବାଲ୍ ଉପଚାର କରିପାରନ୍ତି। ମୁଣ୍ଡ ବିନ୍ଧୁଥିଲେ ଅଦାମିଶ୍ରିତ ଚା' ପିଅନ୍ତୁ, ଏହାଦ୍ୱାରା ଏଥିରୁ ଉପଶମ ମିଳିଥାଏ। ଆଉ ଏକ କଥା-ନିଜକୁ ଟେନସନଠାରୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଉପରୋକ୍ତ ଉପାୟ ଦ୍ୱାରା ମୁଣ୍ଡବିନ୍ଧାରୁ ସାମୟିକ ଉପଚାର ମିଳିଥାଏ। ହେଲେ ଏଭଳି ସମସ୍ୟା ଲାଗି ରହିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।

# ଅସ୍ଥିକୁ ଦୃଢ଼ କରେ ଗାଜର



ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ ହେଉଛି ଗାଜର। ଏହାକୁ ଖାଇଲେ ତାହା ଆମ ପାଇଁ ଅନେକ କ୍ଷେତ୍ରରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ବିଶେଷଭାବରେ ଅସ୍ଥିଜନିତ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲକାରେ ସାମିଲ କରପାରନ୍ତି। କାରଣ ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ମଜଭୁତ କରିବାରେ ସାହାଯ୍ୟ କରେ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ ଗାଜର ଖାଇବାକୁ ଦେବା ଫଳରେ ସେମାନଙ୍କର ଅସ୍ଥି ପୂର୍ବାପେକ୍ଷା ମଜଭୁତ ହେଉଥିବାର ଜାଣିପାରିଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏହା ବ୍ୟତୀତ ଗାଜରରେ ଆହୁରି ଅନେକ ଉପକାରୀ ଗୁଣ ଭରିରହିଛି। ପ୍ରତିଦିନ ଏହାକୁ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରାଇଥାଏ। ଜଣେ ଡାଇବେଟିସ୍ ରୋଗୀ ଗାଜର ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ। ରକ୍ତଚାପକୁ କେତେକାଂଶରେ ନିୟନ୍ତ୍ରଣରେ ରଖେ। ରୋଗ ପ୍ରତିରୋଧକ ଶକ୍ତିକୁ ଶକ୍ତ କରିଥାଏ ଗାଜର। ଏଥିରେ ଫାଇବର ପ୍ରଚୁର ପରିମାଣରେ ରହିଛି। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

# ଡାଇନୋସରର ପୃଥିବୀ



ନିକୁଞ୍ଜ ବିହାରୀ ସାହୁ

ନିଯୁତ ନିଯୁତ ବର୍ଷ ତଳର କଥା; ଜନମାନବ ଶୂନ୍ୟ ଆଦିମ ପୃଥିବୀଟା ଥିଲା ନୀରବ ଓ ନିସ୍ପନ୍ଦ। ଆଗ୍ନେୟଗିରିଗୁଡ଼ିକ ଅଗ୍ନି ଉଦ୍‌ଗିରଣ କରି ଦିଗ୍‌ବଳୟକୁ ଧୂମାୟିତ କରୁଥିଲେ । ଉଲ୍‌କାମାନେ ଆକାଶରେ ଦୂରନ୍ତ ଛୁଟି ଯାଉଥିଲେ ଓ ବିଶାଳ ଭୂଖଣ୍ଡଗୁଡିକର ସଂଘର୍ଷ ଘଟି ଦେଶ ମହାଦେଶମାନ ସୃଷ୍ଟି ହେଉଥିଲା। ସେତେବେଳେ ଆମ ପୃଥିବୀ ଶିଶୁ ଅବସ୍ଥାରେ ଥିଲା । ପ୍ରକୃତିର ଏହି ପ୍ରତିକୂଳ ବାତାବରଣ ମଧ୍ୟରେ ତେଣେ କିନ୍ତୁ ସମୁଦ୍ର ମହାସମୁଦ୍ରର ତରଳ ଜଳରାଶିରେ କେତେକ ଜୈବିକ ଅଣୁ ପରସ୍ପର ସହିତ ସଂଯୋଜିତ ହୋଇ ଜୀବନସତ୍ତାର ସଙ୍କେତ ଦେଲେ । ଏହିପରି ଭାବରେ ପ୍ରଥମେ ଜଳଭାଗରେ ଜୀବନର ସୂତ୍ରପାତ ହେଲା । ସମୟର ପ୍ରବାହରେ ଜୀବନ ସ୍ଥଳଭାଗକୁ ସଂପ୍ରସାରିତ ହେଲା । ଘଟଣାକ୍ରମେ କିଛି ଜଳଚର ଜୀବ ନିଜର ଚିରାଚରିତ ତରଳ ଜଳରାଶିର ପରିସୀମା ତ୍ୟାଗକରି ସ୍ଥଳଭାଗର କଠିନ ଓ ଗ୍ୟାସ୍‌ର ଦୁନିଆକୁ ଆଦରି ନେଇ ବଂଶବୃଦ୍ଧି ଓ ବିସ୍ତାର ଆରମ୍ଭ କଲେ । ସେଥି ମଧ୍ୟରୁ କେତେକ ଛାତିରେ ଭରା ଦେଇ ଚଳପ୍ରଚଳ କରୁଥିଲେ । ସେହିମାନେ ହିଁ ଥିଲେ ସରୀସୃପ । ବିବର୍ତ୍ତନର ପ୍ରବାହରେ ଏହି ଅଜ୍ଞାତ ଅନାମଧେୟ ସରୀସୃପମାନେ ବଦଳି ଏବେକାର ବହୁଚର୍ଚ୍ଚିତ ଡାଇନୋସରର ରୂପ ନେଲେ।

ଡାଇନୋସରମାନେ ଆଜିଠାରୁ ପ୍ରାୟ ୩୦୦ରୁ ୨୦୦ ନିଯୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇ ପୃଥିବୀପୃଷ୍ଠରେ ପ୍ରାୟ ୧୫୦ ନିଯୁତ ବର୍ଷ କାଳ ବସବାସ କରିଥିଲେ। କେତେକ ଡାଇନୋସର ଆକୃତିରେ କୁକୁଡ଼ାଛୁଆ ସଦୃଶ କ୍ଷୁଦ୍ର ଥିଲାବେଳେ ଅନ୍ୟ କେତେକ ହାତୀ ଭଳି ବିଶାଳାକାୟ ଥିଲେ । କେତେକ ଆହାରରେ ନିରୀହ ତୃଣଭୋଜୀ ଥିଲେ ତ ଆଉ କେତେକ ଥିଲେ ଭୟଙ୍କର ମାଂସାହାରୀ । ଡାଇନୋସରମାନଙ୍କର ଆତ୍ମରକ୍ଷା ନିମନ୍ତେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ଥିଲା । ଆସନ୍ତୁ, ପ୍ରଥମେ ତୃଣଭୋଜୀ ଡାଇନୋସରମାନଙ୍କ ସମ୍ପର୍କରେ ଆଲୋଚନା କରିବା । କେତେକ ଡାଇନୋସରଙ୍କ ଦେହସାରା ସୁତୀକ୍ଷ୍ଣ କଣ୍ଟା ସଦୃଶ ଅଙ୍ଗମାନ ଥିଲା । ଆଉ କେତେକ ନିଜର ହାଡୁଆ, କଣ୍ଟକିତ ଲାଞ୍ଜରେ ଶତ୍ରୁକୁ ଆଘାତ କରିପାରୁଥିଲେ। କେତେକ ଡାଇନୋସରଙ୍କ ପିଠି ଏତେ ଟାଣ ଥିଲା ଯେ ତାକୁ ଅନ୍ୟ କୌଣସି ମାଂସାଶୀ ଡାଇନୋସର କାମୁଡି ପାରୁ ନ ଥିଲେ। କେତେକଙ୍କ ଖପୁରି ଇସ୍ପାତର ପ୍ଲେଟ ସଦୃଶ ଶକ୍ତ ଥିବାରୁ ସେମାନେ ଏହାକୁ ଆତ୍ମରକ୍ଷା ନିମନ୍ତେ ଢାଲ ସଦୃଶ ବ୍ୟବହାର କରୁଥିଲେ। କେତେକ ଡାଇନୋସର ଆକାରରେ ବିଶାଳାକାୟ ଥିବାରୁ ଅନ୍ୟ କୌଣସି ଡାଇନୋସର ଏମାନଙ୍କୁ ଆକ୍ରମଣ କରିବାକୁ ଭୟ କରୁଥିଲେ। ଆଉ କେତକ କ୍ଷୁଦ୍ରାକାୟ ଥିଲେ ସୁଦ୍ଧା ଦ୍ରୁତଗତିରେ ଦୌଡିପାରୁ ଥିବାରୁ ମାଂସାଶୀ ଜୀବମାନଙ୍କ କବଳରୁ ନିଜକୁ ରକ୍ଷା କରି ପାରୁଥିଲେ ।

ମାଂସାଶୀ ଡାଇନୋସରମାନେ କିନ୍ତୁ ଦେଖିବାକୁ ଅତ୍ୟନ୍ତ ଭୟଙ୍କର ଥିଲେ । ସେମାନଙ୍କର ଥିଲା ସୁତୀକ୍ଷ୍ଣ ଦାନ୍ତ ଓ ଶକ୍ତ ପଞ୍ଝା ଯେଉଁଥିରେ ସେମାନେ ଶିକାରକୁ ପ୍ରଚଣ୍ଡ ଆକ୍ରମଣ କରୁଥିଲେ । ଏମାନେ ପାଟିକୁ ଅସମ୍ଭବ ଭାବେ ମେଲାଇ ବଡବଡ ଜୀବଙ୍କୁ ସହଜରେ ଗିଳି ପାରୁଥିଲେ। ସବୁଠାରୁ ବୃହଦାକାୟ ମାଂସାଶୀ ଡାଇନୋସର ଥିଲା 'ଟିରାନୋସରସ ରେକ୍ସ' ଯାହା ଆଜିଠାରୁ ୮୫ରୁ ୬୫ ନିଯୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇଥିଲା। ଏହାର ଉଚ୍ଚତା ଥିଲା ୧୩ରୁ ୧୮ ଫୁଟ୍ ଏବଂ ଓଜନ ଥିଲା ୫ରୁ ୭ ଟନ । ଏହାର ଆଗ ଗୋଡଦୁଇଟି ଶୀର୍ଣ୍ଣକାୟ ଥିଲେ ସୁଦ୍ଧା ଏହା ପଛଗୋଡଦୁଇଟିରେ ଶରୀରର ଭାରସାମ୍ୟ ରକ୍ଷାକରି ଦ୍ରୁତଗତିରେ ଦୌଡି ଶିକାର କରି ପାରୁଥିଲା। ଏହାର ବିଶାଳ ଥୋମଣିରେ ଦୀର୍ଘ ଛୁରିକା ସଦଶ ଦନ୍ତମାନ ଥିଲା ଯେଉଁଥିରେ ଏହା ଶିକାରକୁ ପ୍ରଚଣ୍ଡ ବଳରେ ଜାବୁଡି କବଳିତ କରି ପାରୁଥିଲା।

କେତେକ ଡାଇନୋସର ଦେଖିବାକୁ ବିଚିତ୍ରକାୟ ଥିଲେ । କେତେକ ପ୍ରଜାତିଙ୍କର ଥିଲା ପୃଥୁଳାକାୟ ଶରୀର ଓ ଶରୀର ତୁଳନାରେ ଯଥେଷ୍ଟ ଲମ୍ବା ଓ ସରୁ ବେକ ଥିଲା। ଏହିପରି ଏକ ଡାଇନୋସର ଥିଲା 'ବ୍ରେକିଓସରସ' ଯାହା ଜୁରାସିକ ଯୁଗରେ ଆଜିଠାରୁ ପ୍ରାୟ ୧୫୫ରୁ ୧୬୫ ନିଯୁତ ବର୍ଷ ପୂର୍ବେ ବାସ କରୁଥିଲା। ଏହାର ଓଜନ ଥିଲା ୨୯.୨ରୁ ୪୬.୯ ଟନ ଯାହା ଏବେକାର ହାତୀଠାରୁ ମଧ୍ୟ ଅଧିକ। ଏହି ଲମ୍ବାବେକିଆ ଡାଇନୋସର ନିଜର ଲମ୍ବା ବେକକୁ ଗଛ ଡାଳକୁ ବଢେଇ ଡାଳପତ୍ରସବୁ ସହଜରେ ଖୁଣ୍ଟି ଖାଇ ପାରୁଥିଲା । ଆଉ ଏକ ତୃଣଭୋଜୀ ଡାଇନୋସର ଥିଲା ଆଙ୍କିଲୋସରସ, ଯାହା ଆଜିଠାରୁ ପ୍ରାୟ ୭୦ରୁ ୬୫ ନିଯୁତ ବର୍ଷ ପୂର୍ବେ ବାସ କରୁଥିଲେ । ଏହାର ଲମ୍ବ ଥିଲା ୨୨ରୁ ୩୨ ଫୁଟ୍ ଏବଂ ଓଜନ ଥିଲା ୪ରୁ ୫ ଟନ୍। ଏହାର ଶରୀର ସାରା କବଚ ସଦୃଶ ସୁରକ୍ଷା ଆବରଣ ଥିଲା ଯାହାକୁ କୌଣସି ମାଂସାଶୀ ଜୀବ କାମୁଡି ପାରୁ ନ ଥିଲେ । ଏହାର ଲାଞ୍ଜର ଅଗ୍ରଭାଗରେ ଗଦା ସଦୃଶ ଏକ ଓଜନିଆ ପିଣ୍ଡ ଥିଲା ଯାହାକୁ ଏହା ଦ୍ରୁତଗତିରେ ଘୂରାଇ ଶତ୍ରୁକୁ ପ୍ରଚଣ୍ଡ ଆଘାତ କରିପାରୁଥିଲା । ଅନେକ ଡାଇନୋସର ଆକାରରେ ବିଶାଳ ଏବଂ ହାତୀଠାରୁ ମଧ୍ୟ ଓଜନକାୟ ଥିଲେ। ଆଜିକାର ବନ୍ୟପଶୁମାନଙ୍କ ଭଳି ଡାଇନୋସରମାନେ ମଧ୍ୟ ବଞ୍ଚିବା ନିମନ୍ତେ ପରସ୍ପର ମଧ୍ୟରେ ସଂଘର୍ଷ ଓ ସଂଗ୍ରାମ କରୁଥିଲେ ।

ଏକଦା ଏହି ଡାଇନୋସର ସଭ୍ୟତା ପୃଥିବୀ ବକ୍ଷରେ ପୂର୍ଣ୍ଣ ଦର୍ପରେ ଆଗେଇ ଚାଲିଥିଲାବେଳେ ଆଜିଠୁଁ ପ୍ରାୟ ୬୫ ନିଯୁତ ବର୍ଷ ପୂର୍ବେ କୌଣସି ଅଜ୍ଞାତ କାରଣରୁ ସେମାନଙ୍କ ସମୂହ ବିଲୁପ୍ତି ଘଟିଲା । ଡାଇନୋସରଙ୍କ ଏହି ବିଲୁପ୍ତି ଏବେ ସୁଦ୍ଧା ରହସ୍ୟାବୃତ୍ତ। କେତେକଙ୍କ ମତରେ, ସେତେବେଳେ କୁଆଡେ ଏକ ବିଶାଳାକାୟ ଗ୍ରହାଣୁ ମହାକାଶରୁ ଛୁଟିଆସି ଆମ ପୃଥିବୀକୁ ପ୍ରଚଣ୍ଡ ଆଘାତ କରିଥିଲା। ଏହି ସଂଘର୍ଷରେ ବିପୁଳ ଧୂଳି ନିର୍ଗତ ହୋଇ ଆକାଶକୁ କ୍ଷେପି ଯାଇଥିଲା । ଏହି ଧୂଳିର ବାଦଲ ବର୍ଷ ବର୍ଷ ଧରି ଆକାଶରେ ଲାଖି ରହି ସୂର୍ଯ୍ୟାଲୋକକୁ ଅବରୋଧ କରିଥିଲା । ଫଳରେ ପୃଥିବୀ ଧୀରେ ଧୀରେ ଅନ୍ଧକାର ଓ ଥଣ୍ଡା ପାଲଟି ଗଲା ଏବଂ ପ୍ରକୃତିର ଏହି ପ୍ରତିକୂଳ ପରିବର୍ତ୍ତନକୁ ପ୍ରତିହତ କରିବା ପାଇଁ ଡାଇନୋସରମାନଙ୍କର କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିଲା । ସୁତରାଂ ଏହିପରି ଭାବରେ ଏହି ବିଚିତ୍ର ଓ ବିରଳ ଜୀବ ଡାଇନୋସରମାନଙ୍କର ଦାରୁଣ ମୃତ୍ୟୁ ଘଟିଲା ଏବଂ ସେମାନେ ଆମ ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଲେ । ଆଉ କେତେକଙ୍କ ମତରେ, ସେତେବେଳେ ନୂଆନୂଆ ଉଦ୍ଭବ ହେଉଥିବା କ୍ଷୁଦ୍ର ସ୍ତନ୍ୟପାୟୀ ଜୀବମାନେ ଡାଇନୋସରମାନଙ୍କ ଅଣ୍ଡା ଖାଇ ଦେବାରୁ ସେମାନଙ୍କ ବିଲୁପ୍ତି ଘଟିଲା। ଆଉ କେତେକ ମତ ଦିଅନ୍ତି ଯେ, ସେତେବେଳେ ପୃଥିବୀସାରା ଘଟିଥିବା ଆଗ୍ନେୟଗିରିଗୁଡିକର ଭୀଷଣ ଅଗ୍ନି ଉଦ୍‌ଗିରଣରେ ଡାଇନୋସରମାନଙ୍କର ମୃତ୍ୟୁ ଘଟିଥିଲା । ଆଉ କେତେକ ବୈଜ୍ଞାନିକ ମତ ଦିଅନ୍ତି ଯେ, ଡାଇନୋସରମାନଙ୍କର ପ୍ରକୃତରେ ବିଲୁପ୍ତି ଘଟିନାହିଁ; ସେମାନେ ବରଂ ନୂଆ ପ୍ରଜାତିକୁ ବିବର୍ତ୍ତିତ ହୋଇ ଯାଇଛନ୍ତି, ଯେଉଁମାନଙ୍କୁ ଏବେ ଚିହ୍ନିବା ସମ୍ଭବ ନୁହେଁ।

''ଡାଇନୋସରମାନେ ଆଜିଠାରୁ ପ୍ରାୟ ୩୦୦ରୁ ୨୦୦ ନିଯୁତ ବର୍ଷ ପୂର୍ବେ ଆବିର୍ଭୂତ ହୋଇ ପୃଥିବୀପୃଷ୍ଠରେ ପ୍ରାୟ ୧୫୦ ନିଯୁତ ବର୍ଷ କାଳ ବସବାସ କରିଥିଲେ। କେତେକ ଡାଇନୋସର ଆକୃତିରେ କୁକୁଡ଼ାଛୁଆ ସଦୃଶ କ୍ଷୁଦ୍ର ଥିଲାବେଳେ ଅନ୍ୟ କେତେକ ହାତୀ ଭଳି ବିଶାଳାକାୟ ଥିଲେ । କେତେକ ଆହାରରେ ନିରୀହ ତୃଣଭୋଜୀ ଥିଲେ ତ ଆଉ କେତେକ ଥିଲେ ଭୟଙ୍କର ମାଂସାହାରୀ । ଡାଇନୋସରମାନଙ୍କର ଆତ୍ମରକ୍ଷା ନିମନ୍ତେ ନିଜସ୍ୱ ସୁରକ୍ଷା ବ୍ୟବସ୍ଥା ଥିଲା ।''



-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୯୧୭୬୩୭୯୭୪

## ଅତ୍ୟଧିକ ମୃଦୁ ପାନୀୟ ପିଉଥିଲେ...



ବିଶେଷ ଭାବରେ ଗ୍ରୀଷ୍ମ ଋତୁରେ ମୃଦୁ ପାନୀୟର ଚାହିଦା କାହିଁରେ କେତେ। ଆଜିକାଲି ବିଭିନ୍ନ କମ୍ପାନୀର ଏଭଳି ପାନୀୟ ବଜାରରେ ଉପଲବ୍ଧ। କେତେଜଣ ଏହାକୁ ପିଇବାକୁ ଏକ ଅଭ୍ୟାସରେ ପରିଣତ କରିଦେଇଥାଆନ୍ତି। ବେଳେବେଳେ କେହି କେହି ଆବଶ୍ୟକତାଠାରୁ ଅଧିକ ମୃଦୁ ପାନୀୟ ପିଇଥାଆନ୍ତି। ହେଲେ ପରବର୍ତ୍ତୀ ସମୟରେ ଏହା କେତେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ ବୋଲି ୟୁନିଭର୍ସିଟି ଅଫ୍ ସିଓଲର ପୁଷ୍ଟିବିଜ୍ଞାନୀମାନେ ଏକ ସଦ୍ୟତମ ସର୍ଭେରୁ ଜାଣିପାରିଛନ୍ତି। ଏହି ସର୍ଭେ ସମୟରେ ସେମାନେ ପ୍ରାୟ ନିୟମିତ ମୃଦୁ ପାନୀୟ ପିଉଥିବା କେତେଜଣ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିଥିଲେ। ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ଶରୀର ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଏହାଦ୍ୱାରା କେତେକ ବ୍ୟକ୍ତିଙ୍କର ଓଜନ ବୃଦ୍ଧି ପାଉଥିବାର ସେମାନେ ଜାଣିବାକୁ ପାଇଥିଲେ। ଏଥିରେ ଏଭଳି ତତ୍ତ୍ୱ ରହୁଛି ଯାହା ଓଜନ ବଢ଼ାଇବାରେ ସାହାଯ୍ୟ କରିଥାଏ ବୋଲି ଏହି ସର୍ଭେରୁ ଜଣାପଡିଛି। ତେଣୁ ଏଭଳି ପାନୀୟକୁ ଯେତେ କମ୍ ପିଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଓ ଉଷୁମ ପାଣି

ଆମ ଶରୀର ପାଇଁ ଉଷୁମ ପାଣି ବେଶ୍ ଉପକାରୀ। ଏହାକୁ ସକାଳୁ ପିଇଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ସବୁଠାରୁ ଖାସ୍ କଥା ହେଲା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତ ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମେ ସାମାନ୍ୟ କାରଣରୁ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ପ୍ରତିଦିନ ସକାଳେ ଖାଲି ପେଟରେ ଗ୍ଲାସେ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ରୋଗ ପ୍ରତିରେଶଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଯଦି ଆପଣ କୋଲେଷ୍ଟରଲଜନିତ ସମସ୍ୟା ସହ ଜଡିତ, ତେବେ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ନିୟମିତ ଏପରି ପାଣି ପିଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ଅନେକାଂଶରେ ସନ୍ତୁଳିତ ରହିଥାଏ। ତା'ସହ କାଶ ସମସ୍ୟାରୁ ଲାଘବ ମଧ୍ୟ ଦେଇଥାଏ। ଏହାର ଆଉ ଏକ ଉପକାରୀ ଗୁଣ ରହିଛି। ହଜମ କ୍ରିୟାକୁ ଏହା ଆହୁରି ସକ୍ରିୟ କରାଏ। ଆପଣ କୋଷ୍ଠକାଠିନ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ପ୍ରତିଦିନ ଉଷୁମ ପାଣି ପିଅନ୍ତୁ।

## ବୟସ୍କ ବ୍ୟକ୍ତିଙ୍କ ପାଇଁ...



ବୟସ ବଢ଼ିବା ସହ ଆମକୁ କେତେକ ବିଷୟ ପ୍ରତି ସଚେତନ ରହିବାକୁ ପଡିଥାଏ। ଏହି ସମୟରେ ନିଜ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବା ନିହାତି ଦରକାର। କାରଣ ବୟସ ବଢ଼ିଲେ କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ବୟସ୍କ ବ୍ୟକ୍ତି ପ୍ରଥମେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ହିଁ ବିଜ୍ଞତାର ପରିଚୟ। ବିଶେଷଭାବରେ ରକ୍ତରେ ସୁଗାର ପରିମାଣ, ରକ୍ତଚାପ ବା ବ୍ଲଡପ୍ରେସର, କୋଲେଷ୍ଟରଲ, ଲିପିଡ ପ୍ରୋଫାଇଲ୍ ଆଦି ପରୀକ୍ଷା କରାଇ ନିଅନ୍ତୁ। ଯଦି ଏଗୁଡିକରେ କିଛି ସମସ୍ୟା ଥାଏ ତେବେ ଡାକ୍ତର ସେହି ଅନୁସାରେ ଔଷଧ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ଯଦି ପୂର୍ବରୁ କୌଣସି ଦୀର୍ଘକାଳୀନ ରୋଗରେ ପୀଡିତ ତେବେ ତାହାର ଚିକିତ୍ସା ଜାରି ରଖନ୍ତୁ। ବୟସ୍କ ବ୍ୟକ୍ତିମାନେ ଏହି ସମୟରେ ନିଜର ଖାଦ୍ୟପେୟ ପ୍ରତି ସତର୍କ ହେବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବୟସ ବଢ଼ିଲେ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ନିଜର ସାମର୍ଥ୍ୟ ଅନୁସାରେ ଏକ୍ସରସାଇଜ କରିପାରନ୍ତି। ନିଜକୁ ଯେତେସମ୍ଭବ ଟେନ୍‌ସନମୁକ୍ତ ରଖିବାକୁ ଚେଷ୍ଟା କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା



➤ରାତ୍ରି ଭୋଜନରେ ଗରିଷ୍ଠଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। ଯଦି ଆପଣଙ୍କର ବିଳମ୍ବରେ ରାତ୍ରି ଭୋଜନ ଅଭ୍ୟାସ ରହିଛି ତାହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ଟଟକା ଫଳମୂଳ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।

➤ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ ତେବେ ନିୟମିତ ସମୟ ଅନ୍ତରାଳରେ ଆପଣଙ୍କର ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ମାପି ନିଅନ୍ତୁ।

➤ନିଶାଦ୍ରବ୍ୟ ସେବନଠାରୁ ଯେତେ ସମ୍ଭବ ନିଜକୁ ଦୂରେଇ ରଖିବେ ତାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ସେତେ ଉପକାରୀ।

➤ଯଦି ସବୁବେଳେ କମ୍ପ୍ୟୁଟର ସାମନାରେ କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।

➤ଅଧିକ ଲୁଣ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପକୁ ଡାକି ଆଣିଥାଉ। ଯାହାକି ପରବର୍ତ୍ତୀ ସମୟରେ ହାର୍ଟ ଆଟାକ୍‌ର ଅନ୍ୟତମ କାରଣ ପାଲଟିଯାଏ।

➤ଚର୍ବିଜାତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଯୋଗୁ କୋଲେଷ୍ଟରଲ୍ ସ୍ତର ବଢ଼ିଥାଏ।

# ଅଟିଜିମ୍ : କାରଣ, ପ୍ରତିକାର

(ଶେଷ ଭାଗ)

**ସମ୍ପୂର୍ଣ୍ଣ ଆରୋଗ୍ୟ ସମ୍ଭବ ନୁହେଁ**

ଅଟିଜିମ୍ ହେବାରେ ଜିନ୍‌ଗତ ପ୍ରଭାବକୁ ଅସ୍ୱୀକାର କରାଯାଇପାରିବନି। ବରଂ ଜିନ୍‌ଗତ ଓ ପରିବେଶଗତ ମିଳିତ ପ୍ରଭାବ ଏଥିପାଇଁ ଦାୟୀ। ତେବେ ସନ୍ତାନଟି ପରେ ଯେ ପ୍ରକୃତରେ ଅଟିଜମ୍ ସମସ୍ୟା ରହିଛି-ଏକଥାକୁ ନେଇ ପ୍ରଥମରୁ ହିଁ ନିଶ୍ଚିତ ହୋଇଯିବା ଦରକାର। ତେଣୁ ଏ ନେଇ ଡାକ୍ତରଙ୍କ ସହ ତୁରନ୍ତ ପରାମର୍ଶ କରିବା ଦରକାର।

**ଶୁଶ୍ରୂଷା ପଦ୍ଧତି : ଆଚରଣରେ ପରିବର୍ତ୍ତନ:** ଯେହେତୁ ରୋଗୀଠାରେ ପୁନରାବୃତ୍ତି କାର୍ଯ୍ୟକଳାପ ହିଁ ସମାଜ ସହ ସମ୍ପର୍କ ରକ୍ଷାରେ ପ୍ରଧାନ ବାଧକ, ତେଣୁ ସାମାଜିକ ଭାବେ ଗ୍ରହଣଯୋଗ୍ୟ କାର୍ଯ୍ୟକଳାପଗୁଡିକୁ କେଉଁ ପ୍ରକାରରେ ସମ୍ପାଦନ କରାଯାଇପାରିବ ତାହା ତାକୁ ଶିଖେଇବାକୁ ହେବ।

**ସ୍ୱତନ୍ତ୍ର ଶିକ୍ଷା (ସ୍ପେଶାଲ ଏଜୁକେଶନ)**

ଅଟିଜିମ୍ ରୋଗାକ୍ରାନ୍ତ ପିଲାମାନେ ଅନେକ ସମୟରେ ସାଧାରଣ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମକୁ ଗ୍ରହଣ କରିପାରନ୍ତି ନାହିଁ। ସେଥିପାଇଁ ଏମାନଙ୍କ ଲାଗି ଲୋଡା ସ୍ୱତନ୍ତ୍ର ଧରଣର ପଢ଼ାଶୁଣା ବ୍ୟବସ୍ଥା।

**ଖେଳ ମାଧ୍ୟମରେ ଚିକିତ୍ସା (ପ୍ଲେ ଥେରାପି) :** ଅଟିଜିମ୍ ରୋଗୀମାନଙ୍କୁ ଖେଳାଖେଳି ମାଧ୍ୟମରେ ଶିଖାଇବା ଓ ପଢ଼େଇବା ଦ୍ୱାରା ସେମାନେ ଅନ୍ୟମାନଙ୍କ ସହ ମିଳାମିଶା କରିବାର ସୁଯୋଗ ପାଆନ୍ତି। ଫଳରେ ସେମାନଙ୍କଠାରେ ଏ ଧରଣର ସମସ୍ୟାର ଉପଶମ ହୋଇଯାଏ।

**ବାକ୍ ଚିକିତ୍ସା (ସ୍ପିଚ୍ ଥେରାପି):** ଅଟିଜିମ୍ ରୋଗୀମାନଙ୍କଠାରେ କଥାବାର୍ତ୍ତା କରିବାର ବାଧାକୁ ଦୂର କରିପାରିଲେ ସେମାନଙ୍କ ପାଇଁ ବାହାର ଦୁନିଆ ସହ ଯୋଗାଯୋଗ କରିବାର କାର୍ଯ୍ୟ ସହଜ ହୋଇଯାଏ।

**ମାତା-ପିତା-ସନ୍ତାନଙ୍କଠାରେ ପାରସ୍ପରିକ ଭାବ ଆଦାନ ପ୍ରଦାନ ଚିକିତ୍ସା (ପ୍ୟାରେଣ୍ଟ-ଚାଇଲ୍ଡ ଇଣ୍ଟରଆକ୍ସନ ଥେରାପି):** ବାହାରର ପରିବେଶ ସ୍ୱାଭାବିକ ରହିଥିଲେ ମଧ୍ୟ ଘରେ ଅଟିଜମ୍ ପିଲାଟିଏ ହଠାତ୍ ହିଂସ୍ର ହୋଇଉଠିବା କିଛି ଅସ୍ୱାଭାବିକ ନୁହେଁ। କିନ୍ତୁ ସୁଚିନ୍ତିତ ପରିକଳ୍ପନା ଅନୁଯାୟୀ ସନ୍ତାନଟିଏ ମାତାପିତାଙ୍କ ମେଳରେ ଆହୁରି ଅଧିକ ସମୟ ବିତେଇ ପାରିଲେ ଏହି ସମସ୍ୟା ଅନେକାଂଶରେ ନିରାମୟ ହୋଇପାରେ। ଉପରୋକ୍ତ ଚିକିତ୍ସା ପଦ୍ଧତିଗୁଡିକୁ କୁହାଯାଏ 'ଆପ୍ଲାଏଡ୍ ବିହେଭିୟେରାଲ ଥେରାପି (ଏବିଟି) ବା ପ୍ରୟୋଗାତ୍ମକ ଆଚରଣଗତ ଚିକିତ୍ସା ବା ଆପ୍ଲାଏଡ୍ ବିହେଭିୟେରାଲ ଆନାଲିସିସ୍ (ଏବିଏ)। ଏହାରି ମାଧ୍ୟମରେ ଏହି ଅଭିନବ ପଦ୍ଧତିଗୁଡିକ ପ୍ରସ୍ତୁତ ହୋଇଥାଏ। ଏ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପଦ୍ଧତି ଅବଲମ୍ବନରେ ଧୀରେ ଧୀରେ ନୂତନତା ସହ ଅଟିଷ୍ଟିକ୍ ପିଲାକୁ ପରିଚିତ କରାଯାଇଥାଏ। କେତେବେଳେ କେମିତି ମଧ୍ୟ ତାକୁ ଉଦ୍‌ବୁଦ୍ଧ କରାଇବାକୁ ଦିଆଯାଇଥାଏ କିଛି କିଛି ସାମଗ୍ରୀ।



ତା'ହେଲେ କ'ଣ ଏହି ଅସ୍ଥିରତାର ଉପଶମ ପାଇଁ ଆଦୌ କୌଣସି ଔଷଧ ବ୍ୟବହାର ହୋଇ ନ ଥାଏ ? ମାତ୍ର ଏପରି ଭାବିବା ଉଚିତ ନୁହେଁ। ପ୍ରଧାନ ପ୍ରଧାନ ଲକ୍ଷଣଗୁଡିକର ଉପଶମ ପାଇଁ ଚିକିତ୍ସା ହିଁ କାମ କରେ। କିଛି ପ୍ରତିବନ୍ଧକ ଉପୁଜିଲେ ଦରକାର ପଡେ ଔଷଧ। ହେଲେ ଏସବୁ ବାଦ୍ ଦେଲେ ଏକ୍ଷେତ୍ରରେ ମାତା-ପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ନିଜର ଅଟିଜମ୍ ପିଲମାନଙ୍କୁ ସାରା ଜୀବନ ନଜରରେ ରଖିବାକୁ ପଡ଼ିବ। ଏହା ହେଉଛି ସେମାନଙ୍କର ପ୍ରାଥମିକ କର୍ତ୍ତବ୍ୟ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, 'ଅଭୀପ୍‌ସା'
ସେକ୍ଟର-୬, ପ୍ଲଟ ନଂ-୧୧୩୧,
ଅଭିନବ ବିଡାନାସୀ, କଟକ
ମୋ: ୯୪୩୭୭୬୬୧୧୭





# ସୁ ୱି-ମର୍ଟେନ୍ସ ଜିତିଲେ ମହିଳା ଡବଲ୍ସ ଟାଇଟଲ

**ମେଲବୋର୍ନ, ୨୮।୧ (ଏପି)**

ତାଇୱାନର ହିସ୍ ସୁ-ୱି ଏବଂ ତାଙ୍କ ପାର୍ଟନର ବେଲଜିୟମର ଏଲିସ ମର୍ଟେନ୍ସ ଏଠାରେ ଅଷ୍ଟ୍ରେଲିଆନ ଓପନ ଟେନିସ ମହିଳା ଡବଲ୍ସ ଟାଇଟଲ ହାସଲ କରିଛନ୍ତି। ଫଳତଃ ସୁ-ୱି ଦ୍ୱିତୀୟ ବୟସ୍କ ମହିଳା ଭାବେ ଏକ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଦ୍ୱିତୀୟ ସିଡ୍ ସୁ-ୱି ଓ ମର୍ଟେନ୍ସ ଯୋଡ଼ି ରବିବାର ଫାଇନାଲରେ ୧୧ତମ ସିଡ୍ ଲାଟିଭିଆର ଜେଲେନା ଓଷ୍ଟାପେଙ୍କୋ ଓ ୟୁକ୍ରେନର ଲ୍ୟୁଦମିଲା କିଚେନୋକ୍‌ଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ସୁ-ୱିଙ୍କ ଏହା ୭ମ ମହିଳା ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ମର୍ଟେନ୍ସଙ୍କ ଚତୁର୍ଥ, ଏକାଠି ଉଭୟଙ୍କର ଏହା ଦ୍ୱିତୀୟ। ସୂଚନାଯୋଗ୍ୟ, ଶନିବାର ଅଷ୍ଟ୍ରେଲିଆର ମାଥ୍ୟୁ ଇବ୍‌ଡେନ୍‌ଙ୍କ ସହ ପୁରୁଷ ଡବଲ୍ସ ଟାଇଟଲ ଜିତିବା ପରେ ଭାରତର ରୋହନ ବୋପାନ୍ନା ସବୁଠାରୁ ବୟସ୍କ ଚାମ୍ପିୟନ ହୋଇଥିଲେ। ସୁ-ୱିଙ୍କଠାରୁ ବୟସରେ ୮ ଦିନ ବଡ଼ ଆମେରିକାର ଲିସା ରେମଣ୍ଡ ୨୦୧୧ରେ ୟୁଏସ୍ ଓପନ ମହିଳା ଡବଲ୍ସ ଜିତିଥିଲେ। ମାର୍ଟିନା ନାଭ୍ରାତିଲୋଭା ୪୯ ବର୍ଷ ବୟସରେ ବବ୍ ବ୍ରାୟନଙ୍କ ସହ ୨୦୦୬ ୟୁଏସ୍ ଓପନରେ ମିକ୍ସଡ ଡବଲ୍ସ ଟାଇଟଲ ଜିତିଥିଲେ। ସୁ-ୱି ଅଷ୍ଟ୍ରେଲୀୟ ପଲ୍ ମ୍ୟାକ୍‌ନେମିଙ୍କଠାରୁ କୋଚିଂ ନେଉଛନ୍ତି, ଯିଏକି ୬ ଗ୍ରାଣ୍ଡସ୍ଲାମ ଡବଲ୍ସ ଟାଇଟଲ ବିଜେତା। ତନ୍ମଧ୍ୟରେ ଦୁଇଟି ଅଷ୍ଟ୍ରେଲିଆନ ଓପନ ରହିଛି। ମ୍ୟାକ୍‌ନେମି ୨୦୦୬ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆନ ଓପନ ମୁଖ୍ୟ କାର୍ଯ୍ୟନିର୍ବାହୀ ରହିଥିଲେ। ଅନ୍ୟପକ୍ଷରେ ମର୍ଟେନ୍ସ ୨୦୨୧ରେ ସୁ-ୱିଙ୍କ ସହ ୱିମ୍ବଲଡନ ଟାଇଟଲ ଜିତିଥିଲେ ଏବଂ ସେହିବର୍ଷ ଆରିନା ସାବାଲେଙ୍କାଙ୍କ ସହ ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ହୋଇଥିଲେ। ସାବାଲେଙ୍କା ଶନିବାର ଏଠାରେ କ୍ରମାଗତ ଦ୍ୱିତୀୟ ଥର ସିଙ୍ଗଲ୍ସ ଟାଇଟଲ ବିଜେତା ହୋଇପାରିଛନ୍ତି। ସେ ଆହୁରି ୨୦୧୯ରେ ୟୁଏସ୍ ଓପନ ମହିଳା ଡବଲ୍ସ ଟାଇଟଲ ଜିତିଥିଲେ। ସୋମବାର ପ୍ରକାଶ ପାଇବାକୁ ଥିବା ଡବ୍ଲ୍ୟୁଟିଏ ଡବଲ୍ସ ର୍‍ୟାଙ୍କିଙ୍ଗ ତାଲିକାରେ ଏଲିସ ମର୍ଟେନ୍ସ ନମ୍ବର-୧ ସ୍ଥାନକୁ ଫେରିବେ।






# ସିନରଙ୍କୁ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟ୍ରଫି ସହ ଜାନିକ ସିନର।

**ମେଲବୋର୍ନ, ୨୮।୧ (ଏପି)**

## ଅଷ୍ଟ୍ରେଲିଆନ ଓପନ ଟେନିସ

ଜାନିକ ସିନର ଅଷ୍ଟ୍ରେଲିଆନ ଓପନ ଟେନିସ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କ ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ଇଟାଲୀର ପ୍ରଥମ ଖେଳାଳି ହିସାବରେ ଅଷ୍ଟ୍ରେଲିଆନ ଓପନ ଜିତିବାର ସେ ଗୌରବ ଅର୍ଜନ କରିଛନ୍ତି। ୨୨ବର୍ଷୀୟ ସିନର ରବିବାର ଫାଇନାଲରେ ଡାନିଲ୍ ମେଡଭେଡେଭଙ୍କୁ ୩-୬, ୩-୬, ୬-୪, ୬-୪, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଇଟାଲୀର ଏହି ଯୁବ ଟେନିସ ଖେଳାଳି ଅଷ୍ଟ୍ରେଲିଆନ ଓପନରେ ପ୍ରାଧାନ୍ୟବିସ୍ତାର କରି ଆସୁଥିବା ନୋଭାକ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମେଡଭେଡେଭ ଏପର୍ଯ୍ୟନ୍ତ ଖେଳିସାରିଥିବା ୬ ଗ୍ରାଣ୍ଡସ୍ଲାମ ଫାଇନାଲ ମଧ୍ୟରେ ଏହା ହେଉଛି ୫ମ ପରାଜୟ। ଅନ୍ୟପକ୍ଷରେ ଟୁର୍ନାମେଣ୍ଟରେ ତାଙ୍କର ଚତୁର୍ଥ ୫ ସେଟ୍ ବିଶିଷ୍ଟ ମ୍ୟାଚ ଖେଳି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି ତୃତୀୟ ସିଡ୍ ମେଡ୍‌ଭେଡେଭ। ଓପନ ଯୁଗରେ ଏକ ଗ୍ରାଣ୍ଡସ୍ଲାମ କୋର୍ଟରେ ସବୁଠାରୁ ଅଧିକ ସମୟ ଧରି ଖେଳିବାରେ ସେ ଅଲ୍‌କାରାଜଙ୍କ ୨୩:୪୦ (୨୦୨୨ ୟୁଏସ୍ ଓପନ)ଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ମେଡ୍‌ଭେଡେଭ ୨୦୨୧ରେ ଜୋକୋଭିଚ୍‌ଙ୍କଠାରୁ ପଛକୁ ପଛ ଫାଇନାଲରେ ପରାଜିତ ହୋଇଥିଲେ। ଏହାର ପର ବର୍ଷ ସେ ଦୁଇ ସେଟ୍ ଅଗ୍ରଣୀ ଥାଇ ମଧ୍ୟ ରାଫାଲ ନାଡାଲଙ୍କଠାରୁ ପରାଜିତ ହୋଇଥିଲେ। ଏଥର ଚାମ୍ପିୟନଶିପ୍ ମ୍ୟାଚରେ ପହଞ୍ଚିବା ପୂର୍ବରୁ ସେ ତିନୋଟି ୫ ସେଟ୍ ବିଶିଷ୍ଟ ମ୍ୟାଚ ଜିତିଥିଲେ। ଦୁଇଥର ସେ ଦୁଇ ସେଟ୍‌ରେ ପଛୁଆ ଥାଇ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ